ISSN 2583-9543
VOL. NO. 03, ISSUE NO. 01

REFEREED PEER-REVIEWED JOURNAL

# ବାଗୀଶ

BAGEESHA ● ଜାନୁୟାରୀ - ଫେବୃୟାରୀ ୨୦୨୫

*Journal For Odia Research & Review*

BAGEESHA

# ବାଗୀଶ

ସମାଲୋଚନାଧର୍ମୀ ପତ୍ରିକା

Refereed Peer-Reviewed Journal

ISSN 2583-9543 (ONLINE)

ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା
ଜାନୁୟାରୀ - ଫେବୃୟାରୀ ୨୦୨୫

Volume No. 03
Issue No. 01
January - February 2025



ଯୋଗାଯୋଗ
ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,
ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :
bageesha.magazine@gmail.com
Phone No. 9337166172
Visit Us : www.bageesha.in


ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ତତ୍ତ୍ୱ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।।

ଶ୍ଳୋକ ୧୫, ଅଧ୍ୟାୟ - ୪୦,
ଶୁକ୍ଳ ଯଜୁର୍ବେଦ ବାଜସନେୟୀ କାଣ୍ୱ ସଂହିତା


**ପ୍ରତିଷ୍ଠାତା-ସଂପାଦକ**
**ବିକେଶ ସାହୁ**

**Founder & Editor**
**Bikesh Sahu**

Edited and Published
By
**Bikesh Sahu**
At - Bhuslad, Po - Dedhagaon,
P.S - Sindhekela
Dist - Balangir - 767035

## BOARD OF PEERS

**Prof. Dash Benhur**
Retired Principal,
S.C.S (Autonomous) College, Puri

**Prof. B.N Pattnaik**
Retired Prof. of English & Linguistics,
IIT, Kanpur, India

**Prof. Gouranga Charan Dash**
Retired Prof. Dept. of Odia,
Ravenshaw University, Cuttack

**Prof. Santosh Kumar Ratha**
Retired Prof. Bhima Bhoi Research Chair
G.M. University, Sambalpur

**Prof. Satya Prakash Mohanty**
Prof., Department of
English Cornell University, USA

**Prof. Babrubahan Mahapatra**
Prof., Dept. of Odia
M.S.C.B University, Baripada

**Dr. Satyapriya Mahalik**
Principal & Asst. Prof. of Workers' College
Jamshedpur, Jharkhand

**Dr. Gopinath Bag**
Asst. Prof., Department of Odia
Samabalpur University, Jyoti Vihar, Burla

**Dr. Bijayalaxmi Dash**
Asst. Prof., Department of Odia
Revenshaw University, Cuttack

**Dr. Rabindra Kumar Das**
Asst. Prof., Department of Odia
Visva Bharati University, Shantiniketan

**Mr. Satya Pattanaik**
Director, Black Eagle Books
Dublin, Ohio, USA


## ABOUT US

- 'Bageesha' is a bi-monthly International Standard Serial Number recognized refereed peer-reviewed journal.
- The special research section of 'Bageesha' publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

GUIDELINES

## ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାଶ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ) ମହାବିଦ୍ୟାଳୟ, ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି, କାନପୁର

**ପ୍ରଫେସର ଗୌରାଙ୍ଗ ଚରଣ ଦାଶ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ପ୍ରଫେସର ସନ୍ତୋଷ କୁମାର ରଥ**
ଅବସରପ୍ରାପ୍ତ ପ୍ରଫେସର, ଭୀମଭୋଇ ଗବେଷଣା ଚେୟାର,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଆମେରିକା

**ପ୍ରଫେସର ବଭ୍ରୁବାହନ ମହାପାତ୍ର**
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

**ଡ. ସତ୍ୟପ୍ରିୟ ମହାଲିକ**
ଅଧ୍ୟକ୍ଷ ତଥା ସହକାରୀ ପ୍ରଫେସର ଜାମସେଦପୁର ୱାର୍କର୍ସ
ମହାବିଦ୍ୟାଳୟ, ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ଶ୍ରୀଯୁକ୍ତ ସତ୍ୟ ପଟ୍ଟନାୟକ**
ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ
ଡବଲିନ୍, ଓହିଓ, ଆମେରିକା


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର୍-ରିଭିଉଡ୍ ଜର୍ଣ୍ଣାଲ୍ (Refereed Peer-Reviewed Journal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

  **ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

  **ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

  **'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

GUIDELINES

## ସଂପାଦନା ମଣ୍ଡଳୀ

EDITORIAL BOARD

ସହ-ସଂପାଦକ

**କନକ ବର୍ଦ୍ଧନ ସାହୁ**

ଅଧ୍ୟାପକ, ସିନାପାଲି ମହାବିଦ୍ୟାଳୟ, ସିନାପାଲି

କାର୍ଯ୍ୟନିର୍ବାହୀ ସଂପାଦକ

**ରିତମ୍ ମିଶ୍ର**

### ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା

**ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢ**

ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

**ଡ. ସୁଜାତା ସାହାଣୀ**

ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**

ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସୁବାସ ଚନ୍ଦ୍ର ଭୋଇ**

ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**

ଗବେଷକ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା


## ଆପଣଙ୍କ ଚିଠି

ନିରବିଚ୍ଛିନ୍ନ ଅନ୍ୱେଷଣ ହିଁ ଗବେଷଣାର ମୂଳକଥା। ତେଣୁ ସେହି ମୂଳକଥା ସବୁକୁ ଆମ ସମ୍ମୁଖରେ ପରିପ୍ରକାଶ କରିବାର ଲକ୍ଷ୍ୟ ନେଇ ଗବେଷଣାଧର୍ମୀ ପତ୍ରିକା ରୂପେ 'ବାଗୀଶ' ଦଣ୍ଡାୟମାନ। ଅନ୍ୟାନ୍ୟ ପତ୍ରିକାମାନଙ୍କଠାରୁ ଏହାର ଗୁଣାତ୍ମକମାନ ଉନ୍ନତ । ଅନ୍ୱେଷଣ ମନୋବୃତ୍ତି ନେଇ ଚିହ୍ନି ଚିହ୍ନେଇବା ଗୁଣବତ୍ତାକୁ ଏହି ପତ୍ରିକା ପରିପ୍ରକାଶ କରେ। ବାଗୀଶର ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟାର ପ୍ରଚ୍ଛଦ ଫୋଟଟି ଖୁବ୍ କଳାଧର୍ମୀ ଥିଲା। ସାହିତ୍ୟ ସହିତ ଚିତ୍ରକଳାକୁ ଯୋଡ଼ିବା ଖୁବ୍ ପ୍ରଶଂସାଯୋଗ୍ୟ। ଉକ୍ତ ସଂଖ୍ୟାର ପ୍ରବନ୍ଧ ଗୁଡ଼ିକ ଖୁବ୍ ମନନଧର୍ମୀ ଥିଲା। 'ଲୋକଗୀତ ପରମ୍ପରାରେ ବାଧୁଡ଼ି ସମ୍ପ୍ରଦାୟର ଗନ୍ଧାଦିଆ ଓ ମାଟି ଖୋଳା ଗୀତ'କୁ ପଢ଼ି ଅନୁଭବ କଲି ମୁଁ ସମ୍ମୁଖରେ ସେ ପରମ୍ପରାକୁ ହୃଦୟଙ୍ଗମ କରୁଛି। 'ଦୁର୍ଭିକ୍ଷ କୈନ୍ଦ୍ରିକ ଓଡ଼ିଆ ଉପନ୍ୟାସ: ଏକ ଆଲୋଚନା'ରୁ ଅନେକ ତଥ୍ୟ ତଥା ନୂତନ ଦୃଷ୍ଟିକୋଣ ପାଇଲି। ସାକ୍ଷାତକାର୍‌ଟି ମଧ୍ୟ ଖୁବ୍ ଚମତ୍କାର ଥିଲା। ଏଣୁ ଏହି ପତ୍ରିକା ଯେ, ଗବେଷଣା ତଥା ଗବେଷକ ଓ ଗବେଷିକାମାନଙ୍କ ପାଇଁ ଏକ ମାଇଲଖୁଣ୍ଟ ସାଜିଛି ଏଥିରେ କୌଣସି ଦ୍ୱିମତ ନାହିଁ। ତେଣୁ ବାଗୀଶ ନିଜ ନାମ ପରି ଏ ଜୟଯାତ୍ରାରେ ସୁନାମ ଆଣୁ ଏହା ଆମର ଏକାନ୍ତ କାମ୍ୟ।

--- ***ଗୀତାରାଣୀ ବିଷୋୟୀ***

*( ଗବେଷିକା, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ)*

ସାଂପ୍ରତିକ ସମୟରେ ବିଭିନ୍ନ ପତ୍ରପତ୍ରିକାର ଆବିର୍ଭାବ ହେଲେ ମଧ୍ୟ ସମାଲୋଚନାଧର୍ମୀ ପତ୍ରିକା 'ବାଗୀଶ' ଏକ ଲୋକପ୍ରିୟ ପତ୍ରିକାର ମର୍ଯ୍ୟାଦା ପାଇପାରିଛି। ବିଜ୍ଞ ଓ ନୂତନ ଗବେଷକ, ଗବେଷିକା ଓ ସାହିତ୍ୟିକମାନଙ୍କର ତଥ୍ୟନିଷ୍ଠ, ଭାବଗର୍ଭକ ଓ ମାର୍ମିକ ସମାଲୋଚନା ପ୍ରବନ୍ଧଗୁଡ଼ିକୁ ସ୍ଥାନ ଦେଇ 'ବାଗୀଶ' ପତ୍ରିକା ଏକ ନୂତନ ପରିଚୟ ସୃଷ୍ଟି କରିଛି। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ପ୍ରବନ୍ଧଗୁଡ଼ିକ ଉପସ୍ଥାପିତ ହେଉଥିବାରୁ 'ବାଗୀଶ' ପତ୍ରିକା ପାଠକମାନଙ୍କର ଆଦୃତି

କ୍ରମଶଃ... ପୃଷ୍ଠା ସଂଖ୍ୟା - ୫୫

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।

ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)।

ବହି ପଠେଇବା ପାଇଁ ଠିକଣା : ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

# ସମ୍ପାଦକୀୟ

#EDITORIAL

॥ ତୋ ପାଦେ ଶରଣ ଗଲିରେ 'ସଂପାଦନା' ॥

ସୁଧିଜନେ, ସଂପାଦନା ଏକ ଜାତୀୟ କର୍ତ୍ତବ୍ୟ। ଏହି ଜାତୀୟ କର୍ତ୍ତବ୍ୟକୁ ସଂପାଦନ କରିବାରେ ଯେତିକି ଦାୟିତ୍ୱ ଆବଶ୍ୟକ ତା'ଠୁ ବେଶି ଶ୍ରଦ୍ଧା। ଯେକୌଣସି କର୍ମ ହେଉ ନା କାହିଁକି ଯହିଁ ଶ୍ରଦ୍ଧା ନ ଥାଏ; ତାହା କେବେ ହେଲେ ସ୍ୱୟଂ ସଂପୂର୍ଣ୍ଣ ଅଥବା ସାର୍ଥକ ହୋଇନପାରେ। ତେଣୁ ଶ୍ରଦ୍ଧାସଂଯୁକ୍ତ କର୍ମ ଓ ଶ୍ରଦ୍ଧାରହିତ କର୍ମ ମଧ୍ୟରେ ଅନେକ ବିଭେଦତା ରହିଥାଏ। କର୍ତ୍ତବ୍ୟ ମନେକରି କର୍ମ କରିଗଲେ ତାହା ସାର୍ଥକ ହୋଇଯାଇ ନ ଥାଏ। ଏକ କର୍ମ ବା ଦାୟିତ୍ୱକୁ ସାର୍ଥକ ରୂପ ଦେବାକୁ ହେଲେ, ଏହା ସହ ଶ୍ରଦ୍ଧା ମଧ୍ୟ ଅନୁରୂପ ଭାବରେ ଆବଶ୍ୟକ। ଯହିଁରେ ଶ୍ରଦ୍ଧା ନାହିଁ, ତହିଁରେ ଲକ୍ଷ୍ୟ ପୂରଣ ହେଲେ ମଧ୍ୟ ଏହାର ଯଥାର୍ଥମୂଲ୍ୟ ରକ୍ଷା ହୋଇପାରି ନଥାଏ। ଯାହାର ଯଥେଷ୍ଟ ନିଦର୍ଶନ ଆପଣମାନେ ଆମ ଚାରିପାଖରେ ଘଟିତ ପ୍ରାୟ ଘଟଣାରୁ ଜାଣିପାରିବେ।

ବନ୍ଧୁଗଣ, ତେବେ ସଂପାଦନା ଭଳି ଏକ ଜାତୀୟ କର୍ତ୍ତବ୍ୟ ବା ଦାୟିତ୍ୱପାଇଁ କେଉଁ ଭଳି ଶ୍ରଦ୍ଧା ଆବଶ୍ୟକ, ତାହା ଆପଣମାନେ ଅନୁଭବ କରୁଥିବେ ନିଶ୍ଚୟ। ସଂପାଦନା ସମ୍ପର୍କରେ ଆପଣମାନେ ଯଥେଷ୍ଟ କଥା ଜାଣିଥିବେ ବୋଲି ମୋର ବିଶ୍ୱାସ। ତଥାପି ଯେତେବେଳେ ଆମେ ସାହିତ୍ୟ ସଂପାଦନା ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଉଛେ; ତେବେ ଏହା ଆହୁରି ମହତ୍ତ୍ୱପୂର୍ଣ୍ଣ ହୋଇଉଠେ। କାହିଁକି ନା ସାହିତ୍ୟ ଭଳି ଏକ ମହୋତ୍ତର ବିଷୟକୁ ସଂପାଦନା କ୍ଷେତ୍ର ସହ ଯୋଡ଼ିବାର ପ୍ରକ୍ରିୟା ବାଟ ଦେଇ ଗଲାବେଳେ ଏହା ଅନେକ ନୂତନ ଦିଗକୁ ଆମ ସାମ୍ନାରେ ଉତ୍ଥାପନ କରିଥାଏ। ସାହିତ୍ୟର ବିଭିନ୍ନ ବିଭାବ ଯାହା ଆଜି ଆମେ ଦେଖୁଛେ ସେସବୁ ସାହିତ୍ୟ ରଚନାର ବହୁକାଳ ପରେ(ବିଶେଷତଃ ଆଧୁନିକ ସମୟ) ନିଜକୁ ସ୍ୱତନ୍ତ୍ର ଭାବେ ପରିଚିତ କରାଇପାରିଛନ୍ତି। ପୂର୍ବରୁ ଆମ ପ୍ରାଚୀନ ଓ ମଧ୍ୟକାଳୀନ ସାହିତ୍ୟର ଧାରାରେ ଏସବୁ ନ ଥିଲା। ସାହିତ୍ୟର ପ୍ରବହମାନତା ଓ ଆଧୁନିକ ଚିନ୍ତା-ଚେତନା ହିଁ ସାହିତ୍ୟର ବିଭିନ୍ନ ପ୍ରାରୂପକୁ ଜନ୍ମ ଦେଇଛି। ଏହି ପ୍ରାରୂପର ପ୍ରାଚୀନ ରୂପକୁ ଯଦି ଆମେ ନିରୀକ୍ଷଣ କରିବା ତେବେ ଆମେ ଜାଣିପାରିବା ଏସବୁ ସଂରକ୍ଷିତ ଥିଲା - ତାଳପତ୍ର, ଭୁଜପତ୍ର, ପଥର ଗାତ୍ର ଓ ତାମ୍ର ପଟ୍ଟା ଭଳି ବିବିଧ ଧାତବ ପଦାର୍ଥ ଉପରେ। ଆପଣାର ବୁଦ୍ଧି ଓ କୌଶଳର ପ୍ରୟୋଗ ପୂର୍ବକ ଆମର ପୂର୍ବସୁରୀମାନେ ଆମ ପିଢି ପର୍ଯ୍ୟନ୍ତ ସାହିତ୍ୟକୁ ବଞ୍ଚେଇ ରଖିବାପାଇଁ କେତେ ଯେ ଶ୍ରମ ନ ଦେଇଛନ୍ତି। ତେବେ ବନ୍ଧୁଗଣ ଆପଣମାନେ ପ୍ରଶ୍ନ କରିପାରନ୍ତି- ଆମ ଆଲୋଚ୍ୟ ପ୍ରସଙ୍ଗରେ ଯେଉଁ ସଂପାଦନା ଶୀର୍ଷକ ଶବ୍ଦଟି ସମ୍ପର୍କରେ ଆଲୋଚନା କରିବାପାଇଁ ନିର୍ଦ୍ଦିଷ୍ଟ କରିଛେ ତାହାର ଏହି ସବୁ ସହ କିଛି ସମ୍ପର୍କ ଅଛି କି? ଆଜ୍ଞା, ନିଶ୍ଚୟ। ମୁଁ ସେ ସମ୍ପର୍କରେ ହିଁ ଆପଣଙ୍କ ଦୃଷ୍ଟିଆକର୍ଷଣ କରୁଛି।

ଆପଣମାନେ ଜାଣନ୍ତି, ସମ୍ପ୍ରତି ସଂପାଦନା ନାମକ ଶବ୍ଦଟି ବିବିଧ ପ୍ରସଙ୍ଗରେ ବ୍ୟବହୃତ। ବିଶେଷକରି ଆମ ସାହିତ୍ୟ ବ୍ୟାପାରରେ ମଧ୍ୟ ଏହାର ନାନାବିଧ ପ୍ରୟୋଗ ଦର୍ଶନୀୟ। ଯେପରି- ଗ୍ରନ୍ଥ ସଂପାଦନା ବା ପୁସ୍ତକ ସଂପାଦନା ଓ ପତ୍ରିକା ସଂପାଦନା। ଏ ଦୁଇଟି ଦିଗ ମଧ୍ୟରେ ଗ୍ରନ୍ଥ ସଂପାଦନା ଏକ ପ୍ରମୁଖ ଦିଗ। ଆଜି ଆମେ ଯେଉଁସବୁ ପ୍ରାଚୀନ ଓ ମଧ୍ୟକାଳୀନ ଗ୍ରନ୍ଥ ପାଠକରିବାର ସୁଯୋଗ ପାଉଛେ, ସେସବୁ କେବଳ ସଂପାଦନାର ବାଟ ଦେଇ। ଉତ୍ସର୍ଗୀକୃତ କର୍ମ ଓ କୌଶଳର ପ୍ରୟୋଗ କରି ଆମ କେତେ ଜଣ ସାହିତ୍ୟ ରଥୀଙ୍କ ଆପ୍ରାଣ ଉଦ୍ୟମ ଫଳରେ ଆଜି ଆମ ଭାଷା ଓ ସାହିତ୍ୟ ନିଜର ଗୌରବ ଫେରିପାଇଛି। ସେମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ଯୋଗୁଁ ବହୁ ପ୍ରାଚୀନ ଓ ମଧ୍ୟକାଳୀନ ସାହିତ୍ୟକୃତି କୀଟଦ୍ରଂଷ୍ଟ ପୋଥିରୁ ଆଧୁନିକ ମୁଦ୍ରିତ ରୂପରେ ଆମ ହାତପାନ୍ତାରେ ଉପଲବ୍ଧ ହୋଇପାରିଛି। ନଚେତ୍ ସେସବୁ ଯେ କାଳର କବଳେ ନିଶ୍ଚିହ୍ନ ହୋଇଯାଇଥାନ୍ତେ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।

# #EDITORIAL

ବନ୍ଧୁଗଣ, ଆଜି ଘଟଣା କିନ୍ତୁ ବିପରୀତ। ବ୍ୟକ୍ତିକ ଉନ୍ନତି ହେଉ ଅଥବା ନିଜ ନାମ ସହ ଏକ ଲମ୍ବା ପୁସ୍ତକ ତାଲିକା ଯୋଡ଼ିବାର ମୋହପାଇଁ ହେଉ; ସମକାଳର କିଛି ସାହିତ୍ୟିକ(ଦ୍ୱନ୍ଦ୍ୱ) ବହୁସଂପାଦିତ - ବହୁପ୍ରକାଶିତ ଗ୍ରନ୍ଥର ସଂପାଦନା(ସନ୍ଦେହ) କରି ନିଜକୁ ଗ୍ରନ୍ଥ ସମ୍ପାଦକ ଭାବେ ସ୍ୱନାମଧନ୍ୟ କରୁଛନ୍ତି। କିନ୍ତୁ ବିଡମ୍ବନା ହେଉଛି, ସେମାନେ କେବେ ପୋଥିର ମୁଖ ମଧ୍ୟ ଦର୍ଶନ କରିନାହାନ୍ତି; ତାକୁ ପଢିବା ତ ସେମାନଙ୍କପାଇଁ ଏକ ଦିଗନ୍ତ ସ୍ୱପ୍ନ। ସେହିଭଳି ଅନ୍ୟ ଏକ ଗ୍ରନ୍ଥ ସଂପାଦନା ପରଂପରା ସମକାଳରେ ମୋର ଦୃଷ୍ଟିକୁ ଆସିଛି। ଏହି ପରଂପରାରେ ଅତୀତରେ ପ୍ରକାଶିତ କୌଣସି ଏକ ମୁଦ୍ରିତ ଗ୍ରନ୍ଥକୁ ଅବିକଳ ଭାବେ ଉପସ୍ଥାପନା ସହ ଏକ ମୁଖବନ୍ଧ ସଂଯୋଗ ପୂର୍ବକ ପ୍ରକାଶ କରାଯାଇ ଏହାକୁ ନିଜ ନାମ ସହ ଯୋଡ଼ି ଦିଆଯାଉଛି। ମୌଳିକ ଗ୍ରନ୍ଥକୁ 'ଯଥା ପୂର୍ବଂ ତଥା ପରଂ' ରୀତିରେ ଏ ଅଭିନବ ସଂପାଦନା କଳାଟି ସମକାଳରେ ବେଶ ଲୋକପ୍ରିୟ ମଧ୍ୟ। ଏପରି କ୍ଷେତ୍ରରେ ସଂପାଦକ କିମ୍ବା ପ୍ରକାଶକ ଏଭଳି ପୁସ୍ତକର ପୁନଃମୁଦ୍ରଣ କରି ପାରନ୍ତେ। ଯାହା ହେବା ଉଚିତ ମଧ୍ୟ। କିନ୍ତୁ କେଉଁ ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ନିମନ୍ତେ ଏତାଦୃଶ ସଂପାଦନା କର୍ମପାଇଁ ସଂପାଦକ ଓ ପ୍ରକାଶକମାନେ ବ୍ୟାକୁଳ ସେ ସମ୍ପର୍କରେ ମୋର ଧାରଣା ନାହିଁ। ଜ୍ଞାନୀଜନେ ଏହା ବିଚାର କରିବେ।

ମୁଁ ପୂର୍ବରୁ କହିଛି, ଗ୍ରନ୍ଥ ସଂପାଦନା ଏକ ଜାତୀୟ କର୍ତ୍ତବ୍ୟ। ତହିଁରେ ଯେତିକି କର୍ତ୍ତବ୍ୟର ଗୁରୁତ୍ୱ ରହିଛି ସେତିକି ପରିମାଣର ଶ୍ରଦ୍ଧା ମଧ୍ୟ ଆବଶ୍ୟକ। ତେବେ ଏହି ତଥାକଥିତ ସଂପାଦକ ଗୋଷ୍ଠୀ ଏ ଶ୍ରଦ୍ଧା ନାମକ ବିଷୟଟି ସହ କେତେ ପରିଚିତ, ତାହା ବିଚାରଯୋଗ୍ୟ। ବନ୍ଧୁଗଣ, ଆଜି ମଧ୍ୟ ଅନେକ ପ୍ରାଚୀନ ଓ ମଧ୍ୟଯୁଗୀୟ ଗ୍ରନ୍ଥ ପ୍ରକାଶନର ମୁଖଦର୍ଶନ କରି ନପାରି କୀଟଦ୍ରଂଷ୍ଟ ହୋଇ ବିଲୀନ ହେବାପାଇଁ ଅପେକ୍ଷା କରିଛନ୍ତି। ଯାହା ପ୍ରତି ତଥାକଥିତ ଏ ଗୋଷ୍ଠୀଙ୍କ ଦୃଷ୍ଟି ପହଞ୍ଚି ପାରୁନାହିଁ। ଏ କ୍ଷେତ୍ରରେ ଦୃଷ୍ଟି ଦେଲେ ହୁଏ ତ ଆମ ସାହିତ୍ୟ ଆହୁରି ସମୃଦ୍ଧ ହୋଇପାରନ୍ତା ବୋଲି ମୋର ଧାରଣା।

ବନ୍ଧୁଗଣ, ମୁଁ ଏହା ଅସ୍ୱୀକାର କରୁନାହିଁ ଯେ, ଆଜି ମଧ୍ୟ ଆମ ପ୍ରକାଶିତ/ ସଂପାଦିତ ଗ୍ରନ୍ଥମାନଙ୍କ ମଧ୍ୟରୁ ଅନେକ ଭ୍ରମଯୁକ୍ତ। ଯାହାର ସମାଧାନପାଇଁ ଏସବୁର ପୁନଃ ସଂପାଦନା ଆବଶ୍ୟକ। ଏବଂ, ଅନେକାଂଶରେ ହେଉଛି ମଧ୍ୟ। ଏକ୍ଷେତ୍ରରେ କେତେକ ଗ୍ରନ୍ଥ ସଂପାଦକ ନିଜର ଶ୍ରମ ଓ ସାଧନା ଅନବରତ ଭାବେ ଦେଇଆସୁଛନ୍ତି। ଏମାନଙ୍କ ପୂର୍ବରୁ ଯେଉଁସବୁ ଗ୍ରନ୍ଥ ଆଜି ଆମ ହାତପା'ନ୍ତାରେ ସେସବୁ ମଧ୍ୟ ଅନେକ କର୍ତ୍ତବ୍ୟନିଷ୍ଠ ଓ ଶ୍ରଦ୍ଧାବାନ ଗ୍ରନ୍ଥ ସଂପାଦକମାନଙ୍କ ଅକ୍ଳାନ୍ତ ପରିଶ୍ରମର ଫଳଶ୍ରୁତି। ସେସମସ୍ତଙ୍କ ପାଦରେ ମୋର ଶତକୋଟି ପ୍ରଣିପାତ।

ଶେଷକଥାରେ ଏତିକି କହିବି, ସଂପାଦନା ଚିହ୍ନି ଚିହ୍ନେଇବାର ଏକ ମହୋତ୍ତର ବିଦ୍ୟା। ବ୍ୟକ୍ତିକ ଉନ୍ନତି ଅଥବା ସାମାନ୍ୟ ପଦନ୍ନୋତିର ଲକ୍ଷ୍ୟ ନେଇ ସଂପାଦନାର ଶରଣ ନ ପଶି, ଏହାର ଯଥାର୍ଥ ବିନିଯୋଗ କଲେ ହିଁ ଆମ ସାହିତ୍ୟ ଉନ୍ନତ ହେବ। ଏହାର ଗୌରବ ଅକ୍ଷୁର୍ଣ୍ଣ ରହିବ।

ସୁଧୀଜନେ! ବିବିଧ ସମସ୍ୟା ହେତୁ ଚଳିତ ସଂଖ୍ୟା ପ୍ରକାଶନରେ ବିଳମ୍ବ ହୋଇଛି। ସେହି ହେତୁ କ୍ଷମା ଯାଚନା କରୁଛି। ମୋର ବିଶ୍ୱାସ ଆପଣମାନେ ଆମକୁ କ୍ଷମା ଦେବେ। ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ପ୍ରଫେସର ବିଜୟାନନ୍ଦ ସିଂହ ମହୋଦୟ 'ବାଗୀଶ ବରେଣ୍ୟ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ତୃତୀୟ ବର୍ଷ ପ୍ରଥମ ସଂଖ୍ୟା ଆପଣମାନଙ୍କ ହାତରେ ନିବେଦନ କଲି।

ସଂପାଦକ

BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan-Feb 2025
Refereed Peer-Reviewed Journal

# ଏଇ ସଂଖ୍ୟାରେ

@TABLE OF CONTENT




ପ୍ରଚ୍ଛଦ : ବିକେଶ ସାହୁ

[ ପ୍ରଚ୍ଛଦରେ ସ୍ଥାନିତ ହୋଇଛନ୍ତି ପ୍ରାଚୀନ ମହେଞ୍ଜୋଦାରୋ ସଭ୍ୟତାର ଏକ ନାରୀ ପ୍ରତିମୂର୍ତ୍ତି। ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ମତରେ ନାରୀମାନଙ୍କ ବେଶଭୂଷା ସମ୍ବନ୍ଧୀୟ ଏହା ସର୍ବ ପ୍ରାଚୀନ ନାରୀ ଚିତ୍ର। ]

**ଗବେଷଣା ନିବନ୍ଧ**

୦୯ ॥ **ଆଧୁନିକ ଓଡ଼ିଆ କବିତାରେ ମୁଁଦ୍ଧ ଭାବ**
:: ଡ. ସୁଶ୍ରୀ ସଙ୍ଗୀତା ସ୍ୱାଇଁ

୧୩ ॥ **ନୟାଗଡ଼ ଜିଲ୍ଲାରେ ପ୍ରଚଳିତ ବିଭିନ୍ନ ଧର୍ମାଚାର**
:: ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢ

୨୩ ॥ **ଆଧୁନିକ ଓଡ଼ିଆ କାବ୍ୟ-କବିତାରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି**
:: ବଶିଷ୍ଠ କୁମାର ବେହେରା

୨୮ ॥ **ବାଲେଶ୍ୱର ଲୋକଚଳଣିରେ ବଙ୍ଗୀୟ ସଂସ୍କୃତିର ପ୍ରଭାବ**
:: ସୁସନ୍ଧ୍ୟା ପ୍ରିୟଦର୍ଶିନୀ ନାୟକ

୩୨ ॥ **ପଶ୍ଚିମ ଓଡ଼ିଶାର ଲୋକୋକ୍ତି : ଏକ ପର୍ଯ୍ୟାଲୋଚନା**
:: ପ୍ରଦ୍ୟୁମ୍ନ ସାହୁ

**ସମାଲୋଚନା : ବିବିଧ ଚର୍ଚ୍ଚା**

୪୦ ॥ **ବବ୍ ଡିଲାନ୍-ଆମେରିକୀୟ ଲୋକଗୀତର କିମ୍ବଦନ୍ତୀ ପୁରୁଷ**
:: ସତ୍ୟ ପଟ୍ଟନାୟକ

**ସମାଲୋଚନା : ନୂଆ ଫର୍ଦ୍ଦ**

୪୬ ॥ **ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳୀ ବିଶ୍ଳେଷଣ**
:: ଡ. ରବୀନ୍ଦ୍ର କୁମାର ଦାସ

**ସମାଲୋଚନା : ପ୍ରସଙ୍ଗ ନାରୀ**

୫୬ ॥ **ନାରୀବାଦୀ-ପରିମଣ୍ଡଳ: ନାରୀ ଅସ୍ତିତ୍ୱର ବାସ୍ତବତା**
:: ବିଜୟଲକ୍ଷ୍ମୀ ଦାଶ

**ବାଗୀଶ ବରେଣ୍ୟ**

୬୧ ॥ **ପ୍ରଫେସର ବିଜୟାନନ୍ଦ ସିଂହଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର**

**ବହିକଥା**

୬୪ ॥ ଡ. ନଟବର ଶତପଥୀଙ୍କ 'ସାରଳା ଶବ୍ଦ ଓ ସୂକ୍ତି କୋଷ'

BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan- Feb 2025
Refereed Peer-Reviewed Journal

# ଆଧୁନିକ ଓଡ଼ିଆ କବିତାରେ ମୁଁତ୍ୱ ଭାବ

**ଡ. ସୁଶ୍ରୀ ସଙ୍ଗୀତା ସ୍ୱାଇଁ**

ଅଧ୍ୟାପିକା, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

RECEIVED : 10 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025

ARTICLE QR CODE

BM2025/01-A001

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ଡ. ରବୀନ୍ଦ୍ର କୁମାର ଦାସ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

DOI: 10.70541/BAGEESHA/2025030101

Article No. BM2025/01-A001
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ଆଧୁନିକ ଓଡ଼ିଆ କବିତା ବିଭିନ୍ନ ଭାବ ପ୍ରସ୍ଥକୁ ଆତ୍ମସ୍ଥ କରି ଗତିଶୀଳ କବିତାର ଆତ୍ମିକ ଉପାଦାନ ଭାବରେ କେତେବେଳେ ସମୟ ସଚେତନତା, ମୃତ୍ୟୁ ଚେତନା, ବିଭୁଚେତନା, ଆଦି ସ୍ଥାନ ପାଇଥିବା ବେଳେ ଅନ୍ୟତମ ଶକ୍ତିଶାଳୀ ଭାବପକ୍ଷ ଭାବରେ ମୁଁତ୍ୱ ଭାବ ବା ଆତ୍ମକେନ୍ଦ୍ରିକ (Self-centered) ଭାବ ସ୍ଥାନିତ ହୋଇ କବିତାର ଶ୍ରୀ ବୃଦ୍ଧିରେ ସହାୟକ ହୋଇଛି। ସ୍ୱପ୍ନ, ହତାଶା, ବ୍ୟର୍ଥତା, ନିଃସଙ୍ଗତା, ରୁକ୍ଷ ବାସ୍ତବତା, ଆଧ୍ୟାତ୍ମିକ ଜିଜ୍ଞାସା ଆଦି ଭାବକୁ କବି କାବ୍ୟ ନାୟକର ସହାୟତାରେ ମୁଁତ୍ୱର ପ୍ରତୀକାତ୍ମକ ଆବେଗ ସାହାଯ୍ୟରେ ପ୍ରକାଶ କରିଛି। ଉକ୍ତ ନିବନ୍ଧଟି ସେସବୁର ଏକ ପରିଚୟାତ୍ମକ ଉପସ୍ଥାପନା ମାତ୍ର।

**ମୂଳଶବ୍ଦ:** ମୁଁତ୍ୱ, ସମକାଳର କବିତା, ଓଡ଼ିଆ କବିତା, ଆତ୍ମ-ସ୍ୱୀକାରୋକ୍ତି, ଆତ୍ମ-ପ୍ରତ୍ୟୟ ଆତ୍ମ-ବିଭୋରତା, ବିରୋଧଭାସ, ଆତ୍ମ-ପ୍ରବଞ୍ଚନା, ଆତ୍ମ -ନିର୍ବାସନ

**ଉପକ୍ରମ:** କବିତା ସାହିତ୍ୟ ଆକାଶସ୍ଥ ନନ୍ଦନ କାନନର ପାରିଜାତ ପୁଷ୍ପ। ଏହା ଜୀବନର ସୌରଭ। କବିତା ଜୀବନ୍ତ, ପ୍ରାଣବନ୍ତ, ଚିରଜାଗ୍ରତ, ଅଜର, ଅମର, ଅକ୍ଷୟ, ଅବିନଶ୍ୱର। ମୁଁ ବ୍ୟକ୍ତି ବାଚକ ସର୍ବନାମର ପ୍ରଥମ ପୁରୁଷ ଏକବଚନ ଓ କର୍ତ୍ତା ରୂପ। କଳ୍ପନାରେ ନିର୍ଦ୍ଧାରିତ ମୁଁ ସାମାଜିକ ମୁଁରେ ପରିଣତ ହୋଇ ବ୍ୟକ୍ତି ନିଷ୍ଠ ରୂପକୁ ପ୍ରତିଷ୍ଠା କରେ। ଆଧୁନିକ ଓଡିଆ କବିତା ଆଧୁନିକ ଚିନ୍ତା ଚେତନାର ପ୍ରତିଫଳନ। ଆଧୁନିକ ଓଡିଆ କବିତାର ଭାବପକ୍ଷ ଭାବେ ମୁଁ ଭାବଟି କେତେବେଳେ ଏକ ଅହଂଦୃପ୍ତ ରୋମାଣ୍ଟିକ୍ ଚେତନାରେ ପରିଣତ ହୋଇଛି ପୁଣି ଅନ୍ୟ କେତେବେଳେ ମୁଁ ଏକ ରହସ୍ୟମୟୀ ଆଧ୍ୟାତ୍ମିକତାର ସୂଚନା ଦେଇଛି। ଆଧୁନିକ କବିର ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ଅସ୍ତିତ୍ୱଟି ନୂତନ ଯନ୍ତ୍ରଣା ଓ ବିଚ୍ଛିନ୍ନତାର ସମ୍ମୁଖୀନ ହୋଇଛି। ବର୍ତ୍ତମାନ କବି ଆତ୍ମବିଶ୍ୱାସର ପୁନଃ ସଚେତନୀକରଣପାଇଁ କବିତାର ସ୍ୱରକୁ ଅସ୍ତିତ୍ୱ ନିର୍ଣ୍ଣାୟକ ପ୍ରେରଣା କରିଦେଇଛି। ଜୀବନ, ମୃତ୍ୟୁ, ପ୍ରଣୟ, ପ୍ରକୃତି, ଈଶ୍ୱର, ମଣିଷ ବ୍ୟବସ୍ଥା ପ୍ରତି ତା'ର ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀର ଚିତ୍ରଣର ମାଧ୍ୟମ ରୂପରେ ମୁଁତ୍ୱ ଭାବର ସାହାଯ୍ୟ ନେଇଛି।

**ବିଷୟର ଆଲୋଚନା:** କବିତା କବିର ଶ୍ରେଷ୍ଠତମ ଭାବର ସ୍ପଷ୍ଟତମ ପରିପ୍ରକାଶ, ସଂସ୍କୃତି ସୁରକ୍ଷାର ମହାମନ୍ତ୍ର, ପରିବର୍ତ୍ତନର ପବିତ୍ର ଶଙ୍ଖଧ୍ୱନି, ସର୍ବୋପରି କବିର ଅହଂମୁକ୍ତ ଅଭିବ୍ୟକ୍ତି ଜୀବନର ଦୁରନ୍ତ ଆହ୍ୱାନ। ଆଧୁନିକ ଓଡ଼ିଆ କବିତାରେ ମୁଁତ୍ୱ ଭାବଟି କେତେବେଳେ ଏକ ନୂତନ ପ୍ରହେଳିକା ସାଜିଛି ତ ପୁଣି ଅନ୍ୟ କେତେବେଳେ ରହସ୍ୟମୟ ଘନଘଟା ଭିତରେ ଏକୀଭୂତ ହେବାର ପ୍ରୟାସରତ ହୋଇଛି। ମୁଁ ଭାବଟି ଆଶା ଭରସାର ପ୍ରତୀକ।

ସାମ୍ପ୍ରତିକ ଓଡ଼ିଆ କବି କ୍ଲାନ୍ତି, ବୈରାଗ୍ୟ, ଅବସାଦ, ପାପବୋଧ, ନିର୍ଜନପଣର ଜୟଗାନ କରୁଛି। ତେଣୁ ରସ ଘନ ମୁହୂର୍ତ୍ତରେ ମୁଁ ଭାବ କେତେବେଳେ ଭାବରେ ବୁଦ୍‌ବୁଦ୍ ହୋଇ ଯାଇଛି ତ କେତେବେଳେ ବିଭଙ୍ଗ ବ୍ୟକ୍ତିତ୍ୱର ବେଦନାବୋଧ ମଧ୍ୟରେ ହଜି ଯାଇଛି ନିରୁତାପଣରେ।

ଯୁଗାନୁଯାୟୀ ଆଲୋଚନା କଲେ ଜଣାଯାଏ ସବୁଜ ଯୁଗରେ ଅନ୍ନଦା ଶଙ୍କର ରାୟଙ୍କର କବିତାରେ ମୁଁର ଏକ

ଲୋହିତ ରୋମାଣ୍ଟିସିଜିମ ସ୍ୱର ଶୁଭେ। ସୃଜନ ମନସ୍କ କବି ସ୍ୱପ୍ନ ଲଭି ଛନ୍ତି ଶୋଭା ସୁଷମାର। ସର୍ବତ୍ର ଦେଖିଛନ୍ତି ଶାନ୍ତି ସଂପ୍ରୀତିର ବାତାବରଣକୁ। "ନୁହେଁ ମୁଁ ଝଡ଼, ନୁହେଁ ମୁଁ ନିଆଁ/ ନୁହେଁ ମୁଁ ଶ୍ମଶାନ ଗୋ/ ଯେଉଁ ଦିଗେ ମୁଁ ଦେଖେଇ ଚାହିଁ/ ଶୋଭାର ଲବେ ଅଭାବ ନାହିଁ/ କେଉଁ ଅଭାବ ଲଭିବି?" (ସୃଜନ ସ୍ୱପ୍ନ, ଅନ୍ନଦା ଶଙ୍କର ରାୟ)

ସେହିପରି ସବୁଜ ଯୁଗର ଅନ୍ୟତମ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ  କବିତାରେ ଯୌବନର ଆଗମନ ଓ ତା'ର ଆହ୍ୱାନରେ ମୁଁ ଭାବ ରହିଛି। ଯୌବନ ର ଉଦ୍ଦାମତା କବି ମନରେ ଭରିଛି ଅଫୁରନ୍ତ ସାହସ, ସ୍ୱପ୍ନ, ସମ୍ଭାବନା। ସୁଦୂର ଆକର୍ଷଣର ମୋହରେ କବି ଆତ୍ମହରା ହୋଇ କାଳ୍ପନିକ ଜଗତକୁ ପଳାୟନର ସ୍ୱପ୍ନ ପୋଷଣ କରିଛନ୍ତି। "ମୁଁ ଗୋ ଆସିଛି ନବ ଯୌବନ/ ମୁଁ ଗୋ ମଧୁ ସହଚର ଆସିଛି ଭାସି/ ମୁଁ ଗୋ ମଧୁ ତୁଳେ ନିତି ହସଇ ରସଇ।" (ନବ ଯୌବନ, ବୈକୁଣ୍ଠ ନାଥ ପଟନାୟକ)

କବି ମଣିଷଟି ସଂସାର ବିମୁଖ ନୁହେଁ।  ଏଠି ସେ ପ୍ରେମରେ ପଡ଼େ, ଜୀବନ ଯୁଦ୍ଧରେ ଲଢ଼ି ଲଢ଼ି ଲହୁ ଲୁହାଣ ହୁଏ। ପ୍ରିୟତମାର ପ୍ରତାରଣା ସହେ, ଅନ୍ୟକୁ ସାନ୍ତ୍ୱନା ଦେବାକୁ ଯାଇ ନିଜପାଇଁ ସହାନୁଭୂତି ଯୋଗାଡ଼ କରିବାରେ ବିଫଳ ହୁଏ। ନିଜକୁ ଜୀବନ ସଂଗ୍ରାମରେ ପରାସ୍ତ ସୈନିକ ମନେକରେ। ଦୁଃଖକୁ ଯନ୍ତ୍ରଣାକୁ ବାରମ୍ବାର ସାମ୍ନା କରି କ୍ଳାନ୍ତ, ଅବସନ୍ନ କବି ତେଣୁ କହିଉଠିଛନ୍ତି - "ତେଣୁ ମୁଁ ତ ଭଗ୍ନଜାନୁ, ଖସିପଡ଼େ ମୋର ରାଇଫଲ/ ମୁଁ  ଯେମିତି ଢାଙ୍କି ହୋଇଯାଏ,/ ମୁଁ ଅବା କି ବାକ୍ୟଟିଏ ମୁଁ  କାହିଁକି ମୋତେ ଭୟ କରେ/ ମୁଁ କାହିଁକି ଡରେ ମୋ ପ୍ରେତରେ?" (ସ୍ୱଗତ, ସଚ୍ଚିଦାନନ୍ଦ ରାଉତ ରାୟ )।

ସେହିପରି ଗୁରୁପ୍ରସାଦ ମହାନ୍ତିଙ୍କ  କବିତାରେ କାବ୍ୟ ନାୟକର ଆତ୍ମସ୍ୱୀକାରୋକ୍ତି ପ୍ରାସଙ୍ଗିକ ପ୍ରତୀତ ହୁଏ। ଗୁରୁପ୍ରସାଦ ମହାନ୍ତିଙ୍କ କାବ୍ୟ ସ୍ୱର ଆଧାତ୍ମିକ ଚେତନା ସମ୍ବଳିତ। ଭକ୍ତି ଓ ଅହଂକାର ମଧ୍ୟରେ ଆଧାତ୍ମିକ ଚେତନାର ବିଜୟ ଘଟିଛି। ପୃଥିବୀରେ ଦୟା, କ୍ଷମା, ଓ କରୁଣାର ଦୟନୀୟ ସ୍ଥିତିକୁ କାବ୍ୟ ପୁରୁଷ ମର୍ମେ ମର୍ମେ ଅନୁଭବ କରିଛି। କାବ୍ୟ ପୁରୁଷ ଚାହିଁଛି ସାମାଜିକ ହତାଶ ବୋଧରୁ ମୁକ୍ତି। ତେଣୁ ଅକ୍ରୁର ଈଶ୍ୱରଙ୍କ ଆଶୀର୍ବାଦର ଛାଇ ତଳେ ନିଜ ଜୀବନର ସମସ୍ତ ଯାତନାକୁ ସମର୍ପି ଦେଇ ମୁକ୍ତି ପାଇବାକୁ ଇଚ୍ଛା କରିଛି। କ୍ଲାନ୍ତି ଓ ହତାଶାରେ ସେ ଆତ୍ମ ଅବଶତା ଅନୁଭବ କରୁଛି। ଯଥା - "ମହାପ୍ରଭୁ ମୁକ୍ତି ଦିଅ, ଏହି ଯାତ୍ରା ଶୁଭ ହେଉ, ତୁମ୍ଭର ଦୟାରୁ, ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା। (ଅକ୍ରୁର ଉବାଚ, ଗୁରୁପ୍ରସାଦ ମହାନ୍ତି)

ରମାକାନ୍ତ ରଥଙ୍କ ଶ୍ରୀ ରାଧା କବିତାର ମୁଁ ପୁରୁଷ କୈନ୍ଦ୍ରିକ ସାମାଜିକ ଆଚରଣ ଭିତରେ ନାରୀ ସତ୍ତାର ସ୍ୱତନ୍ତ୍ର ଅଧିକାରକୁ ବ୍ୟକ୍ତ କରିଛି।ମୃତ୍ୟୁ ଓ ଜୀବନର ଊର୍ଦ୍ଧ୍ୱରେ କାବ୍ୟ ପୁରୁଷର ପ୍ରେମକୁ ଗ୍ରହଣ କରିନେବାର ମାନସିକତାକୁ ଲକ୍ଷ୍ୟ କରାଯାଇପାରେ - "ମୁଁ ସର୍ବଦା କାଙ୍ଗାଳୁଣୀ, ଅନ୍ତରୀକ୍ଷ ଯାଏ/ ମୁଁ ଉଦଗ୍ରୀବ ଶୂନ୍ୟସ୍ଥାନ ଟିଏ/ ପ୍ରସାରିତ ମୋର ଦୁଇ ସୀମାହୀନ ବାହୁଙ୍କ ଭିତରେ/ ଖାଲି ଶୂନ୍ୟସ୍ଥାନ ହୋଇ ରହିଯିବା/ କାହା କପାଳ ରେ ଥାଏ?" (ଶ୍ରୀ ରାଧା, ରମାକାନ୍ତ ରଥ,)

ସେହିପରି ଅନ୍ୟତମ ପ୍ରଥିତଯଶା କବି ସୀତାକାନ୍ତ ମହାପାତ୍ରଙ୍କ କବିତାର ଅନ୍ତଃସ୍ୱର ମୃତ୍ୟୁ ଚେତନା।  କାବ୍ୟ ନାୟକ ଆଧୁନିକ ମଣିଷ ଯାହାର ସ୍ୱପ୍ନ ବାସ୍ତବତାର ରୁକ୍ଷ ପ୍ରହାରରେ ଚୂର୍ଣ୍ଣିଭୂତ। "ମୁଁ ଗଢିଛି ମୋର ସୁଖ ଭାଙ୍ଗି ରୁଜି ଦେବାଳୟ,/ ଅଟ୍ଟାଳିକା ମନ୍ଦିର, ମୁଁ ମାରିଛି ତଣ୍ଟି ଚିପି/ କାଢି ଆଣି ଅନ୍ତବୁଜୁଲାକୁ, ଟଙ୍କା ପାଇଁ,ସୁନା ପାଇଁ/ ପାଞ୍ଚ ଖଣ୍ଡ ପଡା ପାଇଁ, ପ୍ରଗଣା ଓ ତହସିଲ ପାଇଁ।" (ମାଟି ଓ ମଣିଷ, ସୀତାକାନ୍ତ ମହାପାତ୍ର )

ଜଗନ୍ନାଥ ଦାସଙ୍କ କବିତାରେ କାବ୍ୟ ନାୟକର ଯୌବନକୁ ଆତତାୟୀ ସମୟର ଆଡୁଆଳରେ ରଖିବାର ପ୍ରୟାସକୁ ଲକ୍ଷ୍ୟ କରାଯାଇପାରେ - "ମୁଁ  ବାନ୍ଧି ରଖିଥିଲି ମୋର ଯୌବନକୁ/ ମୋ ଦେହର କାଚ ଘର ଚାରି କାନ୍ଥରେ/ ମୋ ମନର ଚାରି ପାଖେ ମୋ ଚଞ୍ଚଳ ଜୀବନ ।" (ପ୍ରଥମ ପୁରୁଷ, ଜଗନ୍ନାଥ ଦାସ)

ପ୍ରତିଟି ଜୀବନରେ ଦୁଃଖ ହିଁ ମହାମେରୁ। ତଥାପି ଦୁଃଖ ଜୀବନର କଷଟିପଥର। ସେହି ଦୁଃଖ ଯନ୍ତ୍ରଣା ଭିତରୁ ମଧ୍ୟ କାବ୍ୟ ନାୟକ ନୂତନ ସମ୍ଭାବନାର ଉଜ୍ଜ୍ୱଳତାକୁ ଦେଖିବାରେ ପ୍ରାୟସରତ। ଲୋକ ଉପାଦାନକୁ ପାଥେୟ କରି କବି କାବ୍ୟିନାୟକର ମୁଖରେ କହି ଉଠନ୍ତି - "ମୁଁ ଜାଣେ ମୋର ମୃତ୍ୟୁ ହେବ ସର୍ପ ଦଂଶନରେ/ ଚଉଠି ରାତିରେ/ ମୁଁ ଜାଣେ ମୋର ଏକାନ୍ତ ଅଭିମାନଟି/ ଅମାବାସ୍ୟାର ସମୁଦ୍ରରେ ଭାସି ଚାଲିଯିବ।" (ହୃଦୟେଶ୍ୱରୀ, ସୌଭାଗ୍ୟ ମିଶ୍ର )

ଆଧୁନିକ ଓଡ଼ିଆ କବିତା ଜନ୍ମ ଲଭ୍ୟ ହୋଇଛି ଆବେଗ ଓ ଯୁକ୍ତିର ସଂଘର୍ଷରୁ ତେଣୁ ବ୍ୟକ୍ତିକୈନ୍ଦ୍ରିକ ଜୀବନର ଉଦ୍ଦାମତାକୁ କବି ବ୍ୟକ୍ତ କରିଛି କବିତାରେ। ଜାନକୀ ବଲ୍ଲଭ ମହାନ୍ତିଙ୍କ ସମୟର ସେ ପାରି କବିତାରେ ମୁଁତ୍ୱ ଭାବ ଏକ ନୂତନ ପ୍ରହେଳିକା ସାଜିଛି - "ମୁଁ କାନ୍ଦୁଛି, ମୁଁ ହସୁଛି, ବକୁଛି ଯଥେଚ୍ଛା/ ମୋ ଦୁଃଖରେ ମୁଁ ଅଛି, ମୋ ରାସ୍ତା ରେ/ ମୁଁ ଚାଲିଛି। ଖୋଜୁଛି, ଲୋଡୁଛି ମୁକ୍ତ ପବନ, ଖୋଲା ଆକାଶ "। (ସମୟର ସେପାରି, ଜାନକୀ ବଲ୍ଲଭ ମହାନ୍ତି )

ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ପୂତନା କବିତାରେ ନିଜ ଦର୍ପଣରେ ନିଜକୁ ଚିହ୍ନିଲାବେଳେ ପୂତନା ପ୍ରଥମ କରି ଉପଲବ୍ଧି କରିଛି ରୂପ ଗାରିମାର କଦାକାର ସ୍ୱରୂପକୁ ତେଣୁ ସେ କହି ଉଠିଛି  - "ମୁଁ ଗୋଟିଏ ଏମିତି ନାରୀ ଯିଏ/ ଢଳଢଳ ହେଉଥାଏ/ ତରଳ ପିଚୁ ପରି/ ମୋର କଣ ବା ଅଛି?/ ପୁରୁଣା ଇଟା ପରି ଦେହରେ ମୋର/ ଧୀରେ ଧୀରେ ଶିଉଳି ମାଡୁଚି"। (ପୂତନା, ସେନାପତି ପ୍ରଦ୍ୟୁମ୍ନ କେଶରୀ )

ଆଜିର କବି ଦୃଷ୍ଟିରେ ନାରୀର ବିଚିତ୍ର ଦିଗନ୍ତ ଉନ୍ମୋଚିତ। ସ୍ୱାଧୀନତା ପରବର୍ତ୍ତୀ ନାରୀ ଆଉ ରତି ପ୍ରତିମା ସାଜି ରହିନାହିଁ ବରଂ ସେ କ୍ଷତବିକ୍ଷତ ଯନ୍ତ୍ରଣା ଜର୍ଜରିତ ମାନବାତ୍ମାର ମୂର୍ତ୍ତି ରୂପ। ବେଳେବେଳେ ନାରୀ ନିଜର ସାମର୍ଥ୍ୟକୁ ଚିହ୍ନ ପାରେ ନାହିଁ। ପୁରୁଷ କୈନ୍ଦ୍ରିକ ସମାଜରେ ନିଜ ସ୍ଥିତିକୁ ଜାହିର କରିବାରେ

କୁଣ୍ଠା ପ୍ରକାଶ କରେ। ସେତିକି ବେଳେ କତିପୟ ନାରୀ କବି ଆଗେଇ ଆସନ୍ତି ସେହି ନାରୀମାନଙ୍କର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନଇ ଦେବା ଉଦେଶ୍ୟରେ ସେହିପରି ଜଣେ ବାମାବାଦୀ କବି ଅପର୍ଣ୍ଣା ମହାନ୍ତି ନାରୀର ସାମର୍ଥ୍ୟକୁ ଦେଖାଇବାକୁ ଯାଇ ଲେଖିଛନ୍ତି। "ଦେଖ ମୁଁ ତୋତେ ଦେଇଥିଲି/ ଏ ସମ୍ପୂର୍ଣ୍ଣ ସମୟରୁ ସ୍ୱତନ୍ତ ଏକ ତିଥି/ ତୋର ବିଶୁଦ୍ଧ ନିଜତ୍ୱକୁ ଭରି, ମୁଁ ତୋତେ/ ଦେଇଥିଲି ପ୍ରତିଦାନର ପ୍ରତ୍ୟାଶା ନ ରଖି/ ମୁଁ ଖାଲି ଚିହ୍ନେଇ ଦେଇ ଥିଲି ତୋର ସାମର୍ଥ୍ୟକୁ"। (ଅସତୀ, ଅପର୍ଣ୍ଣା ମହାନ୍ତି )

ଅନ୍ୟତମ କବୀ ବ୍ରହ୍ମୋତ୍ରୀ ମହାନ୍ତି ନିଃସଙ୍ଗତା ଭିତରେ ନିଜକୁ ଆବିଷ୍କାର କରିଛନ୍ତି। କବୀଙ୍କ ଚେତନାର ଉତ୍ତରଣ ଘଟିଛି ଏବଂ ସେ ମୁକ୍ତି ଚାହିଁଛନ୍ତି ଶୂନ୍ୟତାରୁ, ରିକ୍ତତାରୁ - "ମୁଁ ଯେବେ ଏକାକୀ ଥାଏ, ସବୁ କିଛି ଖାଁ ଖାଁ ଲାଗେ/ ମୁଁ ନିଜକୁ ନିତି ନୂଆ ନୂଆ ରୂପରେ ଆବିଷ୍କାର କରେ/ ମୋ ସ୍ୱରୂପ ଦେହାତୀତ, ଶୂନ୍ୟତା ରୁ ଦେବା ପାଇଁ/ ମୁକ୍ତି ମୋତେ ସେମାନଂକୁ ଲୋଡ଼େ ମୋର ପାଶେ।" (ପ୍ରଦକ୍ଷିଣ, ବ୍ରହ୍ମୋତ୍ରୀ ମହାନ୍ତି )

ସେହିପରି 'ପ୍ରଥମ ପୁରୁଷ' କବିତାରେ ମୁଖ୍ୟ ଚରିତ୍ର ନାୟକ ପ୍ରତ୍ୟକ୍ଷ ଅନୁଭବ ମାଧମରେ କହୁଛି - ସମୟର କୌଣସି ପରିଚୟ ନାହିଁ, କୌଣସି ଅର୍ଥ ନାହିଁ ଓ ତାର ପ୍ରମୁଖ ସମସ୍ୟା ଏହା ଯେ କିପରି ଏହାର ନାମକରଣ କରାଯିବ। ପ୍ରେମରେ ବିତାଇଥିବା ପ୍ରତ୍ୟେକ କ୍ଷଣ ମୃତ୍ୟୁ ପରି ଭୟାନକ ଓ ମୁଁ ମୃତ୍ୟୁର ପ୍ରତି କ୍ଷଣରେ ବଞ୍ଚୁଛି।

ସମ୍ପ୍ରତି କବିତାରେ ଏହି ମୁଁତ୍ୱ ଭାବଟି ଆତ୍ମ ବିଶ୍ୱାସର ପ୍ରତୀକ ପାଲଟିଛି। କୃଷ୍ଣ କୁମାର ମହାନ୍ତିଙ୍କ ଶ୍ୟାମଳୀ ଦାସ କବିତାରୁ କାବ୍ୟ ନାୟିକାର ବଂଚିବାର ସଂଘର୍ଷ ଭିତରେ ନିଜର ଜୀବନ ଯନ୍ତ୍ରଣାର ସ୍ୱରକୁ ଅନୁଭବ କରିହୁଏ। "ମୁଁ ଶ୍ୟାମଳୀ ଦାସ, କୋମାରେ ଥିଲି/ ଥିଲି ନିରୁଦ୍ଦିଷ୍ଟା, ଆତ୍ମ ନିର୍ବାସନ ରେ ଥିଲି ନା ଥିଲି/ ମେଟାମରଫସିସ ରେ, ଆପଣ ମାନେ କହିପାରିବେ/ ମୁଁ ହେବି ଫୋଏନିକ୍ସ ନା ମୁଁ ହେବି ଫସିଲ। (ଶ୍ୟାମଳୀ ଦାସ, କୃଷ୍ଣ କୁମାର ମହାନ୍ତି )

**ଉପସଂହାର:** ଉପରୋକ୍ତ ଆଲୋଚନାରୁ ଜଣାଯାଏ ଜୀବନ ଜିଜ୍ଞାସାର ଅନ୍ତରଙ୍ଗ ଅଭିବ୍ୟକ୍ତି ତଥା ମାନବିକ ମୂଲ୍ୟବୋଧର ସୂଚନା ଏହି ସବୁ ଆଧୁନିକ କବି ମାନଙ୍କ କବିତାରେ ପରିଦୃଶ୍ୟମାନ। ଆହରଣ ଓ ଅନୁକରଣ ମାଧମରେ କବି ନିଜସ୍ୱତା ପ୍ରତିପାଦନ କରିଛି। ଆଧୁନିକ ଯୁଗ ମୁଖ୍ୟତଃ ଭାବ ସାନ୍ଦ୍ର ବ୍ୟକ୍ତିଧର୍ମୀ କବିତାର ଯୁଗ। କବି ତାର ଜୀବନର ବହୁ ଖଣ୍ଡିତ ମୁହୂର୍ତ୍ତକୁ କବିତାରେ ବାନ୍ଧିରଖିବାକୁ ଉଦ୍ୟମ କରିଛି। ଏହି ସବୁ କବି ମାନଙ୍କ କବିତାରେ (Dissociation of sensibility) ବା ଚେତନାର ବିଚ୍ଛେଦୀକରଣ ଦେଖିବାକୁ ମିଳିଛି। କବି ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡରେ ବଞ୍ଚେ। ତା' ଚାରି ପାଖରେ ହତାଶା, ବ୍ୟର୍ଥତା, ଚିରକାଳ ତାକୁ ଅଥୟ କରୁଥାଏ। ଏହି ବ୍ୟାକୁଳତାପଣକୁ କଳାତ୍ମକ ରୀତିରେ ରୂପ ଦିଏ କବିତାରେ। ତେଣୁ ଅତି ଚେତନ ଓ ଅବଚେତନ ସ୍ତର ଉନ୍ମୋଚନ କରିବା ପାଇଁ ଆଧୁନିକ କବି ମୁଁତ୍ୱ ଭାବର ସାହାଯ୍ୟ ନେଇଛି।

ସେହପରି ସାମସମୟିକ ତରୁଣ କବିଙ୍କ କବିତାରେ ମୁଁତ୍ୱ ଭାବର ସ୍ୱର ବାରି ହୋଇପଡ଼େ। ବାସ୍ତବିକ ମୁଁ କେତେବେଳେ ଏହି କବିମାନଙ୍କ କବିତାରେ ପ୍ରଶ୍ନବାଚୀ ହୋଇ ସୃଷ୍ଟି ହୋଇଛି ତ ଅନ୍ୟ କେତେବେଳେ ସମାଧାନର ଫର୍ଦ୍ଦ ପାଲଟିଛି। ଏହି ମୁଁତ୍ୱ ଭାବନାଟି କେତେବେଳେ ଆତ୍ମ ବିଶ୍ୱାସକୁ ସୂଚିତ କରିଛି ତ ପୁଣି କେତେବେଳେ ଆତ୍ମଶ୍ଳାଘାର ଚିତ୍ର ବହନ କରିଛି। କବିଟିଏ ଶବ୍ଦମାନଙ୍କୁ ସଂଖୋଳି ନିଏ। ଅର୍ଥ ମାନଂକୁ ଆଲିଙ୍ଗନ କରାଇ ନିଏ। ଅତଏବ ଆଧୁନିକ ଓଡ଼ିଆ କବିତାରେ କବି ନିଜର ଅସହାୟତା, ଅସଫଳତା, ଅସ୍ତିତ୍ୱକୁ ସୂଚାଇ ଦେବାକୁ ଏହି ମୁଁତ୍ୱ ଭାବକୁ ପ୍ରତୀକ ଭାବରେ ବ୍ୟବହାର କରିଛି। ଆଧୁନିକ ଓଡ଼ିଆ କବିତାର ଭାବଦ୍ୟୋତକ ଆତ୍ମିକପକ୍ଷ ରୂପେ ମୁଁତ୍ୱ ଭାବଟି ଆଧୁନିକତାର ଯୁଗ ଧର୍ମ ଓ ଯୁଗଚେତନାର କଳାତ୍ମକ ଦିଗକୁ ପ୍ରକାଶ କରିବାରେ ସହାୟକ ହୋଇଛି। ତେଣୁ ଆଧୁନିକ କବିତାରେ ମୁଁ ଏକ ଭାଷା ତାତ୍ତ୍ୱିକ ସଂକେତ ଓ ଅନ୍ତର୍ନିହିତ ଭାବର ସମନ୍ୱିତ ରୂପ ଭାବରେ ପ୍ରୟୋଗ ହୋଇଛି।


ସହାୟକ ଗ୍ରନ୍ଥସୂଚୀ:

୧. ମହାନ୍ତି, ଗୁରୁପ୍ରସାଦ। ୧୯୯୫। କବିତା ସମଗ୍ର। ଭୁବନେଶ୍ୱର: ଚତୁରଙ୍ଗ ପ୍ରକାଶନ।

୨. ଶତପଥୀ, ନିତ୍ୟାନନ୍ଦ। ୧୯୯୪। ସବୁଜରୁ ସାମ୍ପ୍ରତିକ। କଟକ: ଗ୍ରନ୍ଥମନ୍ଦିର।

୩. ସ୍ୱାଇଁ, ଦିଲୀପ କୁମାର। ୨୦୦୭। ନୂତନ କବିତାର ନକ୍ସା । କଟକ: ବିଜୟିନୀ ପ୍ରକାଶନ।

୪. ମହାରଣା, ସୌଭାଗ୍ୟବନ୍ତ। ୨୦୧୭। ସମକାଳୀନ ଓଡ଼ିଆ କବିତା। ଭୁବନେଶ୍ୱର: ଦିଶା ଓ ଦୃଷ୍ଟି ପବ୍ଲିସିଙ୍ଗ ହାଉସ।

୫. ମିଶ୍ର, ପ୍ରସନ୍ନ କୁମାର। ୧୯୯୮। କ୍ଷଷ୍ଣମହଲାର ସ୍ତ୍ରୀ ଲୋକ। କଟକ: ଓଡ଼ିଶା ବୁକ୍ ଷ୍ଟୋର।

୬. ପାଢ଼ୀ, ବିଭୁପ୍ରସାଦ। ୨୦୧୦। ତେତିଶ ଓଡ଼ିଆ କବି। ନିୟୁଏଜ ପ୍ରକାଶନ।

୭. ମହାନ୍ତି, ବ୍ରହ୍ମୋତ୍ରୀ। ୨୦୧୦। କବିତା ସମଗ୍ର। ଭୁବନେଶ୍ୱର: ପଶ୍ଚିମା ପ୍ରକାଶନ।

୮. ମହାନ୍ତି, ଅପର୍ଣ୍ଣା। ୨୦୧୦। ଅପର୍ଣ୍ଣା ମହାନ୍ତିମାନଙ୍କପାଇଁ କବିତା। କଟକ: ଓଡ଼ିଶା ବୁକ୍ ଷ୍ଟୋର।

୨. ରଥ, ରମାକାନ୍ତ। ୨୦୧୦। ଶ୍ରୀ ରାଧା। କଟକ: ଗ୍ରନ୍ଥମନ୍ଦିର।

୧୦. ପରିଡା, ରଂଜିତ କୁମାର। ୨୦୦୭। କବିପଣ ଓ ବିଚାର ଦୃଷ୍ଟି। କଟକ: ବିଜୟିନୀ ପ୍ରକାଶନୀ।

୧୧. ସାରଳା ସାହିତ୍ୟ ସଂସଦ। ୨୦୦୪। ସାମ୍ପ୍ରତିକ କବି ଓ କବିତା। କଟକ: ଓଡ଼ିଶା ବୁକ୍ ଷ୍ଟୋର।

୧୨. ପାଣିଗ୍ରାହୀ ନଳିନୀ କୁମାର। ୨୦୧୧। କବିତାର ବାସ୍ନା କବିର ବିଭୋରତା। ଭୁବନେଶ୍ୱର: ଏଥେନା ବୁକ୍।

### Funding

No funding was received for conducting this study.

### Does this article screened for similarity?

Yes

### Conflict of interest

The Author has no conflicts of interest to declare that they are relevant to the content of this article.

### About the Licenses

© **Dr. Shusri Sangita Swain 2025**. The text of this article is open access and licensed under a Creative Commons Attribution 4.0 International License

### Cite this Article :

Swain, Shusri Sangita, Adhunika Odia Kabitaare Mun'twa Bhaba, Bageesha, Vol. No. 03, Issue No. 01, January-February 2025, Article No: BM2025/01-A001| Page- 09-12| DOI: https://doi.org/10.70541/BAGEESHA/2025030101

BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan-Feb 2025
Refereed Peer-Reviewed Journal

# ନୟାଗଡ଼ ଜିଲ୍ଲାରେ ପ୍ରଚଳିତ ବିଭିନ୍ନ ଧର୍ମାଚାର

**ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢ**
ଓଡ଼ିଆ ଅଧ୍ୟାପିକା, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ନୟାଗଡ଼

BM2025/01-A002

RECEIVED : 15 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025

ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ପ୍ରଫେସର ଗୌରାଙ୍ଗ ଚରଣ ଦାଶ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

DOI: 10.70541/BAGEESHA/2025030102

Article No. BM2025/01-A002
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ନୟାଗଡ଼ ଏକ ଦେଶୀୟ ରାଜ୍ୟ। ଛବିଶ ଗଡ଼ଜାତ ମଧ୍ୟରେ ଅନ୍ୟତମ। ଲୋକମୁଖରେ 'ନବଦୁର୍ଗ', 'ନୂଆଗଡ଼', 'ଗଡ଼'। ଗଡ଼ଜାତ ମିଶ୍ରଣପରେ ୧୮୪୮ ମସିହାରେ, ଏହା ଆଧୁନିକ ଓଡ଼ିଶା ସହିତ ମିଶିଗଲା। ସେତେବେଳେ ଓଡ଼ିଶାର ଜିଲ୍ଲା ସଂଖ୍ୟା ତେର ଏବଂ ନୟାଗଡ଼ ପୁରୀ ଜିଲ୍ଲାର ଅଂଶ। ଏହି ଅଞ୍ଚଳ ବିବିଧ ସଂସ୍କୃତିକ ବିଭବରେ ବର୍ଣ୍ଣାଢ୍ୟ । ନୟାଗଡ଼ରେ ବଞ୍ଚୁଥିବା ବିଭିନ୍ନ ଜାତି ଓ ସଂଗୋଷ୍ଠୀର ମଣିଷମାନଙ୍କ ଜୀବନଚର୍ଯ୍ୟା କିପରି ସ୍ୱତନ୍ତ୍ର ଓ ମିଶ୍ର ତାହାର ସ୍ୱରୂପ ସଂପର୍କରେ ଅବଗାହନ ଓ ସାମାଜିକ ଓ ସଂସ୍କୃତିକ ଦୃଷ୍ଟିରେ ସେସବୁର ମୂଲ୍ୟାୟନ ଦିଗରେ ଉକ୍ତ ଆଲୋଚନାରେ ପ୍ରୟାସ କରାଯାଇଛି। ଯାହା ନୟାଗଡ଼ ମାଟିର ବୈଭବ ଓ ସ୍ୱାତନ୍ତ୍ର୍ୟର ପରିଚାୟକ।

**ମୂଳଶବ୍ଦ**: ନୟାଗଡ଼, ନୟାଗଡ଼ର ପର୍ବପର୍ବାଣି, ଧର୍ମାଚାର, ଓଷା-ବ୍ରତ, ଆଦିବାସୀ, ଶବର, ଦଣ୍ଡପର୍ବ, ନୟାଗଡ଼ର ଆଦିବାସୀ ପରଂପରା।

**ଉପକ୍ରମ:** ନୟାଗଡ଼ ଏକ ଦେଶୀୟ ରାଜ୍ୟ। ଛବିଶ ଗଡ଼ଜାତ ମଧ୍ୟରେ ଅନ୍ୟତମ। ଲୋକମୁଖରେ 'ନବଦୁର୍ଗ', 'ନୂଆଗଡ଼', 'ଗଡ଼'। ଯଦୁମଣି ମହାପାତ୍ରଙ୍କ 'ରାଘବ ବିଳାସ'ରେ ଏହା 'ନବୀନଦୁର୍ଗ'। (ମହାପାତ୍ର, ଚକ୍ରଧର: ୧୯୬୫, ପୃ- ୫୦୯) ଆୟତନ ପାଞ୍ଚଶହ ନବେ ବର୍ଗମାଇଲ୍। ପୂର୍ବରେ ରଣପୁର ଓ ବାଙ୍କୀ, ପଶ୍ଚିମରେ ଦଶପଲ୍ଲା, ଉତ୍ତରରେ ଖଣ୍ଡପଡ଼ା, ଦକ୍ଷିଣରେ ଘୁମୁସର ଓ ଗଞ୍ଜାମ ଗଡ଼ଜାତ। ଗଡ଼ଜାତ ମିଶ୍ରଣପରେ ୧୮୪୮ ମସିହାରେ, ଏହା ଆଧୁନିକ ଓଡ଼ିଶା ସହିତ ମିଶିଗଲା। ସେତେବେଳେ ଓଡ଼ିଶାର ଜିଲ୍ଲା ସଂଖ୍ୟା ତେର ଏବଂ ନୟାଗଡ଼ ପୁରୀ ଜିଲ୍ଲାର ଅଂଶ। ପରବର୍ତ୍ତୀ କାଳରେ, ୧୯୯୩ ମସିହାରେ, ଏହା ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା। ଓଡ଼ିଶା ପ୍ରଦେଶରେ ଏହାର ଆକାର ପ୍ରାୟ ଚାରିକୋଣିଆ। ପୂର୍ବରେ ଖୋର୍ଦ୍ଧା, ପଶ୍ଚିମରେ ବୌଦ୍ଧ ଓ କନ୍ଧମାଳ, ଉତ୍ତରରେ କଟକ ଓ ଦକ୍ଷିଣରେ ଗଞ୍ଜାମ ଜିଲ୍ଲା। ଆୟତନ ଚାରିହଜାର ସାତଶହ ବୟାଳିଶ ବର୍ଗକିଲୋମିଟର। ଜିଲ୍ଲାର ମାଟି ଦୁଇପ୍ରକାର, ସମତଳ ଓ ପାହାଡ଼ିଆ। ରହିଛି ଶୁଳିଆ, ଭଣ୍ଡାର, ଗୋଇସିଙ୍ଗା, ରକ୍ଷୀ, ବଳରାମ, ଗୟଳସିଂହ, ମାଙ୍କଡ଼ଖିଆ, ମଣିଭଦ୍ରା, ବିନ୍ଧ୍ୟଗିରି, ଶୁକରମଲ୍ଲ, ପଞ୍ଚୁପାଣ୍ଡବ, ରତ୍ନମାଳା, ରାଜଗିରି ଆଦି ପର୍ବତ। ଲୁଣା, ଡାହୁକା, କୁସୁମୀ, ନାଗଝର, ଦୁଆଣ୍ଟ, ଶୁଳିଆ, ଲୁଣିଝରା ଓ ମହାନଦୀ ଭଳି ଅନେକ ନଦୀ। ପାହାଡ଼ିଆ ଅଞ୍ଚଳରେ ଆଦିବାସୀ ଓ ସମତଳରେ ଅଣଆଦିବାସୀ ବାସଭୂମି।

ବୃହତ୍ତର ଅର୍ଥରେ ସମାଜ କହିଲେ ମଣିଷମାନଙ୍କ ସଂଗଠନ ବା ଗୋଷ୍ଠୀଗତ ଜୀବନଚର୍ଯ୍ୟାକୁ ବୁଝାଏ। ଗୋଷ୍ଠୀବଦ୍ଧତା କହିଲେ, ତାହା ସ୍ୱତନ୍ତ୍ର ଭାବରେ ଭାଷା, ଧର୍ମ ଓ ଈଶ୍ୱରବିଶ୍ୱାସ, ବୃତ୍ତି, ପ୍ରବୃତ୍ତି, ବିଚାର ବା ଭାବାଦର୍ଶ ଇତ୍ୟାଦି ଯେକୌଣସି ଗୋଟିଏ ଏହାର ଭିତ୍ତି ହୋଇପାରେ। ମାତ୍ର ଏହି ନିର୍ଦ୍ଦିଷ୍ଟମାନେ ମଧ୍ୟ ଅନେକ ସମୟରେ ଗୋଷ୍ଠୀମନ୍ତ୍ରର ଉପରେ ବଞ୍ଚିବାପାଇଁ ସ୍ୱତନ୍ତ୍ର ସଂଗଠନମାନ ତିଆରି କରିଥାନ୍ତି। ଅର୍ଥାତ୍ ନାନାଧର୍ମ, ନାନାଭାଷା, ନାନାବୃତ୍ତି, ନାନା ଭାବାଦର୍ଶର ମଣିଷମାନେ ନିଜର ସ୍ୱାତନ୍ତ୍ର୍ୟକୁ ସମ୍ମାନଦେବା ସହିତ ଭିନ୍ନ ଭାବାଦର୍ଶକୁ ମିତ୍ରକରି ଜୀବନ ବଞ୍ଚୁଥାନ୍ତି। ସ୍ପଷ୍ଟତର ଭାବରେ କହିଲେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ଗୋଟିଏଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ଓ ବିଚାରପୁଷ୍ଟ ସଂଗଠନର ସଦସ୍ୟ। ମାତ୍ର ବୃତ୍ତିଗତ ଜୀବନରେ

ସେମାନେ ଏକ ନିର୍ଦ୍ଦିଷ୍ଟ ଭାବାଦର୍ଶକୁ ସ୍ୱୀକାର କରିପାରନ୍ତି; ସଂଗଠନଟିଏ ତିଆରି କରିପାରନ୍ତି। ତେଣୁ ସମାଜର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପଣ କରିବା ଆଦୌ ନିରାପଦନୁହେଁ। ଏହି ଭାବାଦର୍ଶ ଆଧାରରେ ଆମେ ନୟାଗଡ଼ ନାମରେ ପରିଚିତ ଏକ ରାଜନୀତିକ ଆୟତନରେ ବଞ୍ଚୁଥିବା ମଣିଷମାନଙ୍କର ସମାଜଜୀବନ ଚର୍ଚ୍ଚା କରିପାରିବା ।

ପ୍ରତ୍ୟେକ ସମାଜ ବହୁ ବିଧିଦ୍ୱାରା ନିୟନ୍ତ୍ରିତ। ବିଧିଗୁଡ଼ିକ ତା'ର ପରିଚିତି; ମାତ୍ର ଏହାର ଅର୍ଥ ନୁହେଁ ଯେ ଗୋଟିଏ ସମାଜଦ୍ୱାରା ଅନୁସୃତ ବିଧି ଅନ୍ୟ ସମାଜଠାରୁ ସଂପୂର୍ଣ୍ଣ ଭିନ୍ନ ବା ସ୍ୱତନ୍ତ୍ର। ତାହାର କାରଣ ପ୍ରତ୍ୟେକ ମଣିଷଭିତରେ ବହୁ ବିଚାର ଓ ବିଶ୍ୱାସ ସମଭାବରେ କ୍ରିୟାଶୀଳ ଏବଂ ପ୍ରତ୍ୟେକ ମଣିଷ ପରସ୍ପରଦ୍ୱାରା ବହୁଭାବରେ ପ୍ରଭାବିତ ଓ ନିୟନ୍ତ୍ରିତ। ସେଥିପାଇଁ କୁହାଯାଏ, କୌଣସି ସମାଜର ଆତ୍ମପରିଚିତି ପୂର୍ଣ୍ଣତଃ ସ୍ୱତନ୍ତ୍ର ନୁହେଁ , ମିଶ୍ର। ତେଣୁ କୌଣସି ଜନସମୁଦାୟର ଜୀବନଚର୍ଯ୍ୟାର ପରିଚର୍ଚ୍ଚା କାଳରେ ଆମକୁ ସେହି ମିଶ୍ରତାଭିତରେ ସ୍ୱତନ୍ତ୍ରତାକୁ ହିଁ ଖୋଜିବାକୁପଡ଼ିଥାଏ ଏବଂ ବେଳେବେଳେ ସ୍ୱାତନ୍ତ୍ୟ ଖୋଜିଲାବେଳେ ଜଣାପଡ଼େ, ତାହା ସ୍ୱତନ୍ତ୍ର ନୁହେଁ , ବହୁ ଭାବରେ ଅନ୍ୟ ସଂପୃକ୍ତ। ନୟାଗଡ଼ର ମଣିଷମାନେ ମଧ ସ୍ୱତନ୍ତ୍ର ଓ ଅନ୍ୟ ସଂପୃକ୍ତିର ଉଦାହରଣ ।

କୌଣସି ଜନସମୁଦାୟର ଜୀବନ ଚର୍ଯ୍ୟାରେ ସ୍ୱାତନ୍ତ୍ୟ ଓ ମିଶ୍ରତାବୋଧ ସଂକ୍ରାନ୍ତରେ ଚର୍ଚ୍ଚା କାଳରେ ଆମକୁ ମୁଖ୍ୟତଃ ପାରିବାରିକ, ବଂଶଗତ ଏବଂ ଗୋଷ୍ଠୀଗତ ବିଚାରନିର୍ଭର ହେବାକୁପଡ଼ିବ। ପାରିବାରିକ ବା ବଂଶଗତ ଜୀବନଚର୍ଯ୍ୟା କହିଲେ ଜଣେ ମଣିଷର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନଚର୍ଯ୍ୟାର ନାନା ପର୍ଯ୍ୟାୟରେ ଅନୁଷ୍ଠିତ ବିଧି ଏବଂ ଗୋଷ୍ଠୀଗତ ଜୀବନଚର୍ଯ୍ୟା କହିଲେ ବିଭିନ୍ନ ବଂଶର ମଣିଷମାନଙ୍କର ସାମୂହିକ ଜୀବନଚର୍ଯ୍ୟା ଅର୍ଥାତ୍ ଧର୍ମାଚାର, ବୃତ୍ତି, ନାଚ, ଗୀତ, ଅଭିନୟ, ଭାଷା ଆଦି ନାନାକ୍ଷେତ୍ରରେ ସଂଗଠିତ ଜୀବନଚର୍ଯ୍ୟାକୁ ହିଁ ବୁଝାଏ। ନୟାଗଡ଼ରେ ବଞ୍ଚୁଥିବା ବିଭିନ୍ନ ଜାତି ଓ ସଂଗୋଷ୍ଠୀର ମଣିଷମାନଙ୍କ ଜୀବନଚର୍ଯ୍ୟା କିପରି ସ୍ୱତନ୍ତ୍ର ଓ ମିଶ୍ର – ଏ ସଂପର୍କରେ ମଧ ଚର୍ଚ୍ଚା କରାଯାଇପାରିବ; ମାତ୍ର ଏହି ଚର୍ଚ୍ଚା କାଳରେ ଗୋଟିଏ କଥା ସ୍ୱଷ୍ଟ ଯେ, ଏଠି ବଞ୍ଚୁଥିବା ମଣିଷମାନଙ୍କ ଜୀବନଚର୍ଯ୍ୟା ଆଟବିକ ଓ ବହିରାଗତମାନଙ୍କ ଭାବାଦର୍ଶର ପରିଣୟ। ଉକ୍ତ ଆଲୋଚନା ଏ କ୍ଷେତ୍ରରେ ଏକ ବିହଙ୍ଗାବଲୋକନ ।

**ବିଷୟର ଆଲୋଚନା:** ନୟାଗଡ଼ର ଅଣଆଟବିକମାନେ ପ୍ରାୟ ଏକପ୍ରକାର ପର୍ବ ପାଳନକରନ୍ତି। କେତେକ କ୍ଷେତ୍ରରେ ଆଟବିକମାନେ ଏମାନଙ୍କ ଭଳି ପର୍ବ ପାଳନକଲେଣି। ନୟାଗଡ଼ର ଆଦିବାସୀମାନଙ୍କ ମଧରେ ଶବରମାନେ ପୁରାତନ ଓ ପରିଚିତ। କଣ୍ଟିଲୋରୁ ଗୋଟିଏ କିଲୋମିଟର ଶବରପଲ୍ଲୀରେ ନୀଳମାଧବ ମନ୍ଦିର। ଏଠାକାର ଶବରମାନେ ଚାରିପ୍ରକାରର। ଜାରାଶବର, ବ୍ୟାଧଶବର, ବସୁଶବର ଓ କେଳାଶବର। ବର୍ତ୍ତମାନ ଶବରମାନେ ଲୋକ ମୁଖରେ 'ସଅର'। ଶବରଭାବରେ ଗର୍ବିତ ଏ ଜାତି ସାଧାରଣ ବର୍ଗରେ ସଅର ଭାବେ ଅଛୁଆଁ।

ଧନୁସଂକ୍ରାନ୍ତିରେ ଏମାନେ ପର୍ବ ପାଳନ୍ତି। ନୀଳମାଧବ, ବିଶ୍ୱାବସୁ, ଲଳିତା-ଦେବତା। ଲଳିତା କୁଳଦେବୀ; ଲକ୍ଷ୍ମୀ। ବିଭିନ୍ନ ଚେର, ମିଠାକୋଳି ଏବଂ ଅନ୍ୟାନ୍ୟ ଜଙ୍ଗଲି ଫୁଲଫଳ ଦେଇ ପୂଜାହୁଏ। କନ୍ଧମାନେ କାଠଖୁଣ୍ଟିକୁ ପୂଜା କରନ୍ତି। ମାଟି ଦେବତାକୁ ପୂଜାକରନ୍ତି। ରକ୍ତ ଦିଅନ୍ତି। ଜାନୀ ପୂଜାକରେ। କୁକୁଡ଼ା, ଘୁଷୁରୀ, ମଇଁଷି ବଳିପଡ଼େ। ବିଶ୍ୱାସରକ୍ତ ପାଇଲେ ମାଆ ଭଲ ଫସଲ ଦେବ। ରୋଗରୁ ମୁକ୍ତିଦେବ। ଦଶପଲ୍ଲା ବୁଗୁଡ଼ାରେ ପୂଜାପାଆନ୍ତି ଆଦିବାସୀ ଦେବୀ ମଣିନାଗ। ଫାଲ୍‌ଗୁନମାସର ସପ୍ତମୀ ଓ ଅଷ୍ଟମୀ ତିଥିରେ ଏମାନେ ପର୍ବ ପାଳନ୍ତି। ପୁଷପୂର୍ଣ୍ଣିମା ଏଠାକାର ଅନ୍ୟଏକ ବଡ଼ପର୍ବ। ଗଛତଳେ ପଥରକୁ ନୂଆ ସିନ୍ଦୁର ମାରି ଦେବୀ ଭାବେ ପୂଜାକରନ୍ତି। ତାକୁ ପଶୁବଳି ଦେଇଥାନ୍ତି। ମଙ୍ଗଳା ଏମାନଙ୍କର ସାହା ଭରସା, ବାପା-ମାଆ।

ନୟାଗଡ଼ର ପର୍ବପର୍ବାଣି ମଧରେ ରାମନବମୀ, ଦୋଳ, ଦଣ୍ଡପର୍ବ, ଜାଗରଯାତ୍ରା, ଦଶହରା ଭଳି ଅନେକ ପର୍ବ ପାଳନକରାଯାଏ। ଏଗୁଡ଼ିକ ଗଣପର୍ବ। ଗାଆଁ ଗହଳିରେ ଓଷାବ୍ରତ ହୁଏ। ବିଧି ଓ ପରମ୍ପରା ଦୃଷ୍ଟିରୁ ଓଷା ଓ ବ୍ରତ ଭିନ୍ନଭିନ୍ନ। ନାରୀମାନେ ଓଷାକରନ୍ତି। ବ୍ରତ ଉଭୟ ନାରୀ ଓ ପୁରୁଷମାନେ କରନ୍ତି। ନୟାଗଡ଼ର କେତେକ ସ୍ଥାନରେ ଓଷା ଉଭୟ ବାଳକ ଓ ବାଳିକାମାନେ କରନ୍ତି। ଖାଦ୍ୟପେୟରେ ବିଧି ମୁତାବକ ସଂଯମକୁ ଏଠାରେ ଉପବାସ ବୋଲି ମାନନ୍ତି। ଓଷାବ୍ରତ ଲୌକିକ ହିନ୍ଦୁଧର୍ମର ଅନ୍ତର୍ଭୁକ୍ତ। ଆର୍ଯ୍ୟ ବସତି ବିସ୍ତାର ପୂର୍ବରୁ ଓଡ଼ିଶାର ଆଦିମ ଜନଗୋଷ୍ଠୀରେ ଏଗୁଡ଼ିକ ପ୍ରଚଳିତ ଥିଲା। ପରେ ଆର୍ଯ୍ୟମାନେ ଏଥିରେ ସାମିଲ୍ ହୋଇଛନ୍ତି। ବ୍ରତପାଇଁ ପୁରୋହିତଙ୍କ ଆବଶ୍ୟକତା ରହିଥାଏ। ଓଷାରେ ଝିଅମାନେ ଓ ନାରୀମାନେ ନିଜେ ପୂଜାକରନ୍ତି ଓ ଓଷାବହି ପଢ଼ନ୍ତି। ବ୍ରତ ବା ଓଷା କଥା ଶୁଣିବାର ଗୁରୁତ୍ୱ ରହିଥାଏ। ଓଷା ଲୌକିକ; ବ୍ରତ ବୈଦିକ। ଏହାର ପୋଥି ବା ବହିର ଲେଖକ ପ୍ରାଚୀନ ଓ ମଧକାଳୀନ କବିବୃନ୍ଦ। ବହିର କାହାଣୀ ପଦ୍ୟ ବା ପଦ୍ୟାତ୍ମକ ଗଦ୍ୟ। ପ୍ରାୟ ପ୍ରତ୍ୟେକ ଛାନ୍ଦ ବା ଅଧାୟର ଭଣିତାରେ ସ୍ରଷ୍ଟାର ନାମ ରହିଥାଏ। ସମାଜ ଜୀବନ, ଧର୍ମ ଜୀବନ ଓ କେତେକ ଲୋକାଚାର ସମ୍ବନ୍ଧରେ ଉକ୍ତ ଓଷାବ୍ରତ ବହି ଆମକୁ ସୂଚନା ଦେଇଥାଏ।

**ନାଗୁଲିଚଉଠୀ:** ନାଗଚତୁର୍ଥୀ କାର୍ତ୍ତିକ ଶୁକ୍ଳଚତୁର୍ଥୀ ବେଳ ଦଶଘଡ଼ିକୁ ପାଳନ କରାଯାଏ। ଗାଆଁରେ ଏହା ନାଗଲଚଉଠୀ, ନାଗୁଲିଚଉଠୀ। ନାଗ ଏହି ପୂଜାର ଆରାଧ। ପୂଜାପାଇଁ କୋଠି ତିଆରି କରାଯାଏ। କୋଠି କହିଲେ ଚାରିକୋଣିଆ ଗାତ। ଗାତ ପାଖରେ ଉଇହୁଙ୍କା, ଗଛପତ୍ର ଏବଂ ମୁରୁଜ। ପୂଜାର ସ୍ଥାନ ପୋଖରୀ କୂଳ। କେହିକେହି ଦାଣ୍ଡରେ ବି କୋଠି ତିଆରିକରନ୍ତି। ହୁଙ୍କା ପାଖରେ ଚକଟା ଅଟାରେ ନାଗ-ନାଗୁଣୀ ପ୍ରତିମା ସ୍ଥାପନ କରାଯାଏ। ନାଗ-ନାଗୁଣୀଙ୍କ ଉପରେ କ୍ଷୀର ଢଳାଯାଏ। କ୍ଷୀର ପାଦୁକ ହୋଇଯାଏ। ପାଦୁକରେ ପିଲାଙ୍କ ଆଖି କାନ ଧୋଇଦେଲେ ଏ ଦୁଇ ପ୍ରତ୍ୟଙ୍ଗ ରୋଗମୁକ୍ତ ହୁଏ ବୋଲି ବିଶ୍ୱାସ

ରହିଛି। ସାପର ସନ୍ତୁଷ୍ଟିକରଣ ଏହି ଓଷା ପାଳନର ଉଦ୍ଦେଶ୍ୟ।

ରଘୁନାଥ ଦାସଙ୍କ ନାଆଁରେ ଭଣିତ ନାଗଲଚଉଠୀ ବହି ରହିଛି। କୁହାଯାଇଛି- ଭାରତ ନାମେ ମଣ୍ଡଳ। ମଣ୍ଡଳରେ କୋଶଳ ନାମକ ଦ୍ୱୀପ। ଦ୍ୱୀପରେ ଅବନ୍ତୀ ନାମେ ନଗ୍ର। ନଗ୍ରରେ ସାଧବ ଘର। ତାହାର ସାତ ପୁଅ, ସାତ ବୋହୂ। ସାନବୋହୂକୁ ଶାଶୁ ସୁଖପାଏନି। ସବୁବେଳେ ଘର କାମ କରାଏ। ନାଗମାତାଙ୍କର ମଧ ସାତ ପୁଅ। ସେମାନେ ଦିନେ ନଈରେ ଗଡ଼ିଶାମାଛ ହୋଇ ଖେଳୁଥିଲେ। ଶାଶୁ ନଈକୁ ଗାଧୋଇଗଲେ। ମାଛ ଦେଖିଲେ। ଲୋଭ ହେଲା। ଧରିଆଣି ସାନବୋହୂକୁ ଦେଲେ। ତରକାରୀ କରିବାକୁ କହିଲେ। ବୋହୂ ମାଛ ନକାଟି ପୁଡ଼ାଟିଏ କରି ଚାଳରେ ଖୋସିଦେଲା। ଭାଜିବାକୁ ମନେନାହିଁ। ମନେପଡ଼ିବାରୁ ପୁଡ଼ାଟି ଖୋଲିଦେଖିଲା ତା' ଭିତରେ ସାତୋଟି ନାଗ ଛୁଆ। ସେମାନେ ଘରର ଇଶାଣ କୋଣକୁ ଚାଲିଗଲେ। ଲୁଚିଲେ। ବୋହୂ ସେମାନଙ୍କୁ ଖାଇବାକୁଦେଲା। ସେମାନେ ବଡ଼ହେଲେ। ବୋହୂ ତାଙ୍କୁ ନେଇ ହୁଙ୍କାରେ ଛାଡ଼ିଦେଲା। ସାନବୋହୂର ସାପମାନଙ୍କ ପ୍ରତି ପ୍ରେମ ନାଗମାତା ଜାଣିପାରିଲେ। ଶ୍ରଦ୍ଧାରେ ତାକୁ ଝିଅ କଲେ। ଝିଅ ଭଳି ବେଭାର ବି କଲେ। ଓଷା ପାଳିବାକୁ କହିଲେ। କହିଲେ ଓଷାର ଦେବତା ହେବେ ନାଗ ଏବଂ ସେମାନଙ୍କୁ ପୂଜାକଲେ ସାପ ଦଂଶନ ଭୟରୁ ମୁକ୍ତ ହେବେ। ସାନବୋହୂ ନାଗମାତାଙ୍କ କଥା ସ୍ୱୀକାର କଲା। ସେ ହେଲା ନାଗ ପୂଜାର ପ୍ରଥମ ବ୍ରତଚାରିଣୀ। ଗଞ୍ଜାମରେ ଭିନ୍ନ ପ୍ରକାର କାହାଣୀ ପ୍ରଚଳିତ। ମାତ୍ର ନାଗରୂପୀ ବାସୁକି ପୂଜନ ହିଁ ଏହି ବ୍ରତର ଉଦ୍ଦେଶ୍ୟ।

**ବଡ଼ଓଷା:** କାର୍ତ୍ତିକ ପୂର୍ଣ୍ଣିମାରେ ଧବଳେଶ୍ୱର ପୀଠରେ ବଡ଼ଓଷା ହୁଏ। ସମସ୍ତଙ୍କଘରେ ଏ ଓଷା ନଥାଏ। ରାଜା କ୍ରତୁ ଓ ନାଗପୁର ରାଜକନ୍ୟା ହରପ୍ରିୟାଙ୍କ ବିବାହ, ରାଜ୍ୟ କ୍ଷୟ, ଶିବଙ୍କ କୋପର ଶିକାର କଥା ଓଷା ବହିରେ ବର୍ଣ୍ଣିତ। କୁଷ୍ଠ ରୋଗରେ ରାଜା ପୀଡ଼ିତହେଲେ। ରାଣୀ ଜଣେ ସନ୍ନ୍ୟାସୀଙ୍କ ପରାମର୍ଶରେ ବଡ଼ଓଷା କରି ସ୍ୱାମୀଙ୍କୁ ନିରୋଗକଲେ। ନିରୋଗ ଜୀବନ ଓ ସନ୍ତାନ ପ୍ରାପ୍ତିପାଇଁ ଓଷାର ପରିକଳ୍ପନା।

**ଶନିଓଷା:** ଦ୍ୱିଜ ଘନଶ୍ୟାମ ରଚିତ ଓଷାବହିରେ ଶିବ ବକ୍ତା, ପାର୍ବତୀ ଶ୍ରୋତା। ଏଥିରେ ଶନିଜନ୍ମ, ଶନିଦଶାର ଭୟବହତା ଓ ମୁକ୍ତିର ମାର୍ଗ ବର୍ଣ୍ଣିତ। ଶନିପୂଜାଦ୍ୱାରା ରୋଗକ୍ଷୟ, ଶତ୍ରୁକ୍ଷୟ ଆଦି ଶୁଭଫଳ ମିଳେ ବୋଲି ଏ ଓଷା ପ୍ରଚାର କରେ।

**ବିରଞ୍ଚିନାରାୟଣ ବ୍ରତ:** କେବଳ ବୈଶାଖମାସ ରବିବାର ଶୁକ୍ଳ ଏକାଦଶୀ ତିଥି ଏହି ବ୍ରତ ପାଳନର ସମୟ। ଏଥିରେ ଦେବତା ବିରଞ୍ଚିନାରାୟଣ। ତ୍ରେତୟା ଯୁଗ। ସୁବ୍ରତ, ସୁତପୀ ଦମ୍ପତି। ସୂର୍ଯ୍ୟଙ୍କ ବ୍ରତ ନକରିବାରୁ କୋପର ଶିକାରହେଲେ। ଦରିଦ୍ର ହେଲେ। ଦୁଇଟି ଝିଅ, ପୁଅ ନାହିଁ। ଘଟଣା କ୍ରମେ ଝିଅଦୁଇଟି ଘରଛାଡ଼ି ବଣକୁ ଚାଲିଗଲେ। ଦୈବାତ୍ ସେଦିନ ବୈଶାଖ ରବିବାର ଶୁକ୍ଳଏକାଦଶୀ ରବିନାରାୟଣବ୍ରତ। ବଣରେ ତୁଳସୀ, ଅଁଳା ଗଛପାଖରେ ଦେବକନ୍ୟାମାନେ ବ୍ରତକରୁଥିଲେ। ଝିଅଙ୍କ କାନ୍ଦଣା ଶୁଣି ତାଙ୍କୁ ସେମାନେ ପୂଜାପାଖକୁ ନେଲେ। ଝିଅମାନେ ପୂଜାକରି ସୂର୍ଯ୍ୟଙ୍କୁ ସନ୍ତୁଷ୍ଟକଲେ। ସୁବ୍ରତ, ସୁତପୀ ଧନ ଓ ପୁତ୍ର ଲାଭକଲେ। ଦୁଇ କନ୍ୟା ରଜା ପୁଅ ଓ ମନ୍ତ୍ରୀ ପୁଅ ବରିଲେ ।

**ମୋହିନୀ ଏକାଦଶୀ:** ବୈଶାଖ ମାସରେ ମୋହିନୀଏକାଦଶୀ। ଜନୈକ ଜଗନ୍ନାଥ ଦାସଙ୍କ 'ଏକାଦଶୀ ମାହାତ୍ମ୍ୟ' ଗ୍ରନ୍ଥରେ ଏହିବ୍ରତର ବିଷୟ ବର୍ଣ୍ଣିତ। ଏକାଦଶୀ ପାଳନକଲେ ଅବନ୍ତୀର ଚଣ୍ଡାଳରାଜା। ତାଙ୍କର ପାପପୂଣ୍ୟ ବିଚାରରୁ ଯମଦୂତ ଓ ବିଷ୍ଣୁଦୂତଙ୍କ ମଧ୍ୟରେ ହେଲା ମତାନ୍ତର। ବ୍ରହ୍ମା ସମାଧାନ କରିବାକୁ ଯାଇ ଏକ ପରୀକ୍ଷାଦ୍ୱାରା ଯମଙ୍କୁ ଏକାଦଶୀର ମହତ୍ତ୍ୱ ବୁଝାଇଲେ। ପାପ ଅନେକ ଥିଲେ ମଧ ଏକାଦଶୀ ମାହାତ୍ମ୍ୟରୁ ବୈକୁଣ୍ଠପ୍ରାପ୍ତିର ପ୍ରଚାର କରେ ଏହି ବ୍ରତ।

**ସାବିତ୍ରୀ ବ୍ରତ:** ଏହା ସମଗ୍ର ଭାରତରେ ପାଳନ କରାଯାଏ। ଏହାର କାହାଣୀ ସହିତ ଆମେ ଖୁବ୍ ପରିଚିତ। ନୂଆଲୁଗା, ଅଳତା, ସିନ୍ଦୁରକୁ ପୂଜାକରି ସଧବାମାନେ ଏହି ଦିନ ପିନ୍ଧିଥାନ୍ତି।

**ଶୁଭଚଣ୍ଡୀ ଓଷା:** ଝିଅଟିଏ ବାହା ହୋଇନପାରିଲେ ବାପା, ମାଆ ବ୍ୟସ୍ତହୁଅନ୍ତି। ଜଲ୍‌ଦି ବାହାଯୋଗ ମନାସି ମାଆ ଶୁଭଚଣ୍ଡୀ ଓଷା କରେ। ଝିଅ ବାହାହୋଇ ପ୍ରଥମେ ଯେଉଁଦିନ ବାପଘରକୁ ଆସେ ସେଦିନ ଏହି ଓଷା ହୁଏ। ଝିଅ ଦୁଆରମୁହଁରେ ପହଞ୍ଚିବା ଆଗରୁ ଓଷା ସରିଥାଏ। ଏଥିରେ ଦେବତା ମଙ୍ଗଳା। ଏ ଓଷାରେ ବ୍ରାହ୍ମଣ ବରଣର ଆବଶ୍ୟକତା ନାହିଁ। ଚଉରା ମୂଳ ଲିପାପୋଛା କରି ମୁରୁଜରେ ମଙ୍ଗଳାଙ୍କ ରୂପ ଲେଖାଯାଏ। ପାଖ ପଡ଼ିଶାରୁ ସାତଜଣ ସଧବା ନାରୀଙ୍କୁ ଡାକିଆଣି ସିନ୍ଦୁର, ଅଳତା ଦେଇ; ଝିଅର ମାଆ ମୁଣ୍ଡ କୁଣ୍ଡାଇଦିଏ। ଏହାରି ମାଧ୍ୟମରେ ଦେବତାଙ୍କୁ ଧନ୍ୟବାଦ ଦିଆଯାଏ।

**କୃଷ୍ଣ ଜନ୍ମାଷ୍ଟମୀ:** ଏହା ସାରା ଭାରତରେ ପାଳିତ ହୁଏ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀତିଥିରେ ମଧ୍ୟରାତ୍ରିରେ ବ୍ରାହ୍ମଣ ଡକାହୁଅନ୍ତି। ଭାଗବତରୁ କୃଷ୍ଣଜନ୍ମ ପ୍ରସଙ୍ଗ ଓ ଗୋପଲୀଳା ପାଠକରାଯାଏ। ନୟାଗଡ଼ର ଘରେଘରେ ଜନ୍ମାଷ୍ଟମୀକୁ ନାରୀ, ପୁରୁଷ- ଉଭୟ ପାଳନ କରନ୍ତି।

**କେଦାର ବ୍ରତ:** କାର୍ତ୍ତିକ ପୂର୍ଣ୍ଣିମାରେ ବ୍ରତ ପାଳନ। ଚକୁଳିଆ ପଣ୍ଡାର ଦୁଇଝିଅ ଦେବକନ୍ୟାମାନଙ୍କଠାରୁ ବ୍ରତ ବିଧି ଜାଣିଲେ। ବ୍ରତ କରିବାରୁ ସେମାନଙ୍କୁ ଅଚଳାଚଳ ସମ୍ପତ୍ତି ମିଳିଲା। ଦିନକର କଥା ପଣ୍ଡିଆଣୀ ଗର୍ବରେ ସୂତା ବ୍ରତ ଛିଣ୍ଡାଇ କଲରା ଗଛମୂଳକୁ ଫୋପାଡ଼ିଦେଲା। ଭାବିଲା ସୁନାବ୍ରତ ନାଇବ। ଅଭାବ ନଥାଏ। ହେଲେ ବ୍ରତ କାଢ଼ିବାଠୁ ସେମାନେ ଦରିଦ୍ରହେଲେ। ଝିଅମାନେ ରାଜା ବଳିଭୋଜଙ୍କୁ ବିଭା ହୋଇଥାନ୍ତି। ପଣ୍ଡାଘରେ କିନ୍ତୁ ଅଭାବ। ବ୍ରତ ପଡ଼ିଥିବା କଲରା ଗଛରେ ସୁନା କଲରା ଫଳିଲା। ତାକୁ ବିକି ପଣ୍ଡାଘର ଚଳିଲା ; ମାତ୍ର ଅଭାବ ମେଣ୍ଟିଲା ନାହିଁ। ଝିଅମାନଙ୍କୁ ଯୋଗୁଁ ବ୍ରତ ମିଳିଲା। ପୁଣି ବ୍ରତକରିବାରୁ ସେମାନଙ୍କ ସୁଖର ଦିନ ଫେରିଲା।

**ଖୁଦୁରୁକୁଣୀ:** ଓଷା ଭାଦ୍ରବ ରବିବାରରେ ହୁଏ। ଗୋପୀନାଥ ଦାସ ବହି ଲେଖକ। କୁମାରୀମାନେ ଓଷେଇତି। କେତେକାଂଶରେ ବିବାହିତାମାନେ ମଧ ଓଷା କରନ୍ତି। ରାତିରୁଉଠି ଫୁଲତୋଳାଯାଏ। ଫୁଲଗୁଚ୍ଛା ପର୍ଯ୍ୟାୟରେ

କେତେ ହସ କଉତୁକ ହୁଏ। ଆମ୍ରତୋରଣସହ ଭଳିକିଭଳି ଫୁଲମାଳରେ ଗାଆଁଦାଣ୍ଡ ହସୁଥାଏ। ସାହି ଝିଅମାନଙ୍କ ମଧ୍ୟରେ ପ୍ରତିଯୋଗିତା। ତାପରେ ମେଳହୋଇ ଗାଆଁ ପୋଖରୀ କିମ୍ବା ନଈରେ ଗାଧୁଆ। ଏ ସମୟ ଖୁବ୍ ଉପଭୋଗ୍ୟ। ବାଲୁକାପୂଜା ସାରି ଯେଝା ଘରକୁ ପିଲାଏ ଫେରନ୍ତି। ହୁଳହୁଳି ପଡୁଥାଏ। ଦ୍ୱିପ୍ରହରରେ ଆରମ୍ଭ ହୁଏ ପୂଜା। ଭାଲୁକୁଣୀ, ଓଷା କହାଣୀ ଭିତ୍ତିକ ପଟ୍ଟଚିତ୍ର ପୂଜା କରାଯାଏ। ଏବେ ଭାଲୁକୁଣୀ ହିଁ ମଙ୍ଗଳା।

ରାତିକୁ ପୁଣିଥରେ ପୂଜାହୁଏ। ଓଷା ବହି ପଢ଼ାଯାଏ। କୋଠି କୋଣରେ ଲିଆ ଜଳାଯାଏ। କପଡ଼ାରେ ମୋବିଲ୍/ କିରୋସିନ୍ ଗୁଡ଼ାଇ ତେଣ୍ଟା (ଶାଖା ବିଶିଷ୍ଟ ଡାଳ)ରେ ନିଆଁ ଲଗାଯାଏ। ବହିର ବୋଇତ ବନ୍ଦାଣ ସମୟରେ ଓଷେଇତି ଲିଆ ମୁଠାକରେ ତାକୁ ବନ୍ଦାନ୍ତି। ତା'ପରେ ବାଣଫୁଟେ। ଏଠି ବି ପ୍ରତିଯୋଗିତା। ପରଦିନ ଚାରିଟା ରାତିରୁ ଓଷେଇତିମାନେ ଉଠି ଓଷାକୋଠି ସଫାକରି ଫୁଲପତ୍ରକୁ ପାଣିରେ ଉଖାନ୍ତି। ତୁଠରେ ବାଣ ଫୁଟେ। ଏପରି ପାଞ୍ଚପାଳି ରବିବାର ଓଷା ହୁଏ।

ଓଷା ବହିରେ ତଅପୋଇ ମୁଖ୍ୟ। ତା'ର ସାତଭାଇ। ସାତ ଭାଉଜ। ସେ ବାପା ମାଆଙ୍କୁ ଅଳିକରି ସୁନାଚାନ୍ଦ ପାଇଲା। ବାପା ମାଆଙ୍କୁ ହରାଇଲା। ଭାଇଗଲେ ବଣିଜକୁ। ଭାଉଜମାନେ କଷ୍ଟ ଦେଲେ। ଛେଳି ଚରାଇବାକୁ ପଠାଇଲେ। ଭଲଲୁଗା, ତେଲ, ଭାତ କିଛି ବି ଦେଲେନାହିଁ। ସାନଭାଉଜ ଭଲ। ସେ କିନ୍ତୁ ଅନ୍ୟ ଛଅଜଣଙ୍କୁ ଡରେ। ଏରୂପେ ଦିନେ ଛେଳି ଘରମଣି ହଜିଲା। ମାଡ଼ଖାଇ ତଅପୋଇ ଛେଳି ଖୋଜୁଖୋଜୁ ଖୁଦୁରୁକୁଣୀ (ଖୁଦରଙ୍କୁଣୀ) ଓଷା ବୃତ୍ତାନ୍ତ ଜାଣିଲା। ଓଷା କଲା। ଛେଳି ମିଳିଲା; ଭାଇମାନେ ବି ବିଦେଶରୁ ଫେରିଲେ। ଭାଇ- ଭଉଣୀ ମିଶି ଭାଉଜମାନଙ୍କୁ ଦଣ୍ଡଦେଲେ। ତଅପୋଇ ବିଭାହେଲା। ଅଭିଶାପରୁ ମୁକ୍ତ ହୋଇ ତଅପୋଇରୂପୀ ଅପ୍ସରା ସ୍ୱର୍ଗକୁ ଗଲା। ମଙ୍ଗଳାଙ୍କ ସ୍ତୁତିକରିବା ଏହି ଓଷାପାଳନର ଉଦ୍ଦେଶ୍ୟ। ଭାଇର ଶୁଭମନାସି ଭଉଣୀ ଏହି ଓଷା କରେ।

**ପଞ୍ଚୁକବ୍ରତ:** ପଞ୍ଚୁକ ପାଞ୍ଚଦିନିଆ ବ୍ରତ। କାର୍ତ୍ତିକ ପ୍ରତିପଦାରୁ କାର୍ତ୍ତିକ ପୂର୍ଣ୍ଣିମା ବ୍ରତପାଳନର ସମୟ। ପ୍ରାୟ ସମସ୍ତେ ଏ ବ୍ରତ କରନ୍ତି। ବିଷ୍ଣୁ ପଞ୍ଚୁକ ନାମରେ ଏହି ବ୍ରତ ଜଣାଶୁଣା। ଏହି ବ୍ରତ କଲେ ବୈକୁଣ୍ଠପ୍ରାପ୍ତିର ଫଳ ମିଳେ ବୋଲି ବିଶ୍ୱାସ।

**ବୁଧେଇଓଷା:** ଏହି ଓଷା ଭାଦ୍ର ବୁଧବାର ଦିନ ହୁଏ। ବିବାହିତାମାନଙ୍କର ଏ ଓଷା। ପୁଅ ଓ ସ୍ୱାମୀଙ୍କର ମଙ୍ଗଳକାମନା କରି ଏ ଓଷା କରାଯାଏ। ଏଥିରେ ଦେବତା ମଙ୍ଗଳା, ଶିଳ ଶିଳପୁଆରେ ବୁଧେଇସୁଧେଇ ଷଷ୍ଠୀ ଦେବୀରୂପେ ପୂଜା ପାଆନ୍ତି। ଖୁଦୁରୁକୁଣୀପରି ଏହାର ବିଧାନ। ରବିବାର ପରି ଏଠାରେ ମଧ୍ୟ ଓଷେଇତିମାନେ ପୂଜାକରନ୍ତି ବ୍ରାହ୍ମଣ ଆସନ୍ତିନାହିଁ।

ଦ୍ୱିଜ ଗୌରଚରଣଙ୍କ ଓଷାବହି ପଢ଼ାହୁଏ। ଦେଶ, କୋଶଳ। ରାଜା ପ୍ରଭାକର। ପାରିଧିକୁ ଗଲାବେଳେ ଅଘଟଣ ଘଟିଲା। ରାଜା ଅପୁତ୍ରିକ। ରତ୍ନାକର ସାହୁର ସ୍ତ୍ରୀ ଶରଦୀ ରାଜା ମୁଖ ଦେଖି ଅଶୁଭ ବୋଲି କହିପକାଇଲା। ରାଜା ତା'ର ସ୍ୱାମୀ ଓ ପୁଅଙ୍କ ମୁଣ୍ଡ କାଟିଦେଲେ। ବିମଳା ପୂଜା କଲା। ଶିଳ-ଶିଳପୁଆଙ୍କୁ ଚୂଆ ଚନ୍ଦନ ଦେଲା। ଶିଳରେ ହଳଦୀମାଖି ଦେବୀର ରୂପ ଲେଖିଲା। ଗୁଆ, ନଡ଼ିଆ, କଳସ ବସାଇ ପୂଜାକଲା। ଏରୂପେ ପୁଅମାନଙ୍କୁ ବାରମ୍ବାର ମୃତ୍ୟୁ ପାଖରୁ ଫେରାଇ ଆଣିଲା। ରାଜା ଏ ଓଷାକଥା ଜାଣି ରାଣୀ ତିନୋଟିକୁ ଓଷା କରିବାକୁ କହିଲେ। ସେମାନେ ଓଷାକଲାରୁ ପୁଅ ଜନ୍ମକଲେ।

ନାରୀମାନେ ଶେଷ ପାଳି (ଭାଦ୍ରବ ଶେଷ ବୁଧବାର) ରେ କଳସ ପାଣି ଜଳାଶୟରେ ଉଖାଇ ଦିଅନ୍ତି। ପୁଅହେବା ଆଶାରେ ଅପୁତ୍ରିକନାରୀ କଳସରେ ଥିବା ଗୁଆ ଗିଳିଦିଅନ୍ତି ।

**ଷଠୀଓଷା:** ପିଲାଙ୍କ ଶୁଭ ମନାସି ମାଆମାନଙ୍କର ଏ ଓଷା। ଭାଦ୍ର ଶୁକ୍ଳଷଷ୍ଠୀ, ଓଷା ପାଳନର ସମୟ। ନଣନ୍ଦର ଜୀବନ ରଖିବାକୁ ସାଧବ ସାନବୋହୂ ଶପଥକଲା। କଥା ଅନୁସାରେ ଛଅଟି ପିଲା ଜନ୍ମକରି କ୍ରମାନ୍ୱୟରେ ଷଷ୍ଠୀ ଦେବୀଙ୍କୁ ଅର୍ପଣ କରିଥିଲା। ପରବର୍ତ୍ତୀ କାଳରେ ଷଠୀଓଷାକରି ଛଅ ପୁଅଙ୍କୁ ଫେରି ପାଇଲା ବୋହୂ। ଏହି କାହାଣୀ ଷଠୀଓଷାର ବିଷୟବସ୍ତୁ।

**ଅନନ୍ତବ୍ରତ:** ଅନନ୍ତବ୍ରତକୁ ସାଧାରଣତଃ ବିବାହିତା ମହିଳାମାନେ କରୁଥିବାର ଦେଖାଯାଏ। ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ତିଥି - ଅନନ୍ତ ଚତୁର୍ଦ୍ଦଶୀ। ବ୍ରତ ବହିରେ ଅନନ୍ତଙ୍କୁ ଦେଖିବାକୁ ଇଚ୍ଛାକରିଥିବା କୌଣ୍ଡିନ୍ୟ ବ୍ରାହ୍ମଣଙ୍କ କଥା କୁହାଯାଇଛି। ପୂର୍ବଜନ୍ମର କର୍ମ ଅନୁରୂପ ଫଳର କଥା ଏହି ଓଷାରେ କୁହାଯାଇଛି। ପାପ ଓ ଅକର୍ତ୍ତବ୍ୟଠାରୁ ଦୂରେଇ ରହିବାକୁ ପରୋକ୍ଷରେ ପରାମର୍ଶ ଦିଆଯାଇଛି ।

**ଜହ୍ନିଓଷା:** ଭାଦ୍ରବ ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଓଷାର ସମୟ। ପ୍ରତ୍ୟେକ ସନ୍ଧ୍ୟାରେ ଚଉରାମୂଳେ ଓଷା। କୁମାରୀମାନେ ଓଷେଇତି। ଦୀନକୃଷ୍ଣ ଦାସ ଭଣିତ ଗୀତବହି। ପାଞ୍ଚୋଟି ଛାନ୍ଦ। ଏଗାର ଅକ୍ଷରି ପାଦ। ଦୁଇ ପାଦରେ ଗୋଟିଏ ପଦ। ମହାରାଷ୍ଟ୍ର, ଓଡ଼ରାଷ୍ଟ୍ର, କର୍ଣ୍ଣାଟ ଦେଶ, ବିରାଟ ଦେଶ ଓ ସୌରାଷ୍ଟ୍ର ଦେଶର କଥା ବର୍ଣ୍ଣିତ। ଏ ଓଷାରେ ମୁଢ଼ି (ଭୁଜା)ମଧ ପୂଜା ହୁଏ। କାଞ୍ଜିଅଁଳା ଓ ଦାଣ୍ଡପହଁରା ଓଷାରେ ମଧ ଭୁଜା ପୂଜା ହୁଏ। ଜହ୍ନିଓଷାରେ ଆମିଷ, ଜହ୍ନି ବାରଣ। ଜହ୍ନିଫୁଲରେ ପୂଜା; ମାତ୍ର ଜହ୍ନି ଛିଣ୍ଡାଇବାକୁ ମନା। କୁମାରପୂର୍ଣ୍ଣିମା ଦିନ ଏ ଓଷା ସମାପ୍ତହୁଏ। ସାରା ମାସ ଆମିଷ ବାରଣ। କେହିକେହି ଦଶହରାପରଠୁ ପାଞ୍ଚଦିନିଆ ବା ତିନିଦିନିଆ ବାରଣକରନ୍ତି। କୁମାରପୂର୍ଣ୍ଣିମା ଦିନସାରା କାଷ୍ଠାକରି, ସଞ୍ଜରେ ଜହ୍ନ ଦେଖି ପୂଜାକରନ୍ତି। ଜହ୍ନକୁ ଲିଆ ଏବଂ ଜହ୍ନିଫୁଲରେ ବନ୍ଦାଇ ଅଢ଼େଇଗୁଣ୍ଡା ଲିଆ ଚକଟାଖାଇ ଉପବାସ ଭାଙ୍ଗନ୍ତି। ସେଦିନ ରାତିରେ ଘରବାହାର ଲିଆ ବୁଣାଯାଏ। ଜହ୍ନକୁ ଦେଖି ପୁଚି ଖେଳିବା ଓ 'ଜହ୍ନିଫୁଲ ଠୋ ଠା' ଗୀତ ଗାଇବାର ମଜା କହିହେବନି।

**ଦ୍ୱିତୀଆଓଷା/ ଦୁତିଆଓଷା:** ଆଶ୍ୱିନମାସ କୃଷ୍ଣପକ୍ଷ ଅଷ୍ଟମୀ। ମୂଳାଷ୍ଟମୀ ଓ ଦ୍ୱିତୀଆଓଷା। ଦୂତିବାହନ ଦେବତା। ଓଷାକଥା ଉଭୟ ଗଦ୍ୟ ଓ ପଦ୍ୟରେ ମିଳେ। କାମାର୍ତ୍ତ ଅବସ୍ଥାରେ ସୂର୍ଯ୍ୟଦେବ ଶାଗ ପଟାଳିରେ ପରିସ୍ରାକଲେ। ସେ ଶାଗ ଖାଇ ବ୍ରାହ୍ମଣୀ ଗର୍ଭବତୀ ହେଲା – ଏହା ଆଶ୍ଚର୍ଯ୍ୟଜନକ। ତେବେ

ଏଭଳି ଅନେକ କଥା ଦେବୀ ପ୍ରଭାବରେ ଘଟିଥାଏ। ଏହି ଓଷାରେ ଘାଣ୍ଟ ତରକାରୀ ହୁଏ। ଗାଆଁମାନଙ୍କରେ ବାପଘରୁ ଆସିଥିବା ପନିପରିବା, ବୁଟ, ନଡ଼ିଆ, ଗଜାମୁଗ ପକାଇ ସୁସ୍ୱାଦୁ ତରକାରୀ କରାଯାଏ। କେତେକଙ୍କ ଘରେ ଏ ଓଷା ନଥାଏ; କିନ୍ତୁ ତରକାରୀ ରାନ୍ଧିଖାଇବାକୁ ବାରଣ ନଥାଏ। ଏହି ଓଷା କଲେ ଅପୁତ୍ରିକ ପୁତ୍ର ପାଏ ବୋଲି ବିଶ୍ୱାସରହିଛି।

**ଚଇତ୍ର ମଙ୍ଗଳବାର:** ଚୈତ୍ର ମସର ପ୍ରତି ମଙ୍ଗଳବାରେ ଓଷା। ଗାଆଁ ପାଖ ପୋଖରୀ କୂଳରେ ବର-ଅଶ୍ୱତ୍ଥ ଗଛମୂଳେ ହୁଏ। ବିବାହିତା ନାରୀ ସ୍ୱାମୀ, ପିଲାଙ୍କ ମଙ୍ଗଳ କାମନାକରି ଓଷାକରନ୍ତି। ପଣା ଓ ଉଖୁଡ଼ା ପ୍ରଧାନ ଭୋଗ। ଓଷା ଠା'ରେ ଦୁଇଗୋଟି ଗାତ ଖୋଳାଯାଏ। ଗୋଟିକରେ କ୍ଷୀର, ଅନ୍ୟଟିରେ ପଣା ଭୋଗ ଲଗାଯାଏ। କଦଳୀ, ନଡ଼ିଆ, ଗୁଡ଼, ଅଦା, ମରିଚ, କର୍ପୂରରେ ପଣା ହୁଏ। ଦେବୀ ପୂଜାରେ ପଣା ମୁଖ୍ୟ। ଓଷେଇତିମାନେ ନିଜେ ପୂଜାକରନ୍ତି। ବହି ପଢ଼ାହୁଏ। ଓଷା ସ୍ଥାନରେ ନାରୀମାନେ ଏକାଠି ବସି ଓଷା ବହି ଶୁଣନ୍ତି। ଗାଆଁର ପଞ୍ଚମ ବର୍ଣ୍ଣ (ପାଣ) ଘରୁ ଭିକ ମାଗନ୍ତି। ମଙ୍ଗଳା ପଞ୍ଚମ ବର୍ଣ୍ଣଙ୍କ ଦେବତା। ଅବ୍ରାହ୍ମଣ ବ୍ୟତୀତ ଅନ୍ୟ ଦୁଇ ବର୍ଣ୍ଣ ଏହି ଓଷା କରନ୍ତି ଏବଂ ଏହାରି ମାଧ୍ୟମରେ ବର୍ଣ୍ଣର ଅହଂକାର ଦୂର ହୁଏ। ଏହି ଓଷାରେ ପିଲାମାନଙ୍କର ପିନ୍ଧାଲୁଗା ଖଣ୍ଡେଖଣ୍ଡେ କାନ୍ଧରେ ପକାଇ ସେଇଥିରେ ଚାଉଳ ମାଗି ଆଣନ୍ତି। ପୋଖରୀରେ ସେତକ ଉଝେଇ ଦିଅନ୍ତି। ଗାଧୋଇପାଧୋଇ ଆଉଥରେ ଓଷା ପାଖରେ ପହଞ୍ଚନ୍ତି। ହୁଳହୁଳି ଦେଇ ଓଷାବିଧି କରନ୍ତି। ପଣାକୁ ପ୍ରସାଦ ରୂପେ ପାରଣାକରନ୍ତି।

ଚଇତି ହାଡ଼ିଆଣୀ ସର୍ବମଙ୍ଗଳା ପୂଜାକରେ। ମଦ, ମାଂସ, କୁକୁଡ଼ାଅଣ୍ଡା ଭୋଗଲଗାଏ। ସେ ଅପୁତ୍ରକ ରାଜାଙ୍କ ମୁହଁଦେଖି ଅଶୁଭ ବୋଲି କହିଦେବାରୁ ରାଜା ତାକୁ ଦଣ୍ଡଦେଲେ। ତା'ର ପୁଅମାନଙ୍କୁ କେତେ ବାଟରେ ମାରିବାକୁ ଚେଷ୍ଟାକଲେ। ହାଡ଼ିଆଣୀ ଦୂବ ପ୍ରସାଦ ଦେଇ ସାତପୁତ୍ର ବଞ୍ଚାଇଛି। ଓଷାର ବିଧିବିଧାନ ପଚାରି ରାଣୀ ଓଷାକରିଛନ୍ତି ଓ ପୁତ୍ରବତୀ ହୋଇଛନ୍ତି।

ନିଶା ମଙ୍ଗଳବାରରେ ଦେବତା ମଙ୍ଗଳା। ଓଷା ରାତିରେ, ମଙ୍ଗଳା କୋଠିରେ ହୁଏ। ଉଖୁଡ଼ା ଭୋଗ ଦିଆଯାଏ। ଜୁରି (ମଦ)ରେ ମାଜଣା କରାଯାଏ। ଏହି ଓଷା, ସନ୍ତାନ ଆଶାରେ। ଛୋଟ ପିଲାଙ୍କ ଦେହ ଖରାପହେଲେ ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ବଳି, ପଣା ଆଦି ଭୋଗ ଯାଚନା ହୁଏ। ମଙ୍ଗଳା ମାଆ ପିଲାଙ୍କୁ ଘଣ୍ଟଘୋଡ଼ାଇ ରଖିବାକୁ ନିବେଦନକରାଯାଏ।

**ନିଶା ମଙ୍ଗଳବାର:** ସନ୍ତାନପ୍ରାପ୍ତି ଓ ଅହିଅ ହେବାର କାମନାରେ, ଆଶ୍ୱିନ ଶୁକ୍ଳପକ୍ଷ ମଙ୍ଗଳବାର ନିଶାରାତିରେ ଓଷା ହୁଏ। ଗଦ୍ୟ ଓ ପଦ୍ୟରେ ଓଷା କଥା ରହିଛି। କାହାଣୀ ଭିନ୍ନ। ମଙ୍ଗଳାଙ୍କୁ ପୂଜାକରି ମୃତ ସାଧବ ଓ ତା'ର ପୁତ୍ରକୁ ପାଇଛି ସାଧବାଣୀ। ଅନ୍ୟ କଥାରେ ଗୋଟିଏ ନିଃସନ୍ତାନ ଗ୍ରାମକୁ ପୁତ୍ରବତୀ କରାଇଛନ୍ତି ମଙ୍ଗଳା। ଏହା ଓଡ଼ିଶା ତଥା ନୟାଗଡ଼ ଜିଲ୍ଲାର ଶାକ୍ତ ପରମ୍ପରାର ପ୍ରମାଣ ।

**ଷୋଳପାଳି ମଙ୍ଗଳବାର:** କୁମାରପୂର୍ଣ୍ଣିମାରୁ ଦୋଳପୂର୍ଣ୍ଣିମା ମଧ୍ୟରେ ପାଳନକରାଯାଏ। ସାହାଣ ବାହାଣ ରାଜ୍ୟର ରଜାପୁଅ ଓ ମନ୍ତ୍ରୀପୁଅର କାହାଣୀ ଏହାର ଗାନଗ୍ରନ୍ଥ। ରାଣୀଙ୍କ ହାତରୁ ମଙ୍ଗଳାପୂଜା ବ୍ରତ ବାହାରକରି ଫୋପାଡ଼ି ଦେବାର ଦଶା, ସମସ୍ତେ ଭୋଗିଛନ୍ତି। ଦ୍ୱିଗୁଣ ପୂଜାଦେଇ ମଙ୍ଗଳାଙ୍କୁ ସନ୍ତୁଷ୍ଟକରି ସେମାନେ ମୁକ୍ତ ହୋଇଛନ୍ତି। ଓଷାର ଉଦ୍ଦେଶ୍ୟ ମଙ୍ଗଳାପୂଜା ପ୍ରଚାର।

**ରାଇଦାମୋଦର ବ୍ରତ:** ସମଗ୍ର କାର୍ତ୍ତିକ ମାସ ରାଇଦାମୋଦର ବ୍ରତ ପାଳନର କାଳ। ଶେଷ ପାଞ୍ଚଦିନର ଦେବତା ଲକ୍ଷ୍ମୀ-ନାରାୟଣ। ବଳରାମ ଦାସ ଏବଂ ରଘୁନାଥ ଦାସ ନାମରେ ରାଇ ଦାମୋଦର ବ୍ରତ ଶୀର୍ଷକରେ ଦୁଇଖଣ୍ଡି ବ୍ରତ ବହି ରହିଛି। ବଡ଼ପଣ୍ଡାଙ୍କ ଝିଅ ରାଇ। ଜଗନ୍ନାଥଙ୍କୁ ବର ରୂପେ ପାଇବାକୁ ତାଙ୍କର ଏକାନ୍ତ ଇଚ୍ଛା। ଏଥିପାଇଁ ସେ ଲକ୍ଷ୍ମୀଙ୍କୁ ପୂଜା କରିଛନ୍ତି। ପୂଜାରେ ସନ୍ତୁଷ୍ଟ ହୋଇଛନ୍ତି ଲକ୍ଷ୍ମୀ ଓ ରାଇଙ୍କୁ ବର ମାଗିବାକୁ କହିଛନ୍ତି। ରାଇ ଦାମୋଦରଙ୍କୁ ମାଗିଛି। ମନାକରି ପାରିନାହାନ୍ତି ଲକ୍ଷ୍ମୀ। ପଚିଶ ଦିନପାଇଁ ଦାମୋଦରଙ୍କୁ ରାଇ ହାତକୁ ସମର୍ପଣ କରିଛନ୍ତି ଏବଂ ଆପେ ପାଞ୍ଚ ଦିନ ନାରାୟଣଙ୍କ ପାଖରେ ରହିଛନ୍ତି। ଏହି ବ୍ରତର ଆଚରଣକାରୀ, ବିଧବା। ସେମାନେ ଚଉରାମୂଳରେ ମୁରୁଜରେ ରାଇଦାମୋଦର, ଶଗଡ଼, ପଦ୍ମଫୁଲ, ଚକ୍ର ଆଦିର ଚିତା ଲେଖନ୍ତି। ସକାଳେ ରାଇଦାମୋଦର ପୂଜା କରନ୍ତି। ବ୍ରତଚାରିଣୀମାନେ ମୁଖ୍ୟତଃ ବ୍ରାହ୍ମଣ ଜାତିର।

**କାଞ୍ଜିଅଁଳା ଓଷା:** ମାର୍ଗଶୀର କୃଷ୍ଣ ନବମୀ ଓଷା ପାଳନର ଦିନ। ସନ୍ଧ୍ୟାରେ ଖଳାବାଡ଼ିରେ ପୂଜାହୁଏ। ଚାରିକୋଣିଆ ସରୁ ପହଣି / କୋଠି(ଗାତ) ଖୋଳା ଯାଏ। ତାହା ପୋଖରୀ। ତହିଁରେ ପାଣି ଢାଳି ଚେଙ୍ଗମାଛ ଛଡ଼ାଯାଏ। ମଝି ଢିପରେ ଧାନଗଛ, ଅପମାରଙ୍ଗ ଗଛ, ମୂଳା, ଆଖୁ ରଖାଯାଏ। ନୂଆଲୁଗା ଓଢ଼ଣା ଦିଆଯାଏ। ଗଛମୂଳେ ଭୁଜା, ପୋଇଖଡ଼ୁ, ପିତାଶୁଖୁଆ- ବୋହୂ ରଖାଯାଏ। ପିତାଶୁଖୁଆକୁ ସିନ୍ଦୁର, କଜ୍ଜଳ, ହଳଦୀକନାରେ ସଜାଇଦିଆଯାଏ। ଘରର ଗୋଟିଏ ପୁଅପାଇଁ ଗୋଟିଏ ବୋହୂ। ଗୋଟିଏ ବୋହୂପାଇଁ ଦୁଇଟି ପୋଇ ଡଙ୍କ ଖଡ଼ୁ। ଦିନସାରା ଭାତ ନଖାଇ ନାରୀମାନେ ରହନ୍ତି। କିନ୍ତୁ ଭୁଜା ଖାଇବା ନିଷେଧ ନୁହେଁ। ରାତିରେ ଉଷୁନା ଭାତ, ମାଛ ତରକାରୀ, ଭଜା, ଶାଗଖରଡ଼ା, ମୂଳା, ଆଖୁ, ଚକୁଳିପିଠା ଆଦି ପୂଜାକରାଯାଏ। ଗୋଟାଏ ବଡ଼ କଦଳୀ ପତ୍ରରେ ଭୋଗବଢ଼ାଯାଏ। ପୂଜା ଶେଷରେ ସେଥିରୁ ପ୍ରସାଦ ଖାଇଲେ ଅପୁତ୍ରକ ନାରୀ ପୁଅ ପାଏ ବୋଲି ବିଶ୍ୱାସ। ଗାଆଁରେ ଛୋଟପିଲାମାନେ ଏ ଭୋଗକୁ ଅତି ଆନନ୍ଦରେ ଖାଆନ୍ତି। ଯେତେ ଓଷା ବ୍ରତ ଅଛି ସବୁଠୁ ଏ ଓଷାର ଭୋଗ ସୁଆଦିଆ ।

ଓଷାବହି କହେ, ସାଧବର ସାନବୋହୂ ପଡ଼ିଶା ବାଡ଼ିରୁ କଖାରୁ ଚୋରେଇ ଖାଇଲା। ପଡ଼ିଶାର ଅଭିଶାପରେ ତାର ସାତ ପିଲା ମଲେ। ଘରୁ ତଡ଼ାଖାଇ ଅଗନାଅଗନି ବଣରେ ବୋହୂ ଅଷ୍ଟମ ପିଲା ଜନ୍ମଦେଲା। ଷଠୀଦେବୀଙ୍କ କୃପାରୁ ସମସ୍ତ ପିଲା ସେ ଫେରିପାଇଲା। କୃତଜ୍ଞତା ସ୍ୱରୂପ କାଞ୍ଜିଅଁଳାଓଷା କଲା।

**ପଣ୍ଡୁଓଷା:** ପଣ୍ଡୁଙ୍କ ନାମାନୁସାରେ ପଣ୍ଡୁ ଓଷା ହୋଇଥାଇପାରେ। ଓଷାବହି କିନ୍ତୁ ଅଲଗା କଥା କହେ। ଯମ ଏହି ଓଷାର ଦେବତା। ଅପୁତ୍ରକ ନାରୀ ପୁତ୍ର ପାଇବାପାଇଁ ଓଷାକରେ।

ଜମ୍ବୁ ଦ୍ୱୀପ। ନଗର କଳିଙ୍ଗ। ସୁଶାସକ ହୋଇମଧ ରାଜାଙ୍କର ସନ୍ତାନ ନଥିଲେ। ନୀଚବର୍ଗର ନାରୀଟିଏ ତାଙ୍କୁ ଅପୁତ୍ରକ କହି ଅପମାନ କଲା। ରାଜା ଆତ୍ମହତ୍ୟାକରିବାକୁ ଚାହିଁଲେ। ଘଟଣାକ୍ରମେ ରାଣୀ ପଣ୍ଡୁଓଷା କଲେ, ପୁଅପାଇଲେ। ରାଜାରାଣୀ ପୁଅକୁ ନେଇ ସୁଖରେ ରହିଲେ ମାତ୍ର, ଓଷାକୁ ଭୁଲିଗଲେ। ପୁଅ ଯୁବକ ହେଲା। ଓଷା ନହେବାରୁ ଯମ ରାଗିଗଲେ ଏବଂ ରାଜାଙ୍କ ଯୁବକ ପୁଅର ମୃତ୍ୟୁ ହେଲା। ଯମଙ୍କ ମାଆ ଏହା ଦେଖି ଦୁଃଖିତ ହେଲେ। କାହାର ଯୁବକ ପୁଅ ଛଡ଼ାଇଆଣିବା ଠିକ୍ କଥା ନୁହେଁ ବୋଲି ବୁଝାଇଲେ। ଯମ ଶୁଣିଲେନାହିଁ। ତାଙ୍କୁ ବୁଝାଇବାକୁ ମାଆ ପାଚିଲା କଦଳୀ ବଦଳରେ କଞ୍ଚା କଦଳୀଗୁଡ଼ିଏ ତୋଳିଆଣିଲେ। ଯମ କଞ୍ଚା, ପାଚିଲାର ଫରକ ବୁଝଲେ ଏବଂ ସ୍ୱୀକାରକଲେ ଯେ ରାଜକୁମାରକୁ ଅବେଳରେ ନେଇଆସିବା ଠିକ୍‌ହେଲାନାହିଁ।

କୁମାରଙ୍କୁ ରକ୍ଷାକରିବାକୁ ଯମଙ୍କ ମାଆ ଯୋଜନାକଲେ। ଯୋଜନା ଅନୁସାରେ କୁମାର ଛିଙ୍କିଦେଲେ; ମାଆ ତାଙ୍କୁ ଅମର ହେବାକୁ ଆଶୀର୍ବାଦଦେଲେ। ଯୁବକ ଯମପୁରରୁ ଫେରିଆସି ବାପା ମାଆଙ୍କୁ ପଣ୍ଡୁଓଷା କଥା ମନେପକାଇଦେଲେ। ଓଷା କରିବାରୁ ପରିବାର ଅଭିଶାପମୁକ୍ତ ହେଲେ।

**ଦାଣ୍ଡପହଁରା:** ପୌଷ କୃଷ୍ଣ ତୃତୀୟାରେ ଏ ଓଷା ପାଳିତହୁଏ। ପିଲାଙ୍କ ଦୀର୍ଘଜୀବନ କାମନାକରି ମାଆମାନେ ଓଷା କରନ୍ତି। ମଝିଦାଣ୍ଡରେ ଅପବାଳୁଗାଁ ଡାଳ ପୋତି ଓଷା କରାଯାଏ। ପୁରୋହିତ ନଥାନ୍ତି। କାଞ୍ଜି ଅଁଳାପରି ଉଷୁନାଭାତ, ତରକାରୀ, ଭୂଜା, ପିଠା ଆଦି ପୂଜା କରାଯାଏ। ଶେଷରେ ପ୍ରସାଦପାଖରେ ପିଲାଙ୍କ ଠେଲାପେଲା। ପିଲାଙ୍କୁ କାଖେଇ ମାଆମାନେ କଳ୍ପିତ ଅପବାଳୁଗାଁ ଦିଅଁ ଚାରିପାଖ ଓଳାନ୍ତି। ଅପବାଳୁଗାଁ ଖଣ୍ଡେ ଧରି କାଖରେ ଛୋଟରୁ କିଶୋର ବୟସର ପିଲାଙ୍କୁ ଧରି ମାଆମାନେ ଯେତେବେଳେ ଓଳାନ୍ତି, ହସ କୌତୁକରେ ଦାଣ୍ଡ ଉଛୁଳୁଥାଏ।

ବିରଞ୍ଚି ନଗର। ବୀରବିକ୍ରମ ରଜା। ବାସୁଦେବ ସାଧବ। ସାଧବର ସାତପୁଅ, ସାତବୋହୂ। ସାନବୋହୂ ଛେନାଗୁଡ ବାଣ୍ଟୁଥିଲା। ଶେଷରେ ଆସିଥିବା ପିଲାଟିକୁ ଖପରା ଖଣ୍ଡେ ଧରାଇଦେଲା। ସେ ପିଲା କହିଲା - ତୁ ମୋତେ ଥରେ ଭଣ୍ଡିଲୁ, ମୁଁ ତୋତେ ସାତଥର ଭଣ୍ଡିବି। ସେ ହରିହର କୁମର। ସ୍ୱର୍ଗରେ ଥାଏ। ତା'ର ଦୁଇ ପତ୍ନୀ। ସେ ସାନବୋହୂର ପୁଅ ହୋଇ ବାରମ୍ବାର ଜନ୍ମହେଲା ଓ ମଲା। ସପ୍ତମପୁଅ ମରିବାପରେ ପରିଜନବର୍ଗ ମଶାଣିରେ ପୋତିଦେଇ ଆସିଲେ। ସେ ବୋହୂ ଫେରିଲାନାହିଁ। ନିତେଇ ଧୋବଣୀ ସାହାଯ୍ୟରେ ସେ ସ୍ୱର୍ଗକୁ ଗଲା। ହରିହର କୁମର ତାର ସ୍ତ୍ରୀମାନଙ୍କ ସହିତ କଥା ହେଉଥିଲା। ମର୍ତ୍ତ୍ୟକୁ ଗଲେ କିପରି ଫେରିଆସିବ ତା'ର ଉପାୟମାନ କହୁଥାଏ। ସ୍ତ୍ରୀମାନେ ନଆସିପାରିବାର ବିଭିନ୍ନ ଆଶଙ୍କା କରୁଥାଆନ୍ତି। ସାନବୋହୂ ସେକଥା ଶୁଣିଲା। ଏଥକୁ ଉପାୟ ମଧ ଶୁଣିଲା। ଏହି କଥୋପକଥନ କୌତୂହଳପୂର୍ଣ୍ଣ। ପଢ଼ିବାକୁ ଶୁଣିବାକୁ ଭଲଲାଗେ; ମାତ୍ର ମାଆମାନେ କାହାଣୀ ଶୁଣି କାନ୍ଦିପକାନ୍ତି।

କୁମର କହିଛି – ଜନ୍ମ ନହେଉଣୁ ଗର୍ଭରେ ଥାଇ ପ୍ରଥମ ମାସରେ ଦୁଧ ଗଇଁଠା, ଦ୍ୱିତୀୟ ମାସରେ ନେଉଟିଆଶାଗ, ତୃତୀୟ ମାସରେ କୋଶଳାଶାଗ, ଚତୁର୍ଥରେ ମୂଳା ଓ କାଞ୍ଜି, ପଞ୍ଚମରେ ଚାଉଳ ଭଜା, ଷଷ୍ଠରେ ଚକୁଳି ପିଠା, ସପ୍ତମରେ ମୁଗମଣ୍ଡା, ଅଷ୍ଟମରେ ମୁଗ ପଇତି, ନବମରେ ଘାଣ୍ଟ ତିଅଣ, ଦଶମ ମାସରେ ମାଛ-ମରିଚପାଣି ଖାଇବାକୁ ମନକରିବି। ମାଆ ନଖାଇଲେ ଆସିବି। ମାଆ ଚତୁର ହୋଇ ସବୁ ଖାଇଲେ, ଅନ୍ୟ ବାଟ ଅଛି। ଜନ୍ମ ହେଲାକ୍ଷଣି ଲୋକେ 'ସୁନ୍ଦର ପିଲା' କହିଲେ ଆସିବି। ଉତ୍ତରରେ ଦୁଇ ସ୍ତ୍ରୀ କହୁଛନ୍ତି – ମାଆ ଯଦି ଦୁଇକାନ ଫୋଡ଼ାଇ, ଛଅକଡ଼ାକୁ ବିକି ନଅ କଡ଼ାକୁ କିଣିବେ, ବିକାକିଣା। ନାମଦେବେ ତେବେ କିପରି ଆସିବ। ପଞ୍ଚୁଆତି, ଷଷ୍ଠୀ, ଉଠିଆରୀ, ଦଶମୀ ବନ୍ଦାପନା, ବାରଯାତ୍ରା, ଏକୋଇଶିଆ ନକଲେ ଆସିବି। ଗୁରୁଣ୍ଡିଲାବେଳେ ଏରୁଣ୍ଡି ଉଚ୍ଚ ନକଲେ ନିଆଁ ଉହ୍ନେଇରେ ପଡ଼ି ଆସିବି। ଠୁକୁଠୁକୁ ଚାଲିଲାବେଳେ ଖସିପଡ଼ିବି। ଦାନ୍ତ ଉଠିଲାବେଳେ ଦାନ୍ତ ଗଇଁଠା ନଦେଲେ ଆସିବି। ବଡ଼ ହେଲେ ତେଲିର ତେଲ ପସରା ଭାଙ୍ଗିବି, କୁମ୍ଭାରର ହାଣ୍ଡି ଭାଙ୍ଗିବି; ସେମାନେ ଗାଳିଦେଲେ ଆସିବି। ମାଆ ଯଦି ଟଙ୍କାଦେଇ ସେମାନଙ୍କୁ ଖୁସିକରିଦେବେ ତେବେ ଅନ୍ୟ ଉପାୟ ଅଛି। ବୈଶାଖରେ ସୋରିଷଫୁଲ, ଶ୍ରାବଣ ବର୍ଷାରେ ସଡ଼କଧୂଳି, ମାଘରେ ପାଚିଲାତାଳ ମାଗିବି, ନଦେଲେ ଆସିବି। ମାଆ ଆଗରୁ ଯୋଗାଡ଼କରି ସାଇତି ରଖିଥିବେ, ଦେବେ। ପୁଣି ବାହାଦେବାକୁ କହିବି। ମାଆ ନିଜେ ବିଭା କରାଇବେ। ବେଦୀଉପରେ କ୍ଷୀର ଖାଇବାକୁ ମାଗିବି। ପୋଡ଼ପିଠା, କାଞ୍ଜି, ମାଛ ମାଗିବି; ନଦେଲେ ଆସିବି। ଦୋଳମୁକୁଟରେ ଛାମୁଣ୍ଡିଆ ବାଜିଲେ ଆସିବି – ଏସବୁର ବ୍ୟବସ୍ଥା ହୋଇଥିଲେ ସ୍ୱର୍ଗର ମୀନକେତନ ମାଳୀ, ଜୟ ବିଜୟ ଘଣ୍ଟି ମାଗିବି। ମାଆ ମର୍ତ୍ତ୍ୟରେ ପାଇବେ ନାହିଁ। ଏଇଟା ଶେଷ ଉପାୟ ଫେରି ଆସିବାକୁ।

ବୋହୂ ସବୁଶୁଣିଲା। ମନେରଖିଲା। ସେମାନେ କଲରା ଗଛମୂଳକୁ ମାଳି ଓ ଘଣ୍ଟି ପକାଇଲା କ୍ଷଣି ବୋହୂ ଏ ସବୁ କାନିରେ ବାନ୍ଧିଲା। ନିତେଇ ଧୋବଣୀ ସଙ୍ଗେ ମର୍ତ୍ତ୍ୟକୁ ଫେରି କୁମର ଜନ୍ମକୁ ଅପେକ୍ଷାକଲା। ପୁଅ ଜନ୍ମିଲା। ସ୍ୱର୍ଗରେ ଶୁଣିଥିବା କଥାସବୁ ବୋହୂ କରିଚାଲିଲା। କୁମର ଫେରିପାରିଲା ନାହିଁ। ଘର ସଂସାର କଲା। ହୀରାବତୀ ଓ ଲୀଳାବତୀ କୌଶଳ କରି ସ୍ୱାମୀ ହରିହର କୁମରକୁ ପୁଣି ସ୍ୱର୍ଗକୁ ବାହୁଡ଼ାଇନେଲେ। ପୁଅପାଇଁ ମାଆ କେଉଁଠିକି ବି ଯାଇପାରେ। ଏଠାରେ ପ୍ରମାଣିତ। ମାତୃତ୍ୱର ଗୌରବ କଥା ହିଁ ଏଠାରେ କୁହାଯାଇଛି।

ଯେତେ ଓଷା ବହି ରହିଛି – ତନ୍ମଧ୍ୟରୁ ଏ ବହିଟି ଶୁଣିବାକୁ ଆନନ୍ଦଲାଗେ। ଗଦ୍ୟ-ପଦ୍ୟ ମିଶା (ପଦ୍ୟାତ୍ମକ ଗଦ୍ୟ) ଭାଷାରେ ରଚିତ। ବିଲୁଆ ଭୁକିବା ବେଳକୁ ଓଷା ଶେଷହୁଏ।

**ଅଲଣାଓଷା:** ଧନୁସଂକ୍ରାନ୍ତିଠାରୁ ମକରସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ସକାଳେ, ସୂର୍ଯ୍ୟୋଦୟ ସମୟରେ ଓଷାହୁଏ। ଦେବତା ସୂର୍ଯ୍ୟ। ସେ ଧର୍ମଦେବତା। ନାରୀଏ ତାଙ୍କୁ

'ବାପସାଆନ୍ତ' କହି ପୂଜାକରନ୍ତି। ସକାଳୁ ଅଗଣା ରଙ୍ଗମାଟି/ ଗୋବରରେ ଲିପାହୁଏ। ପୂର୍ଣ୍ଣକୁମ୍ଭ ବସେ। ପିଢ଼ାଉପରେ ଗୁଆ, କଉଡ଼ି ମଣ୍ଡନ କରାଯାଏ। ସାତଗୋଟି ଶିମ୍ବପତ୍ରରେ ଶୋରିଷଫୁଲ ରଖି ପୂଜା ଆରମ୍ଭକରାଯାଏ। ଓଷାବହି ପଢ଼ାଯାଏ। ଶେଷପାଳି ରବିବାର ଅଲଣା ଅଟକାଳି ପୂଜାହୁଏ। ମୁଖ୍ୟ ଚରିତ୍ର ଚକୁଳିଆପଣ୍ଡା। ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ତା'ର ସଂସାର। ପିଠା ଖାଇବାକୁ ପଣ୍ଡାର ମନହେଲା। ସେ ଗାଆଁଗାଆଁ ବୁଲି ଚାଉଳ ଆଣିଲା ଓ ପ୍ରଧାନ ଖଳାରୁ ପଣ୍ଡିଆଣୀ ବିରି ମାଗିଆଣିଲା। ବିରି, ଧାନ ଶୁଖାଇ ପଣ୍ଡିଆଣୀ ଘରକୁ ଆସିଛି, ଏ ସମୟରେ ଧାନସବୁ ଷଣ୍ଢ ଖାଇଗଲା। ପଣ୍ଡିଆଣୀ ରାଗରେ ଷଣ୍ଢକୁ ବାଡ଼େଇଲା। ମାଡ଼ଖାଇ ଷଣ୍ଢ ସେଠାରେ ଝାଡ଼ାଫେରିଲା। ପଣ୍ଡିଆଣୀ ଗୋବରକୁ ଧୋଇ ଗୋଟିଏ ଧାନ, ଗୋଟିଏ ବିରି ପାଇଲା। ତାକୁ ବାଟି ପିଠା କଲା। ଝିଅଙ୍କୁ ପିଠା ନଦେବାକୁ ପଣ୍ଡା କହିଥିଲା। ମାତ୍ର ଝିଅମାନେ ଉଠି ପିଠା ମାଗିଲେ ଓ ଖାଇଲେ। ଖାଉଖାଉ ସବୁ ଖାଇଦେଲେ। ପିଠାଖାଇବାରୁ ପଣ୍ଡା ଦୁଇଝିଅଙ୍କୁ ବଣରେ ଛାଡ଼ିଦେଲା। ସେମାନେ ବାପସାଆନ୍ତଙ୍କ ଦୟାରୁ ଓ ଅଲଣାଓଷା ପୂଜିବାରୁ ସୌଭାଗ୍ୟବତୀ ହେଲେ। ପଣ୍ଡା ଧନ ଓ ସନ୍ତାନ ପାଇଲା। ଝିଅମାନେ ଘରକୁ ଫେରିଲେ। ଘରକୁ ଆସି ପଣ୍ଡା ଦେଖେତ ଘରେ ଅଟକାଳି ହାଣ୍ଡି ବସିଛି। ଓଷା ହେବା ରାଗରେ ପଣ୍ଡା ତାକୁ ଭାଙ୍ଗିଦେଲା ଓ ଝିଅଙ୍କୁ ଘରୁ ବାହାରକରିଦେଲା। ସେମାନେ ପୁଣି ବାପସାଆନ୍ତଙ୍କ ଘରକୁ ଚାଲିଆସିଲେ। ସେଠାରେ ରହି ବଡ଼ଝିଅ ରଜାପୁଅ ଓ ସାନଝିଅ ମନ୍ତ୍ରୀପୁଅକୁ ବରିଲେ। ରାଣୀ ଗର୍ବକଲେ। ଓଷା କଲେନାହିଁ। ତେଣୁ ଧନକ୍ଷୟହେଲା। ମନ୍ତ୍ରୀ ପତ୍ନୀ ପରାମର୍ଶରେ ଓଷା କରିବାରୁ ରାଣୀଙ୍କ ସୌଭାଗ୍ୟ ଫେରିଲା। ଘଟଣା କ୍ରମେ ପଣ୍ଡା ମଧ୍ୟ ଧନସମ୍ପତ୍ତି ପାଇଲା। ଏରୂପେ ସୂର୍ଯ୍ୟପୂଜାର ପ୍ରଚାରହେଲା। ଭାରତୀୟ ଧାର୍ମିକ ପରମ୍ପରାର ପ୍ରତୀକ ଏ ଓଷା।

**ଶାମ୍ବ ଦଶମୀ:** ପୌଷ ଶୁକ୍ଳଦଶମୀ ତିଥି ଶାମ୍ବଦଶମୀ। ଗାଆଁରେ ଏହାକୁ 'ଶମ୍ବର ଦଶେଇଁ' କହନ୍ତି। ମଣ୍ଡାପିଠା ତିଆରିକରି ଏଦିନ ସୂର୍ଯ୍ୟଙ୍କୁ ଅର୍ପଣ କରାଯାଏ। ବ୍ରତ ରୋଗରୁ ମୁକ୍ତି ଓ ସନ୍ତାନମାନଙ୍କ ମଙ୍ଗଳ ହୁଏ ବୋଲି ବିଶ୍ୱାସ। ସୂର୍ଯ୍ୟଙ୍କୁ ଉପାସନା କରି ଶାମ୍ବ କୁଷ୍ଠରୋଗରୁ ମୁକ୍ତ ହେବାକଥା ବ୍ରତ ବହିର ବିଷୟ। କୃଷ୍ଣ ସତ୍ୟଭାମାଙ୍କ ସଙ୍ଗେ ଆଳାପକରୁଥିବା ସମୟରେ ଦୁର୍ବାସା କୃଷ୍ଣଙ୍କୁ ଦେଖାକରିବାକୁ ଜିଦ୍‌କଲେ। ଶାମ୍ବ ଦ୍ୱାରପାଳ। ସେ ଦୁର୍ବାଶାଙ୍କୁ ଭିତରକୁ ଛାଡ଼ିଲେ ନାହିଁ। ଜରୁରୀ ପ୍ରବେଶପାଇଁ ଋଷି ଜିଦ୍‌କଲେ। ଅନୁମତି ନେବାପାଇଁ ଶାମ୍ବ ଅନ୍ତପୁରକୁ ଗଲେ। ଶାମ୍ବଙ୍କ ଉପସ୍ଥିତି କୃଷ୍ଣଙ୍କ ଦୃଷ୍ଟିରେ ଅପରାଧ ବିଚାର ହେଲା। ସେ ଅଭିଶାପଦେଲେ। ଫଳତଃ ଶାମ୍ବ କୁଷ୍ଠରୋଗରେ ଆକ୍ରାନ୍ତହେଲେ। ଦୁର୍ବାସାଙ୍କ ପରାମର୍ଶରେ ଅର୍କକ୍ଷେତ୍ରରେ ସୂର୍ଯ୍ୟଙ୍କୁ ତପସ୍ୟା କରି ସେ ରୋଗମୁକ୍ତ ହେଲେ।

**ହାଣ୍ଡିଭଙ୍ଗା ପୂର୍ଣ୍ଣମା :** ବୈଶାଖ ପୂର୍ଣ୍ଣିମାକୁ ହାଣ୍ଡିଭଙ୍ଗା ପୂର୍ଣ୍ଣମା ଭାବରେ ପାଳନକରାଯାଏ। ଏଠାରେ ମଧ ଦେବତା ମଙ୍ଗଳା। ଗ୍ରାମ ଦେବତୀଙ୍କ ଆସ୍ଥାନ ପାଖରେ ପୂଜାହୁଏ। ବିଭିନ୍ନ ଫୁଲ,ଫଳ ପୂଜାର ନୈବେଦ୍ୟ। ନାରୀମାନେ ନୂଆହାଣ୍ଡିରେ ମୁଗ, ଚାଉଳ, ଗୁଡ଼, ନଡ଼ିଆର ଜାଉ କରନ୍ତି। ଜାଉହାଣ୍ଡିକୁ ମୁଣ୍ଡରେ ମୁଣ୍ଡାଇ ହାତରେ ଦୀପଧରି ଆସ୍ଥାନ ପାଖ ଗଛକୁ ସାତଥର ପ୍ରଦକ୍ଷଣକରନ୍ତି। ଶେଷରେ ଜାଉହାଣ୍ଡି ଗଛମୂଳେ ଭାଙ୍ଗିଦିଅନ୍ତି। ଓଷା ଶେଷହୁଏ। ପିଲାମାନଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ରକ୍ଷା କରିବାପାଇଁ ମାଆମାନେ ଓଷାକରିଥାନ୍ତି। ନୟାଗଡ଼ର ବାରବାଟୀସ୍ଥିତ ଚକ୍ରବାଉତୀ ପୀଠରେ ଓଷାଦିନ ଉତ୍ସବ ହୁଏ ।

**ବାଟଓଷା:** ଦାଣ୍ଡପହଁରାଓଷା ଦିନ ଅଧରାତିକୁ ବାଟଓଷା ହୁଏ। ଏହା ଯମଙ୍କ ପୂଜା। ନିଶାରାତିରେ ଗାଆଁମୁଣ୍ଡ ମଝିରାସ୍ତାରେ ଏହି ଓଷା ହୁଏ। ନାରୀମାନେ ନୂଆଲୁଗାକୁ ବାଟରେ ପାରି ଦିଅନ୍ତି। ତାକୁ 'ପାହାଡ-ପାରିବା' କୁହାଯାଏ। ଗାଆଁର ସବୁନାରୀ ଏକାଠିହୁଅନ୍ତି। ରାସ୍ତାଉପରେ ଲୁଗା ପରାଯାଏ। ଏହକୁ ପାହାଡ଼ପାରିବା କୁହାଯାଏ। ପିଲାଏ ସେଥିରେ ଗଡ଼ିଥାନ୍ତି। ଦୁଆରଧୂଳିରେ ବାଲୁକା ସ୍ଥାପନ କରାଯାଏ। ଫୁଲପତ୍ରରେ ସଜାଯାଏ। ବଜ୍ରମୂଳିରେ ଚାରିପାଖ ପରିଷ୍କାର କରାଯାଏ। ପିଠାପଣା ହୁଏ। ଓଷା ବଡ଼ କଠିନ। ମାନସିକ କରି ଓଷା କରାଯାଏ।

ପଣ୍ଡୁଓଷା କଥା ସଙ୍ଗେ ଏହି ଓଷାକଥାର ସାମଞ୍ଜସ୍ୟ ରହିଛି। ବିଷ୍ଣୁ ହିଁ ଏହି ଓଷାର ପରିକଳ୍ପନା ଓ ପ୍ରସାର କରାଇଲେ। କୋଶଳ ଦେଶର ରାଜା ସୁଦର୍ଶନ, ରାଣୀ ଲୀଳାବତୀ। ଅପୁତ୍ରିକ ସେମାନେ। ରାଣୀ ଓଷାକରି ପୁତ୍ରବତୀ ହେଲେ। ତା'ପରେ ଓଷା କଥା ଭୁଲିଗଲେ। ଯମ ସାତବର୍ଷ ଅପେକ୍ଷାକଲେ। ଓଷା ନୋହିଲା। ସାତବର୍ଷର ପୁତ୍ର ବୀରସେନକୁ ଯମ ଅପହରଣକଲେ। ପଣ୍ଡୁଓଷା କଥାରେ ଯମଙ୍କ ମାଆ ଯେପରି ବାଳକକୁ ରକ୍ଷାକଲେ; ସେପରି ବୀରସେନକୁ ମଧ ସେ ରକ୍ଷାକଲେ। ବୀରସେନ ଯମଭୁବନରୁ ଫେରି ମାତାଙ୍କୁ ଓଷାକରିବାକୁ ସୂଚାଇଲା। ରାଣୀ ଓଷାକଲେ। ଯମ ସନ୍ତୁଷ୍ଟହେଲେ।

**ସଙ୍କଟ ଚଉଠୀ:** ଅନ୍ୟ ନାମ ଶଙ୍କରଚଉଠୀ, ଶଙ୍କରଚତୁର୍ଥୀ। ମାଘ-କୃଷ୍ଣ ଚତୁର୍ଥୀ ରାତିରେ ଓଷା। ଏଥିରେ ଚାଉଳଭଜାର ପିଠା ଭୋଗହୁଏ। ଓଷାର ନିୟମ ଅତି କଠିନ। ଓଷେଇତି ଏକୁଟିଆ ଏହି ପିଠା କରିବ। ନୂଆ ଧାନ ବିଡ଼ାକୁ ବାଡ଼େଇ ଧାନ ସଂଗ୍ରହକରି ତାକୁ ଗୋଟିଏ ଗୋଡ଼ରେ ଢିଙ୍କିରେ କୁଟି ଚାଉଳ ବାହାରକରିବ। ନୂଆ କୁଳାରେ ପାଛୁଡ଼ିବ। କୁଣ୍ଡାକୁ ପାଣିରେ ବିସର୍ଜନକରିବ। ଚାଉଳକୁ ନୂଆ ମାଟିହାଣ୍ଡିରେ ଭାଜିବ। ଭଜା ଚାଉଳକୁ ପୁଣି ଢିଙ୍କିରେ କୁଟି ଚୂନାକରିବ। ତାକୁ ଜନ୍ତଣିକରି ଗୋଟିଏ ହାତରେ ଚିପିଚିପି ଗଇଁଠାକରିବ। ଚିନି ନୁହେଁ, ଗୁଡ଼ର ବ୍ୟବହାର ହେବ। ସେହି ପିଠାକୁ ନୂଆ ଚାଙ୍ଗୁଡ଼ିରେ ନେଇ ତୁଳସୀମୂଳେ ହରପାର୍ବତୀଙ୍କୁ ପୂଜାକରିବ। ପରଦିନ ଶିବମନ୍ଦିରକୁ ଯାଇ ଶିବଙ୍କୁ ଦର୍ଶନକରି ଫେରିବାରେ ବ୍ରତଭାଙ୍ଗିବ।

ପୁରୋହିତ ବ୍ରତବହି ପଢ଼ନ୍ତି। ଏହା ଶିବପାର୍ବତୀଙ୍କ ପୂଜା। ଉଭୟ ନିଜର ଭକ୍ତମାନଙ୍କୁ କିଭଳି ରକ୍ଷାକରନ୍ତି ସେ ବିଷୟରେ ବର୍ଣ୍ଣନା ରହିଛି। ଶିବପାର୍ବତୀ ଉଭୟଙ୍କୁ ପୂଜାକରୁଥିବା ଜଣେ

ଗରିବ ଭକ୍ତକୁ କିଛି ଧନ ଦେବାକୁ ପାର୍ବତୀ ଶିବଙ୍କୁ ନିବେଦନ କରିଛନ୍ତି। ଭକ୍ତର ଭାଗ୍ୟରେ ଧନ ନାହିଁ - ଶିବଙ୍କ ଏ ମତକୁ ପାର୍ବତୀ ମାନିନାହାନ୍ତି। ଅନ୍ୟ ଉପାୟ ନଦେଖି ପାର୍ବତୀଙ୍କ କଥା ମାନି ଶିବ ଦରିଦ୍ର ଭକ୍ତକୁ ଧନ ଦେଇଛନ୍ତି। ଭକ୍ତର ସବୁଦିନିଆ ରାସ୍ତାରେ ସୁନା ମୋହରଭର୍ତ୍ତି ଏକ କଳସ ରଖିଦେଇଛନ୍ତି। ମାତ୍ର, ଦୁର୍ଭାଗ୍ୟବଶତଃ ଭକ୍ତଟି ତାହା ହରାଇଛି। ଅନ୍ଧମାନେ କିପରି ବାଟ ଚାଲନ୍ତି, ପରୀକ୍ଷା କରିବାକୁ ଯାଇ ସେ ଆଖି ବୁଜି ରାସ୍ତାରେ ଚାଲିଛି। ଧନ କଳସକୁ ଝୁଣ୍ଟିପଡ଼ିଛି, ତଥାପି ଆଖି ଖୋଲିନାହିଁ। ଶେଷକୁ ଶିବଙ୍କ ଦୟାରୁ ପାଇଥିବା ଧନ ହରାଉଛି ବ୍ରାହ୍ମଣ। ଶିବଙ୍କୁ ଉପାସନା କରି ଓ ପାର୍ବତୀଙ୍କ ଦୟାରୁ ବ୍ରାହ୍ମଣର ଭାଗ୍ୟ ବଦଳିଛି। ଅରବିନ୍ଦ ପଟ୍ଟନାୟକ 'ବ୍ରତ ସାହିତ୍ୟ' ବହିରେ ଓଡ଼ିଶାର କୌଣସି ସ୍ଥାନରେ ଏହି ବ୍ରତ ପାଳନ କରାଯିବାର ଦେଖିନାହାନ୍ତି ବୋଲି କହିଛନ୍ତି, କିନ୍ତୁ ନୟାଗଡ଼ରେ ଏହି ବ୍ରତକୁ ନାରୀମାନେ ନିଷ୍ଠାରେ ପାଳନକରନ୍ତି ।(ପଟ୍ଟନାୟକ, ଅରବିନ୍ଦ:୧୯୮୨, ୨୦୦୮, ପୃ- ୧୧୭,୧୧୮)

**ତ୍ରିନାଥ ମେଳା:** ପଞ୍ଚାନନମେଳା ଓ ଶନିମେଳା ସହିତ ତ୍ରିନାଥମେଳାର ସାମଞ୍ଜସ୍ୟ ରହିଛି। ମେଳାରେ ଏକସଙ୍ଗେ ତିନିଜଣ ଦେବତା ପୂଜାହୁଅନ୍ତି। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର। ଗାଆଁରେ ତ୍ରିନାଥମନ୍ଦିର ଅଥବା ଭାଗବତ ଟୁଙ୍ଗୀରେ ମେଳାହୁଏ। ଆଜିକାଲି କ୍ଲବଘରେ, ଠାକୁରାଣୀ ପିଣ୍ଡାରେ କାମଚଳିଯାଉଛି। କେହିକେହି ନିଜ ଘରେ ମେଳା ଆୟୋଜନ କରୁଛନ୍ତି ।

ମେଳାରେ ତିନି ଠାକୁର, ତ୍ରିନାଥ। ତ୍ରିନାଥ-ଏକ ବଚନ। ତିନି ଠାକୁରଙ୍କପାଇଁ ତିନି ପ୍ରକାର ସଂଳାପ ନାହିଁ। ସମସ୍ତେ, ଏକ ସମୟରେ ଏକ କଥା କହନ୍ତି। ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ମେଳା ଆରମ୍ଭ ହୁଏ। କୀର୍ତ୍ତନ ହୁଏ। ଖୋଳ, ଗିନି, ତବଲା ବାଜେ। ଗାଆଁର ପିଲାବୁଢ଼ା ସମସ୍ତେ ଏଇଠି। ଭଜନ ବୋଲାଯାଏ। ମେଳା ଆସ୍ଥାନରେ ପିଢ଼ାରେ ତ୍ରିନାଥ ଓ ଗଣେଶ ଫଟୋ। ତ୍ରିନାଥଙ୍କପାଇଁ ଗଞ୍ଜେଇ, ପାନ, ଗୁଆ, ତେଲଦୀପ, ଫଟୋ ପଛପାଖରେ ବର, ଅଶ୍ୱତ୍ଥ ଡାଳ ରଖାଯାଏ। ଝୁଣା ଦିଆଯାଏ। ସମସ୍ତେ ବହିର କଥା ଶୁଣିବସନ୍ତି। ବହିଟି ନବାକ୍ଷରୀ ବୃତ୍ତରେ ରଚିତ।

ଶ୍ରୀପୁର ଗାଆଁର ମଧୁସୂଦନ ବ୍ରାହ୍ମଣ। ବ୍ରାହ୍ମଣୀର କ୍ଷୀର ନହେବାରୁ ବ୍ରାହ୍ମଣ ଶିଶୁପୁତ୍ରପାଇଁ ତା'ର ସମସ୍ତ ସମ୍ବଳ ଦେଇ ଗାଈଟିଏ କିଣିଲା। ପୁଅଟି କ୍ଷୀରପିଇ ବଢ଼ିଲା। ଦିନେ ସେ ଗାଈଟି ହଜିଲା। ଖୋଜିଖୋଜି ମଧୁସୂଦନ ଗୋଟିଏ ବରଗଛ ମୂଳେ ପହଞ୍ଚିଲା। ଗଛରେ ତ୍ରିନାଥ ରହନ୍ତି। ସେମାନେ ବ୍ରାହ୍ମଣକୁ ଡାକି, କିଛି ସଉଦା ଆଣିଦେବାକୁ ହାଟକୁ ପଠାଇଲେ। ସଉଦା-ପଇସାକର ଗଞ୍ଜେଇ, ପାନଗୁଆ ପାହିକର, ମାଳପା ପାହିକର। ପଇସା ନଥିବା କଥା ବ୍ରାହ୍ମଣ ଜଣାଇବାରୁ ସେମାନେ ନିକଟରେ ଥିବା ବେଣାମୂଳ ଉପାଡ଼ିବାକୁ କହିଲେ। ବ୍ରାହ୍ମଣ ବେଣାମୂଳରୁ ତିନିପଇସା ପାଇଲା। ଦରିଦ୍ର ସେ। ପଇସା ଲୋଭରେ ବାରମ୍ବାର ବେଣା ଓପାଡ଼ିଲା। ତେଲ କାହିଁରେ ଆଣିବ? ଉତ୍ତର ମିଳିଲା – ଆମ ନାଁ କହି ତେଲ ମାଗିବୁ। ଗାମୁଛାରେ ଆଣିବୁ। ବ୍ରାହ୍ମଣ ହାଟରୁ ସଉଦା କଲା। ତେଲପାଇଁ ଗାମୁଛା ପାତିବାବେଳେ ତେଲି ତାକୁ ବାଇଆ ମନେକରି ଠକିଲା। ତା'ର ତେଲ ଉଭେଇଗଲା। ପୁଣି ବ୍ରାହ୍ମଣ ତେଲିର କୁଣ୍ଡରେ ତେଲ ଢାଳି ଦେବାରୁ ତେଲ ଉଚ୍ଛୁଳି ପଡ଼ିଲା।

ସେଠାରୁ ସଉଦାକରି ତ୍ରିନାଥଙ୍କ ନିର୍ଦ୍ଦେଶରେ ବ୍ରାହ୍ମଣ ମେଳାକଲା। ପାଞ୍ଚ ପାଳିପାଇଁ ମାନସିକକରିବାରୁ ଗାଈ-ବାଛୁରୀ ଫେରିପାଇଲା। ମେଳାକରି ଧନଧାନ୍ୟରେ ତା'ର ଘର ପୂରିଉଠିଲା। ଏହିପରି ସେ ନଗରର ସବୁଲୋକ ମେଳାକରି ଧନୀ ହେଲେ। ସୁଧଖୋର ମହାଜନମାନଙ୍କର ବେପାର ବୁଡ଼ିଲା। ସେମାନଙ୍କ ଅଭିଯୋଗକ୍ରମେ ରାଜା ବ୍ରାହ୍ମଣକୁ ବନ୍ଦୀକଲେ। ରାଜାର ପୁଅ ମଲା। ମଶାଣିରେ ଶବଦାହପାଇଁ ପ୍ରସ୍ତୁତହେବା ସମୟରେ ତ୍ରିନାଥ ବୁଢ଼ାବେଶରେ ସେଠାରେ ପହଞ୍ଚି ମୃତକ କାନରେ ତ୍ରିନାଥ ବୋଲି କହିଦେଲେ ସେ ଉଠିବସିବ ବୋଲି କହିଲେ। ମେଳା କରିବାକୁ ପରାମର୍ଶ ଦେଲେ। ରାଜପୁତ୍ର ବଞ୍ଚିଲା। ରାଜା ମେଳାକଲେ ।

ରାଜାଙ୍କ ମେଳା ଦେଖିବାକୁ ସେହି ଦେଶର ଜଣେ ଅନ୍ଧ ଓ ଜଣେ ଛୋଟା ବିଚାରକଲେ। ଛୋଟାକୁ ବସାଇ କାନ୍ଧର, ଅନ୍ଧ ଚାଲଇ ଧୀରଧୀର। ହଠାତ୍ ଅନ୍ଧ ଚକ୍ଷୁପାଇଲା। ଛୋଟା ହାତଗୋଡ଼ ପାଇଲା। ତ୍ରିନାଥ କୃପାରୁ ଦୁହେଁ ମେଳା ଦେଖିଗଲେ।

ଜଣେ ବୈଷ୍ଣବ ତ୍ରିନାଥମେଳାର ନିନ୍ଦାକରି ଦଣ୍ଡପାଇଲେ ଓ ମେଳାର ମହିମା ପ୍ରଚାରକରି ଦୁର୍ଗତିରୁ ମୁକ୍ତିପାଇଲେ। ମେଳାର ପ୍ରସାର ପ୍ରଚାର ନିମିତ୍ତ ବହୁ ଦୃଷ୍ଟାନ୍ତ ଦେଇ ଏଠାରେ ଦୈବୀ ମହିମାର ଗୁଣଗାନ ହୋଇଛି। ତ୍ରିନାଥମେଳାର ନିର୍ଦ୍ଦିଷ୍ଟ ତିଥିଲଗ୍ନ ନାହିଁ ; କିନ୍ତୁ ଏହା ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ହୁଏ। ନୟାଗଡ଼ ଜିଲ୍ଲାର କେତେକ ଗାଆଁରେ ମାଘମାସର ପ୍ରତି ରବିବାରେ ମେଳା ହେବାର ଲକ୍ଷ୍ୟ କରାଯାଏ। ଗବେଷକ ଅରବିନ୍ଦ ପଟ୍ଟନାୟକଙ୍କ ମତରେ- ମାତ୍ର ଏହା କେବଳ ପୁରୁଷମାନେ ମିଳିତହୋଇ ପାଳନକରନ୍ତି। ପୂର୍ବୋକ୍ତ ଓଷାବ୍ରତପରି ଏଥିରେ ନାରୀମାନଙ୍କ ଭୂମିକା ନାହିଁ ।(ତତ୍ରୈବ, ପୃ- ୧୯୮) ମାତ୍ର ନୟାଗଡ଼ର ଗାଆଁଗୁଡ଼ିକରେ ବହୁସଂଖ୍ୟାରେ ନାରୀମାନେ ତ୍ରିନାଥମେଳାକୁ ଉପବାସ ଭାବେ ଗ୍ରହଣକରନ୍ତି। ସେମାନେ ବ୍ରାହ୍ମଣ ବରଣ କରନ୍ତିନାହିଁ। ନିଜେ ବହିପଢ଼ନ୍ତି ଭୋଗ ବାଢ଼ନ୍ତି। ମେଳାରେ ଗଞ୍ଜେଇ ଚିଲମ ସଜଡ଼ାଯାଏ। ଶେଷରେ ପାନଗୁଆ ପ୍ରସାଦ ରୂପେ ବଣ୍ଟା ଯାଏ। ବାଣ୍ଟି ଖାଇବାକୁ ମେଳା ଶିଖାଏ। ଅଙ୍କ ବହୁତ ନକହିବ, ପ୍ରସାଦ ବାଣ୍ଟିଣ ଖାଇବ। ଦିନସାରା ଉପବାସ କରିଥିବା ନାରୀପୁରୁଷ ଓଷା ସରିଲେ ଅରୁଆ ଖାଆନ୍ତି। ଏହା କେବେକେବେ ଚାରିପାଳି, କେବେ ପାଞ୍ଚପାଳି ହୁଏ। ଯାଚନା ମେଳା ପାଞ୍ଚ ପାଳି। ଯେକୌଣସି ରବିବାର ଯାଚନା ମେଳା କରାଯାଏ। ଗାଆଁରେ ପ୍ରତି ରବିବାର ହେଉଥିବା ମେଳାରେ କେବଳ ଆମିଷ ନିଷେଧଥାଏ। ଆଉ କିଛି ବାରଣ ନଥାଏ।

ଉଦିଅ ଅହିବାର / ଅର୍ଥଉଦିଆ ରବିବାର : ମାଘମାସ ରବିବାର ଓଷା ପାଳିବାର ଦିନ। ନାରୀମାନଙ୍କର ଏ ଓଷା। ଏଠାରେ ମଧ ଚକୁଳିଆ ପଣ୍ଡା ମୁଖ୍ୟ ଚରିତ୍ର। ସ୍ତ୍ରୀ ଓ ଦୁଇ ଝିଅର ସଂସାର। ଝିଅମାନେ ଗୋବର ଘଷି ସଂଗ୍ରହ କରିବାକୁଯାଇ

ଦେବକନ୍ୟାଙ୍କର ଏ ବ୍ରତ ବିଷୟରେ ଜାଣିଲେ। ବ୍ରତକରି ସମ୍ପତ୍ତି ପାଇଲେ। ରାଜା, ମନ୍ତ୍ରୀଙ୍କୁ ବରିଲେ। ଓଷା ବ୍ରତ ଠିକ୍ ଭାବେ ନକରି ରାଣୀ ଦୁର୍ଦ୍ଦିନ ଭୋଗିଲେ। ରାଜା ତାଙ୍କୁ ତ୍ୟାଗକଲେ। ମନ୍ତ୍ରୀ ଓ ମନ୍ତ୍ରୀପତ୍ନୀ (ସାନ ଭଉଣୀ) ସାହାଯ୍ୟରେ ପୁଣି ଓଷାକରି ସୌଭାଗ୍ୟ ପ୍ରାପ୍ତହେଲେ ।

ନୟାଗଡ଼ରେ କାର୍ତ୍ତିକ ମାସ ରବିବାରେ ଏହି ଓଷା। ବିଭିନ୍ନ ମାନସିକ ରଖି ଓଷା କରାଯାଏ। ରବିବାରଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ନଦୀ ବା ପୋଖରୀକୂଳରେ ତୁଳସୀମୂଳରେ ବାଲୁକା ସ୍ଥାପନକରି ଫଳମୂଳ ସମର୍ପଣ କରାଯାଏ। ଓଷେଇତିମାନେ ସାରାଦିନ ସୂର୍ଯ୍ୟଦେବତାଙ୍କୁ ଧ୍ୟାନ କରନ୍ତି। ଖାଦ୍ୟ ପାନୀୟ ଗ୍ରହଣକରନ୍ତି ନାହିଁ। ସନ୍ଧ୍ୟାବେଳେ ସମର୍ପିତ ଫଳକୁ ନେଇ ଆଉଥରେ ସମର୍ପଣକରନ୍ତି। ସୋମବାରଦିନ ସକାଳୁ ଆଉଥରେ ମୁଣ୍ଡଧୋଇ, ବାଲୁକା ପୂଜାକରି ଘରକୁ ଫେରନ୍ତି ଏବଂ ବାଳ ଶୁଖିବା ପରେ ହିଁ ଖାଦ୍ୟ ଖାଆନ୍ତି ।

ଇଦ୍-ଉଲ୍- ଫିତର୍ ଓ ଇଦ୍-ଉଲ୍-ଜୁହା: ମୁସଲମାନମାନେ ମହମ୍ମଦଙ୍କୁ ଅନୁସରଣ କରନ୍ତି। ସେମାନେ ଏକେଶ୍ୱରବାଦୀ। କେବଳ ଦୁଇଟି ପର୍ବ ପାଳିଥାନ୍ତି। ହିନ୍ଦୁ ଗାଆଁଗୁଡ଼ିକରେ ସାହିସାହିରେ ନୂଆଦାଳ। ଇସ୍‌ଲାମ୍‌ରେ କିନ୍ତୁ ସମସ୍ତେ ଏକାଠି। ସମବେତ ନମାଜ ପାଠହୁଏ। ହିନ୍ଦୁଙ୍କ ଓଷା ବହିପରି ଭିନ୍ନ ଭିନ୍ନ କୋରାନ୍/ନମାଜ ନାହିଁ ।

ଇଦ୍-ଉଲ୍- ଫିତର୍ ଏବଂ ଇଦ୍-ଉଲ୍-ଜୁହା। ପ୍ରଥମଟି ଖୁସିର ଓ ଦ୍ୱିତୀୟଟି ଦୁଃଖର। ଇଦୁଲ୍‌ଫିତରର ୩୦ଦିନ ପୂର୍ବରୁ, ବୃଷ ଅମାବାସ୍ୟା ପରେ, ମଳମାସ ଆରମ୍ଭର ପରଦିନଠୁ ରମ୍‌ଜାନ/ରମ୍‌ଦାନ ମାସ ଆରମ୍ଭ। ରମ୍‌ଦାନ ମାସସାରା ସମସ୍ତେ ରୋଜା(ଉପବାସ) ରଖନ୍ତି। ୩୦ଟି ରୋଜା। ଏହି ଦିନଗୁଡ଼ିକରେ ପୁରୁଷମାନେ ମସ୍‌ଜିଦ୍ ଯାଆନ୍ତି। ଝିଅମାନଙ୍କୁ ମସ୍‌ଜିଦ୍ ମନା ; ତେଣୁ ଝିଅମାନେ ଘରେ ରହନ୍ତି। ସମସ୍ତେ କୋରାନ୍ ପାଠକରନ୍ତି। କୋରାନ୍‌ର ତିରିଶ ଅଧ୍ୟାୟ ରୋଜାରେ ଶେଷହୁଏ। ଏହି ମାସରେ କୋରାନ୍‌ର ଜନ୍ମ। ନୂଆଜାମା, ବିଭିନ୍ନ ଖାଦ୍ୟରେ ଖୁସିମନାନ୍ତି ମୁସଲିମ୍ ପରିବାର। ଦୀର୍ଘଦିନର ଶତ୍ରୁତା ଏଇଠି ଶେଷହୁଏ। ଦିନରେ ପାଞ୍ଚଥର ନମାଜ ପାଠ। ସୂର୍ଯ୍ୟାସ୍ତ ପୂର୍ବରୁ - ଫଜର, ମଧ୍ୟାହ୍ନ ପରେ -ଦୁହର, ସନ୍ଧ୍ୟା ପୂର୍ବରୁ-ଅସର, ସନ୍ଧ୍ୟାପରେ-ମଗ୍‌ବୀର ଓ ଶୋଇବା ପୂର୍ବରୁ –ଇଶା। ଫଜର ପୂର୍ବରୁ ଭୋଜନ। ଦିନସାରା ନିର୍ଜଳ ଉପବାସପରେ ମଗ୍‌ବୀର୍‌ରେ ରୋଜା ଫିଟେ। ଶେଷଦିନଟି ଇଦୁଲ୍‌ଫିତର। ଉକ୍ତ ଦିନଗୁଡ଼ିକରେ ଗରିବ ଲୋକମାନଙ୍କୁ ଦାନ ଦିଆଯାଏ। ରମ୍‌ଜାନ ମାସ ଆରମ୍ଭର ପନ୍ଦର ଦିନ ପୂର୍ବରୁ 'ସବେ-ବରାତ'ରେ ଘରଦ୍ୱାର ପରିଷ୍କାର କରାଯାଏ। ବର୍ଷସାରାର ମଇଳା ଦୂର କରାଯାଏ। ରମ୍‌ଜାନର ଛବିଶି ଦିନରେ 'ସବେକଦର'ରେ ରାତିସାରା ନମାଜ ପାଠ। ଇଦୁଲ୍‌ଫିତରର ଦୁଇମାସ ଦଶଦିନ ପରେ ଆସେ ଇଦ୍‌ଜୁହା। ଏହା ଦୁଃଖର ପର୍ବ। ଏହିଦିନ ପୁରୁଷମାନେ ମସ୍‌ଜିଦ୍ ଯାଆନ୍ତି। ମସ୍‌ଜିଦ୍‌ରେ ଛେଳି ବଳି ଦିଆଯାଏ।(ବର୍ତ୍ତମାନ ମସ୍‌ଜିଦ୍‌ରେ ବଳି ବଦଳରେ ପଇସା ଦିଆଯାଉଛି) କବରସ୍ଥାନରେ ମୃତକଙ୍କପାଇଁ ଦୁଆମାଗନ୍ତି। ସମସ୍ତେ ଘରୁ ସଫାପାଣି ନେଇ ମସ୍‌ଜିଦ୍ ଯାଇଥାଆନ୍ତି। ସେଠାରେ ମୌଲବୀ ଆବେ-ଜମ୍-ଜମ୍ (ସାଉଦି ଆରବର ପବିତ୍ରପାଣି; ଯେମିତି ହିନ୍ଦୁମାନଙ୍କର ଗଙ୍ଗାଜଳ)କୁ ଶୁଙ୍ଘି ସମସ୍ତଙ୍କ ସଫାପାଣିରେ ମିଶାନ୍ତି। ତାହା ବର୍ଷସାରା ରହେ। ମୃତ୍ୟୁ ଶଯ୍ୟାରେ ମଣିଷକୁ ଆବେଜମ୍‌ଜମ୍ ଦିଆଯାଏ ।

ଏହି ଦୁଇପର୍ବ ନୟାଗଡ଼ର ମୁସଲ୍‌ମାନ ଧର୍ମକୁ ସାର୍ବଜନୀନକରେ। ଭାଇଚାରାର ଡାକରେ ଅନେକ ହିନ୍ଦୁ ମଧ୍ୟ ଏ ପର୍ବରେ ସାମିଲ୍ ହୁଅନ୍ତି ।

**ଉପସଂହାର:** ସଂସ୍କୃତି ଓ ପରଂପରା ଦୃଷ୍ଟିରୁ ନୟାଗଡ଼ ଏକ ସମୃଦ୍ଧ ଭୂ-ଖଣ୍ଡ। ଏହି ମାଟିର ଇତିହାସକୁ ଅଧ୍ୟୟନ କଲେ ଏହା ଐତିହ ଓ ଗୌରବର ଅନେକ ପ୍ରମାଣ ଆପଣମାନେ ପାଇପାରିବେ। ଏମିତି ଏକ ସଂସ୍କୃତି ସମ୍ପର୍ଣ୍ଣ ମାଟିରେ ଏହାର ଲୋକବିଶ୍ୱାସ ଓ ଲୋକଚଳଣିର ବିବିଧ ରୂପ ରହିବା ତ ସ୍ୱଭାବିକ ବିଷୟ। ଉପରୋକ୍ତ ଆଲୋଚନା ମାଧ୍ୟମ ଦେଇ ଯଥାସାଧ୍ୟ ଏ ଅଞ୍ଚଳର ଧର୍ମାଚାର ସମ୍ପର୍କରେ ଏକ ଅବଧାରଣା ସୃଷ୍ଟି କରାଗଲା। ଯାହା ପାଠକ ଓ ଗବେଷକଙ୍କୁ ଏକ୍ଷେତ୍ରରେ ଅଧିକ ଅଧ୍ୟୟନ ନିମନ୍ତେ ସହଯୋଗୀ ହେବେ।

**ସହାୟକ ଗ୍ରନ୍ଥସୂଚୀ:**


୧) ନନ୍ଦ, ହରିହର। ୨୦୦୬। ନୟାଗଡ଼ ଇତିହାସ। ବୁର୍ଲା: ଫାଇବଷ୍ଟାର ପ୍ରିଣ୍ଟିଂପ୍ରେସ୍।

୨) ଆଚାର୍ଯ୍ୟ, ପ୍ରାଣକୃଷ୍ଣ। ୧୯୯୭। ସଂକ୍ଷିପ୍ତ ଓଡ଼ିଶା ଓ ନୟାଗଡ଼ ଇତିହାସ। ସିନ୍ଦୁରିଆ, ନୟାଗଡ଼: ମୋ ପ୍ରେସ ପ୍ରକାଶନ।

୩) ପାଣିଗ୍ରାହୀ, କୈଳାସ ଚନ୍ଦ୍ର। ୧୯୮୨। ନୟାଗଡ଼ ଇତିହାସ। ପ୍ରକାଶନ ସୂଚନା ଅନୁପଲବ୍ଧ ( ସୌଜନ୍ୟ ଓଡ଼ିଆ ବିଭବ)।

୪) ବଳିଆର ସିଂହ, ସତ୍ୟବାଦୀ। ୨୦୧୧। ରଣପୁର ଇତିହାସ। ଟାଙ୍ଗୀ, ପୁରୀ : ଶାନ୍ତିପ୍ରେସ୍।

୫) ସାହୁ, ବଂଶୀଧର। ୨୦୧୧। ନୟାଗଡ଼ ନିର୍ମାଣ ଯୁଗ ପ୍ରତିଷ୍ଠାରେ। ଇଟାମାଟି ନୟାଗଡ଼। ପ୍ରକାଶନ ସୂଚନା ଅନୁପଲବ୍ଧ ( ସୌଜନ୍ୟ ଓଡ଼ିଆ ବିଭବ)।

୬) ମହାପାତ୍ର, ଶ୍ୟାମ ସୁନ୍ଦର। ୨୦୧୧। ଲୋକ ସାହିତ୍ୟ ତତ୍ତ୍ୱ। ବିନୋଦ ବିହାରୀ, କଟକ: ଓଡ଼ିଶା ବୁକ୍ ଷ୍ଟୋର୍।

୭) ନନ୍ଦ, ଦୁର୍ଗା ମାଧବ। ୧୯୯୯। ଆମ ଲୋକ ସଂସ୍କୃତି। ଦ୍ୱିତୀୟ ସଂସ୍କରଣ। ବ୍ରହ୍ମପୁର: ଲୋକ ସଂସ୍କୃତି ଗବେଷଣା ପରିଷଦ।

୮) ପଟ୍ଟନାୟକ, ଅରବିନ୍ଦ। ୨୦୦୮। ବ୍ରତ ସାହିତ୍ୟ। ଦ୍ୱିତୀୟ ପ୍ରକାଶନ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ।

**Does this article screened for similarity?**
Yes

**Conflict of interest**
The Author has no conflicts of interest to declare that they are relevant to the content of this article.

**About the Licenses**
© **Lt. Dr. Bindulata Sandha 2025**. The text of this article is open access and licensed under a Creative Commons Attribution 4.0 International License

**Cite this Article :**
Sandha, Bindulata, Nayagarh Jilaare Prachallita Bibhirna Dharmaachara, Bageesha, Vol. No. 03, Issue No. 01, January-February 2025, Article No: BM2025/01-A002 | Page- 13-22| DOI: https://doi.org/10.70541/BAGEESHA/2025030102

BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan - Feb 2025
Refereed Peer-Reviewed Journal

# ଆଧୁନିକ ଓଡ଼ିଆ କାବ୍ୟ-କବିତାରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି

**ବଶିଷ୍ଠ କୁମାର ବେହେରା**
ଓଡ଼ିଆ ପ୍ରାଧ୍ୟାପକ, ଆନନ୍ଦପୁର ମହାବିଦ୍ୟାଳୟ, କେଉଁଝର

BM2025/01-A003

RECEIVED : 20 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025

ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ପ୍ରଫେସର ବଭ୍ରୁବାହନ ମହାପାତ୍ର
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା

DOI: 10.70541/BAGEESHA/2025030103

Article No. BM2025/01-A003
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ସାହିତ୍ୟ, ସମୟାନୁସାରି ସାମାଜିକ ଜଳଛବି। ସାହିତ୍ୟର ପଥ ଦେଇ ଆଜି ଆମେ ଆମ ଅତୀତର ଏକ ପ୍ରାରୂପକୁ ଦେଖିବାର ସୁଯୋଗ ଲାଭ କରିପାରୁଛେ। ବାସ୍ତବରେ ସାହିତ୍ୟ କେବଳ ସର୍ଜନାତ୍ମକ କଳାକର୍ମ ନୁହେଁ; ଏହା ଆମ ସାମାଜିକ ଓ ସଂସ୍କୃତିକ ଇତିହାସ ମଧ୍ୟ। ଯାହାକୁ ସାହିତ୍ୟର ମାର୍ଗ ଦେଇ ସ୍ରଷ୍ଟା ଭିନ୍ନ ରୂପରେ ସଂରକ୍ଷଣ ଦିଏ। ଅନୁରୂପ ପ୍ରୟାସ ଆଧୁନିକ ସାହିତ୍ୟର ଏକ ପ୍ରମୁଖ ଦିଗ। ଏଠାରେ ସ୍ପଷ୍ଟ କରିଦିଆ ଯାଇପାରେ ଯେ, ସାହିତ୍ୟରେ ଏହି ଇତିହାସ ବା କିମ୍ବଦନ୍ତୀକୁ ଯଦିଓ ପୂର୍ଣ୍ଣତଃ ଗ୍ରହଣ କରା ନ ଯାଇ ଏହା ସହ ସର୍ଜନା ଯୋଡ଼ି ଦିଆଯାଇଛି। ତଥାପି ଏହାର ଅଧ୍ୟୟନ ଆମ ସାହିତ୍ୟପାଇଁ ଗୌରବର ପରିଚାୟକ।

ମୂଳଶବ୍ଦ: ଆଧୁନିକ, କବିତା, ଓଡ଼ିଆ କବିତା, ଆଧୁନିକ ଓଡ଼ିଆ କବିତା, ଇତିହାସ ଓ କିମ୍ବଦନ୍ତୀ, ସାହିତ୍ୟ, ଜନଶ୍ରୁତି, ଓଡ଼ିଆ କାବ୍ୟ-କବିତା।

**ଉପକ୍ରମ:** ଇତିହାସ ଯାହା ଅତୀତ ଗୌରବର ଗାଥା ବଖାଣେ ଓ ମୂକସାକ୍ଷୀ ରୂପେ କାଳକାଳକୁ ଦଣ୍ଡାୟମାନ ହୋଇ ରହିଥାଏ ତାହାର ଦୃଷ୍ଟାନ୍ତ ସମସ୍ତ ସ୍ରଷ୍ଟାଙ୍କ ଲେଖନୀରେ ପ୍ରମାଣିତ। ଆଧୁନିକ ଓଡ଼ିଆ କବିଙ୍କର କାବ୍ୟ କବିତାରେ ପ୍ରେମ, ବିରହ, ଜାତୀୟତାବୋଧ, ଦେଶପ୍ରୀତି, ଆଧ୍ୟାତ୍ମିକତା, ସାମାଜିକତାର ସ୍ୱର ବହୁ ମାତ୍ରାରେ ପରିଲକ୍ଷିତ। ମାତ୍ର ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନିରେ ଓଡ଼ିଆ କାବ୍ୟ କବିତାରେ ଶୁଣାଯାଏ ନିଆରା ସ୍ୱର ଝଙ୍କାର। ଯେଉଁଥିରେ ଆଧୁନିକ ଓଡ଼ିଆ କବିଙ୍କର ପାରଦର୍ଶିତା ଦର୍ଶାଏ ଅତୀତ ଗୌରବର ଗାଥା ବଖାଣିବାର ସ୍ୱତନ୍ତ୍ର ପ୍ରେମଭାବ। ପାଶ୍ଚାତ୍ୟ ଶୈଳୀର ଅନୁକରଣରେ ହେଉ ଅବା ଓଡ଼ିଆ ସାହିତ୍ୟର ଇତିହାସ ହେଉ କିମ୍ବା ଜନଶ୍ରୁତି ମାଧ୍ୟମରେ କିମ୍ବଦନ୍ତୀର ପ୍ରଚାର ପ୍ରସାର ସବୁଥିରେ ନିଜସ୍ୱ ପ୍ରୟାସକୁ ଅବାଧରେ ଚଳାଇଛନ୍ତି ଆଧୁନିକ ଓଡ଼ିଆ କବିମାନେ ତାଙ୍କ କାବ୍ୟକବିତାରେ। ସ୍ୱକୀୟ ଭାବଧାରାରେ କାବ୍ୟ କବିତାରେ ଇତିହାସ ଓ କିମ୍ବଦନ୍ତୀର ଚିତ୍ର ପ୍ରକାଶ କରିବାରେ ଯେଉଁ କେତେକ କବି ଆଧୁନିକ ଓଡ଼ିଆ କାବ୍ୟ କବିତାକୁ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରେ ରାଧାନାଥ ରାୟ, ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, ରାମକୃଷ୍ଣ ସାହୁ, ଗୋପବନ୍ଧୁ ଦାସ ଓ ମାୟାଧର ମାନସିଂହ ଅନ୍ୟତମ। ଏଇଠି ଆମେ ସ୍ପଷ୍ଟ କରିଦେଉଛୁ ଯେ, ଉକ୍ତ ଆଲୋଚନା କେବଳ ରାଧାନାଥ ଓ ସତ୍ୟବାଦୀ ଚେତନାର କେତେକ ପ୍ରମୁଖ କବିଙ୍କ କାବ୍ୟ କବିତା ଆଧାରରେ ପ୍ରସ୍ତୁତ ହୋଇଛି ।

**ବିଷୟର ଆଲୋଚନା:** ନବଚେତନାର ବାର୍ତ୍ତାବହ ରୂପେ ପରିଚିତ ରାଧାନାଥ ରାୟ ବିଶେଷ ଭାବେ ଜଣେ ଯୁଗ ପ୍ରବର୍ତ୍ତକ। ରାଧାନାଥ ରାୟ କବିବର ଭାବେ ପରିଚିତ ହୋଇ ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଅନେକ ସୃଷ୍ଟି ମଧ୍ୟରେ 'ନନ୍ଦିକେଶ୍ୱରୀ' କାବ୍ୟ ଅନ୍ୟତମ। ଯେଉଁଥିରେ ରାଧାନାଥ ଇତିହାସ ଓ କିମ୍ବଦନ୍ତୀକୁ ଗ୍ରହଣ କରିଛନ୍ତି। ବିଦେଶୀ ସାହିତ୍ୟରୁ କଥାବସ୍ତୁ ଗ୍ରହଣ କରିଥିଲେ ହେଁ ଏଥିରେ କବି ମାଦଳାପାଞ୍ଜିର କିମ୍ବଦନ୍ତୀ ଉପରେ ନିର୍ଭର କରିଛନ୍ତି। ଏଠାରେ କାବ୍ୟର ନାୟିକା ଇତିହାସର ଚରିତ୍ର ନ ହେଲେ ମଧ୍ୟ କବିଙ୍କ ବର୍ଣ୍ଣନାରେ ଇତିହାସ ପରି ପ୍ରତୀତ ହୋଇଛନ୍ତି। ସୁବର୍ଣ୍ଣ କେଶରୀ ଶତ୍ରୁ ଥିଲେ ମଧ୍ୟ

କାବ୍ୟ ନାୟିକା ସେଥିପ୍ରତି ଭ୍ରୁକ୍ଷେପ ନ କରି ଚୋଡ଼ଗଙ୍ଗ ଦେବଙ୍କ ବୀରତ୍ୱ ଓ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ। ମାତ୍ର ଚୋଡ଼ଗଙ୍ଗ ଦେବ ନାୟିକା ମନର ଅକୁହା କଥାକୁ ବୁଝିପାରି ନାହାନ୍ତି। ସେହିପରି ରାଧାନାଥଙ୍କ 'ଚିଲିକା' କାବ୍ୟରେ ପ୍ରକୃତି ପ୍ରେମକୁ ଗୁରୁତ୍ୱ ଦେଇଥିଲେ ହେଁ ତା' ଭିତରେ ଉତ୍କଳର ଇତିହାସ ଓ କିମ୍ବଦନ୍ତୀ ଏକାକାର ହୋଇଛି। 'ଚିଲିକା' କାବ୍ୟରେ ସେ ଉତ୍କଳର ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚିଜୟ କରିବା ଓ ରାଜ ଜେମା ପଦ୍ମାବତୀଙ୍କୁ ନେଇ ଚିଲିକା ବାଟ ଦେଇ ଆସିବା ଆଦି ବର୍ଣ୍ଣନା ଇତିହାସକୁ ପୁନର୍ଜୀବିତ କରି ଦେଇଛି। 'ଯଯାତି କେଶରୀ' କାବ୍ୟଟି ଏକ ପ୍ରଣୟ ମୂଳକ ଓ ଶୃଙ୍ଗାର ରସାଶ୍ରିତ କାବ୍ୟ। ଓଡ଼ିଶାର ପ୍ରକୃତି ଓ ଲୋକମୁଖରେ ପ୍ରଚଳିତ କିମ୍ବଦନ୍ତୀ ଅବଲମ୍ବନରେ କବି ଏହାକୁ ରଚନା କରିଛନ୍ତି। ମଗଧର ରାଜପୁତ୍ର ଯଯାତି କେଶରୀ ଓ ଉତ୍କଳର ରାଜକକନ୍ୟା ଏହି କାବ୍ୟର ନାୟକ ଓ ନାୟିକା ଅଟନ୍ତି। ମଗଧ ରାଜାଙ୍କର ପ୍ରଥମା ପତ୍ନୀଙ୍କର ପୁତ୍ର ଓ କନ୍ୟା ବିମାତାର ଅତ୍ୟାଚାରରେ ରାଜ୍ୟ ଛାଡ଼ିଛନ୍ତି। ପୁତ୍ର ଯଯାତିକେଶରୀ ସହିତ କନ୍ୟା ବିମଳା ପୁରୁଷ ବେଶରେ ରହୁଥିଲା। ଉତ୍କଳର ରାଜକନ୍ୟା ଲଳିତା ବିମଳାଙ୍କୁ ପୁରୁଷ ଭାବି ତାଙ୍କ ପ୍ରେମରେ ପଡ଼ିଗଲେ। ପରେ ବିମଳାଙ୍କର ନାରୀତ୍ୱ ଜାଣିପାରି ଅପଦସ୍ତ ହେଲେ। ଏହି ସୁଯୋଗରେ ରାଜପୁତ୍ର ଯଯାତିକେଶରୀ ନାରୀ ବେଶରେ ନିଜକୁ ବିମଳା ବୋଲି ପରିଚୟ ଦେଇ ଲଳିତାଙ୍କ ସହିତ ଗୋପନ ପ୍ରଣୟରେ ଲିପ୍ତ ରହିଲେ। ପରେ ଉତ୍କଳର ରାଜା ଏହା ଜାଣିପାରି ତାଙ୍କୁ ଦଣ୍ଡ ଦେବାକୁ ସ୍ଥିର କରିବାରୁ ସ୍ୱୟଂ ବିରଜଦେବୀ ରାଜାଙ୍କୁ ସ୍ୱପ୍ନରେ ଭୟ ପ୍ରଦର୍ଶନ କଲେ। ଏହା ପରେ ଲଳିତାଙ୍କ ସହିତ ଯଯାତିଙ୍କର ବିବାହ ସମ୍ପନ୍ନ ହୋଇ କାବ୍ୟର ପରିସମାପ୍ତି ଘଟିଛି।

ଇତିହାସର ଭିତ୍ତିଭୂମି ଉପରେ ରଚିତ 'ପାର୍ବତୀ' କାବ୍ୟରେ ମାଦଳାପାଞ୍ଜିର ଗଙ୍ଗେଶ୍ୱର ଦେବଙ୍କ ପାପ ପ୍ରଣୟ ଓ ମହାରାଣୀ ପାର୍ବତୀଙ୍କର ଦୁଇଟି ନାରୀ ରୂପ ପ୍ରକାଶିତ। ପାର୍ବତୀ ମହାରାଣୀ ନାୟିକା ଓ ନାୟକ ହେଉଛନ୍ତି ଉତ୍କଳର ରାଜା ଗଙ୍ଗେଶ୍ୱର ଦେବ। ଭାରତୀୟ ନାରୀର ଆଦର୍ଶରେ ରାଣୀ ପାର୍ବତୀ କନ୍ୟା ପାପ ଶ୍ରବଣ କରି ମଧ୍ୟ ପତ୍ନୀ ରୂପ ତ୍ୟାଗ କରିପାରି ନାହାନ୍ତି। କିନ୍ତୁ ପ୍ରେତାତ୍ମାର ସାକ୍ଷ୍ୟ ପରେ ସେ ମାତୃ ରୂପେ ଅବତୀର୍ଣ୍ଣା ହୋଇଛନ୍ତି। ପତି ଗଙ୍ଗେଶ୍ୱର ତାଙ୍କ ଆଖିରେ ଜଣେ ନରରାକ୍ଷସ ମାତ୍ର। ପାର୍ବତୀଙ୍କ କ୍ଷେତ୍ରରେ ପତ୍ନୀ ରୂପର କ୍ରମ ତିରୋଧାନ ଓ ମାତା ରୂପର କ୍ରମ ଆବିର୍ଭାବ ଭଳି ମୁଖ୍ୟତଃ ଭିନ୍ନ ଦୁଇଟି ରୂପର ସୂତ୍ରପାତ ଘଟିଛି। 'ପାର୍ବତୀ' ତାଙ୍କର ଏକ ଅସମ୍ପୂର୍ଣ୍ଣ କାବ୍ୟ ହେଲେ ହେଁ ଏହା ଇତିହାସର ଭିତ୍ତିଭୂମି ଉପରେ ରଚିତ।

କବି ରାଧାନାଥଙ୍କର 'ଚନ୍ଦ୍ରଭାଗା' ଓ 'କେଦାର ଗୌରୀ' କାବ୍ୟ ପାଶ୍ଚାତ୍ୟ କିମ୍ବଦନ୍ତୀ ଉପରେ ଆଧାରିତ। ଗ୍ରୀସୀୟ କାହାଣୀ "Pyramus and Thisbe" ଅନୁସରଣରେ 'କେଦାରଗୌରୀ' ଓ ଗ୍ରୀକ୍ କାହାଣୀ "Apollo and Saphne"ର ଅନୁସରଣରେ ରଚିତ ହୋଇଛି 'ଚନ୍ଦ୍ରଭାଗା' କାବ୍ୟ। ରାଧାନାଥ ଉଭୟ କାହାଣୀକୁ ଆଧାର କରି ଓ ତାହାକୁ ଓଡ଼ିଶାର କିମ୍ବଦନ୍ତୀ ଓ ବାତାବରଣ ସହିତ ସମନ୍ୱୟ ରକ୍ଷା କରି 'କେଦାର ଗୌରୀ' ଓ 'ଚନ୍ଦ୍ରଭାଗା' କାବ୍ୟ ରଚନା କରିଥିଲେ। ଦୁଇଟି ଯାକ ପ୍ରଣୟ ମୂଳକ କାବ୍ୟ ରାଧାନାଥ ମୁଖ୍ୟତଃ ପ୍ରକୃତି ପ୍ରେମୀ ହେଲେ ହେଁ କାବ୍ୟରେ ଉତ୍କଳର ଇତିହାସ ଓ କିମ୍ବଦନ୍ତୀର ସୁନ୍ଦର ଅବତାରଣା କରି ନିଜ କବି ପ୍ରତିଭାର ଅନନ୍ୟ ଉଦାହରଣ ଦେଇଛନ୍ତି। ସେ ପାଶ୍ଚାତ୍ୟ କାବ୍ୟାଦର୍ଶର ଭିତ୍ତିରେ ଓଡ଼ିଆ କାବ୍ୟ-କବିତାକୁ ଦେଇଛନ୍ତି ନୂତନ ଜୀବନ୍ୟାସ। ସେ ପାଠକ ପ୍ରାଣରେ ତାଙ୍କ କବିତା ମାଧ୍ୟମରେ ଏକ ନୂତନ ରୁଚି ସୃଷ୍ଟି କରିଛନ୍ତି।

ରାଧାନାଥ କାବ୍ୟ ପ୍ରତିଭାର ଜୟଯାତ୍ରା ହିଁ "ମହାଯାତ୍ରା"। ଏହା ମଧ୍ୟ ଏକ ଅସମ୍ପୂର୍ଣ୍ଣ କାବ୍ୟ। ଏହା ପୁରାଣର ପୃଷ୍ଠଭୂମିରେ ରଚିତ ହେଲେ ହେଁ ଏହାର ଆତ୍ମିକ ହେଉଛି ଇତିହାସ, ପୁରାଣ ନୁହେଁ। ତତ୍ ସହିତ ଉତ୍କଳୀୟ କିମ୍ବଦନ୍ତୀ ପ୍ରତି କବିଙ୍କର ପ୍ରଚଣ୍ଡ ମୋହ ଭିତରେ ପ୍ରତିଧ୍ୱନିତ ହୋଇଛି ତାଙ୍କର ଉତ୍କଳୀୟତା। ମହାଯାତ୍ରାର ଗତିପଥରେ କବି ନାନା ପୌରାଣିକ ଓ ଐତିହାସିକ ବର୍ଣ୍ଣନା କରିଛନ୍ତି। ଏଥିରେ ତାଙ୍କର ମୌଳିକତା ଓ ସ୍ୱକୀୟତା ନିହିତ। 'ମହାଯାତ୍ରା'ର ପଞ୍ଚମ ସର୍ଗରେ ମୟୂରଭଞ୍ଜର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବ ଶାସନର କୀର୍ତ୍ତିଗାନ ସହିତ ଷଷ୍ଠ ସର୍ଗରେ ବାମଣ୍ଡାଧିପତି ସୁଢଳଦେବ ଓ ତାଙ୍କ ପୁତ୍ର ସଚ୍ଚିଦାନନ୍ଦଙ୍କ ସଦ୍‌ଗୁଣାବଳୀ, ଅଗ୍ନିକୁଳ କ୍ଷତ୍ରିୟ ବଂଶୀୟ ପୃଥ୍ୱୀରାଜ ଓ ଜୟଚନ୍ଦ୍ରଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ହୋଇଥିଲା ତାହାର ଭୟାବହତାକୁ ଯୁଧିଷ୍ଠିର ଦେଖିବା ଆଦି ବର୍ଣ୍ଣନା କବିଙ୍କର କାବ୍ୟିକତାକୁ ପ୍ରକାଶ କରିଛି। ଏହାବ୍ୟତୀତ ସପ୍ତମ ସର୍ଗରେ ପୃଥ୍ୱୀରାଜ ଓ ଯବନପତି ମହମ୍ମଦ ଘୋରୀଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ତିରୋରୀ ଯୁଦ୍ଧର ବର୍ଣ୍ଣନା କରାଯାଇଛି। ଯବନବାହିନୀଙ୍କ ସହ ମିଶି ଜୟଚନ୍ଦ୍ରଙ୍କ ସୈନ୍ୟଙ୍କ ଯୁଦ୍ଧ, ପୃଥ୍ୱୀରାଜଙ୍କ ସହିତ ଆର୍ଯ୍ୟପକ୍ଷୀୟ ହୋଇ ଯୁଦ୍ଧ କରିଥିଲେ ଉଡ୍ର ରାଜା ଯଯାତି। ଅନେକ ରାଜା ଏହି ଯୁଦ୍ଧରେ ମୃତାହତ ହେଲେ। ଶେଷରେ ଯବନ ରାଜାଙ୍କର ପୃଥ୍ୱୀରାଜାଙ୍କୁ ସନ୍ଧିପତାକା ପଠାଇବା ପରେ କାବ୍ୟର ପରିସମାପ୍ତି ଘଟାଇଛନ୍ତି ରାଧାନାଥ। ଏଥିରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି ଏକାକାର ହୋଇଛି।

'ମହାଯାତ୍ରା' ମହାକାବ୍ୟରେ କିମ୍ବଦନ୍ତୀ ଅଛି। ସୁକାନ୍ତି ମହର୍ଷିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇଥିଲେ ପତିତପାବନୀ ଗଙ୍ଗା। ପୂର୍ବ ସାଗର ଗାମିନୀ ହୋଇ ମହାନଦୀ ନାମରେ ଗଙ୍ଗା କଳିଯୁଗରେ ତେଣୁ ଉତ୍କଳରେ ହୋଇଛନ୍ତି ପ୍ରବାହିତ। ଯାତ୍ରା ପଥରେ ଯେତେବେଳେ ପ୍ରାଚୀର ସଦୃଶ ମହାଗିରି ଗଙ୍ଗାଙ୍କର ପ୍ରତିରୋଧ କରେ ସେତେବେଳେ ମହର୍ଷିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଇନ୍ଦ୍ର ଗିରି ଅଙ୍ଗରେ ବଜ୍ରପ୍ରହାର କରି ମହାନଦୀର ଯାତ୍ରପଥକୁ ସୁଗମ କରିଦେଲେ। କବିଙ୍କର ଭାଷାରେ- "ଛେଦ ଏ ଶଇଳ ବଜ୍ରୀ ରଚିଲେ କୌଶଳେ/ ଉତ୍କଳର ମୁକ୍ତି ଦ୍ୱାର ରୂପୀ ଏ ତୋରଣ/ ସପ୍ତକୋଶ ବ୍ୟାପି।"

ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି, ପ୍ରତିଧ୍ୱନିତ ହୋଇଛି କବି ନୀଳକଣ୍ଠ ଦାଶଙ୍କ କାବ୍ୟ କବିତାରେ। ଜାତୀୟତାଭାବ ପ୍ରକାଶ କରିବା ସହିତ ଇତିହାସ ଓ କିମ୍ବଦନ୍ତୀକୁ ଆଶ୍ରୟ

ଦେଇଛନ୍ତି ତାଙ୍କ ବର୍ଣ୍ଣନାରେ। ନୀଳକଣ୍ଠଙ୍କର 'କୋଣାର୍କେ' କାବ୍ୟ ଯାହା ଐତିହାସିକ କାବ୍ୟ ନହେଲେ ହେଁ ଇତିହାସକୁ ଅବଲମ୍ବନ କରି ରଚିତ ହୋଇଛି। ଏହି କାବ୍ୟର ପ୍ରଥମ ଭାଗରେ 'ରାମଚଣ୍ଡୀରେ ରାତି ଓ ସକାଳ' ଏବଂ ଦ୍ୱିତୀୟ ଭାଗରେ 'ମାୟାଦେବୀ ପ୍ରସଙ୍ଗ ବର୍ଣ୍ଣିତ'।

'କୋଣାର୍କେ' କାବ୍ୟରେ କୋଣାର୍କର ସ୍ମୃତିପରେ କବି ଓଡ଼ିଆ ବୋଇତ, ରାମଚଣ୍ଡୀର କିମ୍ବଦନ୍ତୀ, ଚନ୍ଦ୍ରଭାଗା ଓ କୋଣାର୍କର ଐତିହ୍ୟ, ଯଯାତି କେଶରୀଙ୍କ ପୂଣ୍ୟକୀର୍ତ୍ତି, ତୋଷାଳି ନଗରୀର ବୈଶିଷ୍ଟ୍ୟ, ବାରବାଟୀ ଦୁର୍ଗର ଐତିହ୍ୟ, ଐର ଖାରବେଳଙ୍କ ଦିଗ୍‌ବିଜୟ, ରକ୍ତବାହୁର ଧ୍ୱଂସ, କେଦାରଗୌରୀ ଉପାଖ୍ୟାନ ଓ ନନ୍ଦିକା କଥା, ମୁକୁନ୍ଦଦେବଙ୍କ ବୀରତ୍ୱ ଓ ତ୍ରିବେଣୀ ଘାଟରେ ତପସ୍ୟା ପ୍ରସଙ୍ଗ, କଳାପାହାଡ଼ର ଓଡ଼ିଶା ଆକ୍ରମଣ, ପାଇକଙ୍କ ଆତ୍ମୋତ୍ସର୍ଗ, ମର୍କତ କେଶରୀଙ୍କ କୀର୍ତ୍ତି, ଗଜପତି ମାନଙ୍କର ଯୁଦ୍ଧ ବୈଭବ ଆଦିରେ କାବ୍ୟଟି ସମୁଜ୍ଜ୍ୱଳ।

ଏହାପରେ ତାଙ୍କର 'ମାୟାଦେବୀ' ପ୍ରସଙ୍ଗ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଗରିବ କନ୍ୟା ମାୟାଦେବୀ ଓ ରାଜକୁମାର ନରସିଂହ ଦେବଙ୍କ ପ୍ରଣୟ କାହାଣୀ ଆଧାରରେ କୋଣାର୍କ ମନ୍ଦିର ବେଢ଼ାରେ ମାୟାଦେବୀ ମନ୍ଦିର ନିର୍ମାଣ ଜନଶ୍ରୁତିକୁ ଢେଙ୍କାନାଳର ଭାପୁର ଡାକବଙ୍ଗଳାରେ କବି ଜଣେ ଭାଟ ମୁଖରୁ ଶୁଣିଛନ୍ତି। ନରସିଂହ ଦେବଙ୍କ ବୀରତ୍ୱ ଓ ଶିଶୁପାଳ ଗଡ଼ର ମାନସୀ କନ୍ୟା ମାୟାଦେବୀ ଏବଂ ଜମ୍ମୁ ରାଜଜେମା ଆଦିଙ୍କର କାହାଣୀରେ 'ମାୟାଦେବୀ' ଗଢ଼ିଉଠିଛି। ଏଥିରେ ଜନଶ୍ରୁତି ଓ କଳ୍ପନାର ଅପୂର୍ବ ବିନ୍ୟାସ ଘଟିଛି। ତେଣୁ ଅଭିଶାପ ବଳରେ ଦେବଦେବୀଙ୍କର ମର୍ତ୍ତ୍ୟରେ ଜନ୍ମନେବା, ମୃତ ଶରୀର ଜୀବନ୍ତ ହୋଇ ଉଠିବା ପରି ନାନା ଘଟଣା ଏଥିରେ କବି ଉପସ୍ଥାପିତ କରିଛନ୍ତି। ତେଣୁ କିମ୍ବଦନ୍ତୀ ମଧ୍ୟ ଜୀବନ୍ତ ହୋଇଉଠିଛି କାବ୍ୟରେ।

କବି ନୀଳକଣ୍ଠଙ୍କର ଐତିହାସିକ କାବ୍ୟଭାବେ ଗୃହୀତ ହୁଏ ତାଙ୍କର 'ଖାରବେଳ' କାବ୍ୟ। ଏଥିରେ ମହା ମେଘବାହନ ଐରଖାରବେଳଙ୍କ ଦିଗ୍‌ବିଜୟ ଓ ବୀରତ୍ୱର କାହାଣୀ ବର୍ଣ୍ଣିତ। ଏହା ଏକ ମୌଳିକ କାବ୍ୟ। କିମ୍ବଦନ୍ତୀ ମଧ୍ୟ ଆଶ୍ରିତ ହୋଇଛି ଏହି କାବ୍ୟରେ। ସିନ୍ଧୁଦେଶ ବିରୋଧରେ ଖାରବେଳ ଯୁଦ୍ଧ ଅଭିଯାନରେ ଯାଇ ଆଫଗାନୀସ୍ଥାନର ପୂର୍ବ-ବଜିର ରାଜ୍ୟରେ ଗ୍ରୀକ୍ ବୀର ଡିମେଟ୍ରିୟସ୍‌ଙ୍କ ସହିତ ପ୍ରବଳ ସମରରେ ଅବତୀର୍ଣ୍ଣ ହୋଇଥିଲେ। ଏହି ଯୁଦ୍ଧରେ କପଟ ଆଚରଣ କରି ଡିମେଟ୍ରିୟସ୍ ଖାରବେଳଙ୍କୁ ଆହତ କରିଥିଲେ। ଇତ୍ୟବସରରେ ବଜିର ପୂର୍ବତନ ଶାସକଙ୍କ କନ୍ୟା କୃଷକ ରାଜାଙ୍କ ଦ୍ୱାରା ପାଳିତା ହୋଇ ପୁରୁଷ ବେଶରେ ଯୁଦ୍ଧରେ ନିୟୋଜିତ ହୋଇଥିଲେ। ଖାରବେଳଙ୍କୁ ସେହି କନ୍ୟା ଧୂସି ଯୁଦ୍ଧରେ ସାହାଯ୍ୟ ମଧ୍ୟ କରିଥିଲେ। ଆହତ ଖାରବେଳଙ୍କର ସେବା କରି ସୁସ୍ଥ କଲାପରେ ଛଦ୍ମବେଶୀ କନ୍ୟା ଧୂସିର ପରିଚୟ ପାଇ ତୃପ୍ତ ହୋଇଥିଲେ। ଧୂସିର ପ୍ରେମରେ ପଡ଼ି ଯାଇଥିଲେ। କାବ୍ୟଟି ଖାରବେଳ ଓ ଧୂସିଙ୍କ ପ୍ରଣୟରେ ରସସିକ୍ତ ହୋଇଥିଲେ ହେଁ ଇତିହାସ ଓ କିମ୍ବଦନ୍ତୀ ଏକାକାର ହୋଇଛି। କବିଙ୍କ ଭାଷାରେ - "ଭାରତେ ସେ ସୁଦିନ ଫେରିବ କାହିଁ/ ବୁଦ୍ଧି ପରଶେ ଯେବେ ମୋହିଲେ ମହୀ/ ଖଡ୍‌ଗେ ଦିଶୁଥିଲା ଅହିଂସା ଧୀର/ ଇନ୍ଦ୍ରଜିଣି ଜଣେ ହୋଇଲେ ବୀର।"

ସତ୍ୟବାଦୀ ଯୁଗର ପ୍ରତିଷ୍ଠାତା ଓ କ୍ରାନ୍ତିକାରୀ ସାହିତ୍ୟିକ ଭାବେ ପ୍ରତିଟି ଓଡ଼ିଶାବାସୀଙ୍କ ପ୍ରାଣରେ ଅମର ଆତ୍ମାଭାବେ ଜୀବିତ ହୋଇ ରହିଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର 'ଧର୍ମପଦ' କାବ୍ୟ ଏକ ଗାଥାକାବ୍ୟ। 'କିମ୍ବଦନ୍ତୀ' ଏଥିରେ ସନ୍ନିହିତ। ଇତିହାସ ମଧ୍ୟ ରହିଛି ଏହି କାବ୍ୟରେ। ବାରଶହ ବଢ଼େଇ, ବିଶୁ ମହାରଣା, କୋଣାର୍କ, ନରସିଂହ ଦେବ ରାଜା ଏବଂ ଧର୍ମପଦର କାହାଣୀ ଏଥିରେ ବର୍ଣ୍ଣିତ। କୋଣାର୍କ ମନ୍ଦିର ଗଢ଼ା ସରିଥିଲେ ମଧ୍ୟ ଦଧିନଉତି ବସି ପାରୁନଥିଲା। ବାରବର୍ଷ ବିତିଗଲା। ରାତି ପାହିଲେ ବାରଶହ ବଢ଼େଇଙ୍କ ମୁଣ୍ଡ କାଟ ହେବ। ଧର୍ମପଦ କିନ୍ତୁ ସେହି ଭାର ନେଇ ଦଧିନଉତି ବସାଇଲା। ଶେଷରେ ମୃତ୍ୟୁବରଣ କଲା। ମାତ୍ର ଇତିହାସ ଆଜି ମୂକସାକ୍ଷୀ ହୋଇ ତାହାର ପ୍ରମାଣ ଦେଉଛି।

ଏହି ଯୁଗୀୟ ସାହିତ୍ୟ ସ୍ରଷ୍ଟାଭାବେ ପ୍ରତିଭାତ ହୋଇଥିବା ଜଣେ ସୁଯୋଗ୍ୟ ବିନ୍ଧାଣି ହେଲେ ପଣ୍ଡିତ ଗୋଦାବରୀଶ ମିଶ୍ର। 'ଆଲେଖିକା' ହେଉଛି ତାଙ୍କର ଏକ ଗାଥା କବିତା ସଂକଳନ। ଦଶଟି କବିତା ଏଥିରେ ସଙ୍କଳିତ। କବିତା ଗୁଡ଼ିକ ଭିତରେ 'ଅଭିରାମ ସିଂହ', 'ପଦ୍ମାବତୀ', 'ବିକ୍ରମ ସିଂହ', 'ଅର୍ଜୁନ ସିଂହ', 'କାଳଜାଇ', 'ମାମୁଁ ଭଣଜା', 'କଳା ପାହାଡ଼', 'ସାକ୍ଷୀ ଗୋପାଳ', 'ଦୁଃଖୀଧନ' ଏବଂ 'ଗାଲମାଧବ'। ଐତିହାସିକ ଚରିତ୍ର ଓ କିମ୍ବଦନ୍ତୀ ଭିତ୍ତିରେ କବିତା ଗୁଡ଼ିକ ଜୀବନ୍ତ ହୋଇଛି। କବିଙ୍କ ବର୍ଣ୍ଣନାରେ - ଆମ ଘର ଏହି ଓଡ଼ିଆ ରାଇଜେ/ ଫିରିଙ୍ଗି ତହିଁରେ ରାଜା/ ଗୋରା ଦଶ ଜଣେ ରାଇଜ ଚାଲେରେ/ କୋଟିଏ ହେବ ପରଜା/ ଆଜି ସିନା ଦେଶ ହୀନ ହୋଇଗଲା/ ବଳ ବୁଦ୍ଧି କଉଶଳେ/ କେତେ ଖ୍ୟାତି ଆହା କାଲିଟି ପୂରିଲେ/ ଅରଜି ଥିଲା ମହୀରେ।/ ପାଞ୍ଚ ଶହ ବରଷୁ ଊଣା ହେବ/ ଫିରିଙ୍ଗି ନଥିଲା ଆସି/ ସେତେବେଳେ ଥିଲେ ଓଡ଼ିଆ ରାଜା ଲୋ/ ଓଡ଼ିଆ ରାଇଜ ବାସୀ।" (ପଦ୍ମାବତୀ)

କିମ୍ବଦନ୍ତୀ ଆଧାରିତ କାଳିଜାଈ କବିତାଟି ବେଶ୍ ହୃଦୟସ୍ପର୍ଶୀ। କନ୍ୟା ଜାଈ ଶାଶୂ ଘରକୁ ଯିବା ପଥରେ ଚିଲିକା ଅତିକ୍ରମ କରିବା ଏବଂ ଚିଲିକା ଗର୍ଭରେ ଡଙ୍ଗା ବୁଡ଼ିଯାଇ କନ୍ୟାର ମୃତ୍ୟୁ ଘଟି ବିୟୋଗାନ୍ତକ ପରିଣତିରେ ଫୁଟି ଉଠିଥିବା କିମ୍ବଦନ୍ତୀ ଅତ୍ୟନ୍ତ ଚିତାକର୍ଷକ। ଶେଷରେ 'କାଳିଯାଈ' ପର୍ବତରେ ପ୍ରତ୍ୟକ୍ଷ ଦେବୀ ରୂପେ ଉଭା ହେବା ଘଟଣା କବିଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି। କବିଙ୍କ ବର୍ଣ୍ଣନାରେ- "କାଳିଜାଈ ବଡ଼ ପ୍ରତ୍ୟକ୍ଷ ଦେବତା/ କୋଟି କୋଟି ଦଣ୍ଡବତ/ ପାହାଡ଼ର ନାଆଁ ରାଇଜେ ଖ୍ୟାତ ଲୋ/ କାଳିଜାଈ ପରବତ।" (କାଳିଜାଈ)

'ଦୁଃଖୀଧନ' କବିତାରେ ଦଳ ବେହେରା ଓ ବେହେରାଣୀର ପୁତ୍ର ଦୁଃଖୀଧନର ବୀରତ୍ୱକୁ ନେଇ ଇତିହାସ ଓ କିମ୍ବଦନ୍ତୀ ପ୍ରତିଫଳିତ। କବିଙ୍କ ଭାଷାରେ- ହେଲେ ଦୁଃଖୀଧନ ରାଇଜର ମାନ/ ରଖି ଏକା ଗଲା ହାତେ/ ଗଡ଼ ଦ୍ୱାର ଡେଇ ପଶି ସେ

ଅରିଲୋ/ ସବୁ ସରିଥିଲା ସତେ। (ଦୁଃଖୀଧନ)

'ଅଭିରାମ ସିଂହ' କବିତାରେ ମଧ୍ୟ ଇତିହାସ ଓ କିମ୍ବଦନ୍ତୀର ଚିତ୍ର ପ୍ରତିଫଳିତ। କବିଙ୍କ ଭାଷାରେ- ବଇରୀ ମୋ ରାଜ୍ୟ ନ ରହିବ ମାଆ/ ଏ ଜୀବନ ଥାଇ/ ରହ ଏଥି ଏକା ଯାଉଛି ମୁହିଁ ଗୋ/ ଭାଙ୍ଗିବି ବଢ଼ାଇ ଦାଉ। (ଅଭିରାମ ସିଂହ)

ରାଧାନାଥଙ୍କ ଘନିଷ୍ଠ ବନ୍ଧୁ ଡାକ୍ତର ରାମକୃଷ୍ଣ ସାହୁ ତାଙ୍କଠାରୁ ପ୍ରେରଣା ପାଇ 'କେଦାରଗୌରୀ' କାବ୍ୟ ଆଧାରରେ ରଚନା କରିଥିଲେ 'ସୁଲୋଚନା' କାବ୍ୟ। ମାତ୍ର କିମ୍ବଦନ୍ତୀକୁ ଆଧାର କରି ରଚନା କରିଥିଲେ 'ଲକ୍ଷ୍ମୀ' କାବ୍ୟ। ସତ୍ୟବାଦୀର ସାକ୍ଷୀଗୋପଳ ଓ ଦ୍ୱିଜକନ୍ୟା ଲକ୍ଷ୍ମୀ କିମ୍ବଦନ୍ତୀକୁ ଆଧାର କରି ସେ କାବ୍ୟକୁ ଜୀବନ୍ତ କରିଛନ୍ତି। ଏହା ବ୍ୟତୀତ ବାସୁଦେବ ସୁଢ଼ଳଦେବଙ୍କ 'ଚିତ୍ରୋତ୍ପଳା' ଓ 'ବୀରବୀମା' ଅସମ୍ପୂର୍ଣ୍ଣ କାବ୍ୟ ହେଲେ ହେଁ ଇତିହାସ ସମ୍ବଳିତ ଅଟେ। କବିଙ୍କ ଭାଷାରେ- ଉଦାର ହୃଦୟା ଚିତ୍ରୋତ୍ପଳା ନିଜ ସପତ୍ନୀ ମାନଙ୍କୁ ଧରି/ ସ୍ୱପତି ଜଳଧି ପାଶକୁ ଯାଉଛି ଦ୍ୱେଷଭାବ ପରିହରି। (ଚିତ୍ରୋତ୍ପଳା)

କିମ୍ବଦନ୍ତୀର ପଦଧ୍ୱନିର ଝଙ୍କାରରେ ଝଙ୍କୃତ ହୋଇଥିବା କାବ୍ୟଗୁଡ଼ିକ ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'କୀଚକ ବଧ' ଅନ୍ୟତମ। ସଂସ୍କୃତ ମହାଭାରତ ଓ ସାରଳା ମହାଭାରତ ବିରାଟ ପର୍ବ ଅନ୍ତର୍ଗତ କୀଚକ ବଧ ପ୍ରସଙ୍ଗ ହିଁ ଏହି କାବ୍ୟର ବିଷୟବସ୍ତୁ। ସାତଟି ସର୍ଗ ବିଶିଷ୍ଟ ଏହି କାବ୍ୟ ପୌରାଣିକ କିମ୍ବଦନ୍ତୀ ଉପରେ ଆଧାରିତ। ଏହା ବ୍ୟତୀତ ତାଙ୍କର 'ଉତ୍କଳ ଲକ୍ଷ୍ମୀ' କାବ୍ୟରେ ଉତ୍କଳର ଐତିହ୍ୟ, ଇତିହାସ ଆଦି ସନ୍ନିହିତ। ବିଭିନ୍ନ ଦେବାଦେବୀ ମନ୍ଦିର ସହିତ ଲଲାଟେନ୍ଦୁ କେଶରୀ, ଲାଙ୍ଗୁଡ଼ା ନରସିଂହ ଦେବ, ଅନଙ୍ଗଭୀମ ଦେବ, ଯଯାତି କେଶରୀ, ଚୋଡ଼ଗଙ୍ଗ ଦେବ, ପୁରୁଷୋତ୍ତମ ଦେବ, ପଦ୍ମାବତୀ, ପାର୍ବତୀ, ନନ୍ଦିକା, କୌଶଲ୍ୟା ପ୍ରଭୃତି ଇତିହାସର ଚରିତ୍ର ଏହି କାବ୍ୟରେ ଜୀବନ୍ତ ହୋଇଉଠିଛି।

ରୂପ ସୌନ୍ଦର୍ଯ୍ୟର କବି ମାୟାଧର ମାନସିହ ମଧ୍ୟ ଇତିହାସ ଓ କିମ୍ବଦନ୍ତୀକୁ କାବ୍ୟରେ ସ୍ଥାନିତ କରିବାର ଅବସର ଛାଡ଼ି ନାହାଁନ୍ତି। ଅତୀତ ଉତ୍କଳର ଇତିହାସ ଓ ରୂପକଥାକୁ ସମ୍ବଳ କରି ମାନସିଂହ କାବ୍ୟରେ ସାଧବ ଝିଅ ଓ ସାଧବ ପୁଅଙ୍କ ପ୍ରେମକୁ ଅମର କରିବା ପାଇଁ ବିଭିନ୍ନ ଘଟଣା ଓ ସଂଘର୍ଷମାନ ଉପସ୍ଥାପିତ କରିଛନ୍ତି। 'ସାଧବ ଝିଅ' କାବ୍ୟଟି ଉତ୍କଳ ଇତିହାସର ଗାଥା ବର୍ଣ୍ଣନାରେ ରସସିକ୍ତ।

ଏହା ବ୍ୟତୀତ ମାନସିଂହଙ୍କ 'ବାରବାଟୀ' ଓ 'କୋଣାର୍କ' କବିତାରେ ଇତିହାସ ପ୍ରସିଦ୍ଧ କୋଣାର୍କ ମନ୍ଦିର ଓ ବାରବାଟୀ ଦୁର୍ଗର ମହିମାଗାନରେ ଶତମୁଖ ହୋଇ ଉଠିଛନ୍ତି। କବିଙ୍କ ବର୍ଣ୍ଣନାରେ- "ମହିମାର ଶୃଣତାର ଇତିହାସ ଶିରେ/ ରାଜଟୀକା ସମ/ ନମସ୍ୟ ପରମ/ ତୁମେ ତୁଙ୍ଗ ବାରବାଟୀ ବୀରରକ୍ତ ମାଂସରେ ଗଠିତ/ ଅତୀତର ବକ୍ଷ ପରେ, ଏ ଜାତିର ଜୟସ୍ତମ୍ଭ ପରି/ ଦର୍ପ ଭରେ ମଥାଟେକି କରି/ ବିଜୟ ପତାକା ତବ ଚିରୋଜ୍ୱଳ ଚିର ଉନ୍ନମିତ।" (ବାରବାଟୀ)

ମାନସିଂହଙ୍କ 'ପୂଜାରିଣୀ' କାବ୍ୟଟି ଜନଶ୍ରୁତି ଉପରେ ଆଧାରିତ। କଳ୍ପନା ଓ କିମ୍ବଦନ୍ତୀର ଏକ ମଧୁର ସମନ୍ୱୟ ଘଟିଛି ଏହି କାବ୍ୟରେ। କିମ୍ବଦନ୍ତୀ ଅଛି ଯେ ସତ୍ୟବାଦୀର ସାକ୍ଷୀ ଗୋପାଳ ସେଇ ଗ୍ରାମର ଜନୈକ ବ୍ରାହ୍ମଣର ସୁନ୍ଦରୀ କନ୍ୟା ଲକ୍ଷ୍ମୀର ପ୍ରେମରେ ଆକୃଷ୍ଟ ହୋଇଛନ୍ତି। ପଣ୍ଡାମାନେ ଅନେକ ସମୟରେ ଦେବତାଙ୍କର ବେଣୁ ଲକ୍ଷ୍ମୀର ଗୃହରେ ପାଇଛନ୍ତି। ଏହି ଭଳି କେତେ ସଂକେତରୁ ଦେଉଳର କର୍ତ୍ତୃପକ୍ଷ ଦେବତାଙ୍କୁ ରାଧା-ବିରହିତ ଭାବି ରାଧାଙ୍କର ସ୍ୱର୍ଣ୍ଣ ପ୍ରତିମା ଗଢ଼ାଇବାକୁ ଲାଗିଛନ୍ତି। ପ୍ରତିମା ଆରମ୍ଭ ଦିନରୁ ଲକ୍ଷ୍ମୀର ଜ୍ୱର ହୋଇଛି ଓ ପ୍ରତିମା ସମ୍ପୂର୍ଣ୍ଣ ହେବା ମାତ୍ରକେ ଲକ୍ଷ୍ମୀର ମୃତ୍ୟୁ ହୋଇଛି। ଉକ୍ତ ପ୍ରତିମା ବର୍ତ୍ତମାନ ସାକ୍ଷୀଗୋପାଳଙ୍କର ସଖୀ ରୂପେ ପାଶ୍ୱର୍ମଣ୍ଡନ କରୁଛନ୍ତି। ଯାହା କବି ମାୟାଧର ମାନସିଂହ ଅତି ସୁନ୍ଦରଭାବେ ବର୍ଣ୍ଣନା କରିଛନ୍ତି 'ପୂଜାରିଣୀ' କାବ୍ୟରେ। କବିଙ୍କ ବର୍ଣ୍ଣନାରେ- "ଦେଖିଲି ପ୍ରଥମେ/ ଯେବେ ହେ ମନ୍ଦିରେ ତବ ମୂରତୀରେ, ତୁମେ/ ଲାଗିଲ ଯେପରି ମୋ ଚିହ୍ନାଲୋକ ପରି/ ହୋଇଅଛି ପରିଚୟ ବହୁ ଦିନ ଧରି,/ ବହୁ ଦିନର ବନ୍ଧୁ। ହୋଇ ନାହିଁ କଥା/ ବହୁ ଦିନ, ତେଣୁ ଦେଖି ଉଠିଲା ମମତା/ ସହସା ଉତ୍ତଳ ହୋଇ।" (ପୂଜାରିଣୀ)

**ଉପସଂହାର:** ଓଡ଼ିଆ କବିଙ୍କର କାବ୍ୟ କବିତାରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି ଯେଉଁଭଳି ଝଙ୍କାରିତ ହୋଇ ଅଛି ସେଥିରୁ ସେମାନଙ୍କର ଐତିହାସିକ ଦୃଷ୍ଟିକୋଣ ଓ ଅଲୌକିକତା ପ୍ରତି ଆବେଗମୟ ଭାବନା ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରେ। ଇତିହାସର ଘଟଣା ଅତୀତ ହେଲେ ହେଁ ତାକୁ କାବ୍ୟରେ ପ୍ରକାଶ କରି ଜୀବନ୍ତ ରୂପ ପ୍ରଦାନ କରିଛନ୍ତି ଓ କିମ୍ବଦନ୍ତୀ ମାଧ୍ୟମରେ ସୁନ୍ଦର କାହାଣୀର ଅବତାରଣା କରି କାବ୍ୟକୁ ଗତିମୁଖର କରିଛନ୍ତି ଓଡ଼ିଆ କବିମାନେ।

## ସହାୟକ ଗ୍ରନ୍ଥ ସୂଚୀ:

୧. ଦେବେନ୍ଦ୍ର, ମହାନ୍ତି। ୧୯୭୧। ଯୁଗଜ୍ୟୋତି ରାଧାନାଥ। କଟକ: ଫ୍ରେଣ୍ଡସ ପବ୍ଲିସର୍ଶ।

୨. ସାମଲ, ବୈଷ୍ଣବ ଚରଣ। ୨୦୧୩। ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ। ଚତୁର୍ଥ ସଂସ୍କରଣ। କଟକ: ଫ୍ରେଣ୍ଡସ ପବ୍ଲିସର୍ଶ।

୩. ଶତପଥୀ, ନିତ୍ୟାନନ୍ଦ। ୧୯୮୫। ସବୁଜରୁ ସାମ୍ପ୍ରତିକ। ଦ୍ୱିତୀୟ ସଂସ୍କରଣ। କଟକ: ଗ୍ରନ୍ଥମନ୍ଦିର।

୪. ମହନୀ, ପ୍ରଦ୍ୟୁମ୍ନ କୁମାର। ୧୯୬୭। ରାଧାନାଥ ସ୍ମରଣିକା। ବାଲେଶ୍ୱର: ବିଶ୍ୱଶ୍ରୀ ପ୍ରେସ୍।

୫. ବିଶ୍ୱାଳ, ମହାପାତ୍ର ମନୋରମା।୧୯୯୨। ଡ. ମାୟାଧର ମାନସିଂହଙ୍କ କାବ୍ୟକୀର୍ତ୍ତି। କଟକ: ଓଡ଼ିଶା ବୁକ୍ ଷ୍ଟୋର୍।

୬. ଜେନା, ମୁରାରୀ ମୋହନ। ୧୯୫୭। ଗୋଦାବରୀଶ ସ୍ମରଣିକା। କଟକ: ଦାସରଥୀ ପ୍ରେସ୍।

୭. ଶତପଥୀ, ନିତ୍ୟାନନ୍ଦ। ୧୯୬୭। ଗୋପବନ୍ଧୁ ପରିକ୍ରମା। କଟକ: ପୂଜ୍ୟପୂଜା ସାହିତ୍ୟ ସଂସଦ।

### Does this article screened for similarity?

Yes

### Conflict of interest

The Author has no conflicts of interest to declare that they are relevant to the content of this article.

### About the Licenses

© **Bashista Kumara Behera 2025**. The text of this article is open access and licensed under a Creative Commons Attribution 4.0 International License

### Cite this Article :

Behera, Bashista Kumara, Adhunika Odia Kaabya -Kabitaare Itihasa o Kimbadantira Padadhwani, Bageesha, Vol. No. 03, Issue No. 01, January-February 2025, Article No: BM2025/01-A003| Page- 23-27| DOI: https://doi.org/10.70541/BAGEESHA/2025030103

BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan - Feb 2025
Refereed Peer-Reviewed Journal

# ବାଲେଶ୍ୱର ଲୋକଚଳଣିରେ ବଙ୍ଗୀୟ ସଂସ୍କୃତିର ପ୍ରଭାବ

**ସୁସନ୍ଧ୍ୟା ପ୍ରିୟଦର୍ଶନୀ ନାୟକ**
ଅଧ୍ୟାପିକା ଓଡ଼ିଆ ବିଭାଗ, ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ, ଭୋଗରାଇ, ବାଲେଶ୍ୱର

BM2025/01-A004
RECEIVED : 24 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025
ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

DOI:10.70541/BAGEESHA/2025030104

Article No. BM2025/01-A004
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

୧୯୩୬ ମସିହାରେ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ହେଲା। ମେଦିନୀପୁର, ଷଢ଼େଇକଳା, ସିଂହଭୂମି ଆଦି ଅଞ୍ଚଳରେ ବହୁ ପରିମାଣରେ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଥିଲେ ମଧ୍ୟ ତାହା ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇଥିଲା। ଯାହା ଫଳରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମାରେଖା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କଦ୍ୱାରା ଏକ ମିଶ୍ରିତ ସଂସ୍କୃତି ସୃଷ୍ଟି ହୋଇଥିଲା। ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ ଆଦି ଅଞ୍ଚଳ ବହୁ ପରିମାଣରେ ପଶ୍ଚିମବଙ୍ଗର ଲୋକଚଳଣି ଦ୍ୱାରା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳେ। କଲିକତାର ମେଦିନୀପୁର, ଦୀଘା, କାନ୍ଥି ଆଦି ବାଲେଶ୍ୱରର ପଡ଼ୋଶୀ ଅଞ୍ଚଳ। ଏଣୁ ବାଲେଶ୍ୱରରେ ଲୋକ ଚଳଣିରେ ବଙ୍ଗୀୟ ପ୍ରଭାବ ଲକ୍ଷ୍ୟ କରାଯାଏ। ଆଲୋଚନାଟି ଏକ୍ଷେତ୍ରରେ ଉପସ୍ଥାପନାଗତ ସାମାନ୍ୟ ପ୍ରୟାସ ମାତ୍ର।

ମୂଳଶବ୍ଦ: ସଂସ୍କୃତି, ବାଲେଶ୍ୱର, ବଙ୍ଗଳା, ଧର୍ମ, ଭାଇଫଣ୍ଟା, ଜାମାୟୀଷଷ୍ଠୀ, ମନସା ପୂଜା, ମିଶ୍ରିତ ଶବ୍ଦ।

**ଉପକ୍ରମ:** ବିଭିନ୍ନତା ମଧ୍ୟରେ ଏକତାର ଦେଶ ଭାରତ। ବିଭିନ୍ନ ଧର୍ମ, ଭାଷା ଏବଂ ସଂସ୍କୃତିର ଲୋକ ଏଠି ବସବାସ କରନ୍ତି। ପ୍ରାକୃତିକ ପରିବେଶ ନଦୀ, ନାଳ, ପାହାଡ, ଜଙ୍ଗଲ କେଉଁଠି ଏହାର ସୀମାରେଖା ନିର୍ଦ୍ଧାରଣ କରିଛି ତ କେଉଁଠି ତାର-ଜାଲି, ଲୁହା ଓ ସିମେଣ୍ଟର ଖୁଣ୍ଟ। କିନ୍ତୁ ସବୁପରେ ବି ମଣିଷ ସୀମାରେଖା ଭୁଲି ପ୍ରଭାବିତ ହୁଏ। ମଣିଷ ମଣିଷକୁ ଆକର୍ଷିତ କରେ, ତା'କୁ ଯେଉଁଟା ଭଲ ଲାଗେ ଅନ୍ୟ ଧର୍ମ ସଂସ୍କୃତିର ହେଲେ ମଧ୍ୟ ଆପଣାଏ। ନିଜ ସଂସ୍କୃତି ସମାଜ ସହ ସାମିଲ କରିନିଏ। ତାହା ମଧ୍ୟ ହୋଇଯାଏ ତା ଚଳଣି ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ। ଏହି ସମନ୍ୱୟ ହିଁ ଭାରତୀୟ ସଂସ୍କୃତିର ମହାନତା। ଭାରତର ମାନଚିତ୍ର ଦେଖିଲେ ଓଡ଼ିଶାର ତିନି ପାଖରେ ଘେରି ରହିଛି ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଇଂରେଜମାନେ ତାଙ୍କ ସୁବିଧା ପାଇଁ ଓଡ଼ିଶାକୁ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗ, ବିହାର ସହ ମିଶାଇ ରଖିଥିଲେ। ୧୯୩୬ ମସିହାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ କରାଗଲା। ମେଦିନୀପୁର, ଷଢ଼େଇକଳା, ସିଂହଭୂମି ଆଦି ଅଞ୍ଚଳରେ ବହୁ ପରିମାଣରେ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଥିଲେ ମଧ୍ୟ ତାହା ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇଥିଲା। ଯାହା ଫଳରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମାରେଖା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଦ୍ୱାରା ଏକ ମିଶ୍ରିତ ସଂସ୍କୃତି ସୃଷ୍ଟି ହୋଇଥିଲା। ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ ଆଦି ଅଞ୍ଚଳ ବହୁ ପରିମାଣରେ ପଶ୍ଚିମବଙ୍ଗର ଲୋକଚଳଣି ଦ୍ୱାରା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳେ। କଲିକତାର ମେଦିନୀପୁର, ଦୀଘା, କାନ୍ଥି ଆଦି ବାଲେଶ୍ୱର ପଡ଼ୋଶୀ ଅଞ୍ଚଳ। ଏଣୁ ବାଲେଶ୍ୱରରେ ବିବାହ, ବ୍ରତ, ପୂଜାର୍ଚ୍ଚନା, କଥାଭାଷା, ସାହିତ୍ୟ ଆଦିରେ ବଙ୍ଗୀୟ ପ୍ରଭାବ ଲକ୍ଷ୍ୟ କରାଯାଏ। କେବଳ ବାଲେଶ୍ୱର ବଙ୍ଗ ଦ୍ୱାରା ନୁହେଁ ବଙ୍ଗ ମଧ୍ୟ ବାଲେଶ୍ୱର ଦ୍ୱାରା ପ୍ରଭାବିତ। ଉଭୟଙ୍କ ମଧ୍ୟରେ ସମାଜ, ବିବାହ ଆଦି ଦ୍ୱାରା ଭାଇଚାରା ବଢ଼ୁଥିବାରୁ ଏହା ସମ୍ଭବ ହୋଇଛି।

**ବିଷୟର ଆଲୋଚନା:** ସଂସ୍କୃତିର ସହସ୍ର ମୁଖ। ମଣିଷ ସମୟାନୁସାରେ ସଂସ୍କୃତିକୁ ଗଢ଼ିଛି ଏବଂ ଏହି ସଂସ୍କୃତି ମଧ୍ୟ

ମଣିଷ ପିଲାକୁ ସୁମଣିଷ କରି ଗଢି ତୋଳିଛି। ସଂସ୍କୃତି ବ୍ୟକ୍ତି କୈନ୍ଦ୍ରିକ ନୁହେଁ, ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ। ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଆଦି ଅଞ୍ଚଳର ଲୋକମାନେ ପଶ୍ଚିମବଙ୍ଗର ଦୀଘା, କାନ୍ଥି, ମେଦିନୀପୁର, ରାମନଗର ଆଦି ଅଞ୍ଚଳରେ ବିବାହାଦି ସାମାଜିକ ସମ୍ପର୍କ ସ୍ଥାପନ କରନ୍ତି। ଏତଦ୍ ବ୍ୟତୀତ ଯୋଗାଯୋଗ, ଗମନାଗମନ, ବାଣିଜ୍ୟ, ବ୍ୟବସାୟ ଆଦି ଦ୍ୱାରା ଏହି ଅଞ୍ଚଳମାନ ପରସ୍ପର ଉପରେ ନିର୍ଭର କରନ୍ତି। ଯଦ୍ୱାରା ବଙ୍ଗୀୟ ସଂସ୍କୃତିର ପ୍ରଭାବ ବହୁ ପରିମାଣରେ ଏହି ଅଞ୍ଚଳଗୁଡ଼ିକ ଉପରେ ପଡ଼ିଛି। ଯଥା- ଭାଷା, ଖାଦ୍ୟପେୟ, ପର୍ବପର୍ବାଣୀ, ପୋଷାକ ଆଦି। ଏହି ଅଞ୍ଚଳରେ ଓଡ଼ିଆ ପର୍ବପର୍ବାଣୀ ପାଳନ କରିବା ସହିତ ବଙ୍ଗଳା ସଂସ୍କୃତିର କିଛି ପର୍ବପର୍ବାଣୀକୁ ମଧ୍ୟ ତାଙ୍କ ନିଜ ଚଳଣି ସହ ସାମିଲ୍ କରିନେଇଥାନ୍ତି। ଯେମିତିକି 'ଭାଇଫଣ୍ଟା' ବା 'ଭାଇ ଦ୍ୱିତୀୟା', 'ଜାମାୟୀ ଷଷ୍ଠୀ', 'ମନସା ପୂଜା'।

ବଙ୍ଗଳାରେ 'ଭାଇଫଣ୍ଟା' କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳନ କରାଯାଏ। ଏହାର ପ୍ରଭାବ ବାଲେଶ୍ୱରର କିଛି ଅଞ୍ଚଳରେ ପଡ଼ିଅଛି। ଏଥିରେ ଭଉଣୀ ଆସି ଭାଇ ମଥାରେ ତିଳକ ଦେଇ ବନ୍ଦାପନା କରି ତା'ର ଶୁଭ ମନାସେ।

'ଜାମାୟୀ ଷଷ୍ଠୀ' ଜ୍ୟେଷ୍ଠ ମାସ ଶୁକ୍ଳ ଷଷ୍ଠୀ ତିଥିରେ ପାଳିତ ହୁଏ। ଏହି ଦିନ ଶାଶୂ ଜ୍ୱାଇଁଙ୍କୁ ଶ୍ୱଶୁର ଘରକୁ ଆସିବା ପାଇଁ ନିମନ୍ତ୍ରଣ କରନ୍ତି। ଜ୍ୱାଇଁ ଆସିଲେ ଶାଶୂ ତାଙ୍କୁ ବନ୍ଦାପନା କରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଇବାକୁ ଦିଅନ୍ତି ଓ ନୂତନ ପୋଷାକ ମଧ୍ୟ। ଏହା ସମ୍ପୂର୍ଣ୍ଣ ଭାବରେ ବଙ୍ଗୀୟ ପ୍ରଭାବ ଦ୍ୱାରା ପାଳନ କରାଯାଏ। ସାରା ଓଡ଼ିଶାରେ ପାଳିତ ହୁଏ ନାହିଁ, କେବଳ ବାଲେଶ୍ୱରର କିଛି ଅଞ୍ଚଳରେ ପାଳନ କରାଯାଏ।

ଆମେ ଯେପରି ଅନନ୍ତ ବ୍ରତ, ନାଗ ପଞ୍ଚମୀ ପାଳନ କରନ୍ତି ଠିକ୍ ସେହିପରି ଏହି ଅଞ୍ଚଳର ଲୋକମାନେ ମନସା ପୂଜା କରନ୍ତି। ମନସା ଦେବୀ ଶିବଙ୍କ ଝିଅ, ସାପମାନଙ୍କର ରାଣୀ, ଅସୀମ ଶକ୍ତିର ଅଧିକାରିଣୀ। ବିଶ୍ୱାସ କରାଯାଏ, ତାଙ୍କ ପୂଜା ଆରାଧନା କଲେ ବାଧାବିଘ୍ନ ଦୂର ହୁଏ। ସଧବା ନାରୀମାନେ ଏହି ଓଷା ପାଳନ କରନ୍ତି। ଏହି ଓଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ତିଥି ନିର୍ଦ୍ଧାରିତ ହୋଇନାହିଁ। ବର୍ଷରେ ଯେକୌଣସି ମଙ୍ଗଳବାର ଓ ଶନିବାର ଦିନ ଓଷେଇତୀମାନେ ଏହି ଓଷା ପାଳନ କରିପାରନ୍ତି।

ଓଡ଼ିଶାରେ ମା' କାଳୀଙ୍କ ପ୍ରତି ଭକ୍ତି ଥିଲେ ମଧ୍ୟ କେଉଁଠି ନା କେଉଁଠି ଅସୀମ ଭୟ ଥାଏ। ତାଙ୍କ ପୂଜା ବିଧି କେହି ଘରେ ମାନସିକ କରି ମୂର୍ତ୍ତି ନିର୍ମାଣ କରନ୍ତି ନାହିଁ। ହେଲେ ବାଲେଶ୍ୱରର କିଛି ଅଞ୍ଚଳରେ ମା' କାଳୀଙ୍କ ପୂଜା ଘରେଘରେ ମାନସିକ କରି କରନ୍ତି। ମା' କାଳୀଙ୍କ ପ୍ରତି ଏମାନଙ୍କ ମନରେ ଭୟ ପରିବର୍ତ୍ତେ ଅସୀମ ଭକ୍ତି ଥାଏ। ବହୁ ଆଡ଼ମ୍ବର ସହିତ ଏହି ଅଞ୍ଚଳରେ କାଳୀ ପୂଜା ପାଳନ କରାଯାଏ। ଏହା ପ୍ରାୟତଃ ବଙ୍ଗଳା ସଂସ୍କୃତିର ପ୍ରଭାବରେ ହୋଇଅଛି ବୋଲି ବିଶ୍ୱାସ କରାଯାଏ।

ଓଡ଼ିଶାରେ ପ୍ରାୟତଃ ସବୁ ଅଞ୍ଚଳରେ ଅଷ୍ଟପ୍ରହର, ଷୋଳ ପ୍ରହର, ଚବିଶ ପ୍ରହର ନାମ ଯଜ୍ଞ କୀର୍ତ୍ତନ ହେଉଛି। ବାଲେଶ୍ୱର ଅଞ୍ଚଳରେ ପ୍ରତ୍ୟେକ ଘରେ ଘରେ ଯେକୌଣସି ଶୁଭକାର୍ଯ୍ୟ ହେଲେ ପ୍ରଥମେ ମହୋତ୍ସବ ବା କୀର୍ତ୍ତନ କରିଥାନ୍ତି। ଯଥା- ପିଲାଙ୍କର ଜନ୍ମଦିନ, ଅନ୍ନପ୍ରାଶନ, ବିବାହ, ବ୍ରତ ଆଦି କାର୍ଯ୍ୟରେ। ଶୁଦ୍ଧି କାର୍ଯ୍ୟ ଶେଷରେ ଓ ବାର୍ଷିକ ଦିନ ଏହି ମହୋତ୍ସବରେ ମହାମନ୍ତ୍ରକୁ ଜପିବା ସମୟରେ ଏମାନେ 'ହରେକୃଷ୍ଣ' ବଦଳରେ ବଙ୍ଗୀୟ ପ୍ରଭାବରେ 'ହରେକ୍ରୀଷ୍ଟ' ବୋଲି ଉଚ୍ଚାରଣ କରିଥାନ୍ତି। ଏହି ମହୋତ୍ସବରେ ଥିବା ପୂଜା ବିଧି ସବୁ ମଧ୍ୟ ବଙ୍ଗଳା ଭାଷାରେ ହିଁ କରିଥାନ୍ତି। ଯେମିତିକି - ଜୟ ଜୟ ଗୋବିନ୍ଦ ଗୋପାଲ ଗଦାଧର/ କ୍ରୀଷ୍ଟଚନ୍ଦ୍ର କର କ୍ରୀପା କରୁନା ସାଗର ।।/ ଜୟ ରାଧେ ଗୋବିନ୍ଦ ଗୋପାଲ ବନମାଲି/ ଶ୍ରୀରାଧାର ପ୍ରାନଧନ ମୁକୁନ୍ଦ ମୁରାରୀ ।।/ ହରିନାମେ ବିନେରେ ଭାଇ ଗୋବିନ୍ଦ ନାମ ବିନେ/ ବିଫଲେ ମାନୁଷ ଜନମ୍ ଯାଏ ଦିନେ ଦିନେ ।।

ଓଡ଼ିଶାରେ ପ୍ରାୟତଃ ଅନ୍ୟ କୌଣସି ଅଞ୍ଚଳଗୁଡ଼ିକରେ ଚୈତନ୍ୟଙ୍କ ମନ୍ଦିର ଦେଖାଯାଏ ନାହିଁ, କିନ୍ତୁ ବାଲେଶ୍ୱର-ର ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଆଦି ଅଞ୍ଚଳରେ ବହୁ ପରିମାଣରେ ଚୈତନ୍ୟଙ୍କ ମନ୍ଦିର ଦେଖିବାକୁ ମିଳେ। କେଉଁ ମନ୍ଦିରରେ ଚୈତନ୍ୟ ଏକା ପୂଜା ପାଉଥିଲା ବେଳେ ଅନ୍ୟ କେଉଁଠି ଚୈତନ୍ୟଙ୍କ ସାଙ୍ଗରେ ସୁବଳ ଓ ଶ୍ରୀଦାମ୍ ପୂଜା ପାଉଛନ୍ତି। ବଙ୍ଗଳା ପ୍ରଭାବରେ ଏଠାରେ ଚୈତନ୍ୟଙ୍କୁ ଶ୍ରୀକୃଷ୍ଣଙ୍କ ପରି ପୂଜା କରାଯାଏ। କାରଣ ବଙ୍ଗୀୟ ବ୍ୟକ୍ତିଙ୍କ ମତରେ ଶ୍ରୀକୃଷ୍ଣ ହିଁ ଚୈତନ୍ୟ। କୃଷ୍ଣଦାସ କବିରାଜ 'ଚୈତନ୍ୟ ଚରିତାମୃତ' ଆଦିଲୀଳାରେ ଏହା ହିଁ ଉଲ୍ଲେଖ କରିଛନ୍ତି। ଯଥା- ଯଦଦ୍ୱୈତଂ ବ୍ରହ୍ମୋପନିଷଦି ତଦପ୍ୟସ୍ୟ ତନୁଭା/ ଯ ଆତ୍ମାନ୍ତର୍ଯାମୀ ପୁରୁଷ ଇତି ସୋଽସ୍ୟାଂଶବିଭବଃ।/ ଷଡ଼ୈଶ୍ୱର୍ଯ୍ୟୈଃ ପୂର୍ଣ୍ଣୋଯଇହ ଭଗବାନ୍ ସ ସ୍ୱୟମୟଂ/ ନ ଚୈତନ୍ୟାତ୍ କୃଷ୍ଣଜ୍ଜଗତି ପରତତ୍ତ୍ୱଂ ପରମିହ।।

ବଙ୍ଗୀୟ ପରିବାରରେ ଦୁର୍ଗା ପୂଜାର ଶେଷ ଦିନ ପ୍ରତ୍ୟେକ ସଧବା ନାରୀ ମାଆ ଦୁର୍ଗାଙ୍କ ପାଖରେ ସିନ୍ଦୁର ଖେଳନ୍ତି। ଠିକ୍ ସେହି ପରମ୍ପରା ବାଲେଶ୍ୱରର କିଛି ଅଞ୍ଚଳରେ ଦେଖିବାକୁ ମିଳେ। ଓଡ଼ିଆମାନଙ୍କ ପାଇଁ 'ସିନ୍ଦୁର'ର ସ୍ଥାନ ବହୁତ ଉଚ୍ଚରେ। ତେଣୁ ତାହାକୁ ନେଇ ସେ ଖେଳିବା କଥା ସ୍ୱପ୍ନରେ ଭାବି ପାରନ୍ତି ନାହିଁ। ସେଥିପାଇଁ ଦୁର୍ଗାପୂଜାର ଶେଷ ଦିନ ବା ଦଶହରା ଦିନ ପ୍ରାନ୍ତୀୟ ବାଲେଶ୍ୱର ଅଞ୍ଚଳୀୟ ସଧବାନାରୀମାନେ ମା ଦୁର୍ଗାଙ୍କୁ ଖୁସି କରିବା ପାଇଁ ପାଖରେ ସିନ୍ଦୁର ପରିବର୍ତ୍ତେ ଅବିର ଖେଳନ୍ତି।

ଆଭ୍ୟନ୍ତରୀଣ ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିରେ ମା' ମଙ୍ଗଳାଙ୍କ ପାଖରେ ପୂଜା ହେଉଥିଲା ବେଳେ ଉତ୍ତର ବାଲେଶ୍ୱରରେ ଶିବଙ୍କ ପାଖରେ ପୂଜା ହୁଏ। ପଶ୍ଚିମବଙ୍ଗର କିଛି ଅଞ୍ଚଳ ପୁରୁଲିଆ, ମେଦିନୀପୁର, ରାମନଗର ଆଦି ଅଞ୍ଚଳରେ ମଧ୍ୟ ଶିବଙ୍କୁ ପୂଜା କରାଯାଏ। ବାଲେଶ୍ୱର ଅଞ୍ଚଳରେ ପ୍ରଧାନ ଶୈବ ପୀଠ ଚନ୍ଦେନେଶ୍ୱର ହୋଇଥିବାରୁ ଏହି ସୀମାନ୍ତ ଅଞ୍ଚଳରେ ମାଆ ମଙ୍ଗଳାଙ୍କ ସ୍ଥାନରେ ଶିବଙ୍କୁ ପୂଜା କରାଯାଏ। ମହାବିଷୁବ ସଂକ୍ରାନ୍ତିରେ ଶିବଙ୍କ ପାଖରେ ଯେଉଁ ଭକ୍ତମାନଙ୍କ ସମାଗମ ହୁଏ ଓ ଯେଉଁ ପୂଜାପାଠ କର୍ମ ଚାଲେ ତାହାକୁ ଚଡ଼କ

ମେଳା କୁହାଯାଏ। ଆଖପାଖ ପ୍ରାୟ ସବୁ ଶିବ ମନ୍ଦିରରେ ଏହି ମେଳା ଅନୁଷ୍ଠିତ ହୋଇଥାଏ ।

ଖାଦ୍ୟ ବିନା ଜୀବନ ଅସମ୍ଭବ। ଖାଦ୍ୟ ନିଜ ରୁଚିରେ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। କଥାରେ ଅଛି 'ନିଜ ରୁଚିରେ ଖାଇବ, ପର ରୁଚିରେ ପିନ୍ଧିବ'। ଯେତେବେଳେ ଗୋଟିଏ ସଂସ୍କୃତି ଅନ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୁଏ ସେତେବେଳେ ପ୍ରବାଦ ପ୍ରବଚନ ମଧ୍ୟ ବଦଳିବାକୁ ଆରମ୍ଭ କରେ। ଓଡ଼ିଆ ଲୋକେ ଭାତକୁ ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। କିନ୍ତୁ ବାଲେଶ୍ୱର ଅଞ୍ଚଳର ଲୋକେ ଭାତ ପରି ମୁଢ଼ି(ଭୁଜା)କୁ ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ମୁଢ଼ି ସହିତ ଆଳୁଚପ୍, ଆଳୁଦମ୍, ଘୁଗୁନିକୁ ମିଶାଇ ଖାଇଥାନ୍ତି। ଏତଦବ୍ୟତୀତ ଇଲିସି ପତୁଆ (କଞ୍ଚା ଇଲିସକୁ ଝୋଳ କରିବା) ସୁପ୍ତ, ଆଳୁପୋସ୍ତ, ଜହ୍ନିପୋସ୍ତ ଆଦି ଖାଦ୍ୟକୁ ମଧ୍ୟ ଆପଣେଇ ନେଇଛନ୍ତି। ଏମାନେ ମସଲାରେ ବଙ୍ଗାଳୀଙ୍କ ପରି ଶ୍ୱେତ ଷୋରିସ, ପୋସ୍ତ ଆଦିକୁ ବହୁଳ ବ୍ୟବହାର କରିଥାନ୍ତି।

ଆଦିବାସୀଙ୍କ ପରି ବଙ୍ଗଳାରେ ମାତୃକୈନ୍ଦ୍ରିକ ପରିବାର ଦେଖାଯାଏ, ତାର ପ୍ରଭାବରେ ବାଲେଶ୍ୱରର କିଛି ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳେ।

ଦିଲ୍ଲୀପରେ କଲିକତା ଥିଲା ମୁସଲମାନ ତଥା ମୋଗଲ ମାନଙ୍କର ମୁଖ୍ୟ ପେଣ୍ଠସ୍ଥଳୀ। ମୁସଲମାନମାନଙ୍କ ମସଜିଦ୍-ର ଶୈଳୀ ଢାଞ୍ଚାରେ କଲିକତାରେ ହିନ୍ଦୁ ମନ୍ଦିର-ଗୁଡ଼ିକ ଗଢିଉଠିଥିଲା। ଏହାର ପ୍ରଭାବ ବାଲେଶ୍ୱରର ବିଭିନ୍ନ ଅଞ୍ଚଳରେ ପରିଦୃଷ୍ଟ। ଚନ୍ଦନେଶ୍ୱର ମନ୍ଦିର, ବିଭିନ୍ନ ଛୋଟବଡ଼ ଶିବ ମନ୍ଦିର. ନୀଳକଣ୍ଠ ମନ୍ଦିର, ଚୈତନ୍ୟଙ୍କ ମନ୍ଦିରଗୁଡ଼ିକରେ ଏହି ଶୈଳୀ ଗଢ଼ିଉଠିଛି। ଏହା ମୁଖ୍ୟତଃ ଇଣ୍ଡୋ-ଇସ୍ଲାମିକ୍ ଆର୍କିଟେକଚର୍ ଅନ୍ତର୍ଭୁକ୍ତ।

ଭାଷା ଭାବର ବାହକ। ସଂସ୍କୃତିର ସଂରକ୍ଷକ। ଭାଷାର ନମନୀୟତା, ସୌନ୍ଦର୍ଯ୍ୟତା, ମଧୁରତା ଅନ୍ୟକୁ ଆକୃଷ୍ଟ କରେ, ଭାଷୀ ଭାଷା ଦ୍ୱାରା ପ୍ରଭାବିତ ହୁଏ, ଅର୍ଥାତ ଗୋଟିଏ ଜାତିର ଭାଷାକୁ ଅନ୍ୟ ଜାତି ଗ୍ରହଣ କରିଥାଏ। ଯାହା ଫଳରେ ଏକ ମିଶ୍ର ଭାଷା ସୃଷ୍ଟି ହୁଏ। ବାଲେଶ୍ୱର ଜିଲ୍ଲାର ପ୍ରାନ୍ତୀୟ ଅଞ୍ଚଳରେ ଏହା ପରିଦୃଷ୍ଟ। ଓଡ଼ିଆ ଏବଂ ବଙ୍ଗଳା ଭାଷା ମିଶ୍ରିତ କେତେକ ଶବ୍ଦକୁ ଉଦାହରଣ ନିଆଯାଇ ପାରେ। ଯଥା –

ସଜନା ଛୁଇଁ(ଓଡ଼ିଆ) - ଡାଁଟା(ବଙ୍ଗଳା)- ଦଣ୍ଡା(ମିଶ୍ରିତ)

ଅମୃତଭଣ୍ଡା(ଓଡ଼ିଆ) - ପେଁପେ(ବଙ୍ଗଳା)- ପିମ୍ପା(ମିଶ୍ରିତ)

ଝିଅ(ଓଡ଼ିଆ)- ମାଇଝି(ବଙ୍ଗଳା)- ମାୟାଝିଅ(ମିଶ୍ରିତ)

ଆଉଥରେ(ଓଡ଼ିଆ)-ଆବାର(ବଙ୍ଗଳା)-ଆବକେ(ମିଶ୍ରିତ)

ବାଇଗଣ (ଓଡ଼ିଆ) -ବେଗୁନ୍(ବଙ୍ଗଳା) -ବାଗୁଣ(ମିଶ୍ରିତ)

ଲଙ୍କା(ଓଡ଼ିଆ) -ଝାଲ୍(ବଙ୍ଗଳା) -ଝାଳ(ମିଶ୍ରିତ)

କାହିଁକି(ଓଡ଼ିଆ) -କେନ(ବଙ୍ଗଳା) -କେନେ(ମିଶ୍ରିତ)

ଉପରଓଳି(ଓଡ଼ିଆ)-ବିକାଲବେଲା(ବଙ୍ଗଳା)-ବିକାଳା(ମିଶ୍ରିତ)

ଓଡ଼ିଆ ଏବଂ ବଙ୍ଗଳା ଭାଷା ମିଶ୍ରିତ କ୍ରିୟାପଦର ଉଦାହରଣ-

ଖାଇବୁ ଆସ୍(ଓଡ଼ିଆ)-ଖାବି ଆଏ(ବଙ୍ଗଳା)-ଖାବୁ ଆଏ (ମିଶ୍ରିତ)

ଚାହିଁଅଛି (ଓଡ଼ିଆ) -ତାକେ ଆଛେ (ବଙ୍ଗଳା)-ତକା (ମିଶ୍ରିତ)

ଘୁଞ୍ଚିଯିବା (ଓଡ଼ିଆ) -ସରେଯାଓ (ବଙ୍ଗଳା)-ସର୍ (ମିଶ୍ରିତ)

ପିନ୍ଧିବା(ଓଡ଼ିଆ)- ପରେନାଓ(ବଙ୍ଗଳା) - ପହଁରି ପକା (ମିଶ୍ରିତ)

ଓଡ଼ିଆ ଏବଂ ବଙ୍ଗଳା ଭାଷା ମିଶ୍ରିତ ବାକ୍ୟର ଉଦାହରଣ-

ଅଇ ଜିନିଷ ଟାକେ ଫେଲେଦାଓୟା। (ବଙ୍ଗଳା)

ଏହି ଜିନିଷ ଟାକୁ ଫାମ୍ପେଡ଼େଇ ଦେ। (ମିଶ୍ରିତ)

ଏହି ଜିନିଷଟାକୁ ଫିଙ୍ଗି ଦିଅ। (ଓଡ଼ିଆ)

ରତନ ହରି ବାଲେଶ୍ୱର ବେଡ଼ାତେ ଗେଛେନ୍। (ବଙ୍ଗଳା)

ରତନ, ହରି ବାଲେଶ୍ୱର ବେଡ଼େଇତେ ଯାଇଛନ୍ତି। (ମିଶ୍ରିତ)

ରତନ, ହରି ବାଲେଶ୍ୱର ବୁଲିବାକୁ ଯାଇଛନ୍ତି।(ଓଡ଼ିଆ)

ତୁମି ଚୁରିଗୁଲୋ ପରେନାଓ। (ବଙ୍ଗଳା)

ତୁମେ ଚୁଲିଗୁଡ଼ା ପହଁରିପକା। (ମିଶ୍ରିତ)

ତୁମେ ଚୁଡ଼ିଗୁଡ଼ିକ ପିନ୍ଧିନିଅ।(ଓଡ଼ିଆ)

ଆମି ଏକଟା ନୂତନ ଜାମା ପରବୋ। (ବଙ୍ଗଳା)

ମୁଁ ଗୁଟେ ନୂଆ ଅଙ୍ଗା ପରିମି। (ମିଶ୍ରିତ)

ମୁଁ ଗୋଟିଏ ନଉଆ ପୋଷାକ ପିନ୍ଧିବି।(ଓଡ଼ିଆ)

ବଙ୍ଗଳା ଭାଷାରେ 'ଓ' ଏବଂ 'ଆ' ଧ୍ୱନି ଉପରେ ଅଧିକ ବଳାଘାତ ଦିଆଯାଇଥାଏ, ଯେମିତିକି ଯାବୋ', ଖାବୋ' ଇତ୍ୟାଦି। ଠିକ୍ ସେହିପରି ବାଲେଶ୍ୱର ଅଞ୍ଚଳରେ 'ଓ' ଧ୍ୱନି ଉପରେ ବଳାଘାତ ମଧ୍ୟ ଦେଇଥାନ୍ତି ଯେମିତିକି – 'କୁଆଡେ' ସ୍ଥାନରେ 'କାଆଡୋ" କୁହନ୍ତି।

ଏହା ବ୍ୟତୀତ ବଙ୍ଗଳାର କିଛି ଶବ୍ଦକୁ ମଧ୍ୟ ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ପ୍ରାୟ ବ୍ୟବହାର କରାଯାଇଥାଏ ଯଥା – ଜଲ୍ (ଜଳ), କାକୀ ମା(ଖୁଡୀ), ବଉଦି(ଭାଉଜ), ସିଧ(ସିଝା), ଦାଦା(ବଡ଼ ଭାଇ) ହାଉହାଉ(ଲଙ୍କାର ରାଗ), ଭାଇ (ସାନଭାଇ) ଆଦି।

ସାହିତ୍ୟ କ୍ଷେତ୍ରରେ ଡ.କାର୍ତ୍ତିକେଶ୍ୱର ପାତ୍ର, ଅବଦୁଲ ରହିମ, ପରେଶ ବସୁ, ଅତୁଳ ଚନ୍ଦ୍ର ପ୍ରଧାନ, କମଳାକାନ୍ତ ସେଣ ଆଦିଙ୍କ ଲେଖାରେ ଏହି ଅଞ୍ଚଳର ଲୋକ ମୁଖର ଭାଷା ଦେଖିବାକୁ ମିଳେ। ଡ.କାର୍ତ୍ତିକେଶ୍ୱର ପାତ୍ରଙ୍କ 'ଆକାଶର ଆଖି', 'ଶତାବ୍ଦୀର ଶିକାର', 'ମମତାର ମୋତି', 'ମୁହାଣ ମୁହଁ', 'ଦଳିତ ଦୁର୍ବା', 'ସୁବର୍ଣ୍ଣ ଶାମୁକା', 'ନର୍କର ନାମ ଅମରାବତୀ', 'ଝଡ଼ର ଫୁଲ', 'ସିପାହୀ ବିଦ୍ରୋହ', 'ବିଷତୃଷ୍ଣା', 'କାରୁବାକୀ', 'ଇତିହାସର ଛାଇ', 'ସମ୍ରାଟ ଖାରବେଳ', 'ଜଳୁଛି ଜଉଘର' ଆଦି ଲେଖାଗୁଡ଼ିକରେ ଏହି ଭାଷା ଦୃଷ୍ଟିଗୋଚର ହୁଏ। ଫକୀର ମୋହନ ସେନାପତି, ମନୋଜ ଦାସ, କାର୍ତ୍ତିକେଶ୍ୱର ପାତ୍ରଙ୍କ ଉପନ୍ୟାସରେ ବ୍ୟବହୃତ ବାକ୍ୟର କେତେକ ବାକ୍ୟକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ। ଯଥା- ଚେଲ୍ ବାବା କାନ୍ଥଡ଼ା ଚେଲ୍ (ଧୂଳିଆ ବାବା – ଫକୀର ମୋହନ ସେନାପତି –ପୃ-

୬୧), କାହାର କିରକମ ମିଜାଜ, କିଏ କାହିଁରେ ଖୁସି ଜାଣନ୍ତି (ଡାକମୁନ୍‌ସି – ଫକୀର ମୋହନ ସେନାପତି – ପୃ- ୫୭), ସତ୍ୟ ଘଟନା (ବାଲେଶ୍ୱରୀ ରାହାଜାନୀ – ଫକୀର ମୋହନ ସେନାପତି – ପୃ-୨୦), ବାସ୍ତବିକ୍, ବେପାର ବା କନ୍ୟା ମନୀଷାର ଖବର ନେବା ଦିଗରେ ନିଜ ଭିତରୁ ତାଗ୍‌ଦା ପାଇ ସେ ଯାଉ ନାହାନ୍ତି। (ଅମୃତ ଫଳ – ମନୋଜ ଦାସ – ପୃ- ୯୯), ଏକଟା ଗାନା ଗାଓ ନା ବାବା, ବଡ଼ ମଧୁର କଣ୍ଠ ତୋମାର। (ନର୍କର ନାମ ଅମରାବତୀ- କାର୍ତ୍ତିକେଶ୍ୱର ପାତ୍ର, ପୃ-୧୦), ଚା ଆର ଜଲଖାବାର ନିଏ ଏସୋ।। (ନର୍କର ନାମ ଅମରାବତୀ- କାର୍ତ୍ତିକେଶ୍ୱର ପାତ୍ର, ପୃ- ୪୫)

**ଉପସଂହାର:** ଗୋଟିଏ ଦେଶର ମନୁଷ୍ୟ ଅନ୍ୟ ଦେଶ ବା ଜାତିର ମଣିଷ ଦ୍ୱାରା ପ୍ରଭାବିତ ହେଲେ ସମାଜ, ଚାଲିଚଳଣି ତଥା ସଂସ୍କୃତି ମଧ ପ୍ରଭାବିତ ହୁଏ। ତେଣୁ ବଙ୍ଗଳା ସହ ବାଲେଶ୍ୱରର ଜନସାଧାରଣ ବାଣିଜ୍ୟ ଓ ବ୍ୟବସାୟିକ କାରବାର କରିବା ହେତୁ ଉଭୟର ସଂସ୍କୃତି ପ୍ରଭାବିତ ହୋଇଛନ୍ତି। ଭାତ ଖିଆ ମଣିଷ ଭୁଜାକୁ ଆଦରି ନେଇଛି। ନଦିଆ କୀର୍ତ୍ତନରେ ମାତି ଚୈତନ୍ୟ ମନ୍ଦିର ନିର୍ମାଣ କରିଛି। ମନ୍ଦିର ନିର୍ମାଣ ଶୈଳୀ ଏବଂ ଧାର୍ମୀୟ ଚିନ୍ତନରେ ମଧ ବଙ୍ଗୀୟ ପ୍ରଭାବ ପରିଲକ୍ଷିତ। ବୈଷ୍ଣବ ହୋଇଯାଇଛି। କଥାଭାଷାରେ ଏକ ଶଙ୍କର ଭାଷା ବା ମିଶ୍ର ଭାଷା ସୃଷ୍ଟି ହୋଇଛି। ସେଥିପାଇଁ ଭୋଗରାଇ ନିକଟବର୍ତ୍ତୀ ବରଜପୁରର ପାନ ବରଜ କରୁଥିବା ଲୋକମୁଖରେ ଏକ ସ୍ୱତନ୍ତ୍ର ମିଶ୍ର ଭାଷା ପ୍ରଚଳିତ ଯାହାକୁ ବରଜ ଭାଷା କୁହାଗଲାଣି।

**ସହାୟକ ଗ୍ରନ୍ଥସୂଚୀ:**


୧. ଦାସ, ମନୋଜ। ଅମୃତ ଫଳ, ବିଦ୍ୟାପୁରୀ, କଟକ, ସପ୍ତମ ସଂସ୍କରଣ, ୨୦୧୩।

୨. ପଣ୍ଡା, ହରିହର। ଓଡ଼ିଶା ଇତିହାସ, ପ୍ରକାଶକ-କିତାବ ମହଲ,କଟକ,୨ୟ ସସ୍କରଣ,୨୦୦୮ ।

୩. ପଟ୍ଟନାୟକ, କଇଳାଶ(ସଂ)। ଫକୀର ମୋହନ ଗ୍ରନ୍ଥାବଳୀ (ଗଳ୍ପମାଳା), ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପଞ୍ଚମ ସଂସ୍କରଣ, ୨୦୧୪।

୪. ପାତ୍ର, କାର୍ତ୍ତିକେଶ୍ୱର। ନର୍କର ନାମ ଅମରାବତୀ, ପଞ୍ଚଶୀଳ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୮୯।

୫. ପାତ୍ର, କାର୍ତ୍ତିକେଶ୍ୱର(ସଂ) ଏବଂ ଅନ୍ୟାନ୍ୟ। ଭୋଗରାଇ, ପ୍ରକାଶକ- ପ୍ରଜ୍ଞା ଓ ଭୋଗରାଇ ଉତ୍ସବ ପାଳନ କମିଟି, ୨୦୦୮।

୬. ପାତ୍ର, କାର୍ତ୍ତିକେଶ୍ୱର। ମୁହାଣ ମୁହଁ, ପକ୍ଷୀଘର, ଖୋର୍ଦ୍ଧା,୨୦୦୭ ।

୭. ତଥ୍ୟ ସଂଗ୍ରହ, ତଥ୍ୟ ପ୍ରଦାନକାରୀ- ଗିରିଜା ଶଙ୍କର ମହାନ୍ତି, ଅଚିନ୍ତ୍ୟ ଦାଶ, ନନ୍ଦ କୁମାର ଦାସ, ଗୀତା ଦାଶ ଓ ଲିଲି ତ୍ରିପାଠୀ ଆଦି।



### Does this article screened for similarity?

Yes

### Conflict of interest

The Author has no conflicts of interest to declare that they are relevant to the content of this article.



### About the Licenses

© **Susandhya Priyadarsani Nayak 2025**. The text of this article is open access and licensed under a Creative Commons Attribution 4.0 International License



### Cite this Article :

Nayak, Susandhya Priyadarsani, Baleswara Lokachalannire Bangiya Sanskrutira Prabhaba, Bageesha, Vol. No. 03, Issue No. 01, January-February 2025, Article No: BM2025/01-A004 | Page- 28-31| DOI: https://doi.org/10.70541/BAGEESHA/2025030104

BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan-Feb 2025
Refereed Peer-Reviewed Journal

# ପଶ୍ଚିମ ଓଡ଼ିଶାର ଲୋକୋକ୍ତି : ଏକ ପର୍ଯ୍ୟାଲୋଚନା

ପ୍ରଦ୍ୟୁମ୍ନ ସାହୁ
ଗବେଷକ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

RECEIVED : 25 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025

ARTICLE QR CODE

BM2025/01-A005

ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:
ଡ. ଗୋପୀନାଥ ବାଗ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

DOI:10.70541/BAGEESHA/2025030105

Article No. BM2025/01-A005
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**
ଲୋକସାହିତ୍ୟର ବିଭିନ୍ନ ବିଭବ ମଧ୍ୟରେ ଲୋକୋକ୍ତି ବା ଲୋକବାଣୀ ସ୍ୱତନ୍ତ୍ର। ବିଶ୍ୱର ବିଭିନ୍ନ କଥିତ ସାହିତ୍ୟରେ ବହୁ ପ୍ରାଚୀନ କାଳରୁ ଆଦ୍ୟାବଧି ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଭାରତ ତଥା ଓଡ଼ିଶାରେ ମଧ୍ୟ ଲୋକୋକ୍ତିର ବ୍ୟବହାର ବହୁମାତ୍ରାରେ ଦେଖିବାକୁ ମିଳିଥାଏ। ଓଡ଼ିଶାର ଉତ୍ତର, ଦକ୍ଷିଣ, ପୂର୍ବ ପରି ପଶ୍ଚିମାଞ୍ଚଳରେ ମଧ୍ୟ ସାଧାରଣ ଗ୍ରାମ୍ୟ ଜନତାର ମୁଖେମୁଖେ ଏହା ପ୍ରଚଳିତ। ଏହି ଅଞ୍ଚଳର ଲୋକ କଥିତ ଭାଷାକୁ ସମ୍ବଲପୁରୀ ଭାଷା ବୋଲି କୁହାଯାଇ ଥାଏ। ଏହା ମାନକ ଭାଷା ଓଡ଼ିଆର ଏକ ଉପଭାଷା ଅଟେ। ଓଡ଼ିଶାର ଅନ୍ୟାନ୍ୟ ଉପଭାଷା ପରି ସମ୍ବଲପୁରୀ ଭାଷାର ମଧ୍ୟ ସ୍ୱାତନ୍ତ୍ର୍ୟ ରହିଛି। ତେଣୁ ଏହି ଭାଷାରେ ପ୍ରଚଳିତ ଥିବା ଅନେକ ଲୁପ୍ତପ୍ରାୟ ଲୋକୋକ୍ତି ବା ଲୋକବାଣୀକୁ ଲୋକଲୋଚନକୁ ଆଣିବା ଓ ଏହାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିବା ହେଉଛି ଏହି ନିବନ୍ଧର ମୁଖ୍ୟ ଆଭିମୁଖ୍ୟ।

ମୂଳଶବ୍ଦ: ପଶ୍ଚିମ ଓଡ଼ିଶା, ଲୋକ ସାହିତ୍ୟ, ଲୋକୋକ୍ତି ବା ଲୋକବାଣୀ, ଢଗଢମାଳି ବା ଛଟା, ରୂଢ଼ି, ପ୍ରବାଦ, ପ୍ରବଚନ।

**ଉପକ୍ରମ:** ଲୋକସାହିତ୍ୟ ଲୋକଧାରାର ଏକ ବିଶେଷ ବିଭବ। ସାହିତ୍ୟ ଓ ସମାଜ ଜୀବନର ସ୍ୱରୂପ। ମଣିଷର କଳାତ୍ମକ ଅଭିବ୍ୟକ୍ତି ଯେତେବେଳେ ଭାଷାରେ ରୂପାୟିତ ହୁଏ, ସେତେବେଳେ ତାହା ସାହିତ୍ୟ ରୂପେ ପରିଚିତ ହୁଏ। ଏହି ସାହିତ୍ୟକୁ ପୁଣି ଦୁଇଟି ଭାଗରେ ବିଭକ୍ତ କରାଯାଇଥାଏ। ଯଥା- ଲିଖିତ ସାହିତ୍ୟ ଓ ମୌଖିକ ସାହିତ୍ୟ। ଲିଖିତ ସାହିତ୍ୟ ଲେଖକର ବିଦଗ୍ଧ ଚେତନାର ସୃଷ୍ଟି ହୋଇଥିବାବେଳେ ମୌଖିକ ସାହିତ୍ୟ ଲୋକମାନସ ଆଧାରିତ ଆବେଗର ସର୍ଜନା। ପୁଣି ଲିଖିତ ସାହିତ୍ୟର ସୁନିର୍ଦ୍ଦିଷ୍ଟ ଇତିହାସ ରହିଛି, ଯାହା ଲିପିବଦ୍ଧ। ମୌଖିକ ସାହିତ୍ୟର ଲିଖିତ ଇତିହାସ ନାହିଁ, ଅଛି ଅଲିଖିତ ଐତିହ୍ୟ। ଏହା କେଉଁ ଆଦିମ କାଳରୁ ମୁଖରୁ ମୁଖ ପର୍ଯ୍ୟନ୍ତ ପ୍ରସରି ଆସିଛି, ପ୍ରବାହିତ ସରିତ ପରି। ଏହାର ସୃଷ୍ଟିକର୍ତ୍ତା ମଧ୍ୟ ସମାଜର ସାଧାରଣ ବର୍ଗର ଗ୍ରାମ୍ୟ ବା ପଲ୍ଲୀଜନ, ତେଣୁ ଏହାର ଅନ୍ୟନାମ ଲୋକ ସାହିତ୍ୟ। କାରଣ ଭାରତର ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ଲୋକ-ସଂସ୍କୃତିବିତମାନେ 'ଲୋକ' ବୋଲି ଆଖ୍ୟାୟିତ କରିଛନ୍ତି। ଇଂରାଜୀ ଶବ୍ଦ 'Folk'ର ଅବିକଳ ପ୍ରତିଶବ୍ଦ 'ଲୋକ' ବୋଲି ସାଧାରଣରେ ଗୃହୀତ ହୋଇ ଥିବାରୁ ଏହାକୁ 'Folk Literature' ବୋଲି ମଧ୍ୟ କୁହାଯାଇଥାଏ।

**ବିଷୟର ଆଲୋଚନା:** ସାଧାରଣ ଲୋକ ଖଟିଖାଇ ଜୀବିକା ନିର୍ବାହ କରିଥାଏ। ଚାଷ କରେ, ଜଙ୍ଗଲକୁ ଯାଇ ଫଳମୂଳ, କାଠ ବା ଶିକାର ସଂଗ୍ରହ କରେ। ଶାରୀରିକ ଶ୍ରମ ହିଁ ତାର ଅର୍ଥାର୍ଜନର ଏକମାତ୍ର ପନ୍ଥା। ଅକ୍ଳାନ୍ତ ପରିଶ୍ରମରୁ ଜାତ କ୍ଳାନ୍ତିର ଅପନୋଦନ ପାଇଁ ସେ ଗୀତ ଗାଏ,ନାଟ କରେ, ନୃତ୍ୟ କରେ, ଗପ କହେ ଓ ଶୁଣେ। ପ୍ରକୃତି, ଜୀବଜନ୍ତୁ, ପରିବାର, ସମାଜ ଓ ତାହାର ସ୍ୱାଭାବ ଆଦି ତାର ମୁଖ ନିଃସୃତ କଳାତ୍ମକ ଅଭିବ୍ୟକ୍ତିର ଆଧାର। ଲୋକ ମାନସ ଆଧାରିତ ଏ ସାହିତ୍ୟର ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ; ଗିରିର ଝର୍ଣ୍ଣର ପରି ଏହା ପ୍ରବାହମାନ୍। ତେଣୁ କୃତ୍ରିମତା ତଥା ଶାସ୍ତ୍ରୀୟତାଠାରୁ ଏହା ଦୂରରେ ରହେ। ଏହା ସ୍ୱଷ୍ଟ ଓ ସ୍ୱଚ୍ଛନ୍ଦ ଥିବାରୁ ଶତ୍ୟାଶ୍ରିତ। ତେଣୁ ଲୋକ ସାହିତ୍ୟ ସମାଜର ସମସ୍ତବର୍ଗର ଲୋକର ଆଶା-ନିରାଶା, ହର୍ଷ-ବିଷାଦ, ଜୀବନ-ମରଣ, ଲାଭ-ହାନୀ ଓ ସୁଖ-ଦୁଃଖ ଆଦିର ଚିତ୍ର ପ୍ରତିଫଳିତ ହୁଏ। ଲୋକ ପ୍ରକୃତି

ଓ ଲୋକ ପ୍ରବୃତ୍ତିରୁ ଜାତ ଅଭିବ୍ୟଞ୍ଜନାରେ ହିଁ ଏହି ସାହିତ୍ୟ ପରିପୁଷ୍ଟ। ସଂସ୍କୃତିର ବାହକ ଭାବେ ଲୋକ ସାହିତ୍ୟର ଭୂମିକା ତେଣୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକ ସାହିତ୍ୟର ପରିସର ବ୍ୟାପକ ହୋଇଥିବାରୁ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ। ଯଥା- ଲୋକ ଗୀତ(Folk Songs), ଲୋକ କଥା (Folk Tales), ଲୋକ ନାଟ୍ୟ (Folk Drama), ଲୋକ ଗାଥା(Folk Ballads) ଓ ଲୋକ ସୁଭାଷିତ ବା ଲୋକୋକ୍ତି (Folk Saying)।

'ଲୋକୋକ୍ତି' ହେଉଛି ଲୋକ ସାହିତ୍ୟର ଏକ ବିଶିଷ୍ଟ ବିଭବ। ଇଂରାଜୀରେ ଏହାର ପ୍ରତିଶବ୍ଦ ରୂପେ 'Proverb' ବା 'Adage'କୁ ଗ୍ରହଣ କରାଯାଏ। ଯାହା ଲାଟିନ୍ ଶବ୍ଦ 'Proverbium' ରୁ 'Proverb' ଏବଂ ଗ୍ରୀକ୍ ଶବ୍ଦ 'Adagium' ରୁ 'Adage' ଶବ୍ଦର ସୃଷ୍ଟି। ଉକ୍ତ ଦୁଇ ଉଦ୍ଧୃତ ଶବ୍ଦର ଅର୍ଥ ହେଲା- ଯାହା ଲୋକମାନଙ୍କ ମତରେ ବ୍ୟବହୃତ ବା ଯେଉଁ ନୀତିବାକ୍ୟ ଲୋକମାନଙ୍କ ମଧ୍ୟରେ ସୁପ୍ରଚଳିତ ହିନ୍ଦୀରେ ଏହାକୁ 'କାହାବତେ'(କାହାବତ୍) ବା ଓଡିଆରେ 'ଲୋକୋକ୍ତି' ବୋଲି କୁହାଯାଇଥାଏ। 'ଲୋକୋକ୍ତି' ଶବ୍ଦ ବ୍ୟତୀତ ଓଡ଼ିଆ ଭାଷାରେ ଏହା 'ଲୋକବାଣୀ', 'ଲୋକ ସୁଭାଷିତ' ବା 'ଢଗଢମାଳି' ନାମରେ ମଧ୍ୟ ପ୍ରଚଳିତ। ବ୍ୟୁତ୍ପତ୍ତିଗତ ଦୃଷ୍ଟିରୁ ସାଧାରଣତଃ ଏହା ଲୋକଙ୍କର 'ଉକ୍ତି' ବା 'ବାଣୀ' ଅଟେ। ଯାହାର ଅର୍ଥ ଭାବେ ବିଶେଷତଃ 'କଥା','ବଚନ' ବା 'ପ୍ରବଚନ' ଆଦିକୁ ବୁଝେଇ ଥାଏ। ଭାରତ ତଥା ବିଶ୍ୱର ପ୍ରାୟ ପ୍ରତ୍ୟେକ ଲୋକ ସାହିତ୍ୟରେ ଏହାର ପ୍ରଚଳନ ପ୍ରାଚୀନକାଳରୁ ରହିଆସିଛି। ତେଣୁ ଏହାର ପରିଭାଷା ସମ୍ପର୍କରେ ବିଭିନ୍ନ ଲୋକ ସାହିତ୍ୟ ବିତ୍ ନିଜ ନିଜର ମତବ୍ୟକ୍ତ କରିଯାଇଛନ୍ତି। ଏ ସମ୍ପର୍କରେ ପାଶ୍ଚାତ୍ୟ ଲେଖକ Arthur Mee ତାଙ୍କ Proverb Storiesରେ କହିଛନ୍ତି,– "Every nation has its proverbs-short pithy saying in which are contained much wisdom-the stories on this page illustrate same of these proverbs."(Vol.1. The Educational Book Company Limited-London- P-289)। ପୁଣି ଏ ସମ୍ପର୍କରେ ଲର୍ଡ ରସେଲ କୁହନ୍ତି- "ଢଗ ହେଉଛି ଉକ୍ତିର ଶାଣିତ ଅଂଶ"। ଅର୍ଥାତ୍ ଏହା ହେଉଛି ଉକ୍ତି ବା କଥାନର ଶାଣିତ ବା ବ୍ୟଙ୍ଗ ରୂପ ଯେଉଁଥିରେ, ବ୍ୟକ୍ତିକୁ ସମାଜକୁ ବିପଥଗାମୀରୁ ମୁକ୍ତ କରାଯାଇପାରିବ। ଭାରତୀୟ ଲୋକତତ୍ତ୍ୱବିତ୍ ଡକ୍ଟର କନ୍ହେୟାଲାଲ୍ଙ୍କ ମତରେ -"ନିଜ ବକ୍ତବ୍ୟର ସ୍ୱଷ୍ଟ ନିମିତ୍ତ କାହାକୁ କିଛି ଶିକ୍ଷା ଦେବା କିମ୍ବା ଚେତାବନୀ ଦେବା ଉଦ୍ଦେଶ୍ୟରେ କୌଣସି କଥାକୁ କୌଣସି ପ୍ରକାରେ ପ୍ରକାଶ କରିବା କିମ୍ବା କାହା ପ୍ରତି ବ୍ୟଙ୍ଗ କରିବା ନିମିତ୍ତ ଯେଉଁ ସ୍ୱତନ୍ତ୍ର ଅର୍ଥ-ଦ୍ୟୋତକ ଲୋକ ପ୍ରଚଳିତ ତଥା ସାମାନ୍ୟତଃ ସାରଗର୍ଭକ, ସଂକ୍ଷିପ୍ତ ଉକ୍ତି ପ୍ରୟୋଗ କରାଯାଏ ତାହାକୁ ଲୋକୋକ୍ତି ବା କାହାବତ୍ ନାମରେ ନାମିତ କରାଯାଇ ପାରେ"(ରାଜସ୍ଥାନୀ କାହାବତେଁ : ଏକ ଅଧ୍ୟୟନ - ଡକ୍ଟର କନ୍ହେୟାଲାଲ୍ ସହଳ, ପୃ-୨୦)। ଅର୍ଥାତ୍ ବ୍ୟକ୍ତି ବା ସମାଜକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ନୀତି ବା ବ୍ୟଙ୍ଗମୂଳକ ସ୍ୱତନ୍ତ୍ର ଅର୍ଥ ପ୍ରକାଶ କରିବାର କ୍ଷମତା ରଖୁଥିବା ପଦ ବା କ୍ଷୁଦ୍ର ବାକ୍ୟକୁ ଲୋକୋକ୍ତି କୁହାଯାଏ। ଡ଼ କୃଷ୍ଣଦେବ ଉପାଧ୍ୟାୟଙ୍କ ଭାଷାରେ -"ଲୋକୋକ୍ତି ହେଉଛି ଅନୁଭବ ସିଦ୍ଧ ଜ୍ଞାନର ନିଧି ସ୍ୱରୂପ। ମଣିଷ ଯୁଗ ଯୁଗ ଧରି ସାକ୍ଷାତକାର କରିଥିବା ତଥ୍ୟ ଗୁଡ଼ିକ ଲୋକୋକ୍ତି ମାଧ୍ୟମରେ ପ୍ରକାଶ କରିଥାଏ। ଏହା ହେଉଛି ଅନୁଭବ ଜ୍ଞାନର ଚିରନ୍ତନ ସୂତ୍ର"(ଲୋକ୍ ସାହିତ୍ୟ କି ଭୂମିକା- ଡକ୍ଟର କୃଷ୍ଣଦେବ ଉପାଧ୍ୟାୟ, ପୃ-୧୭୪)। ଏହି ମତ ଗୁଡ଼ିକରୁ ସାଧାରଣତଃ ଜଣାପଡ଼େ ଯେ ପଲ୍ଲୀ ବା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଦୈନନ୍ଦିନ ଜୀବନରେ ବ୍ୟବହାର ଯେଉଁସବୁ ନୀତିଶିକ୍ଷାମୂଳକ ପଦ ବା କ୍ଷୁଦ୍ର ବାକ୍ୟକୁ ଲୋକୋକ୍ତି ବା ଢଗଢମାଳି କୁହାଯାଇଥାଏ। ଏହାର ବ୍ୟବହାରଦ୍ୱାରା ଲୋକ ସାଧରଣଙ୍କ ଚିନ୍ତା-ଚରିତ୍ର, ଜ୍ଞାନର ବିଶେଷତା, ଆଚାର-ବିଚାର, ସମ୍ପର୍କରେ ଜଣା ପଡ଼ିଥାଏ। ତେଣୁ ଯଦିଓ ଲୋକ ସାହିତ୍ୟର ଅନ୍ୟ ସମସ୍ତ ବିଭବଠାରୁ ଏହା ସଂକ୍ଷିପ୍ତ, ତଥାପି ମଧ୍ୟ ସବୁଠୁ ଶକ୍ତିଶାଳୀ ସଂପ୍ରେଷଣ। ଏ ସମ୍ପର୍କରେ ଓଡିଆ ଲୋକ ସାହିତ୍ୟ ଗବେଷକ ଡକ୍ଟର କୁଞ୍ଜବିହାରୀ ଦାଶ ମତବ୍ୟକ୍ତ କରି କହିଛନ୍ତି,-" ଢଗଢମାଳି, ଛଟା ଯେ କୌଣସି ଶ୍ରେଷ୍ଠ ଭାଷାର ଭୂଷଣ। ଏଥିରୁ ଲୋକ ସାଧରଣଙ୍କ ଚିନ୍ତା-ଚରିତ୍ର, ପ୍ରତ୍ୟୁତ୍ପନ୍ନ, ଜ୍ଞାନ ବୃଦ୍ଧି, ଆଚାର ବିଚାର, ସୌନ୍ଦର୍ଯ୍ୟ, ସାଧନା, ବ୍ୟଙ୍ଗ ବିଳାସ, ରୁଚି ଓ ଶୁଚିତାର ଖାଣ୍ଟି ପରିଚୟ ମିଳେ। X X X X। ନୀତି ପ୍ରଚାର ଏହାର ଲକ୍ଷ୍ୟ ନ ହେଲେ ବି ନୀତି ଉପଦେଶର ଅଭାବ ଏଥିରେ ନ ଥାଏ"(ଓଡିଆ ଲୋକଗୀତ ଓ ଲୋକ କାହାଣୀ - ଡକ୍ଟର କୁଞ୍ଜବିହାରୀ ଦାଶ, ପୃ୨୫୩)।

ଲୋକୋକ୍ତି ସାଧାରଣତଃ ସମାଜଦ୍ୱାରା, ସମାଜକୁ ଲକ୍ଷ୍ୟ କରି ସମାଜ ପାଇଁ ସୃଷ୍ଟି ହୋଇଅଛି। ଜନ ସମାଜର ଐତିହାସିକ ଜୀବନଯାତ୍ରା, ଦୈନନ୍ଦିନ ଜୀବନ ଯାତ୍ରାର ଛୋଟ ବଡ଼ ଦୁଃଖ ସୁଖର ଅନୁଭୂତି, କର୍ମ ତଥା ସାମାଜିକ ଜୀବନ ଉପଲବ୍ଧି ଅନୁଭବରାଜିକୁ ପରିବହନ କରି ଲୋକୋକ୍ତି ସାମାଜିକ ଶିକ୍ଷୟିତ୍ରୀର ଭୂମିକା ନିର୍ବାହ କରିଥାଏ। ଏହା ମନୋରଂଜନ, ପରିବେଶକୁ ହାଲୁକା କରିବା, ଶିଶୁ ଓ ଯୁବାବର୍ଗଙ୍କୁ ଶିକ୍ଷାଦେବା, ସାମାଜିକ ବ୍ୟବହାର ଓ ଅନୁଭୂତିର ପ୍ରଖ୍ୟାପନ କରିବା, ବିଶ୍ୱାସ, ପରମ୍ପରା ଇତ୍ୟାଦିର ଯୌକ୍ତିକତା ପ୍ରଦାନ କରିବା ଆଦି କାମରେ ସାଧାରଣତଃ ବ୍ୟବହୃତ ହୋଇଥାଏ। ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ଯଦିଓ କ୍ଷୁଦ୍ର ତଥାପି ମଧ୍ୟ ଏହାର ପରିସର ବ୍ୟାପକ ଅଟେ। ପୁଣି ଲୋକୋକ୍ତି କହିଲେ କେବଳ ଢଗଢମାଳି ବା ପ୍ରବାଦ ପ୍ରବଚନକୁ ବୁଝାଏ ନାହିଁ ଏହାର ରୂପ ଭିନ୍ନ ଭିନ୍ନ ଥିବାରୁ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇ ପାରେ। ଯଥା – ଢଗ ଢମାଳି ବା ଛଟା ବା ଦାଏକା, ରୂଢ଼ି, ପ୍ରବାଦ, ପ୍ରବଚନ, ପହଳି ବା ପ୍ରହଳିକା ବା ନାଁ ଦିଆ ବା ଧନ୍ଦା ବା ବଖାନି ଇତ୍ୟାଦି। ପ୍ରାଚୀନ କାଳରୁ ଏହା ଲୋକରୁ ଲୋକ ମୁଖ ପର୍ଯ୍ୟନ୍ତ କଥିତ ଆକାରରେ ରହି ଆସିଥିବାରୁ ଏହାର ଅନ୍ୟନାମ ଶ୍ରୁତି ଅଟେ। ଦୀର୍ଘ ସମୟ ଧରି କଥିତ ଆକାରରେ ଥିବାରୁ ବର୍ତ୍ତମାନ ଏହାର ଅନେକ ତତ୍ତ୍ୱ ତଥ୍ୟ ବିସ୍ମୃତ। ମାତ୍ର ଆଧୁନିକ ଶିକ୍ଷାର ବିକାଶ ଫଳରେ

ଊନବିଂଶ ଶତକର ଶେଷାର୍ଦ୍ଧରେ ଅନେକ ଲୋକ ସାହିତ୍ୟ ସଂଗ୍ରାହକ ଅଳ୍ପବହୁତେ ସଂଗ୍ରହ କରିପାରିଛନ୍ତି। ଯାହା ପରବର୍ତ୍ତୀ ପିଢ଼ିପାଇଁ ଅନେକ ମୂଲ୍ୟବାନ ସମ୍ପଦ ଅଟେ।

ଭାଷାଭିତ୍ତିରେ ଓଡ଼ିଶା ହେଉଛି ସର୍ବପ୍ରଥମ ରାଜ୍ୟ ଯିଏକି ସର୍ବ ଭାରତୀୟ ସ୍ତରରେ ପ୍ରଥମେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା। ଏଠିକାର ଜନସାଧାରଣଙ୍କ ଭାଷା ହେଉଛି ଓଡ଼ିଆ। ସମସ୍ତେ ଓଡ଼ିଆ ଭାଷାକୁ ପଢ଼ି ଓ ବୁଝି ପାରୁଥିଲେ ହେଁ ଆଞ୍ଚଳିକତା ଭେଦରେ ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଓଡ଼ିଶାର କଥିତ ଭାଷାରେ ଅଳ୍ପବହୁତେ ଭିନ୍ନତା ରହିଛି। ଏହି ଅଞ୍ଚଳଗୁଡ଼ିକର ଲୋକେ କଥିତ ଭାଷା ମାଧ୍ୟମରେ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥାନ୍ତି। ତେଣୁ ଏହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାର ପଶ୍ଚିମାଞ୍ଚଳ କହିଲେ ମୁଖ୍ୟତଃ ଦଶଗୋଟି ଜିଲ୍ଲାର ଭୌଗୋଳିକ ପରିସୀମାକୁ ବୁଝାଇ ଥାଏ। ଏହି ଦଶଟି ଜିଲ୍ଲା ହେଲା- ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ବୌଦ୍ଧ, ସୁନ୍ଦରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର(ସୋନପୁର)। ଉକ୍ତ ଅଞ୍ଚଳର କଥିତ ଭାଷାକୁ 'ସମ୍ବଲପୁରୀ' କୁହାଯାଇଥାଏ। ଯଦିଓ ଉକ୍ତ ଜିଲ୍ଲା ଗୁଡ଼ିକର ପରସ୍ପରର କଥିତ ଭଷାରେ ଅଳ୍ପବହୁତେ ଭିନ୍ନତା ଥିଲେ ମଧ୍ୟ ସମ୍ବଲପୁରୀ ଭାଷା ସହ ପ୍ରାୟତଃ ସାମଞ୍ଜସ୍ୟ ଥିବାରୁ, ଜନଧାରଣା ଏହି ଭଷାରେ ଭାବ ବିନିମୟ କରିଥାନ୍ତି। ସମ୍ବଲପୁରୀ ଏକ ଆଞ୍ଚଳିକ ଭଷା(ଓଡ଼ିଆ ଭଷାର ଉପଭାଷା) ହୋଇ ଥିବାରୁ ଏହାର ଲିଖିତ ରୂପ ମିଳୁ ନଥିଲେ ହେଁ, ବହୁ ପୁରାତନ କାଳରୁ ଏହାର କଥିତ ରୂପ ରହି ଆସିଛି। ଏହି ଦୃଷ୍ଟିରୁ କଥିତ ସାହିତ୍ୟ ଲୋକ ସାହିତ୍ୟ ହୋଇଥିବାରୁ ଏହି ଅଞ୍ଚଳର ଲୋକ ସାହିତ୍ୟ ବହୁ ପ୍ରାଚୀନ। ପୁଣି ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ପ୍ରଚଳିତ ଲୋକ ସାହିତ୍ୟଠାରୁ ଏଠିକାର କଥିତ ଭାଷା ବ୍ୟତୀତ ସଂସ୍କୃତି, ପରମ୍ପରା ଓ ଚଳଣି ଦୃଷ୍ଟିରୁ ମଧ୍ୟ ଅନେକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ। ପଶ୍ଚିମ ଓଡ଼ିଶାରେ ଅବସ୍ଥିତ ଜିଲ୍ଲାଗୁଡ଼ିକ ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ, ଏମାନେ ସମସ୍ତେ ଗୋଟିଏ ସାଂସ୍କୃତିକ ତଥା ସାମାଜିକ ପରିବେଷ୍ଟନୀରେ ଆବଦ୍ଧ। ଏମାନଙ୍କ ରୀତିନୀତି ଚାଲିଚଳଣି, ଭାଷା, ପରମ୍ପରା ଓ ସାମାଜିକ ତଥା ଆଧ୍ୟାତ୍ମିକ ଅନୁଷ୍ଠାନରେ ବହୁ ସାମଞ୍ଜସ୍ୟ ରହିଛି। ଏ ଅଞ୍ଚଳର ଲୋକ ସାହିତ୍ୟ ମୁଖ୍ୟତଃ ଆଞ୍ଚଳିକ ସାମାଜିକ ପୃଷ୍ଠଭୂମି ଉପରେ ଆଧାରିତ। ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଓ କର୍ମନିପୁଣ ଲୋକ-ଜୀବନର ଅବସର ବିନୋଦନ ପାଇଁ ଲୋକ ସାହିତ୍ୟ ହିଁ ବିଭିନ୍ନ ଉପାଦାନ ଯୋଗାଇଥାଏ। ଏହି ଉପାଦାନ ସ୍ୱରୂପ ହେଲା ଯଥା- 'ଲୋକ ଗୀତ'(ଡାଳଖାଇ, ରସରକେଲି, ମାଏଲାଜଡ଼, ହୁମବଉଳି, ପୁଅ ଜିଉଁତିଆ, ଭାଇ ଜିଉଁତିଆ, କଳାସୀ ଓଷା), 'ଲୋକ ନାଟକ'(ଡଣ୍ଡ,ଧନୁଯାତ୍ରା, ଘୁମୁରା ନୃତ୍ୟ, କରମା ନୃତ୍ୟ) 'ଲୋକ କାହାଣୀ'(ଲକଠକ୍ କାହାନି), 'ଲୋକୋକ୍ତି'(ଢଗ ଢମାଳି ବା ଛଟା ବା ଦାଏକା, ରୁଢ଼ି, ପ୍ରବାଦ, ପ୍ରବଚନ, ପହଳି ବା ପ୍ରହେଳିକା ବା ନାଁ ଦିଆ ବା ଧନ୍ଦା ବା ବଖାନି) ଇତ୍ୟାଦି। ଏହି ପ୍ରବନ୍ଧରେ ପଶ୍ଚିମ ଓଡ଼ିଶାର ଲୋକୋକ୍ତି ହିଁ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଥିବାରୁ ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗକୁ ବାଦ୍ ଦେଇ 'ଲୋକୋକ୍ତି' ସମ୍ପର୍କରେ ହିଁ ପର୍ଯ୍ୟାଲୋଚନା କରାଯିବ। ନିମ୍ନରେ 'ଲୋକୋକ୍ତି'ର ସମସ୍ତ ରୂପ- ଢଗ ଢମାଳି ବା ଛଟା ବା ଦାଏକା, ରୁଢ଼ି, ପ୍ରବାଦ, ପ୍ରବଚନ, ପହଳି ବା ପ୍ରହଳିକା ବା ନାଁ ଦିଆ ବା ଧନ୍ଦା ବା ବଖାନିଆଦି ସମ୍ପର୍କରେ ବିଷଦ ରୂପେ ଆଲୋଚନା କରାଗଲା।

(କ) ଢଗଢମାଳି(ଛଟା/ ଦାଏକା) – ଢଗଢମାଳି ଲୋକୋକ୍ତିର ଏକ ମୁଖ୍ୟ ବିଭବ। ଏହା ଏକ ଯୋଗଭୂତ ଶବ୍ଦ 'ଢଗ' ଓ 'ଢମାଳି' ଅଟେ। ମୂଳ ଶବ୍ଦ ହେଲା – 'ଢଗ'। ଇଂରାଜୀରେ ଏହାକୁ 'Proverb' କୁହାଯାଇଥାଏ। ଢଗ ଶବ୍ଦଟି କେଉଁ ଶବ୍ଦରୁ ଆସିଛି ତାହା ଯଦିଓ ସୁନିର୍ଦ୍ଦିଷ୍ଟ ନୁହେଁ, ତଥାପି ଅନୁମାନ କରିହୁଏ ଯେ - 'ଢଙ୍ଗ' ଶବ୍ଦରୁ ସୃଷ୍ଟି। ଲୋକଶବ୍ଦ 'ଢଙ୍ଗ'ର ଅର୍ଥ- 'ବ୍ୟବହାର', 'ରୀତି-ନୀତି', 'ଚାଲିଚଳଣି'। ପୁଣି ଏହାର ଅନ୍ୟଏକ ଅର୍ଥ ହେଲା- 'ଶୈଳୀ'(Style)। କଥୋପକଥନର ଏହା ଏକ ବିଶେଷ ଶୈଳୀ ହୋଇଥିବାରୁ ଏବଂ ଏହି ବିଶେଷ ଶୈଳୀଦ୍ୱାରା ଦୀର୍ଘକଥା ସ୍ୱଳ୍ପ ସମୟରେ ସଂକ୍ଷିପ୍ତ ପ୍ରକାଶ କରାଯାଇଥିବାରୁ ଏପରି ଶୈଳୀର ନାମ 'ଢଗ' ହୋଇଅଛି। ପୁଣି 'ଢମାଳି' ଶବ୍ଦଟି 'ଢଗ' ଶବ୍ଦର ଲଥା। ମାତ୍ର ଗୋପାଳ ଚନ୍ଦ୍ର ପ୍ରହରାଜ 'ଢମାଳି'କୁ 'ଢଗ' ଠାରୁ ଭିନ୍ନ ରୂପରେ ଉଲ୍ଲେଖ କରିଛନ୍ତି ତାଙ୍କ 'ଢଗ-ଢମାଳି – ବଚନ' ପୁସ୍ତକରେ। ଏଥରେ ସେ ଉଲ୍ଲେଖ କରିଛନ୍ତି ଯେ-"ଦେଖାଯାଏ 'ଢଗ' ମାନଙ୍କରେ ଯତିପାତ ଓ ଉପଧା ମିଳିବାର ଚେଷ୍ଟା କରାଯାଇଥାଏ, ଏମନ୍ତ କି ଶେଷ ପଦର ଯତି ଓ ଉପଧା ମିଳାଇବା ନିମନ୍ତେ ଗୋଟିଏ ନିରର୍ଥକ ପ୍ରଥମପାଦ ମଧ୍ୟ 'ଢଗ'ରେ ବୋଲାଯାଇ ଥାଏ। × X X X X 'ଢମାଳି'ରେ ଯତି ବା ଶେଷ ବର୍ଣ୍ଣ ମେଳ ନ ହୋଇ ବାକ୍ୟ ବ୍ୟବହାର କରାଯାଇ ଥାଏ।(୧ମ ଭାଗ- ଗୋପାଳ ଚନ୍ଦ୍ର ପ୍ରହରାଜ, ୧୯୨୬,ପୃ: ୨୦-୨୧)। କିନ୍ତୁ, ଏହା ଯଥାର୍ଥ ନୁହେଁ ବୋଲି ଲୋକ- ସାହିତ୍ୟର ଗବେଷକ କୁଞ୍ଜବିହାରୀ ଦାଶ ମତପ୍ରଦାନ କରି ଅଛନ୍ତି। ତାଙ୍କ ମତରେ- "କିନ୍ତୁ ପ୍ରହାରାଜ ଉଭୟ ମଧ୍ୟରେ ତାରତମ୍ୟ ଦର୍ଶାଇଛନ୍ତି, ଏହା ଯଥାର୍ଥ ବୋଧ ହୁଏ ନାହିଁ। X X X X ଅଧିକାଂଶ ଲୋକୋକ୍ତିରେ ଏକା ଶେଷ ଅକ୍ଷର ମେଳ କାହିଁକି, ଉପଧାର ମେଳ ରହିଅଛି। ଏକା ଏହି ଲକ୍ଷଣ ଯୋଗୁଁ ଏହା ଢଗ ପଦବାଚ୍ୟ ହୋଇନପାରେ"।(ଓଡ଼ିଆ ଢଗଢମାଳି ସଞ୍ଚୟନ : ଏକ ଅଧ୍ୟୟନ – ଲୋକବାଣୀ ସଞ୍ଚୟନ-(୧ମ ଭାଗ)୧୯୭୩, ପୃ: ୧୭)। ଅତଏବ, କଥାର 'ଲଥା' ପରି 'ଢଗ' ଶବ୍ଦଟି ଆପେ ଆପେ ଲୋକ ସମାଜରେ ଉଚ୍ଚାରିତ ହୋଇଛି। 'କଥା' ର 'ଲଥା' ସୃଷ୍ଟି ହୋଇଥାଏ ମୂଳ ଶବ୍ଦଟିକୁ ଶ୍ରୋତାର ମନୋରାଜ୍ୟରେ ଅଧିକ ପ୍ରଭାବ ପକାଇ ପ୍ରତିଷ୍ଠିତ କରିବାକୁ। ଏହା ମୂଳବସ୍ତୁର ପ୍ରତିଫଳନ ସ୍ୱରୂପ। ଯେମିତି ମୂଳ ବସ୍ତୁକୁ ବାଦ୍ ଦେଲେ ପ୍ରତିଫଳନର ସ୍ଥିତି ରହେ ନାହିଁ, ଠିକ୍ ସେହିପରି 'ଢମାଳି' ଶବ୍ଦଟି 'ଢଗ' ସହିତ ସଂଯୁକ୍ତ।

ଢଗକୁ ପଶ୍ଚିମ ଓଡ଼ିଶାରେ 'ଛଟା' ବା 'ଦାଏକା' କୁହାଯାଏ। 'ଛଟା' କହିଲେ ସାଧାରଣତଃ ବ୍ୟଙ୍ଗ ବିଦ୍ରୁପ ପଦ ବା ବାକ୍ୟାଂଶକୁ ବୁଝାଇ ଥାଏ। ଏହା ଶ୍ରୋତାକୁ ଆକ୍ଷେପ କରି କୁହାଯାଇଥାଏ। ଏଣୁ ଏହା ଆକ୍ଷେପକ୍ତି ବା ଲଗାକଥା। ଏହାର ପ୍ରୟୋଗ

ପ୍ରକ୍ରିୟାକୁ 'ଛଟାମରା ବା ଦାଏକାମରା' କୁହାଯାଇଥାଏ। ଏହା ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଉଭୟ ରୂପରେ ପ୍ରୟୋଗ କରାଯାଇ ଥାଏ। ଛଟାର ବ୍ୟବହାର ଗ୍ରାମୀଣ ସ୍ତ୍ରୀଲୋକମାନେ ହିଁ ଅଧିକ ବ୍ୟବହାର କରିଥାନ୍ତି। ଗାଁର ସ୍ତ୍ରୀଲୋକମାନେ ଛଟାମେଳାଇ ମୁହଁଟିକୁ ଛାଟି ଦେଇ ବା ମୁହଁ ବିକୃତ କରିଦେଇ ଅଥବା ମେଞ୍ଚାଏ ଛେପ ପକାଇ ଦେଇ ସ୍ଥାନାନ୍ତର ହୁଅନ୍ତି। ସେମାନେ ଯେପରି କଥାର 'ଛାଟ' ମାରିଦିଅନ୍ତି। ଏହି କଥା ପଦକ ଶ୍ରୋତାକୁ ବା ତା ଉଦ୍ଦେଶ୍ୟରେ କୁହାଯାଇ ତାହାକୁ ଆଘାତ ଦିଆଯାଇ ଥାଏ। ତେଣୁ ବୋଧହୁଏ ଏହାକୁ ଏପରି ନାମକରଣ କରାଯାଇଥିବାର ସାର୍ଥକତା ରହିଛି। ତେଣୁ ଏହାର ବିଶେଷ ସାହିତ୍ୟିକ ମୂଲ୍ୟ ନ ଥିଲେ ହେଁ ବ୍ୟାବହାରିକ ମୂଲ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ପଶ୍ଚିମ ଓଡ଼ିଶାର ଏହି ଛଟା ବା ଦାଏକା ଭାରତୀୟ ଅନ୍ୟାନ୍ୟ ଲୋକ ସାହିତ୍ୟ ପରି ବ୍ୟବହାରିକ ଜୀବନଧାରା ପ୍ରସୂତ। ଏଗୁଡ଼ିକ ସଂକ୍ଷିପ୍ତତା, ଗଦ୍ୟାତ୍ମକ ଓ ପଦ୍ୟାତ୍ମକ, ସମାସଧର୍ମୀ ଚିତ୍ରାତ୍ମକତା, ଉପଦେଶାତ୍ମକତା, ବ୍ୟଞ୍ଜନା ଓ ବିଦ୍ରୁପାତ୍ମକ ତଥା ସାମାଜିକ ଐତିହ୍ୟର ପରିବହନାଦି କେତେକ ବିଶିଷ୍ଟ ଗୁଣର ଅଧିକାରୀ ଅଟନ୍ତି। ତେଣୁ ଏଠାରେ କେତେକ ଛଟାକୁ ଉଦାହରଣ ସ୍ୱରୂପ ଭାବରେ ନିଆଯାଇଛି ଯଥା-

୧) "ଦୁଇ ମାଏଝିର୍ ଘାଏତା/ବାସି ଖାଏବୁ କି ତତଲା ଖାଏବୁ/ ବେଲ୍ ଥାଉନ୍ ଥାଉନ୍ କହିଥା"।

୨) "ବୁଢା ବେଲେ ମାଏଝି ଆନ୍ ଲେ ପରକେ/ ଗାଁ ବାହାରେ ଘର୍ ବନାଲେ ଚୋରକେ"।

ଉପରୋକ୍ତ ଛାଟ ଦ୍ୱୟରେ ଦୁଇପତ୍ନୀ ବିବାହିତ ସ୍ୱାମୀର ଦୁର୍ଦ୍ଦଶା ଓ ବାର୍ଦ୍ଧକ୍ୟ ସମୟରେ ବୃଦ୍ଧଟିଏ ବିବାହ କଲେ ତା ସ୍ତ୍ରୀର ପରପୁରୁଷ ସହ ପ୍ରୀତି ହେବା କଥାକୁ ଏଠାରେ ବ୍ୟଞ୍ଜନା ମାଧ୍ୟମରେ କୁହାଯାଇଛି।

ଛଟାର ସ୍ରଷ୍ଟା କୌଣସି ଏକ ବିଶିଷ୍ଟ ଭାବ ବା ଗୁଣକୁ ପ୍ରକାଶ କରିବା ପାଇଁ କେତେ ଗୁଡ଼ିଏ ସମଧର୍ମୀ ଚିତ୍ରର ସମାବେଶ ସୃଷ୍ଟି କରାଯାଇ ଥାଏ। ନିମ୍ନୋକ୍ତ ଉଦାହରଣରେ ଚାଷୀଟିଏ ନଷ୍ଟ ହେବା ଅର୍ଥକୁ ସତୀ, ସତିଆ ଓ ଚୋରର ସହ ଓ ବିବାହିତ ପୁରୁଷର ଦୋଷକୁ ପ୍ରକାଶ କରିବାଲାଗି ବାଟର ଦୋଷକୁ ଏଠାରେ ବର୍ଣ୍ଣନା କରାଯାଇଛି-

୩) "ଚଷା ନସେ ନିସତ୍ ହେଲେଁ/ସତୀ ନସେ ହଁସି ଥିଁ/ ଲାଗ୍-ଭାଗ୍ ଥି ସତିଆ ନସେ/ଚୋର୍ ନସେ ଖାସି ଥିଁ"।

୪) "ଚାଲି ନାଇଁ ଜାନି ବାଟର୍ ଦୋଷ୍/ ରଖି ନାଇଁ ଜାନି ମାଏଝିର୍ ଦୋଷ୍"।

ଗୃହପାଳିତ ପଶୁପକ୍ଷୀ ସମ୍ବନ୍ଧୀୟ ଅନେକ ଛଟା ରହିଛି ଯେଉଁଥିରେ ପଶୁ ପକ୍ଷୀର ଗୁଣଧର୍ମ ବର୍ଣ୍ଣନା କରାଯାଇଥାଏ। ଯଥା-

୫) "ଯେଭେଁ ଦେଖବୁ ସମ୍ବର କନା/ ହିଟେଇ ଦେବୁ ନାକର ଗୁନା"।

୬)"ଲୁଡ଼କି ସିଂଘି ଝାଟି ଲେଂଜି, ତେଲ୍ ଚିକିନିଆଁ ଚମ୍ ଏନ୍ତା ଗାଏ ନାଇଁ ଘିନି କରି, ହାଟୁଁ ଫିରେ ଅଧମ୍"।

ବିବିଧ ଜାତିର କର୍ମ ବିଷୟରେ ଅନ୍ୟ ଜାତିମାନଙ୍କର ପରିହାସାତ୍ମକ ତଥା ଟିପ୍ପଣୀ ମୂଳକ ଛଟା ପଶ୍ଚିମ ଓଡ଼ିଶାରେ ସୁପ୍ରଚୁଳ। ଏଥରେ ବିଭିନ୍ନ ଜାତିର ଦୋଷ ଦୁର୍ବଳତାକୁ ପ୍ରକାଶ କରାଯାଇ ଥାଏ। ଯଥା-

୭) "ବାମହନ୍ ଚଷା, ବତର୍ ନସା"।

୮) "ଠକ୍ ସୁନାରି ଲୁହୁରା ବାସି/ ଭଁଡ଼ାରି ବଏଲା ର ଆଏସିଁ"।

ଏଠାରେ ଅର୍ଥାତ୍ ବ୍ରାହ୍ମଣର କୃଷିକାର୍ଯ୍ୟ ବିଷୟକ ଜ୍ଞାନ ସମ୍ପର୍କରେ ବ୍ୟଙ୍ଗ ଓ ସୁନାରୀ ଲୋକର ଠକକାମ ଓ ଲୁହୁରା କାମରେ ବିଳମ୍ବତାକୁ କୁହାଯାଇଛି।

ଏହା ବ୍ୟତୀତ ଅନେକ ବିଧବା ଓ ଛାଡ଼ପତ୍ର ପାଇ କର୍ମଶୂନ୍ୟ ଜୀବନ ଅତିବାହିତ କରୁଥିବା ଗ୍ରାମ୍ୟ ନାରୀମାନେ ନିଜର ଏକୁଟିଆପଣକୁ ପରିପୂର୍ତ୍ତି କରିବା ଉଦ୍ଦେଶ୍ୟରେ ଗ୍ରାମର ବିବିଧ ପରିବାରକୁ ଯାତାୟାତ ତଥା ଅଣଆନୁଷ୍ଠାନିକ ନାରୀ ସଭା ବା ଗୋଷ୍ଠୀ ନିର୍ମାଣରେ ଲାଗିଯାନ୍ତି। ତେବେ ଏହା ବେଳେ ବେଳେ ପାରିବାରିକ, ସାମାଜିକ ଜୀବନରେ ଅଶାନ୍ତିର ବୀଜ ବୁଣିବାର କାମ କରିଥାଏ। ଏମାନଙ୍କୁ ଲକ୍ଷ୍ୟ ଅନେକ ଛଟା ରହିଛି ଯଥା-

୯) "ଗଛ୍ ମଲ୍ ମଲ୍ ପିପଲ୍ ପତର୍/ ଝାର୍ ମଲ୍ ମଲ୍ ଟେଁଗଟା/ଗାଁ ମଲ୍ ମଲ୍ ରାଆଁଡ଼ି, ଛାଡ଼ରି/ପାଏନ୍ ମଲ୍ ମଲ୍ ଜରଡ଼ା"।

ଏହିପରି ଭାବରେ ଆହୁରି ଅନେକ ଛଟା ରହିଛି ଯାହା ବିଭିନ୍ନ ବିଷୟକୁ କେନ୍ଦ୍ରକରି ସୃଷ୍ଟି ହୋଇଛି। ଏହା ସମାଜକୁ କଳୁଷିତ ହେବାରୁ ରକ୍ଷା କରେ। ଏବଂ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ।

(ଖ )ରୂଢ଼ି – ଲୋକୋକ୍ତିର ଏକ ଅଭିନ୍ନ ଅଙ୍ଗ ହେଉଛି ରୂଢ଼ି। ଏହାର ବ୍ୟୁତ୍ପତ୍ତି ଗତ ଅର୍ଥ ହେଉଛି ଯାହା ରୂଢ଼ି ବା ପ୍ରସିଦ୍ଧିସମ୍ପନ୍ନ। ଅର୍ଥାତ କଥିତ ଲୋକ-ଭଙ୍ଗୀର ରୀତିସିଦ୍ଧ ଶବ୍ଦଚାତୁରୀ ବା ବାଗଧାରାର ଏକ ଅଂଶବିଶେଷ। ଏହାର ଇଂରାଜୀ ପ୍ରତିଶବ୍ଦ ହେଉଛି Idiom. ମୂଳ ଗ୍ରୀକ୍ ଶବ୍ଦ Idioma ବା Idiome ରୁ ଆସିଛି ଯାହାର ଅର୍ଥ ହେଉଛି ମୂଳ ଅର୍ଥ ଛଡ଼ା ଏକ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବଚନଭଙ୍ଗୀ। ରୂଢ଼ିର ଗଠନ ପଦ୍ଧତିରେ ବିଶେଷ୍ୟ, ବିଶେଷଣ ଓ କ୍ରିୟାପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଏହି ଦୃଷ୍ଟିରୁ ରୂଢ଼ିକୁ ତିନି ଭାଗରେ ଯଥା - କ୍ରିୟାଯୁକ୍ତ, କ୍ରିୟାହୀନ ଓ ତୁଳନାତ୍ମକ ଭାବରେ ବିଭାଗୀକରଣ କରାଯାଇପାରେ। ପୁଣି ରୂଢ଼ିର ପରିସର ଢଗଢମାଳିର ପରିସର ଅପେକ୍ଷା କ୍ଷୁଦ୍ର। ଢଗଢମାଳି ସ୍ୱତନ୍ତ୍ର ରୂପରେ ବ୍ୟବହାର ହୋଇ ଅର୍ଥ ପ୍ରକାଶ କରୁଥିବା ବେଳେ,ରୂଢ଼ି କ୍ଷେତ୍ରରେ ଏପରି ହୋଇ ନଥାଏ। ଏହା ବାକ୍ୟର ଏକ ଅଂଶ ହୋଇଥିବାରୁ ନିର୍ଦ୍ଦିଷ୍ଟ ଏକ ବାକ୍ୟ ମାଧ୍ୟମରେ ହିଁ ଅର୍ଥ ପ୍ରକାଶ କରିଥାଏ। ଏହା କେବଳ ଗାଦ୍ୟାତ୍ମକ ଅଟେ। ପଶ୍ଚିମ ଓଡ଼ିଶାର କଥିତ ଭାଷାରେ କେତେକ ସ୍ଥାନରେ

ଏହାର ବ୍ୟବହାର ଦେଖିବାକୁ ମିଳିଥାଏ। ଯଥା-

୧) "ଟେଁକର୍ ଗିଜା" – ଏଠାରେ 'ଟେଁକର୍' ଶବ୍ଦର ଅର୍ଥ ହେଉଛି 'ବିରୁଡ଼ି'। ଛୋଟ ମୋଟ କଥାରେ ଶୀଘ୍ର ରାଗି ଯାଉଥିବା ବଦରାଗି, ଚିଡ଼ିଚିଡ଼ା ପ୍ରକୃତିର ଲୋକଙ୍କୁ ବିରୁଡ଼ି ସହିତ ତୁଳନା କରି ଏମିତି କୁହାଯାଏ। ଯଥା- ଏଡକି ଟେଁକର୍ ଗିଜାଟେ ଯେ କଥା ପଦେ ଭି ନାଇଁ କହି ହେବାର୍।

୨) "ପଦମ୍ ଖୁଜାବା" – ଅର୍ଥାତ୍ ଅର୍ଥ ପ୍ରାପ୍ତି ପାଇଁ ବିଶ୍ୱାସ କରାଯିବା ଅର୍ଥରେ ବ୍ୟବହୃତ ହୁଏ।

୩ ) "ଗଁଠ୍ ଲାଯୁରା" – ଏହାର ଅର୍ଥ ବିବାହ ସମୟରେ ବା କୌଣସି ସାମାଜିକ ଶୁଭାନୁଷ୍ଠାନରେ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ଧୋତି ଓ ଶାଢୀର କାନି ବା ନିମ୍ନାଂଶକଉ ଗଣ୍ଠିଦ୍ୱାରା ଆବଦ୍ଧ କରି ଉଭୟଙ୍କୁ ଏକ କରି ଦିଆଯାଏ। କାରଣ ସ୍ୱାମୀ-ସ୍ତ୍ରୀ ଗଁଠ୍ ଲାଯୁରା ନ ହେଲେ କୌଣସି ପ୍ରକାର ବିବାହାଦି ଯାଜ୍ଞାନୁଷ୍ଠାନର ସଂକଳ୍ପ କରାଯାଏ ନାହିଁ। କାରଣ ସ୍ୱାମୀ-ସ୍ତ୍ରୀ, ପୁରୁଷ-ପ୍ରକୃତି; ଏକଆତ୍ମା ଭିନ୍ନ ଶରୀର ରୂପେ ଗ୍ରହଣ କାରାଯାଏ।

ପୁଣି ବାଚ୍ୟାର୍ଥ ଅପେକ୍ଷା ଲକ୍ଷ୍ୟାର୍ଥଦ୍ୱାରା ରୂଢ଼ି ପ୍ରୟୋଗର ବାଞ୍ଛିତ ଅର୍ଥ ପ୍ରକାଶ ପାଇବା ହେଉଛି ଏହାର ଆଉ ଏକ ବୈଶିଷ୍ଟ୍ୟ। ଯଥା-

୪) "ଘୁମ୍ ରି ଖୁଁଟି ଘା" – ଏହାର ଅଭିଧେୟାର୍ଥ ହେଲା ଘିମିରିକୁ କୁଣ୍ଡାଇ କୁଣ୍ଡାଇ ଶେଷରେ ଘାରେ ପରିଣତ କରିବା। ମାତ୍ର ଏହାର ଲାକ୍ଷାର୍ଥ ହେଉଛି ଛୋଟ କଥାକୁ ବଢ଼ାଇ କହିବା ବା ସାମାନ୍ୟ କଥାରୁ ଖିଅ ବାହାର କରି ବଡ଼ ଧରଣର ଗୋଳମାଳ କରିବା।

ଏହା ବ୍ୟତୀତ କଳିକଜିଆ ସମୟରେ ଉଭୟ ପକ୍ଷର ଦୋଷ ଦୁର୍ବଳତାକୁ ପ୍ରକାଶ କରିବାକୁ 'ଉଘାତୁଲା' ଓ ଦୁଇଜଣ ମିଶି ତୃତୀୟ ବ୍ୟକ୍ତିର ଅନୁପସ୍ଥିତିରେ ତା'ର ସମାଲୋଚନା ବା ଚୁଗୁଲି କରିବାକୁ 'ଚୁପୁରା କୁଟା' କୁହାଯାଇଥାଏ। ଏହିପରି ଭାବରେ ଅନେକ ରୂଢ଼ି ରହିଛି। ଏଗୁଡ଼ିକ ଆକାରରେ କ୍ଷୁଦ୍ର ହେଲେ ସୁଦ୍ଧା ଏ ଧରଣର ବାକ୍ୟାଂଶ ଗୁଡ଼ିକ ସାଧାରଣ ଲୋକର ଅର୍ଥନୈତିକ ଚିନ୍ତାଧାରା, ସାମାଜିକ ଚଳଣି, ସଂସ୍କୃତି, ପରମ୍ପରା ଇତ୍ୟାଦି ଜନଜୀବନର ପ୍ରତିଛବି ସଙ୍କୁଚିତ ଭାବେ ଚିତ୍ରିତ ହୋଇଥାଏ।

(ଗ) ପ୍ରବାଦ ଓ ପ୍ରବଚନ – ଲୋକ ସାହିତ୍ୟର ଏକ ଆକର୍ଷଣୀୟ ଦିଗ ହେଉଛି ପ୍ରବାଦ ଓ ପ୍ରବଚନ। ଏହି ଉଭୟ ଅନେକ କ୍ଷେତ୍ରରେ ସମାନ ବୋଲି ମନେ ହେଉଥିଲେ ମଧ ସେମାନଙ୍କ ଭିତରେ ସୂକ୍ଷ୍ମ ପାର୍ଥକ୍ୟ ରହିଛି। ଡ଼ ଶ୍ୟାମସୁନ୍ଦର ମହାପାତ୍ର ଉଭୟ ମଧରେ ଥିବା ପାର୍ଥକ୍ୟକୁ ଦର୍ଶାଇ କହିଛନ୍ତି- "ଲୋକ ସମାଜରେ ପ୍ରବାଦ ଓ ପ୍ରବଚନରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ଗୁରୁତ୍ୱ ଦିଆଯାଏ ନାହିଁ। ସମ୍ଭବତଃ ପ୍ରବଚନ 'ପ୍ରବାଦ-ପ୍ରବଚନ'ର ସଂକ୍ଷିପ୍ତ ରୂପ। ଉଭୟର ଆକ୍ଷରିକ ଅର୍ଥ ମଧ ସମାନ। ଏଣୁ ସାଧାରଣ ଆଲୋଚନା କ୍ଷେତ୍ରରେ ଏ ଦୁଇ ଶବ୍ଦକୁ ସମାର୍ଥ ଭାବରେ ଗ୍ରହଣ କରାଯାଇପାରେ"(ଲୋକସାହିତ୍ୟ ତତ୍ତ୍ୱ- ଡ଼ ଶ୍ୟାମସୁନ୍ଦର ମହାପାତ୍ର,୧୯୯୫, ପୃ-୧୯୫୫)। ଏଣୁ ଏହାର ବ୍ୟୁତ୍ପତ୍ତିଗତ ଦୃଷ୍ଟିରୁ 'ବଦ୍' ଧାତୁ ନିଷ୍ପନ୍ନ 'ବାଦ' ଶବ୍ଦ ପୂର୍ବରୁ 'ପ୍ର' ଉପସର୍ଗ ଯୋଡ଼ି ହୋଇ 'ପ୍ରବାଦ' ହେଉଥିବା ବେଳେ, 'ବଚ୍' ଧାତୁ ନିଷ୍ପନ୍ନ 'ବଚନ' ଶବ୍ଦ ପୂର୍ବରୁ 'ପ୍ର' ପୂର୍ବସର୍ଗ ଯୋଗହୋଇ 'ପ୍ରବଚନ' ଶବ୍ଦ ହୋଇଥାଏ। ଉଭୟ 'ବଦ୍' ଓ 'ବଚ୍' ଧାତୁର ଅର୍ଥ କହିବା। ଏ ଉଭୟରେ ବ୍ୟୁତ୍ପତ୍ତିଗତ ଅର୍ଥର ପ୍ରଭେଦ ନଥିଲେ ହେଁ, ରୂପଗତ ଦୃଷ୍ଟିରୁ ପାର୍ଥକ୍ୟ ରହିଛି। ପ୍ରଥମେ 'ପ୍ରବାଦ' ସମ୍ପର୍କରେ ଆଲୋଚନା କରାଯାଇ ପାରେ-

ପ୍ର(ଉପସର୍ଗ)+ବଦ୍(ଧାତୁ)+ଅ(ପ୍ରତୟ)ରେ 'ପ୍ରବାଦ' ଶବ୍ଦ ସୃଷ୍ଟି ହୋଇଥାଏ। ଯାହାର ଅର୍ଥ 'ପ୍ରକୃଷ୍ଟ ବାଦ'। ଅର୍ଥାତ୍ ଯାହା ପ୍ରକୃତ ପ୍ରଧାନ କଥା। ଏହାର ଇଂରାଜୀ ପ୍ରତିଶବ୍ଦ ରୂପେ 'Adage' କୁ ସାଧାରଣତଃ ଗ୍ରହଣ କରାଯାଇଥାଏ। ଏହା ଗ୍ରୀକ୍ ଶବ୍ଦ Adagium ଶବ୍ଦରୁ ସୃଷ୍ଟି ଯାହାର ଅର୍ଥ ନୀତିବାକ୍ୟ,ଲୋକମତ। ଦୀର୍ଘଦିନର ଅଭିଜ୍ଞତାର ସଂକ୍ଷିପ୍ତ ବାଂଗମୟ ପରିପ୍ରକାଶ ହେଉଛି ପ୍ରବାଦ। ତେଣୁ ଏହା ସବୁ କ୍ଷେତ୍ରରେ କାମ ଦେଇନଥାଏ। କେତେବେଳେ ଏହା ମଣିଷକୁ ସତର୍କ କରାଇଥାଏ ତ ପୁଣି କେତେବେଳେ ଉପଦେଶ ପ୍ରଦାନ କରିଥାଏ। ପୁଣି ପ୍ରବାଦ ବ୍ୟଞ୍ଜନା ଉପରେ ଗୁରୁତ୍ୱ ଦେଉଥିବାବେଳେ ପ୍ରବଚନ ବାଚ୍ୟାର୍ଥ ଉପରେ ଗୁରୁତ୍ୱ ଦେଇଥାଏ। ଜନ୍ମ ସମୟର ଅର୍ଥକୁ ତ୍ୟାଗ କରି ପ୍ରବାଦ ତାର ବ୍ୟଞ୍ଜନାର୍ଥକୁ ପରବର୍ତ୍ତୀ କାଳରେ ଆଦରି ନେଇଥାଏ। ଏହାର ରୂପକ ଧର୍ମୀ ବୈଶିଷ୍ଟ ରହିଛି। ଏଣୁ ଏହା ଏକ ସଂହତ ବାକ୍ୟ। ଏହା ଆଲୋଚନା ବେଳେ, ବକ୍ତୃତା ଦେଲାବେଳେ, ରଚନାରେ, ସଂଳାପ କହିଲାବେଳେ ଉଚ୍ଚାରିତ ହୋଇଥାଏ। ଏହା ବକ୍ତବ୍ୟକୁ ଅଧିକ ଅର୍ଥବହ ଓ ଆଳଙ୍କାରିକ କରି ଗଢି ତୋଳିଥାଏ। ତେଣୁ ପ୍ରବାଦ ସମ୍ପର୍କରେ ଗବେଷକ କୁଞ୍ଜବିହାରୀ ଦାଶ କୁହନ୍ତି- "ଏହାର ଅର୍ଥ ଜନଶ୍ରୁତି, କିମ୍ବଦନ୍ତୀ ବା କଥା ସମ୍ବଳିତ ଉକ୍ତି" (ଓଡିଆ ଢଗଢମାଳି ସଞ୍ଚୟନ : ଏକ ଅଧୟନ – ଲୋକବାଣୀ ସଞ୍ଚୟନ-(୧ମ ଭାଗ)୧୯୭୩, ପୃ: ୧୮)। ସାଧାରଣତଃ ଅତୀତର କୌଣସି ଐତିହାସିକ, ପୌରାଣିକ ବା ଲୌକିକ ଘଟଣାର ସତ୍ୟାସତ୍ୟ ଉପରେ ଆଧାରିତ ଏକ କିମ୍ବଦନ୍ତୀ ବା ସତ୍ୟ ଘଟଣାରୁ ପ୍ରବାଦର ଉତ୍ପତ୍ତି ହୋଇଥାଏ। ଅତଏବ ଏହାର ଏକ ଗଳ୍ପଭାଗ ଥାଏ ଯାହାର ସମ୍ବନ୍ଧ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ରହିଥାଏ। ଯଥା- "ଅଇଲା କଲା ପାହାଡ଼/ ଭାଙ୍ଗିଲା ଲୁହାର ବାଡ଼/ ପିଇଲା ମହାନଦୀ ପାଣି / ସୁବର୍ଣ୍ଣ ଥାଳିରେ ହେଡ଼ା(ହୀରା) ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ" ବା "ଭଲା ରାମଚଣ୍ଡୀ ଭଲାରେ, କଳାପାହାଡ଼କୁ ଦେଉଳେ ବସାଇ ଭଲା ପାଣି ଆଣି ଗଲାରେ" କିମ୍ବା "ବାରଶ' ବଢେଇରେ ଦାୟ କି ପୁଅରେ ଦାୟ" ଇତ୍ୟାଦି ହେଉଛି ଓଡିଆ ପ୍ରବାଦ। ମାତ୍ର ପଶ୍ଚିମ ଓଡ଼ିଶାରେ ବିଶେଷ ରୂପେ ପ୍ରବାଦର ପପ୍ରଚଳନ ଦେଖିବାକୁ ମିଳେ ନାହିଁ। କ୍ୱଚିତ୍ କେମିତି ହାତ ଗଣତି ଦେଖିବାକୁ ମିଳିଥାଏ। ଯଥା-

୧) "ଦାଁତରୀ ମାଏଝି ଘରଙ୍କ ଶିରୀ, ଚୋର୍ ପଲାଲା ଦାଁତ୍ କେ ଡ଼ରି"।

୨) "ଝାର୍ ନଏଲ୍ ତା ବଜରମୂଳୀ, ପୁତୁରାର୍ କନିଆଁ

ଦଦାର୍ ଶାଳୀ"।

ଉପରୋକ୍ତ ଉଦାହରଣ ଦ୍ୱୟରେ ଅଲୌକିକ ସତ୍ୟ ଘଟଣା ଉପରେ ଆଧାରିତ ହେଲେ ମଧ୍ୟ ଏହା ଗୋଟିଏ ଗୋଟିଏ ପ୍ରବାଦ ଅଟେ।

ପ୍ର+ବଚନ- 'ପ୍ରବଚନ' ଶବ୍ଦ ସୃଷ୍ଟି ହୋଇଥାଏ। ଯାହାର ଅର୍ଥ ହେଉଛି ଉତ୍କୃଷ୍ଟ ବଚନ। ରୂଢ଼ି ସହିତ ପ୍ରବଚନର ସାମଞ୍ଜସ୍ୟତା ଥିବାରୁ ଏହାକୁ ମଧ୍ୟ ଇଂରାଜୀରେ 'Proverb' କୁହାଯାଇଥାଏ। ଏହା ସାଧାରଣତଃ ଉପଦେଶାତ୍ମକ, ସମାଜ, ସଂସ୍କୃତି, ଜ୍ଞାନ ବିଜ୍ଞାନ ତଥା ଶିକ୍ଷାମୂଳକ ହୋଇଥାଏ। ପ୍ରବଚନ ଦୁଇ ବା ଚାରି ଚରଣ ମଧ୍ୟ ହୋଇପାରେ। ଏଥିରେ ଜାତିର ଦୈନନ୍ଦିନ ଜୀବନ ନିର୍ବାହର ଚିତ୍ର ଏକ ବା ଏକାଧିକ ବାକ୍ୟରେ ସଂହାତ ରୂପେ ପ୍ରକାଶିତ ହୋଇଥାଏ। ସାଧାରଣତଃ ଏହା ବାଚ୍ୟ ନିର୍ଦ୍ଧାରିତ। ପ୍ରତୀକ, ରୂପକ, ଚିତ୍ରକଳ୍ପର ସ୍ଥାନ ନାହିଁ ଏଥିରେ। ଏହା ବିଚିତ୍ର ଅର୍ଥ ବହନର କ୍ଷମତା ରହିଥାଏ। ଏହା ଗଦ୍ୟ କିମ୍ବା ଅନ୍ତ୍ୟମିଳନଯୁକ୍ତ ଛାନ୍ଦୋବଦ୍ଧ ପଦ୍ୟରେ ରଚିତ ହୋଇଥାଏ। ପ୍ରବଚନ ମଧ୍ୟ ପ୍ରବାଦଠାରୁ ଆକାରରେ ବଡ଼। ଏହା ଶବ୍ଦତତ୍ତ୍ୱ ଏବଂ ବାକ୍ୟତତ୍ତ୍ୱ ଅନୁସରଣରେ ଗଠିତ ହୋଇଥାଏ। ପ୍ରବଚନରେ ସ୍ୱାଧୀନତା ଥିବା ସହ ରସ, ଆନନ୍ଦ ତଥା ଆବେଗ ରହିଥାଏ। ବକ୍ତବ୍ୟକୁ ସରସ ସୁନ୍ଦର ଭାବେ ଉପସ୍ଥାପିତ କାରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁଣି ବହୁ ବିଷୟକଉ କେନ୍ଦ୍ରକରି ପ୍ରବଚନ ଗଢ଼ି ଉଠିଛି। ଜ୍ଞାନ, ନୀତି- ଉପଦେଶମୂଳକ ପ୍ରବଚନରେ ବହୁ ମୂଲ୍ୟବାନ ପରମାର୍ଶ ରହିଛି। ଏଗୁଡିକ ନୈତିକ ଜ୍ଞାନ ବୃଦ୍ଧି କରିଥାଏ। ସ୍ୱାସ୍ଥ୍ୟ ଚିକିତ୍ସା ବିଷୟକ ପ୍ରବଚନରେ ଉତ୍ତମ ଓ କ୍ଷତିକାରକ ଖାଦ୍ୟର ବିବରଣୀ ରହିଛି। କୃଷି ସମ୍ବନ୍ଧୀୟ ପ୍ରବଚନରେ କୃଷି କାର୍ଯ୍ୟ ବିଷୟକ ପରାମର୍ଶ ରହିଛି। ପରିବେଶାତ୍ମକ ପ୍ରବଚନରେ ପରିବେଶର ଉନ୍ନତି ଏବଂ ଯତ୍ନ ପାଇଁ ନୀତି ରହିଛି। ପେଶା, ଜାତି ବର୍ଣ୍ଣକୁ ନେଇ ନାନା ପ୍ରକାରର ପ୍ରବଚନ ଗଢ଼ି ଉଠିଛି। ସମାଜର ନାନା ସ୍ତରର ନରନାରୀଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରବଚନ ସୃଷ୍ଟି ହୋଇଛି। ଏଥିରେ ଭଲ ଅପେକ୍ଷା ମନ୍ଦ ପ୍ରତି ଅଧିକାଂଶ କ୍ଷେତ୍ରରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ତେଣୁ ଏହି ଦୃଷ୍ଟିରୁ ଦେଖିଲେ ପ୍ରବଚନକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇ ପାରେ ଯଥା- କୃଷି ସମ୍ପର୍କୀୟ, ଭାବ ଓ ବିଷୟ ଭିତ୍ତିକ, ଉପଦେଶାତ୍ମକ, ଜ୍ଞାନଗର୍ଭିତ ବ ଶିକ୍ଷାମୂଳକ, ସ୍ୱାସ୍ଥ୍ୟ ସମ୍ପର୍କୀୟ, ଖାଦ୍ୟବସ୍ତ୍ର ସମ୍ବନ୍ଧୀୟ, ସାମାଜିକ ନରନାରୀ ସମ୍ପର୍କୀୟ ଇତ୍ୟାଦି। ଏଥିରେ ମଣିଷ ସମାଜର ପ୍ରାୟତଃ ଦିଗ ଚିତ୍ରିତ ହୋଇଥାଏ। ପଶ୍ଚିମ ଓଡ଼ିଶାର ଲୋକ କଥିତ ଭାଷାରେ ଅନେକ ପ୍ରବଚନ ରହିଛି। ଯାହାକୁ ଜନସାଧାରଣ ନିଜ ଦୈନନ୍ଦିନ ଜୀବନରେ ବିଭିନ୍ନ ଉଦ୍ଦେଶ୍ୟରେ ପ୍ରୟୋଗ କରିଥାନ୍ତି। ଯଥା-

୧) "ଘର୍ ବଲୁଛେ ଯା, ଘାଟ୍ ବଲୁଛେ ଆ"।

ଅର୍ଥାତ୍ ସାଧାରଣତଃ ମନୁଷ୍ୟର ଶେଷ ଅବସ୍ଥାରେ ଏହା କୁହାଯାଇଥାଏ। ଯେତେବେଳେ ବାର୍ଦ୍ଧକ୍ୟ ମଣିଷର କୌଣସି ଆବଶ୍ୟକତା ଅନ୍ୟ କେହି ଉପଲବ୍ଧି କରନ୍ତି ନାହିଁ। କେବଳ ଶ୍ମଶାନ ଘାଟ ହିଁ ତାହାକୁ ଆଦରରେ ଡାକି ଆଶ୍ରୟ ଦିଏ।

୨) "ଝାର୍ କେ ନାଇଁ ବଲ୍ ବ ପଦା, ପୁଲିସ୍ କେ ନାଇଁ ବଲ୍ ବ ଦଦା"।

ବଣକୁ ପଦା ବୋଲି ଭାବି ଯେପରି ନିଶ୍ଚିନ୍ତ ହେବା ଉଚିତ ନୁହେଁ ସେହିପରି ପୋଲିସକୁ ନିଜ ସମ୍ବନ୍ଧୀୟ ବୋଲି ଭାବି ମଧ୍ୟ ନିଶ୍ଚିନ୍ତ ହେବା ଉଚିତ୍ ନୁହେଁ।

୩) "ତାଲ୍ ତଲେଁ କାଲ୍" - ଅର୍ଥାତ୍ ତାଳ ଗଛ ତଳେ ବସା ବାନ୍ଧିଲେ କେଉଁ ଅନିଶ୍ଚିତ ମୁହୂର୍ତ୍ତରେ ଯେ ମୃତ୍ୟୁ ଘଟିବ ତା' କହିହେବା ନାହିଁ। ଏଠାରେ ବିପଦପୂର୍ଣ୍ଣ ସ୍ଥାନକୁ 'ତାଳତଳ' ବୋଲି କୁହାଯାଇଛି।

୪) "ତୋର୍ ଧାନ୍ କେ ତୋର୍ ମୁରହି, ଦେ କେଉଁଟେନ୍ ଭୁଷ୍ କରି"।

ଏଠାରେ କେଉଁଟୁଣୀର ଧାନରେ କେଉଁଟୁଣୀର ମୁଢ଼ି କିଣିବା କଥା କୁହାଯାଇଛି। ଯାହାର ଅର୍ଥ କୌଣସି କ୍ଷତି ନ ଥାଇ କୌଣସି ଜିନିଷ ଲାଭ ହେଲେ ଏମିତି କୁହାଯାଏ।

୫) "ଘର୍ କେ ସୁନ୍ଦର ପିଁଢା, ବୁଢୀ କେ ସୁନ୍ଦର ବୁଢା/ ଧାଙ୍ଗରା କେ ସୁନ୍ଦର୍ ଧାଙ୍ଗିରି, ବୁଡି କେ ସୁନ୍ଦର୍ ବାଙ୍ଗିରୀ"।

୬) "ପାଁଡ଼ବର୍ କାଏଁ ହଲ୍ ଧାନ୍, ପାଁଡ଼ବ ବୁଲେ ଗାଁ ଗାଁ"। – ଅର୍ଥାତ୍ ଯାହାର ଗାଈ ଗୋରୁ ହଳ, ବଳଦ, ଧାନ କିଛି ନାହିଁ ତାର ଆଉ ଅନ୍ନ ସଂସ୍ଥାନ ପାଇଁ ଅନାବଶ୍ୟକ ଚିନ୍ତା କରିବାକୁ ପଡ଼େ ନାହିଁ। ମୋଟମୋଟି ଭାବରେ କହିବାକୁ ଗଲେ ଯାହାର କିଛି ନାହିଁ ତାର କୌଣସିଥିରେ ଚିନ୍ତା ନଥାଏ।

୭) "କିଏ ଧାଇଁ ଧୁପି ବାର ତ କିଏ ବସିଥେଇ ତେର"।- ଅର୍ଥାତ୍ ବିନା ପରିଶ୍ରମରେ ଲାଭ ମାରିନେବା ଏବଂ ପରିଶ୍ରମ କରି ମଧ୍ୟ ଆଶାନୁରୂପ ନ ପାଇବାକୁ ଏହା କୁହାଯାଇଥାଏ।

୮) "କରମ୍ ଜାନିଁ କରମଙ୍ଗା ଫଲେଁ, ଲାଉଁ ଲଗାଲେଁ ତୁତ୍ କା ଫଲେଁ"।- ଏହାର ଅର୍ଥ ହେଲା କର୍ମ ଦଶା ଭଲଥିଲେ ଅସମ୍ଭବ କାର୍ଯ୍ୟ ମଧ୍ୟ ସାଧନା ହୁଏ ମାତ୍ର ଦଶା ଭଲ ନଥିଲେ ଉତ୍ତମ କାର୍ଯ୍ୟ କରି ମଧ୍ୟ ମନ୍ଦ ଫଳ ମିଳିଥାଏ।

ଏହା ବ୍ୟତୀତ ଆହୁରି ଅନେକ ପ୍ରବଚନ ରହିଛି ଯାହା ପଶ୍ଚିମ ଓଡ଼ିଶାର କଥିତ ଭାଷାରେ ନୀତିଦିନିଆ ଜୀବନରେ ବ୍ୟବହୃତ।

(ଘ) ପ୍ରହେଳିକା / ନାଁ ଦିଆ/ ବଖାନି (ପହଳି /ଧନ୍ଦା/ ଭକାନୀ) – ପହଳି/ ନାଁ ଦିଆ/ ବଖାନି ହେଉଛି ଲୋକ ସାହିତ୍ୟର ଏକ ଉତ୍କୃଷ୍ଟ ଦିଗ। ସଂସ୍କୃତରେ ଏହାକୁ 'ପ୍ରହେଳିକା', ହିନ୍ଦୀରେ 'ପହେଲା', ବଙ୍ଗଳାରେ 'ଧାଁ ଧାଁ', ଓଡିଆରେ 'ନାଁ ଦିଆ', ପଶ୍ଚିମ ଓଡ଼ିଶାର କଥିତ ଭାଷାରେ 'ବଖାନି'(ଭକାନୀ) ଏବଂ ଇଂରାଜୀରେ 'Riddle' ଆଦି ଶବ୍ଦ କୁହାଯାଇଥାଏ। 'ନଇକେ ବାଙ୍କ୍, ଦେଶକେ ଫାଙ୍କ' ନ୍ୟାୟରେ ସ୍ଥଳ ଭେଦରେ ଏହା ବିଭିନ୍ନ ନାମରେ ପରିଚିତ। ଅବଶ୍ୟ ପଶ୍ଚିମ ଓଡ଼ିଶାର ସର୍ବତ୍ର ଏହାକୁ 'ବଖାନି' କହନ୍ତି ନାହିଁ। ବିଭିନ୍ନ ସ୍ଥାନରେ ଏହା ବିଭିନ୍ନ ନାମରେ ପରିଚିତ। ସମ୍ବଲପୁର, ବରଗଡ଼, ବରପାଲି ଇତ୍ୟାଦି ଅଞ୍ଚଳରେ

ଏହାକୁ 'ଧନ୍ଦା'; ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସୋନପୁର ଓ ବୌଦ୍ଧ ଜିଲ୍ଲାର କିଛି ଅଞ୍ଚଳରେ 'ବଖାନି ବା ଭେକାନି' ନାମରେ ପରିଚିତ। ପ୍ରଶ୍ନ ମାଧ୍ୟମରେ ଶ୍ରୋତାର ମନକୁ ଧନ୍ଦି ଦେଉଥିବା ବା ଉତ୍ତର ଖୋଜିବାକୁ ଧନ୍ଦି ହେଉଥିବାରୁ ବୋଧହୁଏ ଏହାର ନାମ 'ଧନ୍ଦା'। 'ଭକାନୀ' ଶବ୍ଦ 'ଭକୁଆ' ବା 'ବୋକା' ସହିତ ସମ୍ପର୍କିତ। ଯେଉଁ ପ୍ରଶ୍ନ ଶୁଣି ଭକୁଆ ସଦୃଶ ହୋଇଯାଏ। ତାକୁ ସାଧାରଣତଃ ସମ୍ବଲପୁରୀ ଲୋକ ସାହିତ୍ୟରେ 'ଭକାନୀ' ବୋଲି କୁହାଯାଇଥାଏ। ଏହା କିଶୋର-କିଶୋରୀମାନଙ୍କ ପ୍ରଶ୍ନୋତ୍ତର ଶୈଳୀରେ ପ୍ରକାଶ କରାଯାଉଥିବାରୁ ଏଥିରୁ ବୁଦ୍ଧିମତ୍ତାର ପରିଚୟ ମିଳିଥାଏ। ବଖାନିର ଉଦ୍ଦେଶ୍ୟ ସାମଜକ ମନୋରଂଜନ ସକାଶେ କୌତୁହଳୋଦ୍ଦୀପକ ପ୍ରଶ୍ନ ବିଧାନ କରିବା। ଏ ସମ୍ପର୍କରେ ଡ଼ କୁଞ୍ଜ ବିହାରୀ ଦାଶଙ୍କ ମତ ପ୍ରଣିଧାନ ଯୋଗ୍ୟ- "ନାଁ ଦିଆ ହେଉଛି ଏକ ବୁଦ୍ଧି ପରୀକ୍ଷା ଜନିତ ମନୋରଂଜନର ଉପାଦେୟ ଲୋକ ସାହିତ୍ୟ ବିଭବ। ଶବ୍ଦର ବାସ୍ତବିକ ଅର୍ଥ ଅପେକ୍ଷା ଅର୍ଥାନ୍ତର ଅଭିବ୍ୟକ୍ତିରେ ହିଁ ନାଁ ଦିଆର ପ୍ରକୃତ ମର୍ମ ପ୍ରକାଶ ପାଇଥାଏ। × × × × × ନାଁ ଦିଆ ଏକ ପ୍ରଶ୍ନ। ଏ ପ୍ରଶ୍ନ ନିର୍ମାଣରେ ଲୋକକବି ସମସ୍ତ କାବ୍ୟ କୌଶଳ ଖଟାଇଛି। ଏହାର ଉତ୍ତର ନିତାନ୍ତ ସଂକ୍ଷିପ୍ତ, ଗୋଟିଏ ବା ଦୁଇଟି ଶବ୍ଦ ମଧ୍ୟରେ ସୀମିତ" (ଓଡିଆ ଲୋକ ଗୀତ ଓ ଲୋକ କାହାଣୀ – କୁଞ୍ଜବିହାରୀ ଦାଶ, ପୃ: ୨୪୩)। ଢଗର ଉଦ୍ଦେଶ୍ୟ ମୁଖ୍ୟତଃ ସାମାଜିକ ଶିକ୍ଷାଦାନ ଦେବା ବେଳେ ବଖାନିର ଉଦ୍ଦେଶ୍ୟ ସାମାଜିକ ମନୋରଂଜନ କରିବା। ଏଥିରେ ଅପ୍ରକୃତ ବସ୍ତୁର ବର୍ଣ୍ଣନାଦ୍ୱାରା ପ୍ରକୃତ ବସ୍ତୁର ଗୋପନୀୟତା ରକ୍ଷା କରାଯାଇଥାଏ। ଏବଂ ଗୋଟିଏ କ୍ଷୁଦ୍ର ବସ୍ତୁର ଉତ୍ତର ନିମିତ୍ତ ଗୁଡ଼ାଏ ଶବ୍ଦ ଆବଶ୍ୟକ ହୋଇଥାଏ। ମାତ୍ର ଢଗରେ ଅଳ୍ପ ଶବ୍ଦରେ ଗମ୍ଭୀର ଭାବ ପ୍ରକାଶ ପାଇଥାଏ। ବଖାନିର ସ୍ୱରୂପ ମଧ ବିଚିତ୍ର। ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗଗୁଡ଼ିକର କେତେକ ଗୁଣ ଧର୍ମ ବଖାନିରେ ମଧ ଲକ୍ଷ୍ୟ କରାଯାଇଥାଏ। ଲୋକଗୀତର କାବ୍ୟିକଗୁଣ, ଲୋକକଥାର ବର୍ଣ୍ଣନାଶୈଳୀ ତଥା ଲୋକନାଟକର ନାଟକୀୟ ଉତ୍କଣ୍ଠା ବଖାନିଗୁଡ଼ିକର ଉତ୍ତର ପ୍ରକାଶ ସମୟରେ ଉପଲବ୍ଧ ହୁଏ। ଏହା କୌଣସି ନିର୍ଦ୍ଦିଷ୍ଟ ପରିସ୍ଥିତି, ସମୟ ଏବଂ ବ୍ୟକ୍ତିବିଶେଷର ଆବଶ୍ୟକ ହୁଏ ନାହିଁ, ବରଂ ଯେ କୌଣସି ସ୍ଥଳରେ ଏବଂ ଯେ କୌଣସି ବ୍ୟକ୍ତି ବିଶେଷଙ୍କଦ୍ୱାରା ଏହା ଆତ୍ମପ୍ରକାଶ କରି ବେଶ୍ ଉପଭୋଗ୍ୟ ହୋଇଥାଏ।

ବଖାନି ଜଣଙ୍କ ଦ୍ୱାରା ସମାହିତ ହୋଇପାରେ ନାହିଁ। କାରଣ ଏଥିରେ ଉଭୟ ବକ୍ତା ଓ ଶ୍ରୋତା ସକ୍ରିୟ ରୂପେ ଜଡ଼ିତ ଥାଆନ୍ତି। ତେଣୁ ଜଣଙ୍କର ପ୍ରଶ୍ନରେ ଉତ୍ତର ଦେବା ପାଇଁ ଅନ୍ୟ ଜଣେ ବା ଏକାଧିକ ବ୍ୟକ୍ତିଙ୍କ ଆବଶ୍ୟକତା ନିହାତି ଅପରିହାର୍ଯ୍ୟ; ଯେହେତୁ ଉତ୍ତର ଦେଲା ପରେ ଯାଇ ବଖାନିର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ। ପଶ୍ଚିମ ଓଡ଼ିଶାରେ ଏମିତି ଅନେକ ବଖାନି(ଭେକାନୀ/ ଧନ୍ଦା) ରହିଛି। ଯଥା-

୧) "ଘିଡ୍ ଘିଡ୍ କରେ ଚଡ୍ ଚଡ୍ କରେ/ ପଁର୍ ରା ପଖନ୍ ଉପ୍ କି ପଡ଼େ"। – (ଛତୁ)

୨) "ସମ୍ବଲପୁରର୍ କଲ୍ ସୀ କେରା କେରା ଫଲ୍ ସି/ ଲାଲ୍ ଲାଲ୍ ଦିଶ୍ ସି ମଧୁର୍ ମଧୁର୍ ଲାଗ୍ ସି"। – (ଖଜୁରୀ)

୩) "ଟେଂଗ୍ ଟୋ ବାଙ୍ଗ ଟୋ କାଠ୍ ଖଁଡ଼େ/ ଛିଇଁ ଦେଲେ ବୁଢା ନାଟ୍ କରେ"। – (ବିଛା)

୪) "କଳିଆ ବଳଦ୍ ର ହଲିଆ ନାଇଁ/ ଛିଇଁ ଦେଲେ ବଳଦ୍ ଚାଲେ ନାଇଁ"। - (ଗେଣ୍ଡା)

୫) "ଚାର୍ ଭାଇ ହେଲେ ଠୋଲ୍/ ମାର୍ ହେଲେ ରକତ୍ ଝୋଲ୍"। – (ପାନ, ଖଇର, ଗୁଆ ଓ ଚୂନର ସମାବେଶ)

୬) "କଥାନିରେ ଭାଇ କଥାନି, ଚାଏର୍ ଗୁଡ଼ିଆ, ଦୁଇ ଗୁଡ଼ିଆ ଆରୁ ତିନ୍ ଗୁଡ଼ିଆର୍ ଇଟା ବଖାନି ଇ ବଖାନି ସଭେ ଆନ୍ ଜାନଲା ଲୁକେ ପାଗା ପାନ୍"। - (ମଣିଷ)

ଏଥିରେ ମଣିଷର ତିନୋଟି ଅବସ୍ଥା ତଥା ଶୈଶବରେ ଚାରି ଗୋଡିଆ ହୋଇ ଗୁରୁଣ୍ଡିବା, କୈଶୋରରୁ ପ୍ରୌଢାବସ୍ଥା ପର୍ଯ୍ୟନ୍ତ ଦୁଇଗୋଡ଼ରେ ଚାଲିବା ଏବଂ ବାର୍ଦ୍ଧକ୍ୟରେ ଗୋଟିଏ ଯଷ୍ଟି ଉପରେ ଭରାଦେଇ ତିନିଗୋଡ଼ିଆ ହେବା – ଏ ସବୁକୁ ନେଇ ବଖାନି ପଚରା ଯାଇଥାଏ।

୭) "ରୁଆ ବିହିଡ଼ା ସଏଲା ନ/ କୁଜି କେ ନୁରା ପଡ୍ ଲାନ"। - (ଦା)

୮) "ବିନ୍ ଦୁଃଖେ ଦୁଃଖ୍/ ଖାଏବାର୍ ଟା କାଏଁ ସୁଖ୍"। – (ଲଙ୍କାମରିଚ)

ପୁଣି ଅନେକ ସ୍ଥଳରେ ଗ୍ରାମାଞ୍ଚଳରେ କିଛି ଜ୍ଞାନୀଗୁଣି ଲୋକ ଥାଆନ୍ତି, ଯେଉଂମାନେ କି ପୁରାଣର ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ ବଖାନି ମେଳିଥାଆନ୍ତି। ଯଥା –

୯) "ଘଏତା ମରନ୍ ପୁଓର୍ ଦଶା/ ଯୁଗିଆ କରିଛେ ପିଣ୍ଡାରେ ବସା/ ନୂଆଁ ବିହାଘର୍ ବେଦୀରେ ବର୍/ ଏତ୍ କି କଥାକେ ବିଚାର୍ କର୍"। (ରାମାୟଣ ପ୍ରସଙ୍ଗରୁ)

ଅର୍ଥାତ୍ ରାମାୟଣ ବର୍ଣ୍ଣିତ ରାବଣ ଓ ପୁତ୍ର ମେଘନାଦର ମୃତ୍ୟୁପରେ ଯୋଗୀ ବେଶଧାରୀ ପରମ ପୁରୁଷ ରାମଚନ୍ଦ୍ରଙ୍କ ଉପସ୍ଥିତି ଓ ପରାମର୍ଶରେ ମନ୍ଦୋଦରୀ ସହିତ ବିଭୀଷଣର ପୁନର୍ବିବାହ ପ୍ରସଙ୍ଗଟି ଏହି ବଖାନିରେ ପ୍ରକାଶ ପାଇଛି। ମେଘନଦାର ମୃତ୍ୟୁର ଦଶମ ଦିନ ଅର୍ଥାତ୍ ଦଶାହ ଦିନ ରାବଣର ମୃତ୍ୟୁ ହୋଇଥିବା କଥା ବଖାନିରେ ସୂଚିତ କରୁଛି।

ନିରକ୍ଷର ସାଧାରଣ ଜନତାର ହିସାବ ନିକାଶ ମୁହଁେ ମୁହଁେ ଥାଏ। ତାହାର କାଗଜ କଲମ ଧରିବାର ଆବଶ୍ୟକ ହୁଏ ନାହିଁ। ତାହାକୁ ଚାଳିଶ, ପଚାଶ କହିଲେ ବୁଝିପାରେ ନାହିଁ; ଦୁଇକୋଡି କିମ୍ବା ଦୁଇକୋଡି ଦଶ କହିଲେ ଶୀଘ୍ର ବୁଝିଯାଏ। ତେଣୁ ବେଳେବେଳେ ଏହି ଗଣିତ ସମ୍ବନ୍ଧୀୟ ବଖାନି ମଧ ମେଳି ଦେଇଥାଏ। ପଶ୍ଚିମ ଓଡ଼ିଶାରେ ପୂର୍ବରୁ ପ୍ରଚଳିତ ଥିବା କଡ଼ା(କଉଡ଼ି) ଏବଂ ବୋଡି ହିସାବର ଏକ ବଖାନିକୁ ଏଠାରେ ନିଆଯାଇ ପାରେ। ଯଥା-

୧୦) " ଛ' କଡ଼ା ନ' କଡ଼ା ତିନ୍ ବାରକଡ଼ା/ ଦୁଇବୁଡି ଦଶ୍ କଡ଼ା କେତେ?

ସୁରୁଖୁର୍ ହିସାବ୍ ନାଇଁ କହିପାର/ ପାଠ୍ ପଢିଥିଲେ ଯେତେ"। (ଏହା ଏକ ମିଶାଣ ଗୁଣନର ବଖାନି ଅଟେ)

(ଛ' କଡ଼ା ନ' କଡ଼ା(୬+୯)=୧୫ କଡ଼ା, ତିନ୍ ବାରକଡ଼ା = ୩*୬= ୩୬ କଡ଼ା; ଦଶ୍ କଡ଼ା = ୪୦+୧୦=୫୦ କଡ଼ା– ଏ ସବୁ ମିଶି ହେଲା ୧୦୧ କଡ଼ା) (୧ ବୁଡ଼ି = ୨୦ କଡ଼ା)

**ଉପସଂହାର:** ମୋଟାମୋଟି ଭାବରେ କହିବାକୁ ଗଲେ ଲୋକୋକ୍ତି ବା ଢଗଢମାଳିର ସ୍ଥାନ ଅତି ଉଚ୍ଚରେ। କାରଣ ଯେଉଁ କଥା ପ୍ରକାଶ କରିବା ପାଇଁ ଦୀର୍ଘ ସ୍ଥାନ କାବ୍ୟାଖ୍ୟାନ ଆବଶ୍ୟକ କରେ ତାହା କେତୋଟି ମାତ୍ର ସ୍ୱଳ୍ପ ଶବ୍ଦରେ ପ୍ରକାଶ ପାଇଥାଏ। ତେଣୁ ସାମ୍ପ୍ରତିକ ସମୟରେ ଶିକ୍ଷାର ସୁପ୍ରସାର ହୋଇ ସହରର ସୁଉଚ୍ଚ ବିରାଟ ଅଟ୍ଟାଳିକାମାନେ ସୃଷ୍ଟି ହେଲେ ମଧ୍ୟ ପୁରପଲ୍ଲୀର ଲୋକମାନଙ୍କ ମୁଖରେ ପ୍ରଚଳିତ ଢଗଢମାଳିର ବିଲୟ ନାହିଁ। ଏ ଦୃଷ୍ଟିକୋଣରୁ ଦେଖିଲେ ପଶ୍ଚିମ ଓଡ଼ିଶାର କଥିତ ଭାଷାରେ ଏମିତି ଅନେକ ଲୋକୋକ୍ତି ଅଛି ଯାହା ଅନ୍ୟାନ୍ୟ ଅଞ୍ଚଳର କଥିତ ଭାଷାଠାରୁ ସ୍ୱାତନ୍ତ୍ର୍ୟ ତାହାକୁ କରାଇଥାଏ। ଏଗୁଡ଼ିକ କେବଳ ଯେ କ୍ଷୁଦ୍ର ଉକ୍ତି ନୁହେଁ ଏଥିରେ ପଲ୍ଲୀ ମଣିଷର ଚିନ୍ତା ଚେତନା, ଆବେଗ, ହର୍ଷ ଉଲ୍ଲାସ, ସୁଖ ଦୁଃଖ ପ୍ରକାଶ ପାଉଥିବାରୁ ଏହାକୁ ଲୋକବେଦ ବୋଲି ମଧ୍ୟ କୁହାଯାଇ ପାରେ। ଯଦିଓ ଏଗୁଡ଼ିକର ସାହିତ୍ୟିକ ମୂଲ୍ୟ ନଥାଏ, ତଥାପି ମଧ୍ୟ ଏହାର ବ୍ୟବହାରିକ ମୂଲ୍ୟ ବହୁ ଉର୍ଦ୍ଧ୍ୱରେ। ତେଣୁ ଏହି ଅଞ୍ଚଳର ଲୋକୋକ୍ତି ବା ଢଗଢମାଳି ଉପରେ ଏକ ବିଧିବଦ୍ଧ ଗବେଷଣାର ଅପେକ୍ଷା ରଖେ।

**ସହାୟକ ଗ୍ରନ୍ଥସୂଚୀ:**


୧) ପଣ୍ଡା ନିମାଇଁ ଚରଣ। ୧୯୯୭। ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ସ୍ୱରୂପ। ପ୍ରକାଶନ - ପୂର୍ଣ୍ଣିମା ପ୍ରିଣ୍ଟର୍ସ, ସମ୍ବଲପୁର।(ଓଡିଆ ବିଭବ)

୨) ନାୟକ ଦ୍ୱାରିକାନାଥ। ୧୯୯୮। ସମ୍ବଲପୁରୀ ଲୋକ ଗୀତରେ ସମାଜ ଜୀବନର ସ୍ୱରୂପ। ପ୍ରକାଶନ- ଓଡ଼ିଶା ବୁକଷ୍ଟୋର, କଟକ।(ଓଡିଆ ବିଭବ)

୩) ସାହୁ ଆଦିକନ୍ଦ। ୨୦୦୩। ସମ୍ବଲପୁର ଭାଷା ସାହିତ୍ୟ ସଂସ୍କୃତି। ପ୍ରକାଶନ- ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର।(ଓଡିଆ ବିଭବ)

୪) ସାହୁ ନାରାୟଣ। ୨୦୧୧। ଓଡିଆ ପ୍ରବାଦ ପ୍ରବଚନ ଓରୂଢି କୋଷ। ପ୍ରକାଶନ – ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର।

୫) ସାହୁ ସୁଧିର କୁମାର। ୨୦୦୮। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶଧାର। ପ୍ରକାଶନ – ଅଗ୍ରଦୂତ, କଟକ।

୬) ହସନ୍ କୁମାର। ୧୯୮୨। ସମ୍ବଲପୁରୀ ଲୋକ ସାହିତ୍ୟ। ପ୍ରକାଶନ – କେ. କେ.ମିଶ୍ର ଏଣ୍ଡ କୋ, କଟକ।(ଓଡିଆ ବିଭବ)



### Does this article screened for similarity?
Yes

### Conflict of interest
The Author has no conflicts of interest to declare that they are relevant to the content of this article.



### About the Licenses
© **Pradyumna Sahu 2025**. The text of this article is open access and licensed under a Creative Commons Attribution 4.0 International License



### Cite this Article :
Sahu, Pradyumna, Paschima Odisara Lokokti_Eka Parjyalochana, Bageesha, Vol. No. 03, Issue No. 01, January-February 2025, Article No: BM2025/01-A005| Page- 32-39| DOI: https://doi.org/10.70541/BAGEESHA/2025030105

ALOCHANA
ସମାଲୋଚନା
ବି ବି ଧ ଚ ର୍ଚ୍ଚା

ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan- Feb 2025

Refereed Peer-Reviewed Journal

# ବବ୍ ଡିଲାନ୍-ଆମେରିକୀୟ ଲୋକଗୀତର କିମ୍ବଦନ୍ତୀ ପୁରୁଷ

**ସତ୍ୟ ପଟ୍ଟନାୟକ**

ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ, ଡବଲିନ୍, ଓହିଓ, ଆମେରିକା

**୨୦୧୬ର ନୋବେଲ ସାହିତ୍ୟ ପୁରସ୍କାରର ଫଳାଫଳ ନିର୍ଦ୍ଧାରିତ ସମୟରୁ ପାଖାପାଖି ସପ୍ତାହେ ବିଳମ୍ବରେ ଘୋଷଣା କରାଯିବା କଥା ସାହିତ୍ୟପ୍ରେମୀଙ୍କ ମନରେ ନିଶ୍ଚିତଭାବେ କୌତୁହଳ ସୃଷ୍ଟି କରିଥିଲା। ସାଧାରଣତଃ, ଅଠରଜଣିଆ ବିଚାରକମଣ୍ଡଳୀ ଯେତେବେଳେ ବିଜୟୀ ବ୍ୟକ୍ତିଙ୍କୁ ନେଇ ଏକମତ ହୋଇପାରନ୍ତି ନାହିଁ, ସେଇ ପରିପ୍ରେକ୍ଷୀରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ଅକ୍ଟୋବର ୧୩, ଆମେରିକୀୟ ସମୟ ସକାଳ ସାତଟାରେ, ସମସ୍ତ ବାଦ ବିବାଦ ଅଟକଳ ଓ ପୂର୍ବାନୁମାନକୁ ଧୂଳିସାତ୍ କରି, ସ୍ୱିଡିସ୍ ଏକାଡେମିର ସ୍ଥାୟୀ ସେକ୍ରେଟାରୀ ସେରା ଡାନିଅସ ସାମ୍ବାଦିକ ସମ୍ମିଳନୀରେ ଘୋଷଣାକଲେ, "ସେ ଜଣେ ମହାନ କବି। ଗଲା ଚଉବନ ବର୍ଷ ଧରି ସେ ନିୟମିତ ଭାବରେ ନିଜକୁ ଆବିଷ୍କାର କରିବା ସହିତ ନିଜର ନୂତନ ପରିଚୟ ଗଢିଚାଲିଛନ୍ତି।" ସେ ପୁଣି କହିଲେ, "ଆମେରିକୀୟ ଗୀତ ପରମ୍ପରାରେ ନୂତନ କାବ୍ୟିକ ଅଭିବ୍ୟକ୍ତି ସୃଜନ" ନିମନ୍ତେ ଆମେରିକାର ଲୋକପ୍ରିୟ ସଙ୍ଗୀତଜ୍ଞ ତଥା କବି ପଚସ୍ତରୀ ବର୍ଷିୟ ବବ୍ ଡିଲନଙ୍କୁ ୨୦୧୬ ନୋବେଲ ସାହିତ୍ୟ ପୁରସ୍କାର ପାଇଁ ମନୋନୀତ କରାଗଲା।**

ବବ୍ ପାରମ୍ପାରିକ ସାହିତ୍ୟିକ ନୁହନ୍ତି। ତାଙ୍କର ପ୍ରକାଶିତ କେଇଖଣ୍ଡି ହାତଗଣତି ମାତ୍ର ପୁସ୍ତକ – ୧୯୭୧ରେ ପ୍ରକାଶିତ ଗଦ୍ୟକବିତା ସଙ୍କଳନ "ତେରାନ୍ତୁଲା", ୧୯୮୫ରେ ପ୍ରକାଶିତ "ଗୀତ ୧୯୬୨-୧୯୮୫", ୨୦୦୪ରେ ପ୍ରକାଶିତ ଆତ୍ମକଥା "କ୍ରୋନିକ୍ଲ ଭାଗ-୧"ଏବଂ ତାଙ୍କର ପେଣ୍ଟିଂକୁ ନେଇ ଆଉ ପାଞ୍ଚ ଖଣ୍ଡ ପୁସ୍ତକ। ଏହା ପୂର୍ବରୁ ସେ ସ୍ଥାନୀୟ ବା ଜାତୀୟ ସ୍ତରରେ କୌଣସି ସାହିତ୍ୟ ପୁରସ୍କାର ପାଇ ନାହାନ୍ତି। ଯଦିଓ ଗଲା କୋଡିଏ ବର୍ଷ ଧରି ତାଙ୍କର ନାମ ନୋବେଲ ପୁରସ୍କାର ପାଇଁ ହାଲ୍କା ଭାବେ ଶୁଣାଯାଉଥିଲା ଓ ଅକ୍ଟୋବର ୫, ୨୦୧୧ରେ ଲସ୍ ଏଞ୍ଜେଲସ୍ ଟାଇମସ୍ ସେହିବର୍ଷର ନୋବେଲ ସାହିତ୍ୟ ପୁରସ୍କାର ପାଇଁ ବବ୍ ସବୁଠାରୁ ଶକ୍ତିଶାଳି ପ୍ରାର୍ଥୀ ବୋଲି ଘୋଷଣା କରିଥିଲା, ସେ କେବେ ନୋବେଲ ପୁରସ୍କାର ପାଇବେ ବୋଲି କେହି କଳ୍ପନା କରିନଥିଲେ। ପେଷାଦାର ସଟ୍ଟାବାଜୀ ସଂସ୍ଥାମାନେ ଜାପାନର ଔପନ୍ୟାସିକ ହାରୁକି ମୁରାକାମି ଓ ସିରିଆର କବି ଆଦୋନିସ ପ୍ରଭୃତି ପ୍ରଭାବଶାଳୀ ସାହିତ୍ୟିକ ମାନଙ୍କୁ ନେଇ ବାଜି ଲଗାଉଥିଲେ। ନୋବେଲ କମିଟିର ଏହି ଘୋଷଣାକୁ ଆମେରିକାର ପ୍ରତ୍ୟେକ ନାଗରିକ ସହର୍ଷ ସ୍ୱାଗତ କଲେ। ଏହି କିମ୍ବଦନ୍ତୀ ଗୀତିକାରଙ୍କପ୍ରତି ପ୍ରଶଂସାମୁଖର ହୋଇ ଆମେରିକୀୟ ରାଷ୍ଟ୍ରପତି ବାରାକ ଓବାମା କହିଲେ, "ବବ୍ ଡିଲାନ୍ ମୋର ସବୁଠୁ ପ୍ରିୟ ଗାୟକ। ସେ ନୋବେଲ ପୁରସ୍କାର ପାଇଁ ସବୁ ଦୃଷ୍ଟିରୁ ଯୋଗ୍ୟ। " କହିବା ବାହୁଲ୍ୟ ଯେ, ବାରାକ ଓବାମା ୨୦୧୨ରେ ବବ୍ ଡିଲାନଙ୍କୁ ଆମେରିକାର ସର୍ବୋଚ୍ଚ ନାଗରିକ ପୁରସ୍କାର "ପ୍ରେସିଡେନ୍ସିଆଲ୍ ମେଡାଲ୍ ଅଫ୍ ଫ୍ରିଡମ୍"ରେ ପୁରସ୍କୃତ କରିଥିଲେ। ଗାର୍ଡିଆନ୍, ୱାଲଷ୍ଟ୍ରୀଟ୍ ଜର୍ଣ୍ଣାଲ, ନ୍ୟୁୟର୍କ ଟାଇମସ, ଲସ୍ ଏଞ୍ଜେଲସ୍ ଟାଇମସ ଆଦି ବିଶିଷ୍ଟ ଖବରକାଗଜ ନୋବେଲ କମିଟିର ଏହି ଘୋଷଣାକୁ ପ୍ରଶଂସାକରି "ସାହିତ୍ୟର ସୀମାରେଖାକୁ ପୁନଃ ପରିଭାଷିତ" କରାଗଲା ବୋଲି କହିଲେ। ଯଦିଓ ଏହା ପୂର୍ବରୁ ରବୀନ୍ଦ୍ରନାଥ ଠାକୁରଙ୍କୁ ସାହିତ୍ୟ ଓ ସଂଗୀତରେ ଅବଦାନ ନିମନ୍ତେ ନୋବେଲ ପୁରସ୍କାର ଦିଆଯାଇଥିଲା, ବବ୍ ଡିଲାନଙ୍କୁ ସଂପୂର୍ଣ୍ଣଭାବେ ସଂଗୀତକ୍ଷେତ୍ରରେ ନୋବେଲ ପୁରସ୍କାର ଦିଆଗଲା ବୋଲି ସମୀକ୍ଷକମାନେ ମତ ରଖିଲେ।

ବବ୍ ଡିଲାନଙ୍କ ଜନ୍ମ, ମେ ୨୪, ୧୯୪୧ରେ ମିନେସୋଟା ରାଜ୍ୟର ଛୋଟ ସହର ଡୁଲୁସ୍‌ରେ ହୋଇଥିଲା। ତାଙ୍କର ପିତୃଦତ୍ତ ନାମ ଥିଲା ରବର୍ଟ ଏଲେନ୍ ଜିମରମାନ। ୧୯୬୨ରେ ସେ ତାଙ୍କର ନାଁକୁ ବଦଳାଇ "ବବ୍ ଡିଲାନ୍" ରଖିଲେ। ତାଙ୍କୁ ଛଅ ବର୍ଷ ହୋଇଥିଲା ବେଳେ ତାଙ୍କର ପରିବାର କାନାଡା ସୀମାବର୍ତ୍ତୀ ସହର ହିବିଙ୍ଗକୁ ଉଠିଯାଇଥିଲେ ଓ ୧୯୫୯ରେ ହିବିଙ୍ଗ ହାଇସ୍କୁଲରୁ ପାସ୍ କରି ସେ ମିନେସୋଟା ବିଶ୍ୱବିଦ୍ୟାଳୟ, ମିନିଆପଲିସ୍‌ରେ ଭର୍ତ୍ତି ହେଲେ। ବିଶ୍ୱବିଦ୍ୟାଳୟରେ ତାଙ୍କର ସଂକ୍ଷିପ୍ତ ରହଣିରେ ସେ ଶ୍ରେଣୀ ଗୃହ ଅପେକ୍ଷା ସ୍ଥାନୀୟ କଫିହାଉସ୍ ଓ ଲୋକସଂଗୀତ ଆସରରେ ଅଧିକ ସମୟ ବିତାଉଥିଲେ। ହାଇସ୍କୁଲରେ ଥିଲାବେଳେ

ସେ ପିଆନୋ, ଗିଟାର ଓ ହାରମୋନିକାରେ ଦକ୍ଷତା ହାସଲ କରିସାରିଥିଲେ। ପ୍ରସିଦ୍ଧ ଲୋକଗୀତ କବି ୱୁଡି ଗଥ୍‌ରିଙ୍କୁ ମନଭିତରେ ଗୁରୁ ଭାବରେ ସ୍ୱୀକାରକରି ତାଙ୍କୁ ଭେଟିବାପାଇଁ ଓ ନିଜକୁ ଲୋକସଂଗୀତର ଗାୟକଭାବେ ପ୍ରତିଷ୍ଠା କରିବାପାଇଁ ଯୁବକ ବବ୍ ଜାନୁଆରୀ ୧୯୬୧ର ଏକ ଶୀତସକାଳରେ ନ୍ୟୁୟର୍କ ସହର ଅଭିମୁଖେ ବାହାରିଗଲେ। ସେଇ ମୁହୂର୍ତ୍ତରେ ସେ ସ୍ୱପ୍ନରେ ମଧ ଭାବିନଥିବେ ଯେ ଦିନେ ତାଙ୍କ ଜୀବନର ଗତିପଥ ସଂଗୀତର ସଫଳତମ ଶିଖରକୁ ଛୁଇଁବ।

ସେ ନ୍ୟୁୟର୍କ ସହରରେ ପହଁଚି ଖୁବ ଶୀଘ୍ର ସେଠାକାର ଲୋକସଂଗୀତ ଆସରକେନ୍ଦ୍ର ଗ୍ରୀନଓ୍ୱିଚ୍ ଭିଲେଜରେ ଜଣାଶୁଣା ହେବା ସହିତ ଗୁରୁ ୱୁଡି ଗଥରିଙ୍କ ପ୍ରିୟପାତ୍ର ହେଲେ। ସେପ୍ଟେମ୍ବର ୨୫ରେ ତାଙ୍କୁ ଗାର୍ଡ'ସ୍ ଫୋକ୍ ସିଟିରେ ଗାଇବାପାଇଁ ପ୍ରଥମ ସୁଯୋଗ ମିଳିଲା ଏବଂ ସେପ୍ଟେମ୍ବର ୨୯ରେ ନ୍ୟୁୟର୍କ ଟାଇମସରେ ତାଙ୍କର ସାକ୍ଷାତକାର ପ୍ରକାଶିତ ହେଲା। ପ୍ରସିଦ୍ଧ ରେକର୍ଡ କମ୍ପାନି କଲମ୍ବିଆ ରେକର୍ଡସ୍‌ର ମୁଖ୍ୟ ଜନ୍ ହାମଣ୍ଡ ତାଙ୍କ ପ୍ରଦର୍ଶନରେ ମୁଗ୍ଧ ହୋଇ ତାଙ୍କସହ ଚୁକ୍ତି ସ୍ୱାକ୍ଷର କଲେ ଓ ତାଙ୍କର ପ୍ରଥମ ଆଲ୍‌ବମ୍ "ବବ୍ ଡିଲାନ୍" ୨୦-୨୨ ନଭେମ୍ବରରେ ରେକର୍ଡ କଲେ। ମାର୍ଚ୍ଚ ୧୯, ୧୯୬୨ରେ ଏହି ଆଲ୍‌ବମ୍ ଲୋକାର୍ପିତ ହେଲା ଓ ଏକ ଦୀର୍ଘ ସଫଳ ସଂଗୀତ ଯାତ୍ରାର ଶୁଭାରମ୍ଭ ହେଲା। ୧୯୬୦ ଦଶକରେ ଆମେରିକାର ସାମାଜିକ ବ୍ୟବସ୍ଥା ଅତ୍ୟନ୍ତ ଅସ୍ଥିର ଥିଲା। କୃଷ୍ଣକାୟ ଗୃହଯୁଦ୍ଧ, ମାର୍ଟିନଲୁଥର କିଙ୍ଗ୍‌ଙ୍କ ଜେଲ୍ ଭାଷଣ ଓ ହତ୍ୟା, ରାଷ୍ଟ୍ରପତି କେନେଡିଙ୍କ ହତ୍ୟା, ଭିଏତନାମ ଯୁଦ୍ଧ ଆଦି ଘଟଣା ଦେଶରେ ଅରାଜକତାର ପଦଧ୍ୱନି ଶୁଣାଉଥିଲା। ଏହି ପରିପ୍ରେକ୍ଷୀରେ ଅନେକ ଯୁଦ୍ଧ ବିରୋଧି ସଂସ୍ଥା ବବ୍ ଡିଲାନଙ୍କ ଗୀତସବୁକୁ ନେଇ ବିଷୟସଂଗୀତ ଭାବରେ ବ୍ୟବହାର କଲେ ଓ ଯାଗା ଯାଗା ବୁଲି ଗାଇବାକୁ ଲାଗିଲେ। ବବ୍ ଲୋକଗୀତ ଗାୟକରୁ ଖୁବ୍ ଶୀଘ୍ର ଲୋକଙ୍କ ଆଖିରେ ସୁପି ପାଲଟି ଗଲେ। ଏହି ଯୁବ ଗୀତିକାର ଓ ଗାୟକଙ୍କୁ ସାଧାରଣ ଲୋକେ ଈଶ୍ୱର ବୋଲି ଭାବିବାକୁ ଲାଗିଲେ। ଏଭଳି ପରିସ୍ଥିତିରେ ମଧ ସେ ତିନୋଟି ଆଲବମ୍ ଲୋକାର୍ପିତ କଲେ (୧୯୬୪ରେ "ଦି ଟାଇମସ୍ ଦେ ଆର୍ ଏ-ଚେଞ୍ଜିନ୍", ୧୯୬୫ରେ "ହାଇୱେ ୬୧ ରିଭିଜିଟେଡ୍", ୧୯୬୬ରେ "ବ୍ଲଣ୍ଡ ଅନ୍ ବ୍ଲଣ୍ଡ") ଯାହା ତାଙ୍କ ଜୀବନର ଶ୍ରେଷ୍ଠ ଆଲବମ୍ ବୋଲି କୁହାଯାଏ। ଜୁଲାଇ ୨୯, ୧୯୬୬ରେ ହୋଇଥିବା ମୋଟରସାଇକେଲ ଦୁର୍ଘଟଣାରେ ସେ ଅଳ୍ପକେ ମୃତ୍ୟୁମୁଖରୁ ରକ୍ଷା ପାଇଗଲେ କିନ୍ତୁ ଦୁଇବର୍ଷ ପର୍ଯ୍ୟନ୍ତ ସେ ଆଉ ରେକର୍ଡିଂ କରିପାରିଲେ ନାହିଁ। ୧୯୭୦ ଓ ୮୦ ଦଶକରେ ବବ୍ ନିଜର ଲୋକଗୀତ ଓ ରକ୍ ରୋଲ୍ ଛବିରୁ ବାହାରି ଅନ୍ୟ ପ୍ରକାରର ଗୀତ ଗାଇଲେ। ୧୯୭୯ରେ ତାଙ୍କର ପ୍ରଥମ ଭଜନ ଆଲବମ୍ "ସ୍ଲୋ ଟ୍ରେନ୍ କମିଙ୍ଗ୍" ଲୋକାର୍ପିତ ହେଲା। ସେ କୁହନ୍ତି, "ମୁଁ ଦିନେ ବସି ଭାବୁଥିଲି। ଯୀଶୁ ପଛରୁ ଆସି ମୋ କାନ୍ଧରେ ହାତ ରଖି କହିଲେ, ବବ୍ – ତୁ ମୋ ଗୀତ ଗାଇବାକୁ କାହିଁକି ଇଛା କରୁନୁ? ମୁଁ କହିଲି – ସେମିତି କୌଣସି କାରଣ ନାହିଁ, କିନ୍ତୁ ଗାଇନି।" ଏଇ ଆଲବମରେ ତାଙ୍କୁ ପ୍ରଥମ ଗ୍ରାମି ପୁରସ୍କାର ମିଳିଲା। ୧୯୯୧ରେ ତାଙ୍କୁ ଗ୍ରାମି ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ସମେତ ତେରଟି ଗ୍ରାମି ପୁରସ୍କାର, ୨୦୦୦ରେ ଏକାଡେମୀ ପୁରସ୍କାର, ୨୦୦୧ରେ ଗୋଲ୍ଡେନ ଗ୍ଲୋବ୍ ପୁରସ୍କାର, ୨୦୦୮ରେ ବିଶେଷ ପୁଲିଜର ପୁରସ୍କାର, ଦୁଇଟି ବିଶ୍ୱବିଦ୍ୟାଳୟରୁ ସମ୍ମାନିତ ଡକ୍ଟରେଟ୍ ଡିଗ୍ରୀ ଓ ଅନ୍ୟାନ୍ୟ ଅନେକ ପୁରସ୍କାର ମିଳିଛି। ଏଯାବତ ତାଙ୍କର ଦଶକୋଟିରୁ ଅଧିକ ଆଲବମ୍ ବିକ୍ରୀ ହୋଇଛି।

୧୯୯୬ରୁ ବବ୍ ଡିଲାନ୍‌ଙ୍କ ନାଆଁ ନୋବେଲ ସାହିତ୍ୟ ପୁରସ୍କାର ପାଇଁ ଅନୌପଚାରିକ ସମ୍ଭାବ୍ୟ ତାଲିକାରେ ରହି ଆସୁଛି। ଅକ୍ଟୋବର ୫, ୨୦୧୧ରେ ଲସ୍ ଏଞ୍ଜେଲସ୍ ଟାଇମସ୍ ସେହିବର୍ଷର ନୋବେଲ ସାହିତ୍ୟ ପୁରସ୍କାର ପାଇଁ ବବ୍ ସବୁଠାରୁ ଶକ୍ତିଶାଳୀ ପ୍ରାର୍ଥୀ ବୋଲି ଘୋଷଣା କରିଥିଲେ।

ବବ୍ ତାଙ୍କର ଆତ୍ମକଥାରେ ଲେଖିଛନ୍ତି ଯେ କଲେଜରେ ଥିଲାବେଳେ ସେ ଅନେକ ପ୍ରସିଦ୍ଧ କବିଙ୍କୁ ପଢିବାର ସୁଯୋଗ ପାଇଥିଲେ। ପ୍ରସିଦ୍ଧ ଆମେରିକୀୟ ଲୋକଗୀତକାର ୱୁଡି ଗଥରିଙ୍କ ଆତ୍ମଜୀବନୀ ବବଙ୍କ ହୃଦୟକୁ ଛୁଇଁଥିଲା ଓ ତାଙ୍କୁ ସେ ମନେ ମନେ ଗୁରୁ ମାନି କବିତା ଲେଖିବା ଆରମ୍ଭ କରିଥିଲେ। ଛଅମାସ ଭିତରେ କଲେଜ ଶିକ୍ଷାରେ ଡୋରୀ ବାନ୍ଧି ସେ ଅନେକ ସହର ବୁଲିଲା ପରେ ୧୯୬୧ ଜାନୁଆରୀର ଗୋଟିଏ ଶିତସକାଳରେ କୋଡିଏ ବର୍ଷିୟ ଯୁବକ ବବ୍ ଇମ୍ପାଲା ୫୭ ମଡେଲ କାର ଧରି ଚିକାଗୋରୁ ନ୍ୟୁୟର୍କ ସହର ଅଭିମୁଖେ ବାହାରିଗଲେ ଅନେକ ସ୍ୱପ୍ନ ନେଇ। ଦୁଇଟି ଇଛା, ଗୁରୁ ୱୁଡି ଗଥରିଙ୍କୁ ଭେଟିବେ ଓ ନିଜକୁ ଲୋକସଂଗୀତର ଗାୟକ ଭାବେ ପ୍ରତିଷ୍ଠା କରିବେ। ସେ ନ୍ୟୁୟର୍କ ସହରରେ ପହଁଚି ଖୁବ ଶୀଘ୍ର ସେଠାକାର ଲୋକସଂଗୀତ ଆସରକେନ୍ଦ୍ର ଗ୍ରୀନଓ୍ୱିଚ୍ ଭିଲେଜ୍‌ରେ ଜଣାଶୁଣା ହେବା ସହିତ ଗୁରୁ ୱୁଡି ଗଥରିଙ୍କ ପ୍ରିୟପାତ୍ର ହେଲେ। ସେପ୍ଟେମ୍ବର ୨୫ରେ ତାଙ୍କୁ ଗାର୍ଡ'ସ୍ ଫୋକ୍ ସିଟିରେ ଗାଇବାପାଇଁ ପ୍ରଥମ ସୁଯୋଗ ମିଳିଲା ଏବଂ ସେପ୍ଟେମ୍ବର ୨୯ରେ ନ୍ୟୁୟର୍କ ଟାଇମ୍‌ସରେ ତାଙ୍କର ରିଭ୍ୟୁ ପ୍ରକାଶିତ ହେଲା। ପ୍ରସିଦ୍ଧ ରେକର୍ଡ କମ୍ପାନି କଲମ୍ବିଆ ରେକର୍ଡସ୍‌ର ଜଣେ ପ୍ରଭାରୀ ଜନ୍ ହାମଣ୍ଡ ତାଙ୍କ ପ୍ରଦର୍ଶନରେ ମୁଗ୍ଧ ହୋଇ ତାଙ୍କ ସହ ଚୁକ୍ତି ସ୍ୱାକ୍ଷର କଲେ ଓ ତାଙ୍କର ପ୍ରଥମ ଆଲ୍‌ବମ୍ "ବବ୍ ଡିଲାନ୍" ୨୦ ରୁ ୨୨ ନଭେମ୍ବରରେ ରେକର୍ଡ କଲେ। ମାର୍ଚ୍ଚ ୧୯, ୧୯୬୨ରେ ଏହି ଆଲ୍‌ବମ୍ ଲୋକାର୍ପିତ ହେଲା ଏବଂ ବବ୍ ଡିଲାନ୍‌ଙ୍କ ଏକ ଦୀର୍ଘ ସଫଳ ସଂଗୀତ ଯାତ୍ରାର ଶୁଭାରମ୍ଭ ହେଲା। ୧୯୬୦ ଦଶକରେ ଆମେରିକାର ସାମାଜିକ ବ୍ୟବସ୍ଥା ଅତ୍ୟନ୍ତ ଅସ୍ଥିର ଥିଲା। ଗୃହଯୁଦ୍ଧ, ମାର୍ଟିନଲୁଥର କିଙ୍ଗ୍‌ଙ୍କ ଜେଲ୍ ଭାଷଣ ଓ ହତ୍ୟା, ରାଷ୍ଟ୍ରପତି କେନେଡିଙ୍କ ହତ୍ୟା, ଭିଏତନାମ ଯୁଦ୍ଧ ଆଦି ଘଟଣା ଦେଶରେ ଅରାଜକତାର ପଦଧ୍ୱନି ଶୁଣାଉଥିଲା। ଏହି ପରିପ୍ରେକ୍ଷୀରେ ଅନେକ ଯୁଦ୍ଧ ବିରୋଧି ସଂସ୍ଥା ବବ୍ ଡିଲାନଙ୍କ ଗୀତସବୁକୁ ନେଇ ପ୍ରତିବାଦ ସଂଗୀତ ଭାବରେ ବ୍ୟବହାର କଲେ ଓ ଯାଗା ଯାଗା ବୁଲି ଗାଇବାକୁ ଲାଗିଲେ। ବବ୍ ଲୋକଗୀତ ଗାୟକରୁ ଖୁବ୍ ଶୀଘ୍ର ଲୋକଙ୍କ ଆଖିରେ ସୁପି ପାଲଟି ଗଲେ। ଏହି ଯୁବ ଗୀତିକାର ଓ ଗାୟକଙ୍କୁ ସାଧାରଣ ଲୋକେ ଈଶ୍ୱର ବୋଲି ଭାବିବାକୁ ଲାଗିଲେ।

ଜୁଲାଇ ୧୯୬୧ରେ ଗୋଟିଏ ଲୋକଗୀତ ଆସରରେ ବବ୍ ପ୍ରଥମଥର ଦେଖିଲେ ସୁଜାନ୍ ରତୋଲୋଙ୍କୁ। ପ୍ରଥମ ଦେଖାରେ ଦୁହିଁଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢିଉଠିଲା। ତାଙ୍କର ଆତ୍ମକଥାରେ ବବ୍ ଏ ବିଷୟରେ ଉଲ୍ଲେଖ କରି କହିଛନ୍ତି, "ତାଙ୍କୁ ଦେଖିବା ପରଠୁ ମୁଁ ତା ଉପରୁ ଆଖି ଫେରେଇ ପାରିଲିନି। ପ୍ରେମର ତୀର ପ୍ରଥମଥର ପାଇଁ ସିଧା ହୃଦୟ ଭେଦ କଲା। ତା ସହିତ ପ୍ରତ୍ୟେକ ଆଳାପ ୧୦୦୦ ଆରବୀୟ ରଜନୀ ପରି। " ତାଙ୍କର ସମ୍ପର୍କକୁ ସୁଜାନ୍‌ଙ୍କ ପରିବାର ସ୍ୱୀକୃତି ନଦେବା ସତ୍ତ୍ୱେବି ୧୯୬୨ ଆରମ୍ଭରୁ ଦୁହେଁ ଏକାଠି ରହିଲେ। କିନ୍ତୁ ବବ୍‌ଙ୍କ ଲୋକପ୍ରିୟତା ଓ ସାମାଜିକ ଦାୟିତ୍ୱ ବଢୁଥିଲା। ବବ୍ ଯେଉଁପ୍ରକାରର ଆବେଗାତ୍ମକ ସମ୍ପର୍କ ସୁଜାନ୍‌ଙ୍କ ନିକଟରୁ ଚାହୁଁଥିଲେ, ସୁଜାନ୍ ତାକୁ ଦେବାରେ ଅସମର୍ଥ ହେଉଥିଲେ। ମାନସିକ ଚାପ, ଲୋକଚର୍ଚ୍ଚା, ସୁଦୃଢ ଭବିଷ୍ୟତର ସମ୍ଭାବନାରେ ପ୍ରଶ୍ନବାଚୀ ଇତ୍ୟାଦିକୁ ନେଇ ସୁଜାନ୍ ଜୁନ ୧୯୬୨ରେ ନ୍ୟୁୟର୍କ ଛାଡି ମା'ଙ୍କ ସହିତ ଛଅମାସ ପାଇଁ ଇଟାଲି ଚାଲିଗଲେ। ଅକ୍ଟୋବର ୧୯୬୨ରେ ସୋଭିଏତ୍ ରୁଷ୍‌ର କ୍ୟୁବାରୁ ଆମେରିକା ଉପରେ କରିଥିବା କ୍ଷେପଣାସ୍ତ୍ର ଯୁଦ୍ଧ ସମୟରେ ସୁଜାନ୍‌ଙ୍କୁ ଏକ ଚିଠିରେ ବବ୍ ଲେଖିଥିଲେ, "ଯଦି ସେ ରାତିରେ ପୃଥିବୀ ସମାପ୍ତ ହୋଇଯାଇଥାନ୍ତା, ମୁଁ କେବଳ ଚାହିଁଥାନ୍ତି ତୁମ ସହିତ ରହିବାକୁ। " ୧୯୬୩ ଜାନୁଆରୀରେ ସୁଜାନ୍ ଇଟାଲିରୁ ଫେରିଲେ ଓ ସେଇ ବର୍ଷ ଶେଷ ଆଡକୁ ସୁଜାନ୍ ବବ୍‌ଙ୍କ ଦ୍ୱାରା ଗର୍ଭବତୀ ହେଲେ। ପରେ ସୁଜାନ୍ ବବ୍‌ଙ୍କ ଲୋକପ୍ରିୟତାର ଛାଇ ତଳୁ ନିଜକୁ ମୁକ୍ତକରିବାକୁ ସ୍ଥିର କରି ଗର୍ଭପାତ କଲେ, ବବ୍‌ଙ୍କ ସହିତ ସମସ୍ତ ସମ୍ପର୍କ ଖଣ୍ଡନ କଲେ। ଯଦିଓ ସମୀକ୍ଷକ ମାନେ ବବ୍ ଡିଲାନ୍‌ଙ୍କ "ଡୋଣ୍ଟ୍ ଥିଙ୍କ୍ ଟ୍ୱାଇସ୍, ଇଟ୍‌ସ୍ ଅଲ୍ ରାଇଟ୍" କବିତାକୁ ସୁଜାନ୍‌ଙ୍କ ସମ୍ପର୍କକୁ ନେଇ ଏକ ପ୍ରେମ କବିତା ବୋଲି କୁହନ୍ତି, ବବ୍ ଏହାକୁ ପ୍ରେମକବିତା ନକହି ସ୍ୱୀକାରୋକ୍ତି ବୋଲି କୁହନ୍ତି। କୌଣସି ପ୍ରକାରର ଦୁଃଖଦ ମାନସିକ ଅବସ୍ଥାରୁ ନିଜକୁ ମୁକ୍ତ କରିବାପାଇଁ ଏହି କବିତାକୁ ବ୍ୟବହାର କରାଯାଇ ପାରିବ ବୋଲି ବବ୍ କୁହନ୍ତି।

ରାସ୍ତାରେ ଚାଲୁଚାଲୁ ଏକଥା ଭାବୁଛି ମୁଁ/ ଏବଂ ଆଶ୍ଚର୍ଯ୍ୟ ହେଉଛି ଭାବି ଭାବି/ ଦିନେ ମୁଁ ପ୍ରେମରେ ପଡିଥିଲି ଗୋଟେ ଝିଅର/ ମୋତେ କହିଲେ ଯେ ତାହା ଥିଲା ମୋର ଚପଳାମି/ ମୁଁ ଦେଲି ତାକୁ ମୋର ହୃଦୟ/ ସେ କିନ୍ତୁ ଚାହିଁଲା ଆତ୍ମା,/ ହେଲେ ଭାବନି ଏତେ ବେଶି, ଯାହା ବି ହୋଇଛି ସବୁ ଠିକ୍।(ଡୋଣ୍ଟ୍ ଥିଙ୍କ୍ ଟ୍ୱାଇସ୍, ଇଟ୍‌ସ୍ ଅଲ୍ ରାଇଟ୍ – ୧୯୬୩)

ଏପ୍ରିଲ ୧୬, ୧୯୬୨ରେ ଗ୍ରୀନୱିଚ୍ ଭିଲେଜରେ ଗୋଟିଏ କଫି ଦୋକାନରେ ବସିଥିଲା ବେଳେ ବବ୍ "ବ୍ଲୋଇଙ୍ଗ୍ ଇନ୍ ଦି ୱିଣ୍ଡ୍" କବିତାକୁ ମାତ୍ର ଦଶ ମିନିଟରେ ଲେଖିଥିଲେ। ପରେ ଅନେକ ଗାୟକ ଅନେକ ଥର ଆଶା ଓ ଶାନ୍ତିର ସଂଗୀତ ଭାବରେ ଏହି ରଚନାକୁ ପ୍ରଦର୍ଶିତ କରିଥିଲେ। ଏହି କବିତାରେ ବ୍ୟବହୃତ ଭାଷା ପ୍ରତିବାଦ ସଙ୍ଗୀତ ପାଇଁ ଉପଯୁକ୍ତ ଥିଲା। ଅଗଷ୍ଟ ୨୮, ୧୯୬୩ରେ ମାର୍ଟିନ ଲୁଥର କିଙ୍ଗ୍ ଓ ଅଢେଇ ଲକ୍ଷ ଲୋକ "ୱାସିଂଟନ ଚାଲ" ନାମକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଶୋଭାଯାତ୍ରାରେ ଏହି ସଂଗୀତକୁ ଗାନ କରିଥିଲେ। ୧୯୮୫ରେ ଲାଇଭ୍ ଏଡ୍ ଫେଷ୍ଟିଭାଲ ନାମକ ଚ୍ୟାରିଟି ପ୍ରୋଗ୍ରାମରେ ମଧ୍ୟ ବବ୍ ପୃଥିବୀର ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ଏହି ଗୀତକୁ ପୁନର୍ବାର ଗାୟନ କରିଥିଲେ।

କେତେ କାଳ ଛିଡା ହୋଇପାରିବ ପାହାଡ/ ତାକୁ ଧୋଇନେବା ପୂର୍ବରୁ ସମୁଦ୍ର?/ କେତେ କାଳ ଜୀଇବେ କିଛି ଲୋକ/ ସେମାନେ ଅନୁମତି ପାଇବା ପୂର୍ବରୁ ମୁକ୍ତିର?/ ଏବଂ କେଇବାର ଜଣେ ମଣିଷ / ମୁଣ୍ଡ ହଲେଇ ଅସ୍ୱୀକାର କରିବ/ ଏବଂ କିଛି ନଦେଖିବାର ଛଳନା କରିବ?/ ହେ ମୋର ବନ୍ଧୁ!/ କେବଳ ପବନରେ ଉଡୁଛି ଏହାର ଉତ୍ତର।(ବ୍ଲୋଇଙ୍ଗ୍ ଇନ୍ ଦି ୱିଣ୍ଡ୍ – ୧୯୬୩)

ପୁରୁଣା ଆଇରିଶ୍ ଓ ବ୍ରିଟିଶ୍ ବାଲାଡଦ୍ୱାରା ଅନୁପ୍ରାଣିତ ହୋଇ ଅକ୍ଟୋବର ୧୯୬୩ରେ ବବ୍ "ଟାଇମସ୍ ଦେ ଆର୍ ଏ ଚେଞ୍ଜିଙ୍ଗ୍" ଲେଖିଥିଲେ ଯାହା କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ନଥିଲା। ଏହାର ଲକ୍ଷ୍ୟ ଥିଲା ଷାଠିଏ ଦଶକର ବିଖଣ୍ଡିତ ସମାଜକୁ ଆଶାର ନୂତନ ଆଲୋକ ଦେଖାଇ ସମସ୍ତଙ୍କୁ ଏକାଠି କରିବା। ଗୀତ ରେକର୍ଡିଂର ମାସକ ମଧ୍ୟରେ ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଡଲାସ୍‌ରେ ହତ୍ୟା କରାଗଲା। ଘଟଣାର ପରଦିନ ନ୍ୟୁୟର୍କ ସହରରେ ତାଙ୍କର ପ୍ରୋଗ୍ରାମ ଥିଲା। ସେ ଡର ଓ ଅନିଚ୍ଛା ସତ୍ତ୍ୱେ ଏହି ଗୀତଟିକୁ ପ୍ରଥମେ ଗାଇଲେ। ଆଶ୍ଚର୍ଯ୍ୟର କଥା ଦର୍ଶକ ମାନେ ଗୀତ ଶେଷରେ ଛିଡା ହୋଇ ତାଳି ବଜେଇ ତାଙ୍କ ପ୍ରୋଗ୍ରାମକୁ ସ୍ୱାଗତ କରିଥିଲେ। ଡିସେମ୍ବର ୧୦, ୨୦୧୦ରେ ତାଙ୍କର ମୂଳ ହାତଲେଖା ଗୀତଟି ୪୨୨,୫୦୦ ଡଲାରରେ ଗୋଟିଏ ଚ୍ୟାରିଟି ଉଦ୍ଦେଶ୍ୟରେ ନିଲାମ ହୋଇଥିଲା।

ଆସ, ହେ ଲେଖକ ଓ ସମୀକ୍ଷକମାନେ/ ଯେଉଁମାନେ କହୁଥାଅ ଆଗାମୀ ଦିନର କଥା/ ତୁମର କଲମରେ/ ଏବଂ ଅନେକ ଦୂର ଯାଏ ପଡିଥାଏ ତୁମର ଦୃଷ୍ଟି/ ଏ ସୁଯୋଗ ଆସିବନି ଆଉଥରେ/ ହେଲେ ମୁହଁ ଖୋଲନି ଏତେ ଜଲ୍‌ଦି/ ଏବେବି ଘୁରୁଛି ଚକ୍ର/ ଏବଂ ଯାହାବି କହୁଛ, କାହାର ନାଆଁ ନନେଇ କୁହ / ଏବେ ହାରୁଛି ଯେଉଁ ଲୋକ/ ପରେ ଜିତିବ ସେ / ଯେହେତୁ ବଦଳୁଛି ସମୟ। (ଟାଇମସ୍ ଦେ ଆର୍ ଏ ଚେଞ୍ଜିଙ୍ଗ୍ – ୧୯୬୪)

୧୯୬୩ରେ ବବ୍ ଗୋଟିଏ ଉପନ୍ୟାସ ଓ ନାଟକ ଉପରେ କାମ କଲେ। ଜଣେ ଯୁବଲେଖକ ଉପରେ ଆସ୍ଥାକରି ମାକ୍‌ମିଲାନ୍ ପ୍ରକାଶନ ତାଙ୍କୁ ଅଗ୍ରୀମ ଅର୍ଥ ଦେଇ ଲେଖା ହୋଇନଥିବା ବହିକୁ କିଣିଲେ। ଯେତେବେଳେ ନିର୍ଦ୍ଧାରିତ ସମୟ ଆସିଲା, ସେତେବେଳକୁ ବହି ଲେଖା ହୋଇନଥିଲା କିନ୍ତୁ "ଟାଇମ୍‌ସ୍ ଅଫ୍ ଫ୍ରିଡମ୍" ସମେତ ଅନେକ ଗଦ୍ୟ କବିତା ଲେଖା ହୋଇଥିଲା। ପରବର୍ତ୍ତୀ ସମୟରେ "ଟାଇମ୍‌ସ୍ ଅଫ୍ ଫ୍ରିଡମ୍" ତାଙ୍କର ବହୁଚର୍ଚ୍ଚିତ କବିତା ଭାବରେ ଆଦୃତ ହେଲା। ଏହାକୁ ୱିଲିୟମ ବ୍ଲେକ୍‌ଙ୍କ କାବ୍ୟିକ ଦୃଷ୍ଟିକୋଣ ଏବଂ ୱିଲିୟମ ସେକସପିଅରଙ୍କ "କିଙ୍ଗ୍ ଲିଅର" ସହ ତୁଳନା କରାଗଲା। ଏହି କବିତା ତାଙ୍କୁ ଜଣେ ସାଧାରଣ ପ୍ରତିବାଦ ଧର୍ମୀ ଗୀତିକାରର ଛବିରୁ ମୁକ୍ତ କରି ଆମେରିକୀୟ କବି ଭାବରେ ସ୍ୱୀକୃତି ଦେଲା।

ସମୀକ୍ଷକ ମାନେ କୁହନ୍ତିଯେ "ଟାଇମ୍ସ୍ ଅଫ୍ ଫ୍ରିଡମ୍" ର ଲୋକପ୍ରିୟତାର ଶିଖରରୁ ଭୂଇଁକୁ ଓହ୍ଲେଇବାପାଇଁ ସେ "ଆଇ ଶାଲ୍ ବି ଫ୍ରି ନଂ ୧୦" ରଚନା କଲେ ଯେଉଁଥିରେ ତାଙ୍କର ବିନମ୍ରତାର ସ୍ୱର ଶୁଣାଯାଏ।

ମୁଁ ଜଣେ ସାମାନ୍ୟ ମଣିଷ, ଖୁବ୍ ସାଧାରଣ/ ସେମାନଙ୍କ ପରି ମୁଁ, ତୁମ ପରି ମଧ୍ୟ/ ମୁଁ ସମସ୍ତଙ୍କ ଭାଇ ଓ ପୁଅ

କାହାଠୁ ଅଲଗା ନୁହଁ / ମୋ ସହିତ କଥା ନହେବାର ଅର୍ଥ କିଛି ନାହିଁ/ ଯେହେତୁ ମୁଁ ଠିକ୍ ତୁମ ପରି କଥା କୁହେ। (ଆଇ ଶାଲ୍ ବି ଫ୍ରି ନଂ ୧୦ – ୧୯୬୪)

ବବ୍‌ଙ୍କ କବିତା "ଇଟ୍ ଇଜ୍ ଅଲ୍ ଓଭର୍ ନାଓ, ବେବି ବ୍ଲୁ" ରେ ହୋଇଥିବା ପ୍ରତୀକବାଦର ପ୍ରୟୋଗ ପଛରେ ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ଫରାସୀ କବି ଆର୍ଥର ରିମ୍ବାଉଡ୍‌ଙ୍କ (ମାତ୍ର ୩୭ବର୍ଷର ଜୀବନ) କବିତାର ପ୍ରଭାବ ଦେଖିବାକୁ ମିଳେ। ଯେଉଁ ଉଦାସୀ ପ୍ରିୟତମାପାଇଁ ଏ କବିତା ଲେଖାଯାଇଛି, କେହି କୁହନ୍ତି ତାଙ୍କର ସହଗାୟିକା ଜୋଆନ୍ ବେଜ୍ ହୋଇଥାଇପାରନ୍ତି। ସେ ଯିଏ ବି ହେଉ, ଏହା ବବ୍ ଡିଲାନ୍‌ଙ୍କର ଏକ ସଫଳ କବିତା ଓ ବବ୍ ଏହି କବିତାରେ ଥିବା ସମସ୍ତ ଉଲ୍ଲେଖ- ଲୋକଚିତ୍ର, କାଳ୍ପନିକ ସ୍ୱପ୍ନ, ନିଜର ବୌଦ୍ଧିକ ସନ୍ତୁଷ୍ଟି ଇତ୍ୟାଦିକୁ ଧନ୍ୟବାଦ ଦିଅନ୍ତି। ଯନ୍ତ୍ରଣାର ସମସ୍ତ ରାସ୍ତା ପାରହୋଇଗଲା ପରେ ଯେଉଁ ତୃପ୍ତି ମିଳିଥାଏ, ଏହି କବିତା ତାର ସଫଳ ରୂପାୟନ।

ତୋ ପ୍ରେମିକ, ଯେ ବାହାରିଗଲା ଘରୁ ଏବେ ଏବେ/ ସାଥିରେ ନେଇଯାଇଛି ଚଟାଣରେ / ରଖାଯାଇଥିବା ତାର ସମସ୍ତ କମ୍ବଳ

ତା ସହିତ ଟାଣିହୋଇଯାଉଛି / ତୋ ପାଦତଳର ଗାଲିଚା ମଧ୍ୟ/ ଏବଂ ଏବେତ ସବୁ କିଛି ସରିଯାଇଛି, ଉଦାସୀ ପ୍ରିୟତମା!(ଇଟ୍ ଇଜ୍ ଅଲ୍ ଓଭର୍ ନାଓ, ବେବି ବ୍ଲୁ– ୧୯୬୫)

ନ୍ୟୁପୋର୍ଟ ସଂଗୀତ ସମାରୋହରେ ଉଠିଥିବା ବିବାଦରେ ସମଗ୍ର ଲୋକଗୀତ ସଂଗୀତ ଜଗତର କାର୍ଯ୍ୟକର୍ତ୍ତାମାନଙ୍କ ବିରୁଦ୍ଧରେ ବୌଦ୍ଧିକ ଅସହିଷ୍ଣୁତା, ଛଳନା, ବନ୍ଧୁତାରେ ବିଶ୍ୱାସଘାତର ସ୍ୱର ଉତ୍ତୋଳନ କରିବାକୁ ଯାଇ ବବ୍ "ପଜିଟିଭ୍‌ଲି ୪ର୍ଥ ଷ୍ଟ୍ରୀଟ୍" କବିତାକୁ ଲେଖିଥିଲେ। ବୌଦ୍ଧିକ ଆନ୍ଦୋଳନ ନାମରେ ହେଉଥିବା ଅନେକ ଭ୍ରଷ୍ଟାଚାର ବିରୋଧରେ ଏହି ଗୀତ ମାଧ୍ୟମରେ ସେ ତାଙ୍କର ପ୍ରବଳ ଅପ୍ରସନ୍ନତାକୁ ଦର୍ଶାଇଥିଲେ। ସେପ୍ଟେମ୍ବର ୭, ୧୯୬୫ରେ ଆଲବମ୍ ବଜାରକୁ ଆସିବା ପରେ ଖୁବ୍ ଲୋକପ୍ରିୟ ହୋଇଥିଲା ଓ ବିଲ୍‌ବୋର୍ଡ ଚାର୍ଟରେ ଯୁକ୍ତରାଷ୍ଟ୍ର ଆମେରିକାରେ ସପ୍ତମ ତଥା କାନାଡାରେ ପ୍ରଥମ ସ୍ଥାନରେ ରହିଥିଲା।

ମୁଁ ଚାହୁଁଛି ଥରଟିଏ ଯଦି ତୁମେ ପାଦରଖନ୍ତ ମୋ ଜୋତାରେ/ ଏବଂ ସେଇ ମୁହୂର୍ତ୍ତପାଇଁ ମୁଁ ହୁଅନ୍ତି ତୁମେ/ ହଁ, ମୁଁ ଚାହୁଁଛି ଥରଟିଏ ଯଦି ତୁମେ / ପାଦ ରଖନ୍ତ ଜୋତାରେ ମୋର/ ତେବେ ତୁମେ ବୁଝିପାରନ୍ତ ମୋ ଯନ୍ତ୍ରଣାର ଗଭୀରତା।(ପଜିଟିଭ୍‌ଲି ୪ର୍ଥ ଷ୍ଟ୍ରୀଟ୍ – ୧୯୬୫)

ତିନିଥର ପୁଲିଜର ପୁରସ୍କାର ପାଇଥିବା ନାଟ୍ୟକାର ଆର୍ଚି ମାକ୍‌ଲିଶ୍‌ଙ୍କ ତାଙ୍କର ଏକ ନାଟକ ପାଇଁ ବବ୍‌ଙ୍କୁ ତିନୋଟି ଗୀତ ଲେଖିବାକୁ ଅନୁରୋଧ କଲେ। ବବ୍ ତାଙ୍କ ପାଇଁ "ଟାଇମ୍ ପାସେସ୍ ସ୍ଲୋଲି", "ନ୍ୟୁ ମର୍ଣ୍ଣିଂ" ଓ "ଫାଦର୍ ଅଫ୍ ନାଇଟ୍" ଲେଖିଲେ। ପରେ ଯେତେବେଳେ ବବ୍ ଆର୍ଚିଙ୍କ ସହିତ ମିଳିଲେ ଏବଂ ନାଟକର ପାଣ୍ଡୁଲିପି ଶୁଣିଲେ, ତାଙ୍କୁ ପସନ୍ଦ ଆସିଲାନି ଏବଂ ସେ ଗୀତଗୁଡିକୁ ଆର୍ଚିଙ୍କୁ ନଦେଇ "ନ୍ୟୁ ମର୍ଣ୍ଣିଂ" ଆଲ୍‌ବମ୍‌ରେ ରେକର୍ଡିଂ କଲେ। କହିବା ବାହୁଲ୍ୟ ଯେ ଆର୍ଚି ବିଶିଷ୍ଟ କବି ଟି ଏସ୍ ଏଲିଅଟ୍‌ଙ୍କ ଘନିଷ୍ଠ ବନ୍ଧୁ ଥିଲେ। "ଟାଇମ୍ ପାସେସ୍ ସ୍ଲୋଲି", ପ୍ରକୃତିର ଆନନ୍ଦକୁ ଅନୁଭବ କରିବାର ଭବ୍ୟ ଆବାହନ।

ସମୟ ବିତୁଥାଏ ଧିରେଧିରେ ଏଇ ପାହାଡରେ/ ଆମେ କେବେ ବସିଥାଏ ନଦୀବନ୍ଧରେ/ କେବେ ଚାଲୁଥାଏ ଝରଣା କୂଳେକୂଳେ/ କେବେ ଧରୁଥାଏ ଝରଣାରେ ପହଁରୁଥିବା ମାଛଙ୍କୁ/ ସମୟ ବିତୁଥାଏ ଧିରେଧିରେ/ ଯେତେବେଳେ ତୁମେ ହଜିଥାଅ ସ୍ୱପ୍ନରେ। (ଟାଇମ୍ ପାସେସ୍ ସ୍ଲୋଲି – ୧୯୭୦)

୧୯୭୪ର ମଧ୍ୟଭାଗରେ ବବ୍ "ଇଡିଅଟ୍ ୱିଣ୍ଡ୍" ଲେଖିଲେ। ସେତେବେଳକୁ ପତ୍ନୀ ସେରାଙ୍କ ସହିତ ସମ୍ପର୍କ ଏଭଳି ପରିସ୍ଥିତିରେ ଆସି ପହଞ୍ଚିଥାଏ ଯେଉଁଠୁ ଭଲ ହେବାର ଆଶା ନଥାଏ। ଏହି ସମୟରେ ତାଙ୍କ ଜୀବନରେ ଆଉ ଦୁଇଟି ଘଟଣା ଘଟିଥାଏ। ଚିତ୍ରକର ହେବାର ପ୍ରଚୁର ଇଚ୍ଛା ନେଇ ସେ ପେଣ୍ଟିଂ କ୍ଲାସରେ ଯୋଗ ଦେଇଥାନ୍ତି ଓ କଲମ୍ବିଆ ରେକର୍ଡ କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଚବିଶ ବର୍ଷିୟା ଏଲେନ୍ ବର୍ନଷ୍ଟିନ୍‌ଙ୍କ ସହିତ ନୂଆ ନୂଆ ପ୍ରେମ ସମ୍ପର୍କ ଗଢିଉଠିଥାଏ। ଅନେକ ସମୀକ୍ଷକ "ଇଡିଅଟ୍ ୱିଣ୍ଡ୍"କୁ ପତ୍ନୀ ସେରାଙ୍କ ସମ୍ପର୍କର ପ୍ରତ୍ୟୁତ୍ତର ବୋଲି କହିଲେ। କେହି ସମୀକ୍ଷକ ଏହାକୁ ୱାଟରଗେଟ୍ ଚର୍ଚ୍ଚାର ଜନ ପ୍ରତିକ୍ରିୟା ସ୍ୱରୂପ ଏହା ସମଗ୍ର ଆମେରିକୀୟ ଜନତାର ସରକାରଙ୍କ ବିରୋଧରେ ତୀବ୍ର ସ୍ୱର ବୋଲି କହିଲେ। "ଇଡିଅଟ୍ ୱିଣ୍ଡ୍" କାବ୍ୟିକ ଦୃଷ୍ଟିକୋଣରୁ ଏକ ସଫଳ ସୃଷ୍ଟି ବୋଲି ସମୀକ୍ଷକମାନେ ମତ ଦିଅନ୍ତି।

ମାଧ୍ୟାକର୍ଷଣ ଶକ୍ତି ଆମକୁ ଟାଣିଆଣିଲା ତଳକୁ/ ଏବଂ ଭାଗ୍ୟ କରିଦେଲା ଅଲଗା/ ତୁମେ ବଶକଲ ମୋ ପିଞ୍ଜରାରେ ଗୋଟେ ସିଂହକୁ/ କିନ୍ତୁ ତାହା ଯଥେଷ୍ଟ ନଥିଲା ବଦଳେଇବାକୁ ମୋର ହୃଦୟ/ ଏବେ ସବୁକିଛି ଓଲଟା/ ପ୍ରକୃତରେ ବନ୍ଦହୋଇଗଲାଣି ଜୀବନର ଚକ/ ଯାହା ଭଲଥିଲା ଏବେ ଖରାପ/ ଯାହା ଖରାପ ଥିଲା ଏବେ ଭଲ/ ଯେବେ ତୁମେ ପହଞ୍ଚିବ ଶିଖରରେ/ ଜାଣିବ ଯେ ତୁମେ ଅଛ ଭୂଇଁରେ।(ଇଡିଅଟ୍ ୱିଣ୍ଡ୍ – ୧୯୭୫)

ଯଦିଓ ଅନେକ ସାକ୍ଷାତକାରରେ ବବ୍ ଡିଲାନ୍ ମାନବ ପ୍ରେମ ଓ ସଙ୍ଗୀତକୁ ତାଙ୍କର ଧର୍ମ ବୋଲି କହୁଥିଲେ ସେ ଈହୁଦି ଥିଲେ ଓ ଏକ ସମୟରେ ନିଜକୁ "ପୁନର୍ଜନ୍ମିତ ଖ୍ରୀଷ୍ଟିଆନ" ବୋଲି ଘୋଷଣା କରିଥିଲେ। ସମୀକ୍ଷକ ମାନଙ୍କ ମତରେ ଏହି ରଚନା ପଛରେ ଖ୍ରୀଷ୍ଟଧର୍ମର ପ୍ରେରଣା ଥିବାର ମନେହୁଏ। କବିତାରେ ପୁନର୍ଜନ୍ମର ଚିତ୍ରକଳ୍ପ ରହିଛି। ଜଣେ ନାରୀର ଦୟା ଓ ଅନୁକମ୍ପାହିଁ କବିତାର ପ୍ରୋଟାଗୋନିଷ୍ଟଙ୍କୁ ପୁନର୍ଜନ୍ମ

ଦେଇପାରିବ ବୋଲି ଏଠି ବବ୍ ବିଶ୍ୱାସ ରଖିଛନ୍ତି। ଏପ୍ରିଲ ୧୮, ୧୯୭୬ରେ ଲେକଲାଣ୍ଡ, ଫ୍ଲୋରିଡାର ସିଭିକ୍ ସେଣ୍ଟରରେ ପ୍ରଥମେ ପରିବେଷଣ ହେଲାପରେ ଏହା ପ୍ରାୟ ପାଞ୍ଚଶହଥର ବିଭିନ୍ନ ଯାଗାରେ ପରିବେଷିତ ହୋଇଛି।

ହଠାତ୍ ଫେରିଚାହିଁଲି ପଛକୁ ମୁଁ/ ଏବଂ ସେ ଛିଡାହୋଇଥିଲା ସେଇଠି/ ହାତରେ ପିନ୍ଧିଥିଲା ରୂପାର କଙ୍କଣ/ ଗଭାରେ ଖୋସିଥିଲା ଫୁଲ/ ସେ ଆସିଲା ମୋ ନିକଟକୁ ଧିର ପାଦରେ/ ଏବଂ କାଢିଦେଲା ମୋ ମଥାରୁ ମୁକୁଟ କଣ୍ଟାର / "ଭିତରକୁ ଆସ," କହିଲା ସେ/ "ମୁଁ ତୁମକୁ ଆଶ୍ରୟ ଦେବି ଝଡରୁ"।(ସେଲ୍ଟର୍ ଫ୍ରମ୍ ଦି ଷ୍ଟର୍ମ୍ – ୧୯୭୫)

ଏହି ରଚନା ପୂର୍ବରୁ ବବ୍ ତାଙ୍କ ପତ୍ନୀ ସେରାଙ୍କ ନିକଟରୁ ଅଲଗା ହୋଇଯାଇଛନ୍ତି। ବବ୍ଙ୍କ ମନରେ ତାଙ୍କ ପିଲାମାନଙ୍କୁ ଆଉ ନଦେଖିବାର ଦୁଃଖ ବି ଭରି ହୋଇ ରହିଛି। ଏହି କବିତାରେ ବବ୍ ନିଜକୁ ଏକ ଲମ୍ବା ରହସ୍ୟମୟ ଯାତ୍ରାରେ ନେଇଛନ୍ତି। ଏଥିରେ ବ୍ୟବହାର ହୋଇଥିବା ନାଆଁ "ମାର୍ସେଲ୍"ଙ୍କୁ ଅନେକ ଫରାସୀ ଦାର୍ଶନିକ ଗାବ୍ରିଏଲ୍ ମାର୍ସେଲ୍ ବୋଲି ଭାବନ୍ତି ଯିଏ ୧୯୨୯ରେ କାଥୋଲିକ୍ ଧର୍ମରେ ଦୀକ୍ଷିତ ହୋଇଥିଲେ। କବିତାରେ ଏକ ସୂକ୍ଷ୍ମ ଦର୍ଶନ ତତ୍ତ୍ୱକୁ ଦର୍ଶାଯାଇଛି ଯେଉଁଥିରେ କୁହାଯାଇଛି ଯେ ନିଜେ ହିଁ ନିଜର ପ୍ରଥମ ଶତ୍ରୁ। ଯଦି ଜଣେ ନିଜର ପ୍ରବୃତ୍ତିକୁ ଅଧୀନରେ ରଖିବ ବାହ୍ୟଶତ୍ରୁକୁ ବଡ ସହଜରେ ହରାଇପାରିବ। କବିତାକୁ ଏକ ସକାରାତ୍ମକ ଧାଡିରେ "ସୂର୍ଯ୍ୟୋଦୟରୁ ଆରମ୍ଭ ହେବ ନୂଆ ଏକ ଦିନ"ରେ ଶେଷ କରାଯାଇଛି।

ଆଗାମୀକାଲିର ସୂର୍ଯ୍ୟୋଦୟରୁ/ ଆରମ୍ଭ ହେବ ନୂଆ ଏକ ଦିନ/ ଏବଂ ପରିଶେଷରେ ମୁଁ ପହଞ୍ଚିବି/ ଯଦି ସେଠି ମୁଁ ଥିବି ପ୍ରାତଃ ମୁହୂର୍ତ୍ତରେ/ ପ୍ରିୟତମା, ଜାଣିବଯେ ମୁଁ ଜୀଇଛି ଏବେବି/ ମୁଁ କ'ଣ ସତରେ ଜୀଇଛି/ ତୁମ ବିନା କିଛିବିତ ଠିକ୍ ନାହିଁ ଏଠି

ହାୟ, ଆଜି ରାତିରେ ତୁମେ କେଉଁଠି? (ଓଃ, ହୋୟାର୍ ଆର୍ ୟୁ ଟୁନାଇଟ୍? – ୧୯୭୮)

ସାତ ବର୍ଷର ନୀରବତା ପରେ ବବ୍ ସେପ୍ଟେମ୍ବର ୨୭, ୧୯୯୭ରେ "ଟାଇମ୍ ଆଉଟ୍ ଅଫ୍ ମାଇଣ୍ଡ" ଆଲବମ୍ ଲୋକାର୍ପିତ କଲେ ଯାହାକୁ ସମୀକ୍ଷକ ମାନେ ତାଙ୍କର ଏକ ଶ୍ରେଷ୍ଠ କୃତି ବୋଲି କହିଲେ। ତିନୋଟି ଗ୍ରାମି ପୁରସ୍କାର ସହ ଏହାକୁ "ଆଲବମ୍ ଅଫ୍ ଦି ୟର୍" ପୁରସ୍କାର ମଧ୍ୟ ମିଳିଲା। "ନଟ୍ ଡାର୍କ୍ ୟେଟ୍"ରେ ବବ୍ ଡିଲାନଙ୍କ କାବ୍ୟିକ କଳାତ୍ମକତା ଓ ଉତ୍କର୍ଷତା ଦେଖିବାକୁ ମିଳିଲା। ମୃତ୍ୟୁ ଅବଶ୍ୟାମ୍ଭବୀ, ମୃତ୍ୟୁ ପରେ ଜୀବନ କଣ ଅଛି – ଏହି ସବୁ ଦର୍ଶନକୁ ଭିତ୍ତିକରି "ନଟ୍ ଡାର୍କ୍ ୟେଟ୍"ର ରଚନା। ଏହି ରଚନାକୁ ନେଇ ବବ୍ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି, "ସାରା ଦିନର ବ୍ୟସ୍ତତା ପରେ ମୁଁ ଯେତେବେଳେ ରାତିରେ ଘରକୁ ଫେରେ ମୋତେ ମୋର କଳ୍ପନାଜଗତ ସଂପୂର୍ଣ୍ଣଭାବେ ମିଳେ। ଲାଗେ ଯେମିତି ଆମର ପାଦ ତଳେ କିମ୍ବା ବିଛଣାରେ ସ୍ୱର୍ଗ ଅଛି ଅଥଚ ଆମେ ସାରା ଦିନ ବାହାରେ ଖୋଜୁଛେ।"

ଛିଡାହେବା ପାଇଁ ଆଉ ଟିକେବି ଯାଗା ନାହିଁ କେଉଁଠି/ ଅନ୍ଧାର ହୋଇନାହିଁ ଏଯାଏ,/ କିନ୍ତୁ ଖୁବ୍ ଶୀଘ୍ର ହେବାକୁ ଯାଉଛି/ ମୋର ମଣିଷପଣିଆର ଅର୍ଥ ବୋହିଯାଉଛି ନାଳରେ/ କିଛି ନା କିଛି ଯନ୍ତ୍ରଣା ଥାଏ/ ପ୍ରତ୍ୟେକ ସୁନ୍ଦର ଜିନିଷ ପଛରେ।(ନଟ୍ ଡାର୍କ୍ ୟେଟ୍ -୧୯୯୭)

ବବ୍ଙ୍କ ଅନେକ ଶୋକଗୀତର ଚରିତ୍ରମାନେ ହେଲେ ପ୍ରତ୍ୟାଖ୍ୟାନ କରାଯାଇଥିବା ପ୍ରେମିକା, ପୂର୍ବତନ ପତ୍ନୀ ଯିଏ ଏବେ ଏବେ ନୂଆ ଜୀବନ ଆରମ୍ଭ କରିଛି, ଗୋଟିଏ ଝିଅ ଯାହାର ବାପା ଓ ଭାଇ ଯୁଦ୍ଧରେ ସହୀଦ ହୋଇଛନ୍ତି, ଗୋଟିଏ ଭଉଣୀ ଯିଏ ଘରୁ ପଳେଇ ବିବାହ କରିଛି। ସେମାନେ କେମିତି ଭାଗ୍ୟର ତାଡନାର ଶିକାର ହୋଇଛନ୍ତି, ଏହି କବିତାରେ ତାର ଚିତ୍ରଣ କରାଯାଇଛି। ବବ୍ ତାଙ୍କର ସାକ୍ଷାତକାରମାନଙ୍କରେ ଭାଗ୍ୟ ଓ ଈଶ୍ୱରଙ୍କ ପ୍ରତି ତାଙ୍କର ଦୃଢ ବିଶ୍ୱାସ ରହିଛି ବୋଲି କହିଛନ୍ତି।

କାଲି ରାତିରେ ଫିସ୍ ଫିସ୍ କରି/ କ'ଣ ସବୁ କହୁଥିଲା ପବନ/ ମୁଁ ଚେଷ୍ଟାକଲି ବୁଝିବାକୁ କଥା ତାର/ ମୁଁ ନିଜକୁ ନିଜେ କହୁଥାଏ ଯେ ଆସୁଛି କେହି/ କିନ୍ତୁ କେବେ କେହି ଆସେନା/ ଗଛ ଉପରୁ ଶୁଭୁଛି ପତ୍ର ମାନଙ୍କର ଝରିବାର ଶବ୍ଦ/ ଥାକ ଉପରୁ ଖସିପଡୁଛି ଜିନିଷ/ ତୁମେ ମୋତେ ଦିନେ ଲୋଡିବ ପ୍ରିୟତମା,/ ଯେହେତୁ ତୁମେ ପାରିବନି ଜୀଇ ପ୍ରେମ ବିନା।(ଲୋନ୍‌ସମ୍ ଡେଜ୍ ବ୍ଲୁଜ୍ – ୨୦୦୧)

ଏକବିଂଶ ଶତାବ୍ଦୀର ଆରମ୍ଭରେ ଆସିଥିବା ଆର୍ଥିକ ଦୁରବସ୍ଥାରେ ସାଧାରଣ ନାଗରିକର ଜୀବନଯୁଦ୍ଧକୁ ନେଇ "ୱର୍କିଙ୍ଗମ୍ୟାନସ୍ ବ୍ଲୁଜ୍ ୨" ବବ୍ ଡିଲାନଙ୍କ ଏକ ସାମ୍ପ୍ରତିକ କାବ୍ୟସ୍ୱର। ବବ୍ଙ୍କ ସାମାଜିକ ସଚେତନତା ଓ ସାଧାରଣ ଜନତାର ନିତିଦିନିଆ ଜୀବନକୁ କବିତା ମାଧ୍ୟମରେ ପ୍ରକାଶ କରିବାର କଳା ଏହି କବିତାରେ ପ୍ରସ୍ଫୁଟିତ।

ମୋର ଶାଣିତ ଶସ୍ତ୍ରସବୁ ରଖିଦେଲିଣି ଥାକରେ/ ଆସ, ବସ ମୋ ଆଣ୍ଠୁପରେ/ ଯେତେବେଳେ ମୁଁ ଶୁଣୁଥିବି ରେଳଧାରଣାର ଗୁଞ୍ଜରଣ/ ଏବଂ ଦୁଇ ଆଖି ବନ୍ଦ କରି ବସିଥିବି/ ଓ ଚେଷ୍ଟାକରୁଥିବି ରୋକିବାକୁ ଭୋକକୁ/ ଗୁରୁଣ୍ଡି ପହଁଚିବାକୁ ମୋର ଉଦର/ ତୁମେ ଦେଖିପାରିବ ଯେ/ ମୋ ନିଜଠୁବି ଅଧିକ ପ୍ରିୟ ତୁମେ ମୋର।(ୱର୍କିଙ୍ଗମ୍ୟାନସ୍ ବ୍ଲୁଜ୍ ୨ – ୨୦୦୬)

ବବ୍ଙ୍କ କବିତାକୁ କେଉଁମାନେ ପ୍ରଭାବିତ କରିଛନ୍ତି ବୋଲି ପ୍ରଶ୍ନର ଉତ୍ତର ଦେଇ ସେ କୁହନ୍ତି, "ମୋତେ ଯେତେବେଳେ ଅଠର ବର୍ଷ ହୋଇଥିଲା ମୁଁ ବିଟ୍ ପୋଏଟ୍ରିର ଏଲେନ୍ ଜିନସବର୍ଗ, ଗ୍ୟାରି ସ୍ନାଇଡର, ଫିଲିପ୍ ହ୍ୱେଲେନ୍ ଓ ଫ୍ରାଙ୍କ୍ ଓହାରା ଆଦି କବିମାନଙ୍କୁ ନିକଟରୁ ପଢିଲି। ସେମାନଙ୍କର କବିତା ମୋତେ ଖୁବ୍ ପ୍ରଭାବିତ କଲା। ମୋତେ ସବୁଠୁ ପ୍ରଭାବିତ କରିଛି ୱୁଡି ଗଥରିଙ୍କ ଆତ୍ମଜୀବନୀ ଯାହାକୁ ପଢିଲେ ମୋତେ ରେଡିଓ ଶୁଣିଲା ପରି ମନେହେଲା। ଆର୍ଥର ରିମ୍ବାଉଡଙ୍କ କବିତା ମୋ ଚିନ୍ତାଧାରାକୁ ଗଭୀରଭାବେ ପ୍ରଭାବିତ କରିଛି। ଲିଓ ଟଲଷ୍ଟୟଙ୍କ କାହାଣୀ ମୋର ସବୁଠୁ ପ୍ରିୟ। "ଜୁଲାଇ ୨୯, ୧୯୭୮ରେ ମେଲୋଡି ମେକର ପତ୍ରିକାକୁ ଦେଇଥିବା ସାକ୍ଷାତକାରରେ ବବ୍

ଡିଲାନ୍ କହିଥିଲେ, "ମୁଁ ନିଜକୁ ପ୍ରଥମେ କବିଭାବରେ ଦେଖେ, ପରେ ସଙ୍ଗୀତକାର।" ମାର୍ଚ୍ଚ ୧୯୭୮ରେ ପ୍ଲେବୟ ପତ୍ରିକାକୁ, ନିଜକୁ ଆପଣ କେମିତି ବର୍ଣ୍ଣନା କରିବେ?, ପ୍ରଶ୍ନର ଉତ୍ତରରେ ବବ୍ କହିଥିଲେ, "ମୁଁ ଜଣେ କଳାକାର, ମୁଁ କଳା ସୃଷ୍ଟିକରିବାକୁ ଚେଷ୍ଟା କରେ।" ଜାନୁୟାରୀ ୨୦, ୧୯୬୮ରେ ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ବବ୍ କହିଥିଲେ, "ଗୀତର ପ୍ରାଧାନ୍ୟ ସୁର ସହିତ ସମାନ। ବିନା ଶବ୍ଦରେ ସଙ୍ଗୀତ ଅସମ୍ଭବ।"

ବବ୍‌ଙ୍କ ରଚନାମାନଙ୍କରେ କାବ୍ୟିକ ମୂଲ୍ୟବୋଧକୁ ନେଇ ଅନେକ ସମୀକ୍ଷା କରାଯାଇଛି। ସବୁଠୁ ପ୍ରଭାବଶାଳୀ ସମୀକ୍ଷା ହେଲା ୨୦୦୪ରେ ପ୍ରକାଶିତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ସାର୍ କ୍ରିଷ୍ଟୋଫର ରିକ୍ସଙ୍କର ୪୯୦ ପୃଷ୍ଠାର ପୁସ୍ତକ 'ଡିଲାନ୍‌ସ୍ ଭିଜନ୍ ଅଫ୍ ସିନ୍'। ପ୍ରଫେସର ରିକ୍ସଙ୍କୁ ଏଲିଅଟ୍ ବିଷାରଦ କୁହାଯାଏ ଓ ସେ ସମକାଳ କବିତା ସମୀକ୍ଷାର ବିଶ୍ୱସ୍ତରରେ ଜଣେ ଶ୍ରେଷ୍ଠ ସମୀକ୍ଷକ। ସେ ବବ୍‌ଙ୍କର ଅନେକ କବିତା ସମୀକ୍ଷାକରି ବବ୍‌ଙ୍କ କବିତାକୁ ଜନ୍ ମିଲଟନ୍ ଓ ୱିଲିୟମ୍ ସେକ୍‌ସପିଅରଙ୍କ କବିତା ସହ ତୁଳନା କରିବା ସଙ୍ଗେ ସଙ୍ଗେ ତାଙ୍କୁ ଜଣେ ଉଚ୍ଚକୋଟୀର କବି ଭାବରେ ମତ ଦେଇଛନ୍ତି। ବିଶିଷ୍ଟ ଔପନ୍ୟାସିକା (ଆଉ ଜଣେ ନୋବେଲ୍ ପ୍ରତ୍ୟାଶୀ) ବବଙ୍କ "ବେବି ବ୍ଲୁ" କବିତା ସହିତ ନିଜ ଗପ "ହୋୟାର୍ ଆର୍ ୟୁ ଗୋଇଙ୍ଗ୍, ହୋୟାର୍ ହାଭ୍ ୟୁ ବିନ୍"ର ସାମଞ୍ଜସ୍ୟ ଦେଖିଲାପରେ ଗପଟିକୁ ବବ୍‌ଙ୍କୁ ଉତ୍ସର୍ଗ କରିଛନ୍ତି।

ବବ୍ ଡିଲାନ ବିଭିନ୍ନ ସମୟରେ ବିଭିନ୍ନ ଚ୍ୟାରିଟି ସଂସ୍ଥାଙ୍କ ସହିତ ଜଡ଼ିତ ଥାଆନ୍ତି। ୧ ଅଗଷ୍ଟ ୧୯୭୧ରେ ବାଂଲାଦେଶୀ ଶରଣାର୍ଥୀଙ୍କ ପାଇଁ ଜର୍ଜ ହାରିସନ୍ ଓ ପଣ୍ଡିତ ରବିଶଙ୍କରଙ୍କ ସହିତ ମିଶି କରିଥିବା ଚ୍ୟାରିଟି ସଂଗୀତ କାର୍ଯ୍ୟକ୍ରମରୁ ସେ ୧୨ ମିଲିଅନ ଡଲାର ବାଂଲାଦେଶକୁ ପଠେଇଥିଲେ। ସେ ଏଡ୍‌ସ, ପଶୁସୁରକ୍ଷା, ଅସହାୟ ଯୁବକଙ୍କ ଥଇଥାନ, କ୍ୟାନ୍‌ସର, ଦୁଃସ୍ଥ କଳାକାରଙ୍କୁ ସହାୟତା, କ୍ଷୁଧା, ବେରୋଜଗାର, ମାନବୀୟ ଅଧିକାର ଆଦି କ୍ଷେତ୍ରରେ ଛଅଟି ଚ୍ୟାରିଟି ସଂସ୍ଥା ସହ ସଂପୃକ୍ତ।

ଏତେ ଯଶ, ପୁରସ୍କାର ଓ ଲୋକପ୍ରିୟତା ସତ୍ତ୍ୱେବି ବବ୍ ଖୁବ୍ ସାଧାରଣ ଜୀବନ ଯାପନ କରନ୍ତି ଓ ପ୍ରଚାରଠାରୁ ଦୂରରେ ରୁହନ୍ତି। ଅନେକ ପୁରସ୍କାର ଉତ୍ସବକୁ ସେ ଯାଆନ୍ତି ନାହିଁ। ୧୯୮୦ରୁ ଏ ପର୍ଯ୍ୟନ୍ତ ସେ ବିଭିନ୍ନ ଦେଶ ଟୁର୍ କରି ସଂଗୀତ ପରିବେଷଣ କରି ଆସୁଛନ୍ତି। ସେ ବର୍ଷକୁ ପ୍ରାୟ ୧୦୦ରୁ ଅଧିକ ସୋ କରନ୍ତି। ନୋବେଲ ପୁରସ୍କାର ପାଇବା ରାତିରେ ସେ ଲାସ୍‌ଭେଗାସରେ ତାଙ୍କର କାର୍ଯ୍ୟକ୍ରମ ମୁତାବକ ସଂଗୀତ ପରିବେଷଣ କଲେ ଓ ଏବେବି ସେଇଠି ଅଛନ୍ତି। ତାଙ୍କର ନୋବେଲ ପୁରସ୍କାର ବିଷୟ ନେଇ ସେ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହାନ୍ତି। ନୋବେଲ କମିଟିର ଅନେକ ଚେଷ୍ଟା ସତ୍ତ୍ୱେ ମଧ୍ୟ ସେ ନୋବେଲ କମିଟି ସହ ଯୋଗାଯୋଗ କରିନାହାନ୍ତି। ସେଦିନ ରାତିରେ ସଂଗୀତ ପରିବେଷଣ ମଝିରେ ତାଙ୍କର ଶ୍ରୋତା ମାନେ ତାଙ୍କୁ ନୋବେଲ ପୁରସ୍କାର ନେଇ ଅନେକ ପ୍ରଶ୍ନ କଲେ। ଉତ୍ତରରେ ସେ କିଛି ନକହି ତାଙ୍କର ଗୋଟିଏ କବିତାକୁ ଶ୍ରୋତାମାନଙ୍କ ସମ୍ମୁଖରେ ପରିବେଷଣ କଲେ ଯାହାର ପ୍ରଥମ ଧାଡି ହେଲା, "କାହିଁକି ବଦଳେଇବାକୁ ଚେଷ୍ଟାକରିବି ନିଜକୁ"।

ତାଙ୍କ ଦ୍ୱାରା ଓ ତାଙ୍କୁ ନେଇ ଲେଖାଯାଇଥିବା ପ୍ରାୟ ଚଉଦଖଣ୍ଡ ବହି ପଢିଲାପରେ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ ବବ୍ ଡିଲାନ୍‌ଙ୍କ ରଚନାର କାବ୍ୟିକ ମୂଲ୍ୟବୋଧ ପୃଥିବୀର ଯେ କୌଣସି ଉଚ୍ଚ ମାନର କବିଙ୍କ କବିତା ତୁଳନାରେ କିଛି କମ ନୁହେଁ। ଆମେ ଯଦି ଭୀମଭୋଇଙ୍କ "ଏ ଜୀବନ ପଛେ ନର୍କେ ପଡିଥାଉ", ବୈକୁଣ୍ଠନାଥ ପଟ୍ଟନାୟକଙ୍କ "ଜୀବନ ପାତ୍ର ମୋ ଭରିଛ କେତେ ସତେ", ଗୋଦାବରୀଶ ମିଶ୍ରଙ୍କ "ଭଲ କରି ନାଆ ବୁହାରେ ନାଉରୀ", ରବି ସିଂଙ୍କ "ତୁମ ସ୍ୱାକ୍ଷରେ ତୁମେ ହିଁ କହିଛ ଗାନ୍ଧୀଟା ଥିଲା ନିପଟ ଓଲୁ" ଅଥବା ରମାକାନ୍ତ ରଥଙ୍କ ଶ୍ରୀରାଧାକୁ କବିତା କହିବା, ତେବେ ବବ୍ ଡିଲାନ୍‌ଙ୍କ ରଚନା କୌଣସି ଗୁଣରେ କବିତାଠୁ କମ୍ ନୁହେଁ। ବବ୍ ତାଙ୍କ ରଚନାସବୁକୁ ନିଶ୍ଚିତ ଭାବରେ ସଂଗୀତ ରୂପ ଦେଇ ଆଉ ଏକ ସ୍ତରକୁ ନେଇ ଯାଇଛନ୍ତି ଏଥିପାଇଁ ଯେ ତାଙ୍କ ପାଖରେ ସେ କଳା ଓ କ୍ଷମତା ରହିଛି। ଯଦି ସେସବୁକୁ ସେ କେବଳ ଲେଖା ଅବସ୍ଥାରେ ଛାଡିଥାନ୍ତେ ତେବେ ହୁଏତ ପାଠକ ତାକୁ ଗୀତ ବିଭାଗରେ ନରଖି କବିତା ବିଭାଗରେ ରଖିଥାନ୍ତେ। ସେ ଯାହା ବି ହେଉ, ନୋବେଲ କମିଟିର ଘୋଷଣା ସାହିତ୍ୟର ଏହି ଅନାଲୋଚିତ ଦିଗକୁ ସାହିତ୍ୟର ମୁଖ୍ୟସ୍ରୋତ ସହ ଜୋଡିବାରେ ନିଶ୍ଚିତ ଭାବେ ସାହାଯ୍ୟ କରିଛି।

ବବ୍ ଡିଲାନ୍‌ଙ୍କ ରଚନା କବିତା ହେଉ ବା ଗୀତ, ପାଠକ ଓ ଶ୍ରୋତାଙ୍କ ଉପରେ ତାହାର ପ୍ରଭାବ ସୁଖଦାୟକ ଓ ଗଭୀର। ତାଙ୍କର ରଚନା ମର୍ମସ୍ପର୍ଶୀ, ମୌଳିକ, କାଳଜୟୀ, ବିବିଧ, ସୁଖପ୍ରଦ ଓ ମାନବତାବାଦୀ। ସାଧାରଣ ମଣିଷର ଅସାଧାରଣ କବି ଭାବରେ ସେ କାଳକାଳ ଧରି ପାଠକର ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିଥିବେ, ଏଥିରେ ଦ୍ୱିମତ ନାହିଁ।

ଆମେରିକୀୟ ଲୋକଗୀତର ଏହି କିମ୍ବଦନ୍ତୀ ପୁରୁଷଙ୍କୁ ୨୦୧୬ର ନୋବେଲ ସାହିତ୍ୟ ପୁରସ୍କାର ଦିଆଯାଇଛି, ଏହା ସମଗ୍ର ମାନବଜାତି ପାଇଁ ଗୌରବର କଥା। ଈଶ୍ୱର ବବ୍ ଡିଲାନଙ୍କୁ ମାନବସମାଜକୁ ସେବା କରିବା ପାଇଁ ଅଧିକ ଆୟୁ ଓ ସାମର୍ଥ୍ୟ ଦିଅନ୍ତୁ।

●

ALOCHANA
ସମାଲୋଚନା ନୂଆ ଫର୍ଦ୍ଦ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan- Feb 2025
Refereed Peer-Reviewed Journal

# ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳୀ ବିଶ୍ଳେଷଣ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ମୂଳଶବ୍ଦ:** ଶୈଳୀ, ଶୈଳୀବିଜ୍ଞାନ, ଚୟନ, ଚୟନତତ୍ତ୍ୱ, ସମ୍ମୁଖୀକରଣ, ଶୈଳୀ ସମ୍ପର୍କିତ ମହାସମ୍ମିଳନୀ, ଶୈଳୀ ବିଶ୍ଳେଷଣ, ଶୈଳୀ ବିଶ୍ଳେଷଣର ବିଭିନ୍ନ ସ୍ତର, ପ୍ରାୟୋଗିକ ଭାଷାବିଜ୍ଞାନ

ABSTRACT

**ସାରାଂଶ:** ଏହି ପ୍ରବନ୍ଧରେ ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳୀବିଶ୍ଳେଷଣର ବିଭିନ୍ନ ଦିଗ ସମ୍ପର୍କରେ ସଦୃଷ୍ଟାନ୍ତ ଚର୍ଚ୍ଚା କରାଯାଇଛି । ଶୈଳୀବିଜ୍ଞାନ କିପରି ଆଧୁନିକ ଭାଷାବିଜ୍ଞାନ ଅନ୍ତର୍ଗତ ପ୍ରାୟୋଗିକ ଭାଷାବିଜ୍ଞାନର ଏକ ଶାଖା ତାହାକୁ ସ୍ପଷ୍ଟ ରୂପେ ଅବଗତ କରାଇଦିଆଯାଇଛି । ତା ସହିତ ଶୈଳୀ ଓ ଶୈଳୀବିଜ୍ଞାନର ସଦ୍ୟତମ ସ୍ୱରୂପ ଓ ପରିସର ସମ୍ପର୍କରେ ପ୍ରାଞ୍ଜଳ ଭାବେ ସୂଚନା ପ୍ରଦାନ କରାଯାଇଛି । ଓଡ଼ିଆ, ହିନ୍ଦୀ ପ୍ରଭୃତି ସାହିତ୍ୟରେ ଶୈଳୀକୁ ଯେଉଁ ସମାଲୋଚକମାନେ ରୀତି ବୋଲି କହିଛନ୍ତି, ତାହା ପ୍ରକୃତରେ କିପରି ସେୟା ନୁହେଁ, ସେ କଥା ଆଲୋଚନା କରାଯାଇଛି ।

**ଶୈଳୀମୂଳକ ସମ୍ମୁଖୀକରଣ – ୧** : ଡାକବଙ୍ଗଳା ପାଚେରି-କାନ୍ଥ ପାଖର ବିଜୁଳିବତୀ ବୋଧହୁଏ ସେତେବେଳେ ଲିଭି ଯାଇଥାଏ। ଗଛପତ୍ରର ଅନ୍ଧାର ସାଙ୍ଗକୁ ପୃଥିବୀଯାକର କିଟିମିଟିଆ ଅନ୍ଧାର (୧) ଭିତରେ ତାର ଅନ୍ଧାରୁଆ (୨) ଦେହଟା ଆଡ଼କୁ ଆଉ ଗୋଟାଏ ବହଳିଆ ଅନ୍ଧାରଖଣ୍ଡ (୩) ଯିମିତି ଘୁଞ୍ଚିଘୁଞ୍ଚି ଆସି ଜାବୁଡ଼ି ଧରିଲା। ଅନ୍ଧାରଟା (୪) ବି ଏତେ ଉଷୁମ, ଏତେ ଆରାମଦାୟକ। ସେହି ଅନ୍ଧାର (୫) ପାଖରେ ନିଜକୁ ସମର୍ପଣ କରିଦେଲା, ମିଶାଇ ଦେଲା ଅନ୍ଧୁଣୀ। ସେଇ ଗୋଟିକ ଦିନ ସେ ଜୀବନର ଆଲୋକ ଦେଖିଥିଲା ଅନ୍ଧାର (୬) ଭିତରେ। ଆଲୋକ ଅନ୍ଧାରର (୭) ଏଇ ଯୁଗପତ୍ ଉପଲବ୍ଧି ଭିତରେ ସେ କେତେ ସମୟ ବୁଡ଼ି ରହିଲା ଜାଣେନି। ଦେବଦାରୁ ଗଛଟାରୁ ଗୁଡ଼ାଏ ଫଳ ଓ ଝଙ୍କା ବରଗଛରୁ ଗୁଡ଼ାଏ ପାଣିଟୋପା ଝଡ଼ଝଡ଼ ହୋଇ ପଡ଼ିଗଲାରୁ ତାର ଚେତା ଆସିଲା ।(ଏଣ୍ଟି ରୋମାଣ୍ଟିକ୍, ଗାଳ୍ପିକ – ବସନ୍ତ ଶତପଥୀ, ପ୍ରଥମ ସଂସ୍କରଣ, ଫେସ, ରାଉରକେଲା, ୨୦୦୦, ପୃ-୮୯ ।)

ପାଠାଂଶରେ ବ୍ୟବହୃତ ହୋଇଥିବା 'ଅନ୍ଧାର' ଶବ୍ଦଟି ବିବିଧ ଅର୍ଥକୁ ସୂଚିତ କରୁଛି। ଏଠାରେ ପ୍ରଥମ 'ଅନ୍ଧାର' ଶବ୍ଦଟି ଆକ୍ଷରିକ ଅର୍ଥକୁ ବୁଝାଉଛି। ଦ୍ୱିତୀୟ 'ଅନ୍ଧାରୁଆ' ଅର୍ଥାତ୍ 'ଅନ୍ଧାର+ଉଆ' ଶବ୍ଦଟି ଅନ୍ଧୁଣୀର ଶରୀରକୁ କୁହାଯାଉଛି। ତୃତୀୟ 'ଅନ୍ଧାର'(ଖଣ୍ଡ) ଶବ୍ଦଟି ହେଉଛି ହାତଗୋଡ଼ ନ ଥିବା ଜଣେ ପଙ୍ଗୁମଣିଷର ଶରୀର। ଚତୁର୍ଥ 'ଅନ୍ଧାର' ଶବ୍ଦର ଅର୍ଥ ହେଉଛି ଦୈହିକ ମିଳନ ପାଇଁ ଆତୁର ଏବଂ ଉତ୍ତେଜିତ ହୋଇ ଉଠିଥିବା ପଙ୍ଗୁ ବ୍ୟକ୍ତିର କାମପ୍ରବଣ ଉଦ୍ଦାମତା। ପଞ୍ଚମ 'ଅନ୍ଧାର' ହେଉଛି ଦୈହିକ ଯୌନକ୍ରୀଡ଼ା ପାଇଁ ଆହ୍ୱାନ ତୋଳୁଥିବା ପଙ୍ଗୁର ଅସ୍ତିତ୍ୱ ଏବଂ ସେଇ ଅସ୍ତିତ୍ୱ ପ୍ରତି ସମଭାବାପନ୍ନ ହୋଇଉଠୁଥିବା ଅନ୍ଧୁଣୀର ସମର୍ପଣ। ଯାହାକୁ ଜଗତ ଅନ୍ଧାର ବୋଲି କୁହେ ତାହା ଅନ୍ଧୁଣୀ ପାଇଁ କିପରି ଆଲୋକଠାରୁ ବି ମହତ୍ତର, ସେ କଥା ଉତ୍କୀର୍ଣ୍ଣ ହୋଇଛି ଷଷ୍ଠ 'ଅନ୍ଧାର' ଶବ୍ଦରେ। ସପ୍ତମ 'ଅନ୍ଧାର'ର ଅର୍ଥ ହେଉଛି ଏକ ଦୁଃସାହସିକପୂର୍ଣ୍ଣ ଆଲୋକର ସୂତ୍ରଧର। ସେଇ ଆଲୋକର ତଲ୍ଲୀନତାରେ ଅନ୍ଧୁଣୀ ମିଳନର ରାସ ରଚିଛି। ଏଠାରେ ଗାଳ୍ପିକ ବସନ୍ତ କୁମାର ଶତପଥୀ ଯାହା କହିବା କଥା ତାକୁ ସିଧା ସିଧା ନ କହି ଆଭିପ୍ରାୟିକତା ଭିତ୍ତିରେ ଉପସ୍ଥାପନ କରିଛନ୍ତି। ସିଧା ସିଧା କହିବା ଦ୍ୱାରା ତାହାର ଫଳାଫଳ ଯାହା ହୋଇଥାନ୍ତା ତାହାଠାରୁ ଯଥେଷ୍ଟ ଅଧିକ ହୋଇଛି ଏଇଭଳି କହିବା ଦ୍ୱାରା। ଏଥିରେ 'ଅନ୍ଧାର' ଶବ୍ଦଟି ନବୀନ ଏବଂ ଅପ୍ରତ୍ୟାଶିତ ଭାବବିନ୍ୟାସରେ ମଣ୍ଡିତ ହୋଇଛି। ଫଳତଃ ଉଭୟ ଶବ୍ଦ ଏବଂ ଅର୍ଥ ସ୍ତରରେ ଚମତ୍କାରିତା ସଂପାଦିତ।

**ଶୈଳୀମୂଳକ ସମ୍ମୁଖୀକରଣ – ୨:** ପାପକୁ ପଚାରିଲି, କାହିଁକି ସଭିଙ୍କ ପାଖରେ ରହିବାକୁ ତୋର ଏତେ ଆଗ୍ରହ ? ସେ ବିରୋଧ କଲା। କହିଲା, ମୁଁ ଯାଏ ନାଇଁ କାହା ପାଖକୁ ଆପେ ଆପେ। ଲୋକଙ୍କ ଆଗ୍ରହ ମୋତେ ଟାଣିନିଏ ତାଙ୍କ ପାଖକୁ। ଯେଉଁଠି ଆଗ୍ରହ ଥାଏ, ସେଇଠି ମୁଁ ରହେ।

ପୁଣ୍ୟକୁ ପଚାରିଲି, କାହିଁକି ତୁ ରହୁନା ସଭିଙ୍କ ପାଖରେ? କହିଲା, ମୋ ପାଇଁ କାହିଁ ଲୋକଙ୍କର ଆଗ୍ରହ ? ଆଉ ଆଗ୍ରହ ନ ଥିଲେ, ମୁଁ ନିଜକୁ ଅବହେଳିତ ମନେ କରିବି ନାଇଁ ? ଯେଉଁଠି ଆଗ୍ରହ ଥାଏ, ସେଇଠି ମୁଁ ରହେ। (ପାପପୁଣ୍ୟ, କଇଳାଶ ପଟ୍ଟନାୟକ, ସତ ଏକଶତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପ୍ରଥମ ସଂସ୍କରଣ - ୨୦୦୪, ପୃ-୫୮)

ଛୋଟ ସାପର ବଡ଼ ବିଷ ଭଳି ଉପରୋକ୍ତ ଆଭାସ ଗଳ୍ପଟିରେ କେବଳ ଆଭାସ ମାଧ୍ୟମରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବକ୍ତବ୍ୟଟିଏ ପ୍ରତିଫଳିତ କରାଇଛନ୍ତି ଗାଳ୍ପିକ କଇଳାଶ ପଟ୍ଟନାୟକ। ପାପ ଏବଂ ପୁଣ୍ୟର ନିଜସ୍ୱ ଶରୀର ନାହିଁ। ସେମାନେ ସୂକ୍ଷ୍ମ ସତ୍ତା ଧାରଣ କରି ଘୂରିବୁଲୁଥାନ୍ତି ଏବଂ ଖୋଜି ବୁଲୁଥାନ୍ତି ସେମାନଙ୍କର ମନପସନ୍ଦର ଭକତବନ୍ଧୁମାନଙ୍କୁ। ଏଠାରେ ଭକତବନ୍ଧୁ ବୋଲି ମଣିଷକୁ କୁହାଯାଉଛି। ମଣିଷର ଶରୀର ଅଛି। ସ୍ଥୂଳ ଶରୀର। ଅଶରୀରୀ ପାପ ଏବଂ ପୁଣ୍ୟ ଚେତନା ଶରୀରଧାରୀ ମଣିଷ ଦେଇ ମଣିଷ ଭିତରକୁ ପ୍ରବେଶ କରନ୍ତି। ଯାହାକୁ ମଣିଷ ପାପ କାର୍ଯ୍ୟ ବୋଲି ବିବେଚନା କରେ ସେହିଭଳି କାର୍ଯ୍ୟକରିବା ପାଇଁ ସେମାନେ ମଣିଷକୁ ପ୍ରରୋଚିତ କରନ୍ତି। ଚେତନା ଅଧୋପତିତ ହୁଏ। ମଣିଷ ଭିତରେ ରାବଣ, କଂସ ବାସବିହାର କରନ୍ତି। ଜଗତ ଘୋର ଦୁର୍ଦ୍ଦିନର ଶିକାର ହୁଏ। ସେହିପରି ଯେତେବେଳେ ପୁଣ୍ୟ ପାଇଁ ମଣିଷ ଆସ୍ପୃହାଶୀଳ ହୁଏ, ସେତେବେଳେ ପୁଣ୍ୟ ଅର୍ଜନ ଏକ କଠିନ କାର୍ଯ୍ୟ ଭଳି ବୋଧ ହେଉଥିଲେ ମଧ୍ୟ ମଣିଷ ଅଜସ୍ର ପୁଣ୍ୟ ଅର୍ଜନ କରିପାରେ। ଚଣ୍ଡାଶୋକ ଧର୍ମାଶୋକ ହୁଏ। ଚେତନାରେ ଉତ୍ତରଣ ଆସେ। ଜଗତରେ ସୁଖଶାନ୍ତି ବିରାଜେ। ତେବେ ମଣିଷ ଆଗ୍ରହ ପ୍ରକାଶ କଲେ ଏବଂ ସେ ଦୁଇଙ୍କ ସାଙ୍ଗରେ ଯୁକ୍ତହେବାପାଇଁ ଚାହିଁଲେ ଏ ଦୁହେଁ ମଣିଷ ସହିତ ଦ୍ରବୀଭୂତ ହୋଇ ଅପକାର ନ ହେଲେ ଉପକାର ସାଧନ କରନ୍ତି। ଏଭଳି ବକ୍ତବ୍ୟରେ ଶୈଳୀକୀୟ ସାଭିପ୍ରାୟିକତା ଲକ୍ଷ୍ୟ କରାଯାଏ। ଏହାକୁ ବାକ୍ୟସ୍ତରୀୟ ଶୈଳୀ ବୋଲି କୁହାଯାଏ ।

**ଶୈଳୀମୂଳକ ସମ୍ମୁଖୀକରଣ – ୩:** ମା' ତାଙ୍କ ଝିଅକୁ ଶିଖାଇଥିଲେ/କଥା କହିବୁ ନାହିଁ /ଅଚିହ୍ନା ଲୋକ ସହିତ,/କିଛି ବି ନେବୁ ନାହିଁ/ଅଚିହ୍ନା ଲୋକ ହାତରୁ,/ଡାକିଲେ ଯିବୁ ନାହିଁ ଅଚିହ୍ନା ଲୋକଙ୍କ ଗାଡ଼ିରେ। /ଧର୍ଷିତା ସେଇ ଝିଅ / ଅତଳ ଯନ୍ତ୍ରଣାରେ / ମୃତ୍ୟୁ ପୂର୍ବରୁ କହୁଥିଲା :/ ତୋ କଥା ମାନି ଥି ଲି ମା,/ ମୋତେ କିନ୍ତୁ ଏଭଳି କରିଛନ୍ତି କେବଳ ଚିହ୍ନାଲୋକମାନେ। (ଚିହ୍ନା ଅଚିହ୍ନା, କବି – ବ୍ରହ୍ମାନନ୍ଦ ଦାସ, ଜଣେ ପଦାତିକର କବିତା, ବହିଘର, ବାଲେଶ୍ୱର, ପ୍ରଥମ ପ୍ରକାଶ – ୧୯୯୮, ପୃ-୨୬ ।)

ବ୍ରହ୍ମାନନ୍ଦ ଦାସଙ୍କର କବିତାଟିରେ ପ୍ରଥମେ ଯେଉଁ ବିଷୟମୂଳକ ବାକ୍ୟାଂଶ (ଅଚିହ୍ନା ଲୋକ)ଟିକୁ ବାରମ୍ବାର ପ୍ରୟୋଗ କରାଯାଇ ବିଶେଷ କିଛି ସୂଚନା ଦେବା ପାଇଁ ଚେଷ୍ଟା କରାଯାଇଛି, ତାହା କବିତାର ଶେଷ ଭାଗରେ ସମ୍ପୂର୍ଣ ଭୁଷୁଡ଼ିପଡ଼ିଛି। ଯେତେବେଳେ 'ଚିହ୍ନା ଲୋକ' ସୂଚନାମୂଳକ ବାକ୍ୟାଂଶଟି ନିଜର ଚିରାଚରିତ ଅର୍ଥକୁ ହରାଇ ବସିଛି, ସେତେବେଳେ ବିଷୟମୂଳକ ଶବ୍ଦଟି ଗୌଣ ହୋଇଉଠିଛି। ତଦ୍ୱାରା ଗତାନୁଗତିକ ଧାରାବାହିକତାଠାରୁ ବିଚ୍ୟୁତ ହୋଇ ଚିହ୍ନାଲୋକ ପ୍ରତି ମାଆର ଏବଂ ମାଆ ବାସ କରୁଥିବା ସମାଜର ଆସ୍ଥା, ବିଶ୍ୱାସ ତୁଟିଯାଇଛି। ଶୈଳୀ ପ୍ରୟୋଗରେ ସାଭିପ୍ରାୟିକତା ବା ଉଦ୍ଦେଶ୍ୟମୂଳକତା ପ୍ରଦର୍ଶିତ ହେଲେ ଏଇ ଧରଣର ବିଚିତ୍ରତା ସୃଷ୍ଟି ହୋଇଥାଏ।

ଏହି ବିଚିତ୍ରତା ପ୍ରଦର୍ଶନ ମୂଳରେ ଲେଖକୀୟ ସାଭିପ୍ରାୟିକତା ନିହିତ। ଲେଖକ କୌଣସି ଏକ ବିଶେଷ ଉଦ୍ଦେଶ୍ୟ ରଖି ଏଇ ଧରଣର ସାଭିପ୍ରାୟିକତାକୁ ନିଜସ୍ୱ ରଚନାରେ ସମ୍ମୁଖୀକୃତ କରାଇଥାନ୍ତି। ଏହାଦ୍ୱାରା ଧ୍ୱନି, ଶବ୍ଦ, ଅର୍ଥ ପ୍ରଭୃତି ସ୍ତରରେ ଚମତ୍କାରିତା, ସଜୀବତା, ଅପ୍ରତ୍ୟାଶିତତା, ନବୀନତା ପ୍ରଭୃତି ସୃଷ୍ଟି ହୋଇଥାଏ।

ରଚନାରେ ବୈଚିତ୍ର୍ୟ ସଂପାଦନା ପାଇଁ ଉପରାଲୋଚିତ ସାଭିପ୍ରାୟିକତାର ଆବଶ୍ୟକତା ଅତ୍ୟନ୍ତ ଅନିବାର୍ଯ୍ୟ ମନେହୁଏ। ଏହି ବୈଚିତ୍ର୍ୟପୂର୍ଣ ସାଭିପ୍ରାୟିକତାର ଅନ୍ୟ ନାମ ହେଉଛି ଶୈଳୀ। ଏହାକୁ କେହି କେହି ପ୍ରକାଶ ମାଧ୍ୟମର ଶୃଙ୍ଖଳିତ ନିର୍ଦ୍ଦିଷ୍ଟତା ବୋଲି ମଧ୍ୟ କହିଥାନ୍ତି। ଏହି ଶୃଙ୍ଖଳିତ ନିର୍ଦ୍ଦିଷ୍ଟତା ବ୍ୟତିରେକେ କୌଣସି କଳାକର୍ମ ଉଚ୍ଚକୋଟୀର ହୋଇପାରେ ନାହିଁ।

ଶୈଳୀର ପରିସର ଅତ୍ୟନ୍ତ ବ୍ୟାପକ। ଅସ୍ପଷ୍ଟ ମଧ୍ୟ। ଏପରିକି ଶୈଳୀର ଅସ୍ତିତ୍ୱ ଅଛି କି ନାହିଁ ଏ ସଂପର୍କରେ ମଧ୍ୟ ମତପାର୍ଥକ୍ୟ ରହିଛି। ତେବେ ଶୈଳୀ ଏବଂ ଏହାର ତାତ୍ତ୍ୱିକ ବୈବିଧ ଆଦୌ ଆଜିକାଲିର କଥା ନୁହେଁ। ଏହା ବେଶ୍ ଏକ ସମୃଦ୍ଧ ପ୍ରାଚୀନ ପରମ୍ପରାକୁ ବହନ କରି ସଂପ୍ରସାରିତ। ଶୈଳୀ ଏବଂ ଶୈଳୀବିଜ୍ଞାନ କହିଲେ 'କାହାକୁ ବୁଝିବା – କିପରି ବୁଝିବା – କାହିଁକି ବୁଝିବା' ଆଦିର ଅସମାହିତ ଅସ୍ପଷ୍ଟତାକୁ ଦୂର କରିବା ପାଇଁ ବହୁ ତର୍କବିତର୍କ, ବାଦାନୁବାଦ ମଧ୍ୟ ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସାହିତ୍ୟ ଜଗତରେ ଦେଖାଦେଇଛି ।

ଶୈଳୀର ପରିସର, ପ୍ରକୃତି, ତଜ୍ଜନିତ ସମସ୍ୟା ସଂପର୍କିତ ଅସ୍ପଷ୍ଟତାକୁ ଦୂର କରିବା ପାଇଁ ଯଥାକ୍ରମେ ୧୯୫୮ ମସିହାରେ ଆମେରିକାରେ ଏବଂ ୧୯୬୯ ମସିହାରେ ଇଟାଲୀରେ ଦୁଇଟି ଆନ୍ତର୍ଜାତୀୟ ସଂପାନର ଆୟୋଜନ କରାଯାଇଥିଲା। ଶୈଳୀ ଜିଜ୍ଞାସା କ୍ଷେତ୍ରରେ ଏ ଦୁଇଟି ସଂପାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ମନେହୁଏ ।

୧୯୫୮ ମସିହାରେ ଆମେରିକାରେ 'ସୋସିଆଲ ସାଇନ୍ସ ରିସର୍ଚ୍ଚ କାଉନସିଲ' ଏବଂ 'ଇଣ୍ଡିଆନା ୟୁନିଭର୍ସିଟି'ର ମିଳିତ ଉଦ୍ୟମରେ ଶୈଳୀ ବିଷୟକ ପାଇଁ ଅନ୍ତର୍ରାଷ୍ଟ୍ରୀୟ ମହାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଥିରେ ପୃଥିବୀ ପ୍ରସିଦ୍ଧ ଭାଷାତତ୍ତ୍ୱବିଦ୍, ମନୋବିଜ୍ଞାନୀ, ସାହିତ୍ୟ ସମାଲୋଚକ, ସାହିତ୍ୟ ତତ୍ତ୍ୱ ବିଶାରଦ, ଲୋକସାହିତ୍ୟ ତତ୍ତ୍ୱବିଦ୍, ଦାର୍ଶନିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରେନେ ୱେଲେକ୍, ଆଇ.ଏସ୍. ରିଚାର୍ଡ୍ସ ୱିଲିୟମ କେ, ୱିମ୍‌ସେଟ୍,

ମୁନରୋ ସି. ବର୍ଡ୍ସ୍ଲେ, ଜର୍ଜ ଏ. ମିଲର, ରୋଲା ୱେଲ୍ସ, ରିଚାର୍ଡ୍ ଏମ. ଡୋରସମ୍, ସି.ଇ. ଆସଗୁଡ୍, ଆର୍କିବାଲ୍ଡ ଏ. ହିଲ ଏବଂ ରୋମାନ୍ ଯାକବସନ୍ ପ୍ରମୁଖ ମହାପଣ୍ଡିତ ଏହି ମହାସମ୍ମିଳନୀରେ ଅଂଶଗ୍ରହଣ କରି ଶୈଳୀ ସଂପର୍କିତ ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ। ଭାଷିକଶୈଳୀର ଅଭିଲକ୍ଷଣ (features) ଏବଂ ବୈଶିଷ୍ଟ୍ୟ କ୍ଷେତ୍ରରେ ଏକ ସର୍ବଜନୀନ (universal) ମାନଦଣ୍ଡ ନିରୂପଣ କରିବା ହିଁ ଥିଲା ଏହି ଆଲୋଚନାଚକ୍ରର ମୂଳ ଉଦ୍ଦେଶ୍ୟ। ଶୈଳୀର ଅଙ୍ଗୀଭୂତ ତତ୍ତ୍ୱ ଏବଂ ସାହିତ୍ୟ ବିଷୟରେ ଏକ ସୁସ୍ପଷ୍ଟ ଧାରଣା ପ୍ରାପ୍ତ କରିବା ପାଇଁ ଏହି ସମ୍ମିଳନୀରେ ପ୍ରୟାସ କରାଯାଇଥିଲା। ଯଦି ସାହିତ୍ୟ ହେଉଛି ଏକ ମାନବୀୟ ବ୍ୟାବହାରିକ ପକ୍ଷ, ତେବେ ଏହାପାଇଁ ଏମିତି କୌଣସି ରାସ୍ତା ଅଛି କି, ଯେଉଁଥିରେ ସବୁବର୍ଗର ମାନବପ୍ରସୂତ ସାହିତ୍ୟ ଏବଂ ମାନବୀୟ ସଂସ୍କୃତିକୁ ଶୈଳୀ ଦୃଷ୍ଟିରୁ କେବଳ ଗୋଟିଏ ମାନଦଣ୍ଡରେ ବିଚାର କରିହେବ? ଯାହାଦ୍ୱାରା ବିଭିନ୍ନ ବର୍ଗର ବୈଚାରିକ ମିଳନ-ବିନ୍ଦୁ କେବଳ ଗୋଟିଏ (ମାନଦଣ୍ଡ)ପାରାମିଟର ଦ୍ୱାରା ନିରୂପିତ ହୋଇପାରିବ? ଏହିଭଳି ବିଭିନ୍ନ ସମସ୍ୟା, ବିଭିନ୍ନ ଉଦ୍ଦେଶ୍ୟ, ବିଭିନ୍ନ ଲକ୍ଷ୍ୟକୁ ଆଖି ଆଗରେ ରଖି ସେସବୁର ଯଥୋଚିତ ସମାଧାନ ପାଇଁ ଏହି ସମାବେଶରେ ପ୍ରଚେଷ୍ଟା କରାଯାଇଥିଲା।

ଦ୍ୱିତୀୟ ଶୈଳୀ ସଂପର୍କିତ ମହାସଂପାନ ରକ୍ ଫେଲର ଫାଉଣ୍ଡେସନ୍ ଦ୍ୱାରା ୧୯୬୯ ମସିହା ଅଗଷ୍ଟ ମାସରେ ଇଟାଲୀରେ ଆୟୋଜିତ ହୋଇଥିଲା। ଶୈଳୀ ସଂପର୍କିତ ଏହି ଆଲୋଚନା ଚକ୍ରରେ ବାର୍ଥସ୍, ମାଇଲ୍ସ, ୱେଲେକ୍, ମିଲିକ୍, ଡୋଲ୍‌ଜେଲ, ଉଲ୍‌ମାନ, ଲେବିନ୍, ଓହମାନ୍ ପ୍ରମୁଖ ଯୋଗ ଦେଇ ଶୈଳୀର ପରିଭାଷା, ସୌନ୍ଦର୍ଯ୍ୟ ଶାସ୍ତ୍ର, ଭାଷାବିଜ୍ଞାନ, କଥନିକା (Discourse) ସ୍ତରୀୟ ବିଶ୍ଳେଷଣ, ମନୋବିଜ୍ଞାନ, ଭାଷାଶାସ୍ତ୍ର (Philology), ଅର୍ଥବିଜ୍ଞାନ, ଧ୍ୱନିଶାସ୍ତ୍ର, ବାକ୍ୟରଚନା, ଏଲୋକ୍ୟୁସନାରୀ ସ୍ପିଚ୍ ଆକ୍ଟ ପ୍ରଭୃତି ଉପରେ ଆଲୋକପାତପୂର୍ବକ ବିଚାର ବିଶ୍ଳେଷଣ କରିଥିଲେ ।

ଦୁଇ ଦୁଇଟି ମହତ୍ତ୍ୱପୂର୍ଣ୍ଣ ସଂପାନରେ ଘମାଘୋଟ ତର୍କବିତର୍କ ହେଲା। ଆଲୋଚନା ପର୍ଯ୍ୟାଲୋଚନା ହେଲା। ସାତଖଣ୍ଡ ରାମାୟଣ ସରିଲା, କିନ୍ତୁ ସୀତା ମାଇ କି ଅଣ୍ଡିରା ସ୍ଥିରୀକୃତ ହୋଇପାରିଲା ନାହିଁ। ସବୁସତ୍ତ୍ୱେ ବି ଶୈଳୀ ସଂପର୍କିତ କୌଣସି ସ୍ପଷ୍ଟତା ବା ସମାଧାନ ସମ୍ମୁଖୀକୃତ ହୋଇପାରିଲା ନାହିଁ। ରେନେ ୱେଲେକ୍ ତାଙ୍କ ଉପସଂହାର ବକ୍ତବ୍ୟରେ ବହୁ କଥା କହିଲେ ଏବଂ ଶେଷରେ ଯାହା କହିଲେ ତାହା ଏହିଭଳି– "ମୋ ମତରେ କୌଣସି ଗୋଟିଏ ଶୈଳୀପରକ କୌଶଳକୁ ଅନିବାର୍ଯ୍ୟ ଭାବରେ ସ୍ୱୀକାର କରିହେବ ନାହିଁ। କାରଣ ଏହା ନିଜ ପ୍ରାସଙ୍ଗିକତାର ବିଶେଷତ୍ୱ ସହିତ ତାଳ ଦେଇ ପରିବର୍ତ୍ତିତ ହୋଇଚାଲିଥାଏ। ଯେଉଁଠି ଭାଷାବୈଜ୍ଞାନିକ ବିଶ୍ଳେଷଣ ସମାପ୍ତ ହୁଏ, ସେଇଠି ସାହିତ୍ୟିକ ବିଶ୍ଳେଷଣ ଆରମ୍ଭ ହୁଏ।" (ରେନେ ୱେଲେକ୍, ଉପସଂହାର ବକ୍ତବ୍ୟ, ଷ୍ଟାଇଲ୍ ଇନ୍ ଲାଙ୍ଗୁଏଜ୍, ସଂପାଦନା – ଟି.ଏ. ସିବିୟୋକ୍, ନିଉୟର୍କ, ୧୯୬୦, ପୃ-୪୧୭)

ତେବେ ଏଠାରେ ପ୍ରଶ୍ନ ଉଠୁଛି – ଶୈଳୀଶାସ୍ତ୍ରୀୟ (stylological) ପକ୍ଷ, ଶୈଳୀବୈଜ୍ଞାନିକ (stylistics) ପକ୍ଷ ଏବଂ ଶୈଳୀମାପକ୍ରମିକ ( stylometrics) ପକ୍ଷ କ'ଣ ଗୋଟିଏ ନା ଭିନ୍ନ ଭିନ୍ନ?

ଏ ସଂପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁକୁ ଏଠାରେ ଭୁକ୍ତ କରାଯାଉ ।

ବିନ୍ଦୁ-୧: ପ୍ରାଚୀନ ରୀତି ବା ଶାସ୍ତ୍ରୀୟ (classical) ଶୈଳୀ କହିଲେ, ଯାହା ତତ୍କାଳୀନ କାବ୍ୟକବିତାରେ କାବ୍ୟତତ୍ତ୍ୱ (poetics) ଭାବରେ ଗୃହୀତ ହୋଇଥିଲା, ତାହାକୁ ହିଁ ବୁଝାଏ। ଏହା ବାଗ୍ମୀତାଶାସ୍ତ୍ର (Rhetorics), ନିୟାମକ–ବ୍ୟାକରଣ (Prescriptive Grammar) ପ୍ରଭୃତି ପୂର୍ବପ୍ରଚଳିତ ସାହିତ୍ୟଚର୍ଚ୍ଚା ସହିତ ସମ୍ବନ୍ଧିତ। ଏହି ଧାରା ଭାରତ, ଗ୍ରୀକ୍, ରୋମ, ଇଟାଲୀ ଆଦିରେ ଚଳିଆସୁଥିଲା। ଏକଥା ଆମକୁ ସ୍ମରଣ ରଖିବାକୁ ହେବ ଯେ – ପ୍ରାଚୀନ ବା ଶାସ୍ତ୍ରୀୟ ଶୈଳୀ ଶୈଳୀଶାସ୍ତ୍ରୀୟ ନିୟମ ସହିତ ସଂପୃକ୍ତ। ଏହା କଦାପି ଶୈଳୀବୈଜ୍ଞାନିକ ଚିନ୍ତନ ସହିତ ଅଙ୍ଗୀଭୂତ ନୁହେଁ ।

ବିନ୍ଦୁ-୨: ଯେମିତି ଭାଷାଶାସ୍ତ୍ର (Philology)ଠାରୁ ଭାଷାବିଜ୍ଞାନ (Linguistics) ଭିନ୍ନ, ଠିକ୍ ସେମିତି ଶୈଳୀଶାସ୍ତ୍ର (stylology)ଠାରୁ ଶୈଳୀବିଜ୍ଞାନ (Stylistics) ଭିନ୍ନ।

ବିନ୍ଦୁ-୩: ଶୈଳୀଶାସ୍ତ୍ରର ମୂଳଭିତ୍ତି ବାଗ୍ମୀତାଶାସ୍ତ୍ର ଏବଂ ନିୟାମକ-ବ୍ୟାକରଣ ହୋଇଥିବା ବେଳେ ଶୈଳୀବିଜ୍ଞାନର ମୂଳଭିତ୍ତି ବର୍ଣ୍ଣନାତ୍ମକ ତଥା ସଂରଚନାତ୍ମକ ଭାଷାବିଜ୍ଞାନ ହୋଇଥାଏ।

ବିନ୍ଦୁ-୪: ଶୈଳୀଶାସ୍ତ୍ରର ପ୍ରକୃତ ନିୟମ ବା ବିଧି ଏକ ପ୍ରୟୋଗିକ ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରିତ; କିନ୍ତୁ ଶୈଳୀବିଜ୍ଞାନର ସ୍ୱରୂପ ବର୍ଣ୍ଣନାତ୍ମକ ଓ ବ୍ୟାଖ୍ୟାତ୍ମକ।

ବିନ୍ଦୁ-୫: ଶୈଳୀଶାସ୍ତ୍ର ପ୍ରାଚୀନ ଶୈଳୀତତ୍ତ୍ୱ ସହିତ ନିର୍ଦ୍ଦେଶିତ ହୋଇଥିବା ବେଳେ ଶୈଳୀବିଜ୍ଞାନ ଆଧୁନିକ ଭାଷାବିଜ୍ଞାନ ଦ୍ୱାରା ପରିପୁଷ୍ଟ ତତ୍ତ୍ୱ ଦ୍ୱାରା ଶୋଭାବନ୍ତ, ସାମର୍ଥ୍ୟବନ୍ତ ହୋଇ ପାଠ ବା କୃତି (Text)ରେ ବ୍ୟବହୃତ ହୋଇଥାଏ ।

ବିନ୍ଦୁ-୬: ଅତଏବ ଶୈଳୀ ସଂପର୍କିତ ପ୍ରାଚୀନ ଏବଂ ନବୀନ ଅବଧାରଣା ତଥା ଅବବୋଧ ମଧ୍ୟରେ ପାର୍ଥକ୍ୟ ରହିଛି।

ଏ ସଂପର୍କରେ ଗଗନେନ୍ଦ୍ରନାଥ ଦାଶ ମତବ୍ୟକ୍ତ କରି କହନ୍ତି – "ଶୈଳୀ ବା Style ଶବ୍ଦଟି ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଦୌ ନୂଆ ନୁହେଁ ଓ ସାହିତ୍ୟ- ଶୈଳୀ ବିଚାରର ଗୋଟିଏ ପ୍ରାଚୀନ ପରମ୍ପରା ଥିଲେ ମଧ୍ୟ ଭାଷାବିଜ୍ଞାନଭିତ୍ତିକ ଶୈଳୀବିଜ୍ଞାନ (Stylistics)ର ଆବିର୍ଭାବ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଏକ ନୂତନ ଘଟଣା। ଏହା ଏତେ ନୂତନ ଯେ ଶୈଳୀବିଜ୍ଞାନ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ରୂପରେଖ ପାଇ ନାହିଁ ଓ କିଛି ପରିମାଣରେ ପରୀକ୍ଷାନିରୀକ୍ଷା ସ୍ତରରେ ରହିଛି ବୋଲି କୁହାଯାଇପାରେ। ତେବେ ଏଠାରେ

ଏତିକି କୁହାଯାଇପାରେ ଯେ, ଆଧୁନିକ ଶୈଳୀ-ବିଜ୍ଞାନକୁ ପାରମ୍ପରିକ ଶୈଳୀ ବିଚାରର ବିବର୍ତ୍ତନରେ ଏକ ସ୍ତର ବା ପର୍ଯ୍ୟାୟ ବୋଲି ଗ୍ରହଣ କରାଯାଇ-ପାରେ ନାହିଁ; ଏହା ସମ୍ପୂର୍ଣ ଭାବରେ ଆଧୁନିକ ଭାଷା ବିଜ୍ଞାନଭିତ୍ତିକ ଏକ ନୂତନ ସିଦ୍ଧାନ୍ତ; ଏକ ନୂତନ ଦୃଷ୍ଟିକୋଣ; ଏକ ନୂତନ ଦିଗ୍‌ଦର୍ଶନ ।' (ଶୈଳୀ ବିଜ୍ଞାନ, (ମୁଖବନ୍ଧ) ସମ୍ପାଦନା – ଡ. ଗଗନେନ୍ଦ୍ରନାଥ ଦାଶ, ଡ. ପଞ୍ଚାନନ ମହାନ୍ତି, ଯଶୋଦା ପ୍ରକାଶନୀ, ବ୍ରହ୍ମପୁର, ପ୍ରଥମ ପ୍ରକାଶ ୧୯୮୯, ଦ୍ୱିତୀୟ ପ୍ରକାଶ - ୨୦୦୦) ।

ଏ ସଂପର୍କରେ ପଞ୍ଚାନନ ମହାନ୍ତି କହନ୍ତି – "ଶୈଳୀ ବିଜ୍ଞାନ, ଭାଷା ବିଜ୍ଞାନର ନା ପ୍ରୟୋଗାତ୍ମକ ଭାଷାବିଜ୍ଞାନର ଅନ୍ତର୍ଭୁକ୍ତ ଏ ବିଷୟରେ ମଧ୍ୟ ମତଦ୍ୱୈଧ ପରିଦୃଷ୍ଟ ହୁଏ। କେତେକ ଭାଷାବିଜ୍ଞାନୀଙ୍କ ମତରେ ଏହା ସୂକ୍ଷ୍ମ ଭାଷାବିଜ୍ଞାନ (micro-linguistics)ର ଅନ୍ତର୍ଗତ ନୁହେଁ ବରଂ ଏଥିରେ ସାହିତ୍ୟ ଆଲୋଚନା ପାଇଁ ଭାଷାବୈଜ୍ଞାନିକ ସିଦ୍ଧାନ୍ତର ପ୍ରୟୋଗ କୁହାଯାଉଥିବା ହେତୁ ଏହା ପ୍ରୟୋଗାତ୍ମକ ଭାଷାବିଜ୍ଞାନର ଅନ୍ତର୍ଭୁକ୍ତ ହେବା ଉଚିତ (Halliday 1964)। ଆଉ କେତେକ ଭାଷାବିଜ୍ଞାନୀଙ୍କ ଯୁକ୍ତି ହେଲା, ଭାଷାବିଜ୍ଞାନ ଏକ ବ୍ୟାପକ ( global) ବିଜ୍ଞାନ ହୋଇଥିବାରୁ ଯେ କୌଣସି ଭାଷିକ କାର୍ଯ୍ୟ ଏହାର ପରିସରଭୁକ୍ତ ଏବଂ ଶୈଳୀବିଜ୍ଞାନ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଆଜି ଭାଷାବିଜ୍ଞାନ ଏକ ପ୍ରତିଷ୍ଠିତ ବିଜ୍ଞାନ ହୋଇ ସାରିଥିବା ହେତୁ ଦ୍ୱିତୀୟ ମତଟି ହିଁ ଏଠାରେ ଗ୍ରହଣୀୟ।' (ଉଦ୍ଧୃତ ଶୈଳୀବିଜ୍ଞାନର ସଂଜ୍ଞା, ସ୍ୱରୂପ ଓ ପରିସର, ସମ୍ପାଦନା– ଡ. ଗଗନେନ୍ଦ୍ର ନାଥ ଦାଶ, ଡ. ପଞ୍ଚାନନ ମହାନ୍ତି, ଶୈଳୀ ବିଜ୍ଞାନ, ଯଶୋଦା ପ୍ରକାଶନୀ, ବ୍ରହ୍ମପୁର, ପ୍ରଥମ ପ୍ରକାଶ – ୧୯୮୯, ଦ୍ୱିତୀୟ ପ୍ରକାଶ – ୨୦୦୦, ପୃ- ୨-୩)

ଏ ସଂପର୍କରେ ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର କହନ୍ତି – 'ଶୈଳୀ' ଶବ୍ଦଟିର ଅର୍ଥ ଖୁବ୍ ବ୍ୟାପକ। ଭାଷା ପ୍ରସଙ୍ଗରେ ଶୈଳୀ କହିଲେ ଭାଷା ପ୍ରୟୋଗର ନିର୍ଦ୍ଦିଷ୍ଟ ଭଙ୍ଗୀ ବା ରୀତିକୁ ବୁଝାଇଥାଏ। ପ୍ରକୃତପକ୍ଷେ ବିଭିନ୍ନ ଭାଷା ପ୍ରସଙ୍ଗୀୟ ଅବସ୍ଥା ସହିତ ସଂଶ୍ଳିଷ୍ଟ ପ୍ରକାଶଭଙ୍ଗୀକୁ ଶୈଳୀ କୁହାଯିବା ଉଚିତ। ଭାଷା ମନୁଷ୍ୟ ଦ୍ୱାରା ଉଚ୍ଚାରିତ ବିଭିନ୍ନ ଧ୍ୱନିମାନଙ୍କର ଏକ ପରିକଳ୍ପନା ମାତ୍ର ଯାହାକୁ ଫର୍ଡିନାଣ୍ଡ ଡି ସସ୍ୟର 'ଲେଙ୍ଗ୍' (Langue) ବୋଲି କହିଛନ୍ତି। ସାମାଜିକ ସ୍ୱୀକୃତି ପାଇଥିବା ଏହି ଧ୍ୱନିଶୃଙ୍ଖଳା ଯେଉଁ ବ୍ୟକ୍ତିବିଶେଷର କଥନ ଭାବେ ପ୍ରକାଶ ଲାଭ କରେ ତାକୁ ସେ 'ପେରୋଲ୍' (Parole) ବୋଲି ନାମିତ କରନ୍ତି। ଲେଙ୍ଗ୍ ବ୍ୟକ୍ତି, କାଳ ଓ ସ୍ଥାନ ପ୍ରସଙ୍ଗରେ ସୃଷ୍ଟି ହେଉଥିବା ବିଭିନ୍ନତା ଓ ପରିବର୍ତ୍ତନଶୀଳତାର ଦ୍ୟୋତକ। ଏହା ସାମାଜିକ ବାସ୍ତବତା ଓ ବିଭିନ୍ନ ଗଠନଧର୍ମ, ବିଭିନ୍ନ କ୍ରିୟାଶୀଳତା ତଥା ବିଭିନ୍ନ ଧରଣର ପ୍ରାସଙ୍ଗିକତା ମଧ୍ୟ ଦେଇ ରୂପାୟିତ ହୁଏ। ଶୈଳୀ ଭାଷାର ସେହି ବିଭିନ୍ନତା ଓ ପରିବର୍ତ୍ତନଶୀଳତା ସହ ନିଗୂଢ଼ ଭାବେ ସଂପୃକ୍ତ। (ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ସମାଲୋଚନା, ଡ. ମଧୁସୂଦନ ପତି ଓ ଅଶୋକ କୁମାର ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ – ୧୯୯୫, ପୃ. ୨-୩)

ଅତଏବ ଆଲୋଚ୍ୟ 'ଶୈଳୀ ଓ ଶୈଳୀବିଜ୍ଞାନ' ପ୍ରବନ୍ଧରେ ଯେଉଁସବୁ ଦିଗ ଉପରେ ଆଲୋକପାତ କରାଯିବ, ତାହା ଆଧୁନିକ ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳିବୈଜ୍ଞାନିକ ବିଶ୍ଳେଷଣ ପଦ୍ଧତିକୁ ଭିତ୍ତି କରି ଏବଂ ତାହା ଏହିଭଳି –

ଶୈଳୀ ଭାଷାବିଜ୍ଞାନର ଅଙ୍ଗୀଭୂତ। କୌଣସି କଳାକର୍ମର ବିଜ୍ଞାନସମ୍ମତ ଅଧ୍ୟୟନ ତଥା ବିଶ୍ଳେଷଣକୁ ଶୈଳୀବିଜ୍ଞାନ କୁହାଯାଏ। ସାହିତ୍ୟ କର୍ମରେ ସାହିତ୍ୟକଳାର ଭାଷିକ ସଂରଚନାରେ ଯେଉଁ ଅଧ୍ୟୟନ ତଥା ବିଶ୍ଳେଷଣ ହୁଏ, ତାହା ସାହିତ୍ୟରେ ଶୈଳୀବିଜ୍ଞାନ ଭାବରେ ଚିହ୍ନିତ। ଗୋଟିଏ କଥାରେ କହିଲେ ଶୈଳୀବିଜ୍ଞାନ କଳାକର୍ମର ଅନ୍ତରୀଣ ଓ ବାହ୍ୟ ଦିଗକୁ ହିଁ ନିର୍ଦ୍ଦେଶ କରେ ।

'ଶୈଳୀକୁ' ଇଂରାଜୀରେ 'Style" କୁହାଯାଏ। ଲାଟିନ 'Stilus" ବା 'Stylus" ଶବ୍ଦରୁ ଏଇ ଶବ୍ଦଟିର ଉତ୍ପତ୍ତି। ଯେତେବେଳେ ବକ୍ତା ବା ଲେଖକ ନିଜର ଭାବକୁ ବୈଚିତ୍ର୍ୟପୂର୍ଣ୍ଣ ଭାଷିକ କୌଶଳ ମାଧ୍ୟମରେ ଅଭିବ୍ୟକ୍ତ କରନ୍ତି, ସେତେବେଳେ ଶୈଳୀର ଉତ୍ପତ୍ତି ଘଟେ। 'ଶୈଳୀବିଜ୍ଞାନ' ଶବ୍ଦଟି ଜର୍ମାନୀ ଭାଷାରେ ପ୍ରଚଳିତ 'Stilistik' ଶବ୍ଦରୁ ଆସିଅଛି। ପରେ ଫରାସୀଭାଷାରେ ଏହି ଶବ୍ଦ "Stilistique' ନାମରେ ପ୍ରଚଳିତ ହେଲା। "ପ୍ରାୟଃ ୧୮୪୬ ମସିହାବେଳକୁ ଏହି ଶବ୍ଦ 'Stylistic" ନାମରେ ଏବଂ ତା ପରେ ପରେ ଏହି ଶବ୍ଦ 'ଶୈଳୀବିଜ୍ଞାନ' ଅର୍ଥରେ 'Stylistics' ନାମରେ ଇଂରାଜୀ ଭାଷାରେ ପ୍ରଚଳିତ ହେଲା।" (Encyclopaedia of Linguistics, Information and Control, Chief Editor, A.R. Mythem, Oxford: Pergman Press, 1969, Page - 259) "୧୮୮୨-୮୩ ମସିହା ବେଳକୁ ଏହି ଶବ୍ଦଟି 'Oxford University Dictionary' ରେ ସଂଯୁକ୍ତ ହେଲା ।" (S. Ulman, Style in French Novel, London: Cambridge University Press, 1957, Page. 3.)"

ଶୈଳୀବିଜ୍ଞାନ ଇତିହାସର ଆରମ୍ଭ ଫରାସୀ ଲେଖକ ଚାର୍ଲସ୍ ବାଲିଙ୍କଠାରୁ। ସେ ହିଁ ସର୍ବପ୍ରଥମେ ଶୈଳୀବିଜ୍ଞାନ ଅର୍ଥରେ 'Stilistique' ଶବ୍ଦଟିକୁ ବ୍ୟବହାର କରନ୍ତି। ପରେ ପରେ ଶୈଳୀବିଜ୍ଞାନ ପଦ୍ଧତିର ଆଲୋଚନା କ୍ଷେତ୍ରରେ ଜର୍ମାନ, ସ୍ପେନ, ରୁଷ ଆଦି ଦେଶର ଲେଖକଗଣ ବ୍ୟାପୃତ ହୋଇଥିବାର ଲକ୍ଷ୍ୟ କରାଯାଏ ।'ନବସଂରଚନାବାଦୀ' ଶୈଳୀବିଜ୍ଞାନ, ପ୍ରାଗ୍-ସ୍କୁଲର 'ସଂରଚନାବାଦୀ ସିଦ୍ଧାନ୍ତ', ଆମେରିକୀୟ 'ଶୈଳୀବୈଜ୍ଞାନିକ ବିଚାରଧାରା' ଆଦି କାଳକ୍ରମେ ମୂଳ ଶୈଳୀବିଜ୍ଞାନ ଧାରାକୁ ବିସ୍ତାରିତ ଓ ସୂକ୍ଷ୍ମତର କରି ତୋଳିଲା। ବିଂଶ ଶତାବ୍ଦୀରେ ଇଂରାଜୀରେ 'Stylistics' କଥାଟି ଆଧୁନିକ କାଳରେ ଶୈଳୀବିଜ୍ଞାନର ମାନକ ହୋଇଉଠିଲା। ଯାହାର ଅର୍ଥ ହେଲା – "The science of the variations in language including the effective values of different words, forms and sounds that constitute style

in the literary and also the wider senses." (Chambers 20th Century Dictionary, 1987, page-1286.) 'The Encyclopaedia of Language and Linguistics' ଙ୍କ ମତରେ, "Stylistics is concerned with variations in language use and thus with analytic choice." (Encyclopaedia of Linguistics, Information and Control, Chief Editor, A.R. Mythem, Oxford: Pergaman Press, 1969, Page-4378.)

ଶୈଳୀର ଅସ୍ତିତ୍ୱ ସମ୍ପର୍କରେ କେତେକ ମତ ପାର୍ଥକ୍ୟ ଦେଖାଯାଏ। Benson Gray 'ଶୈଳୀକୁ ଏକ ଅର୍ଥହୀନ ଅବଧାରଣା ବୋଲି କହିଛନ୍ତି ।' (Benson Gray - The problem and its Solution, Paris, 1969, P. 1-117)। ସମସ୍ତ ସାହିତ୍ୟକୃତିକୁ ସେ 'Statement' ବୋଲି କହି ଶୈଳୀକୁ ଖୋଜିବାର ପ୍ରଚେଷ୍ଟା କେବେ ସଫଳ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। Samuel R. Lebin-Grayଙ୍କର The problem and its Solution' ପୁସ୍ତକକୁ ସମୀକ୍ଷା କରିବାକୁ ଯାଇ ଶୈଳୀ ବିଷୟକ Grayଙ୍କର ଏତାଦୃଶ ନାସ୍ତିବାଚକ ଅବଧାରଣାକୁ ଭ୍ରାନ୍ତ ବୋଲି ଘୋଷଣା କରିଛନ୍ତି। ତାଙ୍କ ମତରେ ସମାଜ ପରି ଶୈଳୀର ମଧ୍ୟ ଅସ୍ତିତ୍ୱ ରହିଛି। ତେଣୁ ତାକୁ ଅର୍ଥହୀନ ଏବଂ ଅଦରକାରୀ ବୋଲି କହିହେବ ନାହିଁ ।

ଶୈଳୀ-ଅଧ୍ୟୟନ ସଂପର୍କରେ ବିଶ୍ଳେଷଣ କରିବା ପୂର୍ବରୁ ଏହାର ସଂଜ୍ଞା, ସ୍ୱରୂପ ଏବଂ ପ୍ରକାରଭେଦ ସଂପର୍କରେ ଆଲୋଚନା କରିବା ବାଞ୍ଛନୀୟ। ଶୈଳୀର ପରିଭାଷା ନିରୂପଣ କରିବାକୁ ଯାଇ ବିଶ୍ୱର ବିଭିନ୍ନ ସମାଲୋଚକ ବିଭିନ୍ନ ପ୍ରକାର ମତାମତ ପ୍ରକାଶ କରିଛନ୍ତି। ଏହି ମତାମତଗୁଡ଼ିକୁ ଆଧାର କରି ଶୈଳୀ ସଂପର୍କୀୟ ପରିଭାଷାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଯଥା – (୧) ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱ ଆଧାରିତ ପରିଭାଷା। (୨) ସାହିତ୍ୟ ସୃଷ୍ଟିର ଭାଷା ଆଧାରିତ ପରିଭାଷା।

**୧) ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱ-ଆଧାରିତ ପରିଭାଷା**– ଏଇ ପ୍ରକାରର ପରିଭାଷାରେ ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା, ଭାବନା, ବିଚାରଶକ୍ତି, ଦୃଷ୍ଟିଭଙ୍ଗୀ ପ୍ରଭୃତି ଗୁରୁତ୍ୱ ପାଇଥାଏ। ଏହି ପରିଭାଷା ଅନୁସାରେ ଶୈଳୀ ହେଉଛି – 'ମସ୍ତିଷ୍କର ବାହ୍ୟକୃତି' [Style is the physiognomy of the mind (Schopenhawer)], 'ଚିନ୍ତାଧାରାର ପୋଷାକ'[Style is the dress of thought. (Chesterfield)], 'ବିଚାର କ୍ରମ'[Style is x x the very thought itself. (Eliss)], "ବିଚାରଗତି" ତଥା 'ନିଜେ ବ୍ୟକ୍ତି ବିଶେଷ ' [Style consists in the order and the movement, which we introduce into our thought. Style is the man himself. (Buffein)], 'କୌଶଳ ବିଶେଷର ପ୍ରଶ୍ନ ନୁହେଁ, ଦୃଷ୍ଟିକୋଣର ପ୍ରଶ୍ନ' [Style is a question not of technique but of vision. (Proust)] ଇତ୍ୟାଦି। ବ୍ୟକ୍ତି ଯେଉଁ ସାମାଜିକ ପରିମଣ୍ଡଳରେ ଜୀବନ ବିତାଉଥାଏ, ସେହି ପରିମଣ୍ଡଳରୁ ସେ ଯେଉଁ ଭାବ ଆହରଣ କରେ ତାହାକୁ ନେଇ ସେ ତାର ସାହିତ୍ୟ ରଚନା କରେ ଓ ସେହି ଅନୁସାରେ ତାର ଶୈଳୀ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

**୨) ସାହିତ୍ୟସୃଷ୍ଟିର ଭାଷା-ଭିତ୍ତିକ ପରିଭାଷା**– ଏଥିରେ ସାହିତ୍ୟ ସୃଷ୍ଟିର ଭାଷିକ ବିଶିଷ୍ଟତାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଶୈଳୀର ଏହି ପାରିଭାଷିକ ବୈଶିଷ୍ଟ୍ୟକୁ New man, Coleridge, J. Middleton Murry ପ୍ରମୁଖ ସମର୍ଥନ କରିଛନ୍ତି। ଭାଷା ପ୍ରୟୋଗର ବୈବିଧ୍ୟକୁ ଆଧାର କରି ଶୈଳୀ ସଂପର୍କରେ ଏହି ପରିଭାଷା ନିରୂପିତ ହୋଇଛି।

Newmanଙ୍କ ମତରେ, 'Style is thinking out into language', ଅର୍ଥାତ ଭାଷା ମାଧ୍ୟମରେ ଶୈଳୀକୁ ଚିନ୍ତନ କରାଯାଏ। ଏହି ଚିନ୍ତନର ଅନ୍ୟ ନାମ ବିଶ୍ଳେଷଣ ମଧ୍ୟ ହେଇପାରେ | 'Poetry is the best words in best order' ବୋଲି କହି Coleridge ଶୈଳୀ ବିଶ୍ଳେଷଣ କ୍ଷେତ୍ରରେ ଶବ୍ଦବସାଣ ମାହାତ୍ମ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି।

କବିତା, ନାଟକ, ଉପନ୍ୟାସ ପ୍ରଭୃତି ସାହିତ୍ୟର ସର୍ବବିଧ ବିଭାଗରେ ଶବ୍ଦ ହେଉଛି ମୂଳ ଉପାଦାନ। ଅର୍ଥପ୍ରକାଶର ସର୍ବନିମ୍ନ ଏକକ ହେଉଛି ଶବ୍ଦ। ଶବ୍ଦର ଉପଯୁକ୍ତ ବସାଣଦ୍ୱାରା ସାହିତ୍ୟରେ ବୈଚିତ୍ର୍ୟ ଫୁଟି ଉଠେ। ବୈଚିତ୍ର୍ୟ ଫୁଟି ଉଠିଲେ ସାହିତ୍ୟରେ ଶୈଳୀୟ ସୌନ୍ଦର୍ଯ୍ୟ ବର୍ଦ୍ଧନ ହେଲା ବୋଲି କୁହାଯାଏ। J.Middleton Murry ଭାଷାର ବିଶେଷ ଗୁଣକୁ ଶୈଳୀ ବୋଲି ଅଭିହିତ କରି, ତାହା ଭାବନା ବା ଚିନ୍ତାଧାରା ସହିତ କିପରି ଉତ୍ତମ ସଂଯୋଗ ସ୍ଥାପନ କରିଥାଏ, ସେ କଥା କହିଛନ୍ତି। ଏ ସଂପର୍କରେ ତାଙ୍କର ଉଦ୍ଧୃତିଟି ହେଉଛି– "Style is a quality of language, which communicates precisely emotion or thoughts."

ଏହା ବ୍ୟତୀତ Wessle କହନ୍ତି - Style is dress of thought, a modest dress neat but not guidy, willy true critics please. Sherrun କହନ୍ତି - The term (Style) simply indicates the presence personality in the manner of artistic expression ଏବଂ Dadle କହନ୍ତି - Style is the personality of the artist shown through medium elements and organization.

ମଣିଷ ମନରେ ଯେତେବେଳେ କୌଣସି ଚିନ୍ତାଧାରା

ବା ଭାବନାର ଉଦ୍ରେକ ହୁଏ, ସେତେବେଳେ ସେ ତାକୁ ଭାଷା ମାଧ୍ୟମରେ ବ୍ୟକ୍ତ କରେ। ଭାଷା ଭାବ ସଂପ୍ରେଷଣର ଏକ ସର୍ବୋତ୍ତମ ମାଧ୍ୟମ ହୋଇଥିବାରୁ ଏହା ବକ୍ତା ବା ଲେଖକ ମାଧ୍ୟମରୁ ସଂପ୍ରେଷିତ ହୋଇ ଶ୍ରୋତା/ ପାଠକ ମାଧ୍ୟମ ନିକଟରେ ପହଞ୍ଚେ। ଫଳରେ ଭାବର ଆଦାନପ୍ରଦାନ ସମ୍ଭବ ହୁଏ।

ଶୈଳୀ ସଂପର୍କିତ ଉପରୋକ୍ତ ପରିଭାଷାରୁ ଦୁଇଟି ଦିଗ ସୂଚିତ ହେଉଛି। ଗୋଟିଏ ହେଉଛି ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱଭିତ୍ତିକ ଦିଗ ଏବଂ ଅନ୍ୟଟି ହେଉଛି ସାହିତ୍ୟ ସୃଷ୍ଟିର ଭାଷିକ ଦିଗ। ପ୍ରଥମଟିରେ ସାହିତ୍ୟ ସ୍ରଷ୍ଟାଙ୍କର ସହିତର ଭାବକୁ ଭିତ୍ତି କରି ପ୍ରସ୍ତୁତ ହେଉଥିବାରୁ ଏହାକୁ ସାହିତ୍ୟିକ ଦିଗ ବୋଲି କୁହାଯିବ ଏବଂ ଦ୍ୱିତୀୟଟିରେ ଭାଷାର ବିଭିନ୍ନ ଉପାଦାନକୁ ଭିତ୍ତି କରି ପ୍ରସ୍ତୁତ ହେଉଥିବାରୁ ତାହାକୁ ସାହିତ୍ୟ ସୃଷ୍ଟିର ଭାଷିକ ଦିଗ ବୋଲି କୁହାଯିବ। ଗୋଟିଏ ପୂର୍ଣ୍ଣାଙ୍ଗ ସାହିତ୍ୟକୃତିରେ ଭାଷିକ ବିଶିଷ୍ଟତା ସହିତ ସାହିତ୍ୟସ୍ରଷ୍ଟାଙ୍କର ବ୍ୟକ୍ତିଗତ-ବୈଶିଷ୍ଟ୍ୟ ବିମିଶ୍ରିତ ହୋଇ ରହିଥାଏ। ସ୍ରଷ୍ଟାଙ୍କର ଶିକ୍ଷାଦୀକ୍ଷା, ସ୍ୱଭାବ, ଅନୁଭବ, ସଂବେଗ, ଆବେଗ, ସମ୍ବେଦନ ଆବେଦନ ପ୍ରଭୃତି ବିବିଧ ଅବବୋଧର ସମନ୍ୱୟରେ ତାଙ୍କର ସୃଷ୍ଟିଟି ପୂର୍ଣତା ଲାଭ କରିଥାଏ। ହୁଏତ କୃତିକାରଙ୍କର ବ୍ୟକ୍ତିତ୍ୱ ସେଠାରେ ପ୍ରତ୍ୟକ୍ଷ ଭାବରେ ଦୃଶ୍ୟମାନ ହୋଇ ନ ଥାଇପାରେ। କିନ୍ତୁ ଅପ୍ରତ୍ୟକ୍ଷଭାବରେ ସେ ନିଜ ସୃଷ୍ଟିଟିକୁ ନିଜ ଭାବବୋଧରେ ପରିପ୍ଲାବିତ କରିଥିବା ସ୍ୱାଭାବିକ। ସେଥିପାଇଁ କଥ୍ୟବିନ୍ଦୁ, ଅଭିବ୍ୟକ୍ତି ତଥା ଅଭିବ୍ୟଞ୍ଜନା ପ୍ରଭୃତି ସ୍ରଷ୍ଟାଙ୍କର ବ୍ୟକ୍ତିତ୍ୱ ଅନୁସାରେ ସଂଚାଳିତ ହୋଇଥାଏ। ସାହିତ୍ୟସ୍ରଷ୍ଟା ଭାଷିକ ସଂପ୍ରେଷଣ ମାଧ୍ୟମରେ ସାହିତ୍ୟିକ ଅଭିବ୍ୟଞ୍ଜନା ସୃଷ୍ଟି କରି ତହିଁରେ ଶୈଳୀମୂଳକ ଚମତ୍କାରିତା, ସୁନ୍ଦରତା ଏବଂ ପ୍ରଭାବଶାଳୀତାକୁ ପ୍ରକାଶିତ କରିବାକୁ ଚେଷ୍ଟା କରିଥାନ୍ତି। ସ୍ରଷ୍ଟା ନିଜ ସୃଷ୍ଟିରେ ଯେଉଁ ସାଭିପ୍ରାୟତାକୁ ଅଭିବ୍ୟକ୍ତ କରନ୍ତି, ସେଥିରେ ତାଙ୍କ ଭାବ ଏବଂ ଭାଷିକ- ଶୈଳୀମୂଳକ ଚମତ୍କାରିତାର ମଧୁର ସମନ୍ୱୟ ଘଟିଥାଏ। ଭାବ ଓ ଭାଷାର ସମନ୍ୱୟରେ ଯେଉଁ ବିଚିତ୍ରତା ସଂପାଦିତ ହୁଏ, ତଦ୍ୱାରା ଧ୍ୱନି, ଶବ୍ଦ, ବାକ୍ୟ, କଥନିକା ପ୍ରଭୃତି ସ୍ତରରେ ଚମକ ସୃଷ୍ଟି ହୁଏ। ଏହି ଚମକ ଯୋଗୁଁ ସାହିତ୍ୟ ସୃଷ୍ଟିରେ ଉଭୟ ସାହିତ୍ୟସ୍ତର ଏବଂ ଭାଷିକସ୍ତରରେ ବୈବିଧ ସୃଷ୍ଟି ହୋଇଥାଏ।

ଶୈଳୀ ସଂପର୍କରେ ଆଲୋଚିତ ପାରିଭାଷିକ ମନ୍ତବ୍ୟ ବ୍ୟତୀତ ଆହୁରି କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଶୈଳୀ ସଂପର୍କୀୟ ଆଲୋଚନାର ପରିସରଭୁକ୍ତ କରାଯାଇପାରେ ।

ଶୈଳୀ ସାହିତ୍ୟସ୍ରଷ୍ଟାଙ୍କ ପାଇଁ ଏକ ଅଭିବ୍ୟକ୍ତ-ପ୍ରଣାଳୀ ଅଟେ। ସ୍ରଷ୍ଟା ନିଜର ଅଭିବ୍ୟଞ୍ଜନାକୁ ଚୟନ କରି ଅଭିବ୍ୟକ୍ତ କଲେ, ସୃଷ୍ଟିରେ ଶୈଳୀ-ସ୍ୱାତନ୍ତ୍ର୍ୟ ଫୁଟିଉଠେ। 'ଚୟନ'ର ଅର୍ଥ ହେଉଛି 'ବାଛିବା' ଅର୍ଥାତ୍ 'ଅନେକ' ଭିତରୁ 'ଗୋଟିଏ'କୁ ବାଛିବା। (ଶୈଳୀ ବିଜ୍ଞାନ, ଭୋଳାନାଥ ତିୱାରୀ, ପୃ-୬୮)। ଲେଖକଙ୍କ ପାଇଁ ଏହି ପ୍ରକ୍ରିୟାଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। "ଅନେକ ଧ୍ୱନି, ଅନେକ ଶବ୍ଦ, ଅନେକ ରୂପ, ଅନେକ ବାକ୍ୟ, ଅନେକ କଥନିକା ମଧ୍ୟରୁ ଯେଉଁଟି ଭାବପ୍ରକାଶରେ ସଂପୂର୍ଣ୍ଣ ସମର୍ଥ ଓ ଉପଯୁକ୍ତ – ତାହାକୁ ଲେଖକ ବାଛିଥାଏ ଓ ନିଜ ଅଭିବ୍ୟକ୍ତି ପାଇଁ ପ୍ରୟୋଗ କରିପାରିଥାଏ। ନିଜର ବକ୍ତବ୍ୟକୁ ସର୍ବୋତ୍ତମ ଭାବରେ ଉପସ୍ଥାପନ କରିବା ପାଇଁ ଲେଖକ ସର୍ବଦା ଚେଷ୍ଟିତ। କୌଣସି କୃତିର ରଚନା ସମୟରେ ସେ ଉପଯୁକ୍ତ ଶବ୍ଦ ତଥା ଶବ୍ଦର ଅର୍ଥ-ବାହୀ ବିଶିଷ୍ଟତା ଆଦି ପ୍ରତି ଲକ୍ଷ୍ୟରଖିଥାନ୍ତି। ଆବଶ୍ୟକସ୍ଥଳେ ନାନା ଶବ୍ଦ ବଦଳାଇ ନିଜର ବକ୍ତବ୍ୟକୁ ଅଧିକ ଭାବପ୍ରକାଶକ୍ଷମ କରିବାକୁ ଚେଷ୍ଟା କରିଥାନ୍ତି। ଏହା ହେଉଛି ଚୟନତତ୍ତ୍ୱ (Theory of Choice)"। (ଶବ୍ଦରେ ମୃଗୟା, କଇଳାଶ ପଟ୍ଟନାୟକ, କଟକ ଟ୍ରେଡ଼ିଂ କମ୍ପାନୀ, ପ୍ରଥମ ସଂସ୍କରଣ, ପୃ – ୧୦୭) ।

ଆମେରିକୀୟ ଲେଖକ Luee Millik ଚୟନତତ୍ତ୍ୱକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ଯଥା – (କ) ବିଚାରିତ ଚୟନ, (ଖ) ଅବିଚାରିତ ଚୟନ। 'ବିଚାରିତ ଚୟନ'କୁ 'ଆଳଙ୍କାରିକ ନିର୍ବାଚନ' ବୋଲି କହିଥିବା ସ୍ଥଳେ 'ଅବିଚାରିତ ଚୟନ'କୁ 'ଶୈଳୀ ବୈଜ୍ଞାନିକ ବିକଳ୍ପ' ବୋଲି କହିଛନ୍ତି। (ଶୈଳୀ ବିଜ୍ଞାନ, ଡ. ନଗେନ୍ଦ୍ର, ପୃ-୫୯) ।

ଶୈଳୀ ବିଶ୍ଳେଷଣ ସାଧାରଣତଃ "(୧) ଚୟନ (Choice), (୨) ମାନକରୁ ବିଚଳନ (Deviation from the norm) ଏବଂ (୩) ବହୁଧର୍ମିତା ଉପରେ ପର୍ଯ୍ୟବସିତ ହୋଇଥାଏ ବୋଲି ଡ. ସୁରେଶ କୁମାର ମତବ୍ୟକ୍ତ କରନ୍ତି ।" (ପ୍ରେମଚନ୍ଦ କୀ ଭାଷା, ଏକ ଶୈଳୀ ବୈଜ୍ଞାନିକ ଅଧ୍ୟୟନ, ଡ. ସୁରେଶ କୁମାର ।) ଚୟନତତ୍ତ୍ୱକୁ ଦୃଷ୍ଟିରେ ରଖି ଶୈଳୀ ବିଶ୍ଳେଷଣ କରାଗଲେ, ତାହା ଅଧିକ ସ୍ୱାଭାବିକ ହୋଇଥାଏ। ଏହା ବ୍ୟତୀତ ପ୍ରକାର୍ଯ୍ୟ (Function) ରୂପରେ ଶୈଳୀର ବିଶ୍ଳେଷଣ କରାଯାଇ ବିଚାରାତ୍ମକ (Ideation-al), ଆନ୍ତର୍ବୈକ୍ତିକ (Inter-personal) ଏବଂ ପାଠାତ୍ମକ (Textual) ଭଳି ପ୍ରକାର୍ଯ୍ୟଗୁଡ଼ିକୁ ଶୈଳୀରେ ଅଙ୍ଗୀଭୂତ କରାଯାଇଥାଏ। ପୁନଶ୍ଚ କୌଣସି ଭାଷିକ ସଂପ୍ରେଷଣ-ବ୍ୟାପାର ମୂଳରେ ବକ୍ତା, ଶ୍ରୋତା, ସନ୍ଦର୍ଭ, ସନ୍ଦେଶ ସଂପର୍କ ପ୍ରଭୃତି ପ୍ରକାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ କରାଯାଇଥାଏ। ଶୈଳୀକୁ ଚୟନ ବୋଲି ସ୍ୱୀକାର କରାଯାଇ ତଥ୍ୟାତ୍ମିକ ଚୟନ, ବ୍ୟାକରଣିକ ଚୟନ, ପର୍ଯ୍ୟାୟ ଚୟନ, ରୂପାନ୍ତରଣ ଚୟନ ପ୍ରଭୃତିର ପ୍ରାସଙ୍ଗିକତାକୁ ଶୈଳୀବିଶ୍ଳେଷଣ କ୍ଷେତ୍ରରେ ଉପସ୍ଥାପିତ କରାଯାଇଥାଏ। ଶୈଳୀକୁ ବିଚ୍ୟୁତି (Devia-tion) ବୋଲି ତର୍କଣା କରାଯାଇ ତାହା ମାନକସ୍ତରରୁ କିପରି ବୈୟକ୍ତିକ ସ୍ତରକୁ ବିଚ୍ୟୁତ ହୋଇଥାଏ, ସେ ସଂପର୍କରେ ଶୈଳୀ ଆଲୋଚନା ସମୟରେ ଧ୍ୟାନ ଦେବାକୁ ପଡ଼େ। ଶୈଳୀ କଥନିକା ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ ବୋଲି କୁହାଯାଇ ଶୈଳୀକୁ ଭାଷାର ସନ୍ଦର୍ଭବଦ୍ଧ ବିବିଧତା ଏବଂ ମାନକତା ତଥା ପାଠମଧ୍ୟସ୍ଥ ବିଭିନ୍ନତାଗୁଡ଼ିକର ସମୁଚ୍ଚୟ ବୋଲି ମଧ୍ୟ କୁହାଯାଏ ।

ଶୈଳୀ ବାଚିକ ସ୍ତରଠାରୁ ଆରମ୍ଭ କରି ଲିଖିତ ସ୍ତର ପର୍ଯ୍ୟନ୍ତ ଏବଂ ସାହିତ୍ୟ ସ୍ତରଠାରୁ ଆରମ୍ଭ କରି ସହିତ୍ୟୋତର ସ୍ତର ପର୍ଯ୍ୟନ୍ତ ବ୍ୟାପ୍ତ। Furdinan de Saussure

ଶୈଳୀ କ୍ଷେତ୍ରରେ 'ଲାଙ୍ଗ'(Langue) ଓ 'ପ୍ୟାରୋଲ୍' (Parole) ଭୂମିକାକୁ ଗୁରୁତ୍ୱ ଦେଇଛନ୍ତି। " ସେ ଲାଙ୍ଗକୁ ମନୁଷ୍ୟ ଦ୍ୱାରା ଉଚ୍ଚାରିତ ବିଭିନ୍ନ ଧ୍ୱନିମାନଙ୍କର ପରିକଳ୍ପନା ବୋଲି କହିଛନ୍ତି ଏବଂ ସାମାଜିକ ସ୍ୱୀକୃତି ପାଇଥିବା ଏହି ଧ୍ୱନିଶୃଙ୍ଖଳା, ଯାହା ବ୍ୟକ୍ତିବିଶେଷର କଥନ ଭାବରେ ପ୍ରକାଶ ଲାଭ କରେ ତାହାକୁ 'ପ୍ୟାରୋଲ' ବୋଲି କହିଛନ୍ତି।" (ଓଡ଼ିଆ ରୂପାନ୍ତର, ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର, ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ସମାଲୋଚନା, ପୃ-୩)। ଅର୍ଥାତ୍ କୌଣସି ଲେଖକଙ୍କର ମସ୍ତିଷ୍କରେ ସଞ୍ଚିତ ହୋଇଥିବା ତାଙ୍କ ମାତୃଭାଷା 'ବୋଲି'ର ସାଧାରଣ ନିୟମଗୁଡ଼ିକର ବ୍ୟବସ୍ଥା ହେଉଛି 'ଲାଙ୍ଗ' ଏବଂ 'ଲାଙ୍ଗ'ର ବ୍ୟାବହାରିକ (applied) ଦିଗଟି 'ପ୍ୟାରୋଲ'। 'ପ୍ୟାରୋଲ' ହେଉଛି ଶୈଳୀର ଏକ ସ୍ୱାଭାବିକ କ୍ଷେତ୍ର। ଅପରପକ୍ଷରେ ସାହିତ୍ୟସ୍ରଷ୍ଟାଙ୍କର ଯୁଗ ଓ ସୃଷ୍ଟିରୂପ ପର୍ଯ୍ୟନ୍ତ ଶୈଳୀର କ୍ଷେତ୍ର ବିସ୍ତୃତ ବୋଲି କେତେକ ସମାଲୋଚକ କହିଥାନ୍ତି।

ଶୈଳୀର ପ୍ରକାରଭେଦ କ୍ଷେତ୍ରରେ ମଧ୍ୟ ନାନା ମତ ରହିଛି।

୧. ସାହିତ୍ୟସ୍ରଷ୍ଟାଙ୍କର ବ୍ୟକ୍ତିଗତ ବୈଶିଷ୍ଟ୍ୟକୁ ଭିତ୍ତି କରି ବୈୟକ୍ତିକଶୈଳୀର ନାମକରଣ ହୋଇଛି। ଓଡ଼ିଆ ସାହିତ୍ୟରେ ଫକୀରମୋହନ, ଗୋପାଳ ଚନ୍ଦ୍ର ପ୍ରହରାଜ, ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ମନୋଜ ଦାସ ଆଦିଙ୍କ ସାହିତ୍ୟ ସୃଷ୍ଟିରେ ଏହି ପ୍ରକାର ଶୈଳୀ ଲକ୍ଷିତ।

୨. ଯେଉଁ ଶୈଳୀରେ କଳାତ୍ମକତାର ଛାପ ଅଙ୍କିତ ହୋଇଥାଏ, ତାହାକୁ କଳାତ୍ମକ ଶୈଳୀ କୁହାଯାଏ। କଳାତ୍ମକତାର ବହୁଳ ପ୍ରୟୋଗ ହେତୁ ଏହି ସ୍ତରୀୟ ଶୈଳୀରେ ଅନ୍ୟ ମାନକଗୁଡ଼ିକୁ ଉପେକ୍ଷା କରାଯାଇ କଳାତ୍ମକତାର ମାନକକୁ ଗୁରୁତ୍ୱ ଦିଆଯାଇଥାଏ ।

୩. ରାଷ୍ଟ୍ରର ସାଂସ୍କୃତିକ, ସାମାଜିକ ପ୍ରଥା ପ୍ରଭୃତିକୁ ନେଇ ରାଷ୍ଟ୍ରୀୟ ଅଭିଲକ୍ଷଣାତ୍ମକ ଶୈଳୀ ପ୍ରସ୍ତୁତ ହୋଇଥାଏ ।

ଏସବୁ ବ୍ୟତୀତ ଆହୁରି ଅନେକ ପ୍ରକାର ଶୈଳୀର ଦୃଷ୍ଟାନ୍ତ ରହିଛି। ବିଭିନ୍ନ ସାହିତ୍ୟ କୃତିର ସାମଗ୍ରିକ ପ୍ରସ୍ତୁତିକୁ ଲକ୍ଷ୍ୟ କରି ପ୍ରଚାରାତ୍ମକ ଶୈଳୀ, ବୈଜ୍ଞାନିକ ଗଦ୍ୟ ଶୈଳୀ, ଲଳିତନିବନ୍ଧମୂଳକ ଶୈଳୀ, କାର୍ଯ୍ୟାଳୟ ପତ୍ରାତ୍ମକ ଶୈଳୀ,ସର୍ବଜନୀନ ଶୈଳୀ, ସମାଚାର ପତ୍ରାତ୍ମକ ଶୈଳୀ, ବାର୍ତ୍ତାଳାପମୂଳକ ଶୈଳୀ, ବକ୍ତୃତାମୂଳକ ଶୈଳୀ, ଔପଚାରିକ ଶୈଳୀ, ବ୍ୟାଖ୍ୟାତ୍ମକ ଶୈଳୀ, ଭାବାତ୍ମକ ଶୈଳୀ, ବକ୍ତାକୈନ୍ଦ୍ରିକ ଶୈଳୀ, ଶ୍ରୋତାକୈନ୍ଦ୍ରିକ ଶୈଳୀ ଏବଂ ସଙ୍କେତମୂଳକ ଶୈଳୀ ପ୍ରଭୃତି ଶୈଳୀ ସାହିତ୍ୟରେ ଦୃଷ୍ଟିଗୋଚର ହୋଇଥାଏ ।

ଭାଷା ବ୍ୟବହାରରେ ଥିବା ବୈବିଧ୍ୟର ତଥା ବୈଶିଷ୍ଟ୍ୟର ବିଶ୍ଳେଷଣ ପଦ୍ଧତି ହିଁ ଶୈଳୀବିଜ୍ଞାନ। ଭାଷା, ଧ୍ୱନି, ଶବ୍ଦାଦି ସହ ଯୁକ୍ତ ହୋଇ କଳାକର୍ମର ସୌନ୍ଦର୍ଯ୍ୟ ବର୍ଦ୍ଧନରେ ସହାୟକ ହୋଇଥାଏ। ଶୈଳୀବିଜ୍ଞାନ ଦ୍ୱାରା ସାହିତ୍ୟ ଭାଷାର ସୌନ୍ଦର୍ଯ୍ୟମୂଳକ ବ୍ୟାଖ୍ୟା କରିବା ସମ୍ଭବ ହୋଇଥାଏ। 'ସାହିତ୍ୟ ମୂଳତଃ ଏକ ଭାଷିକ କଳା। ଏଣୁ ସାହିତ୍ୟ ସମୀକ୍ଷାର ମୁଖ୍ୟ ବାସ୍ତବରୂପ ଭାଷିକ ସମୀକ୍ଷାରେ ହିଁ ଉପଲବ୍ଧ ହୋଇଥାଏ।' (ଶୈଳୀବିଜ୍ଞାନ ଡ. ନଗେନ୍ଦ୍ର, ପ୍ରକାଶକ ନେସ୍‌ନାଲ ପବ୍ଲିଶିଂ ହାଉସ୍, ଦରିୟାଗଞ୍ଜ,ନୂଆଦିଲ୍ଲୀ – ୧୯୯୩) ।

Roman Jakobson ଶୈଳୀବିଜ୍ଞାନକୁ ଭାଷାବିଜ୍ଞାନର ଅନ୍ତର୍ଗତ ବୋଲି କହିଛନ୍ତି। ତାଙ୍କ ମତରେ ଭାଷିକ ଭିତ୍ତିକୁ ସୁଦୃଢ଼, ସୁମାର୍ଜିତ ଓ ଚିତ୍ତାକର୍ଷକ କରି ଗଢ଼ି ତୋଳିବା ହିଁ ଶୈଳୀବିଜ୍ଞାନର ମୁଖ୍ୟ କର୍ମ। ଏହା ଦ୍ୱାରା ରଚନାରେ ଭାଷାବିଜ୍ଞାନମୂଳକ ସୌନ୍ଦର୍ଯ୍ୟ ପ୍ରକଟିତ ହୋଇଥାଏ।

ଶୈଳୀବିଜ୍ଞାନରେ ଭାଷିକପକ୍ଷକୁ ବାଦ୍ ଦେଲେ ଆଉ ଏକ ପକ୍ଷ ସମ୍ମୁଖକୁ ଆସେ। ତାହା ହେଉଛି ସାହିତ୍ୟ ପକ୍ଷ। ଏହା ମଧ୍ୟ ଶୈଳୀବିଜ୍ଞାନର ବୈଚିତ୍ର୍ୟ ସଂପାଦନ କରିଥାଏ। ଶୈଳୀବିଜ୍ଞାନ ବିଶ୍ଳେଷଣ ସଂପର୍କରେ ଲୀଚ୍, ବାନ୍ ପିଅର, କେ.ଟି. ବେଲ୍‌ସ ପ୍ରମୁଖ ଏକ ସୁନ୍ଦର କଥା କହିଛନ୍ତି; ତାହା ହେଉଛି – କୌଣସି ପାଠ (ସାହିତ୍ୟକର୍ମ)ରେ ଦୁଇଟି ସ୍ତର ରହିଥାଏ, ଯଥା – ଆଭ୍ୟନ୍ତରୀଣ ସ୍ତର ଏବଂ ବାହ୍ୟ ସ୍ତର। ଆଭ୍ୟନ୍ତରୀଣ ସ୍ତରଟି ଭାଷିକ ବୈଶିଷ୍ଟ୍ୟ ସହିତ ସଂପୃକ୍ତ ହୋଇ ରହିଥିବା ସ୍ଥଳେ ବାହ୍ୟ ସ୍ତରଟି ସାହିତ୍ୟିକ ବୈଶିଷ୍ଟ୍ୟ ସହିତ ସଂପୃକ୍ତ ହୋଇ ରହିଥାଏ। ଶୈଳୀବୈଜ୍ଞାନିକ ବିଶ୍ଳେଷଣ ସମୟରେ ଏ ଦୁଇ ସ୍ତରର ବୈଶିଷ୍ଟ୍ୟକୁ ସମ୍ମୁଖୀକୃତ କରାଇବା ପାଇଁ ଶୈଳୀ ବିଶ୍ଳେଷକମାନେ ଉଦ୍ୟମ କରିଥାନ୍ତି ।

ଶୈଳୀବିଜ୍ଞାନର ମୁଖ୍ୟତଃ ଦୁଇଟି ଶାଖା ଥାଏ। ଯଥା – ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ (Linguistic-Sylistics) ଏବଂ ସାହିତ୍ୟିକ ଶୈଳୀବିଜ୍ଞାନ (Literary-Stylistics)। ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ ପୁଣି ଦୁଇ ଭାଗରେ ବିଭକ୍ତ। ଯଥା – ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ ଏବଂ ବ୍ୟତିକ୍ରମମୂଳକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ। କୌଣସି ଲେଖକଙ୍କର ରଚନାରେ ପରମ୍ପରାକ୍ରମେ ପ୍ରଚଳିତ ହୋଇଆସୁଥିବା ଧ୍ୱନି, ଶବ୍ଦ, ରୂପ, ବାକ୍ୟ, କଥନିକା ପ୍ରଭୃତିର ପ୍ରୟୋଗ କ୍ଷେତ୍ରରେ କୌଣସି ପରିବର୍ତ୍ତନ, ଉଲଂଘନ ସଂଘଟିତ ନ ହେଲେ ତାହାକୁ ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ କୁହାଯାଏ। ଅପରପକ୍ଷରେ ପରମ୍ପରା କ୍ରମେ ପ୍ରଚଳିତ ହୋଇ ଆସୁଥିବା ଧ୍ୱନି, ଶବ୍ଦ, ବାକ୍ୟ ପ୍ରଭୃତିର ବ୍ୟବସ୍ଥିତ (Settled) ପ୍ରୟୋଗ ପଦ୍ଧତିରେ ଉଲ୍ଲଂଘନ ସୃଷ୍ଟି କଲେ ଲେଖକଙ୍କର ସାହିତ୍ୟ କୃତିରେ ବ୍ୟତିକ୍ରମମୂଳକ ଭାଷିକ ଶୈଳୀବିଜ୍ଞାନର ବୈଶିଷ୍ଟ୍ୟ ସୃଷ୍ଟି ହେଲା ବୋଲି କୁହାଯାଏ। ସାହିତ୍ୟିକ ଶୈଳୀବିଜ୍ଞାନ ମଧ୍ୟ ପାରମ୍ପରିକ ଏବଂ ବ୍ୟତିକ୍ରମମୂଳକ ରୀତିରେ ଦ୍ୱିବିଧ। ପାରମ୍ପରିକ ସାହିତ୍ୟିକ ଶୈଳୀବିଜ୍ଞାନ ପରମ୍ପରାକ୍ରମେ ପ୍ରଚଳିତ ହୋଇ ଆସୁଥିବା ସାହିତ୍ୟତାତ୍ତ୍ୱିକ ସିଦ୍ଧାନ୍ତର ମାନକକୁ ଉଲଂଘନ ନକରି ତାହାକୁ ଅବିକୃତ ଭାବରେ ସାହିତ୍ୟ ସୃଷ୍ଟିରେ ଧରିରଖିଥାଏ। କିନ୍ତୁ ବ୍ୟତିକ୍ରମମୂଳକ ସାହିତ୍ୟିକ ଶୈଳୀବିଜ୍ଞାନରେ ସାହିତ୍ୟତାତ୍ତ୍ୱିକ ସିଦ୍ଧାନ୍ତର ମାନକକୁ ଭାଙ୍ଗିଦେଇ, ତାହାରି ସ୍ଥାନରେ ଆଉ ଏକ ବ୍ୟତିକ୍ରମମୂଳକ ସାହିତ୍ୟିକ ଉପାଦାନକୁ ସଂଯୁକ୍ତ କରାଯାଇଥାଏ।

ପାରମ୍ପରିକ ଶୈଳୀବିଜ୍ଞାନ ବିଶ୍ଳେଷଣ ବିଭାଗରେ ଯେଉଁସବୁ ସ୍ତର କ୍ରମାନ୍ୱୟରେ ନିରୂପିତ ହୋଇଥାଏ, ସେହିଗୁଡ଼ିକ ଏହିପରି – ଧ୍ୱନିସ୍ତର, ଶବ୍ଦସ୍ତର, ରୂପସ୍ତର, ବାକ୍ୟସ୍ତର, କଥନିକାସ୍ତର ପ୍ରଭୃତି। ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନର ପରିସରକୁ ନିମ୍ନୋକ୍ତମତେ ବିଶ୍ଳେଷଣ କରାଯାଇପାରେ ।

ଧ୍ୱନ୍ୟାନୁକାରୀ ଶବ୍ଦ, ବୈୟକ୍ତିକ–ବୈଶିଷ୍ଟ୍ୟ, ଲୟ, ଅନୁପ୍ରାସାତ୍ମକ ଧ୍ୱନିମୂଳକ ବୈଶିଷ୍ଟ୍ୟ, ଲାଳିକାମୂଳକ ଉପସ୍ଥାପନା, ଶ୍ଳେଷୋକ୍ତି (PUN) ଇତ୍ୟାଦି ଧ୍ୱନିସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ; ତତ୍ସମ, ଅର୍ଦ୍ଧତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ଶବ୍ଦ ଇତ୍ୟାଦି ତଥା ନବନିର୍ମିତ ଶବ୍ଦ, ବିଶେଷ ଉଦ୍ଦେଶ୍ୟମୂଳକ ଶବ୍ଦ, ଭାବାତ୍ମକ ରୂପବିକାରଯୁକ୍ତ ଶବ୍ଦ, ପ୍ରତ୍ୟୟଯୁକ୍ତ ଶବ୍ଦ, ଆଞ୍ଚଳିକ ଶବ୍ଦ ଇତ୍ୟାଦି ଶବ୍ଦସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ; ଏକକ ପଦଯୁକ୍ତ ବାକ୍ୟ, କ୍ଷୁଦ୍ରବାକ୍ୟ, ରୂଢ଼ିଯୁକ୍ତ ବାକ୍ୟ, ସୂକ୍ତିମୂଳକ ବାକ୍ୟ, କାବ୍ୟିକ ବାକ୍ୟ, ବିଶେଷଣପଦଯୁକ୍ତ ବାକ୍ୟ, ଉପମାଯୁକ୍ତ ବାକ୍ୟ, ରୂପକଯୁକ୍ତ ବାକ୍ୟ, ଚିତ୍ରକଳ୍ପଯୁକ୍ତ ବାକ୍ୟ, ସମ୍ବୋଧନସୂଚକ ବାକ୍ୟ, ବିସ୍ମୟସୂଚକ ବାକ୍ୟ, ସଂଳାପଯୁକ୍ତ ବାକ୍ୟ, ସ୍ୱଗତୋକ୍ତିଯୁକ୍ତ ବାକ୍ୟ ଇତ୍ୟାଦି ବାକ୍ୟସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ; ଧ୍ୱନ୍ୟାନୁକାରୀ ଶବ୍ଦଯୁକ୍ତ କଥନିକା, ତତ୍ସମ ଶବ୍ଦଯୁକ୍ତ କଥନିକା, ବୈଦେଶକ ଶବ୍ଦଯୁକ୍ତ କଥନିକା ପ୍ରଭୃତିର କଥନିକା ସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ ଅବଲମ୍ବ ହୋଇଥାଏ। ଅଧ୍ୟୟନ କର୍ମକୁ ଅବ୍ୟାହତ ରଖି ତାହା ଦ୍ୱାରା କିପରି ଭାଷାବିଜ୍ଞାନମୂଳକ ଶୈଳୀୟ ଉତ୍କର୍ଷ ସାଧିତ ହୋଇଥାଏ, ତାହାକୁ ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବୈଜ୍ଞାନିକ ବିଶ୍ଳେଷଣ ଦ୍ୱାରା ମୂଲ୍ୟାୟିତ କରାଯାଇଥାଏ।

ପାରମ୍ପରିକ ସାହିତ୍ୟିକ ଶୈଳୀବିଜ୍ଞାନରେ ସାହିତ୍ୟସୃଷ୍ଟିରେ ଥିବା ପାରମ୍ପରିକ ଶୈଳୀୟ ଉପାଦାନଗୁଡ଼ିକୁ ଅନ୍ୱେଷଣ କରି ବିଶ୍ଳେଷଣ କରାଯାଏ। ସ୍ରଷ୍ଟା ଯେତେବେଳେ ସାହିତ୍ୟକର୍ମରେ ଅନୁପ୍ରବିଷ୍ଟ ହୁଅନ୍ତି, ସେତେବେଳେ ସେ ଜ୍ଞାତସାରରେ ବା ଅଜ୍ଞାତସାରରେ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା କେତେକ ସାହିତ୍ୟିକ ଉପାଦାନ ତଥା ଶୈଳୀ ପ୍ରଭୃତିକୁ କଳାକର୍ମରେ ସଂଯୋଜିତ କରି ଚାରୁତା ନିଷ୍ପନ୍ନ କରାଇଥାନ୍ତି। ଏହା ଦ୍ୱାରା କଥ୍ୟବସ୍ତୁଟି ଅତ୍ୟନ୍ତ ପ୍ରସଙ୍ଗୋପଯୋଗୀ ହୋଇଉଠିଥାଏ। ଏହି ବିଭାଗଟିକୁ ବଳିଷ୍ଠ କରି ଗଢ଼ି ତୋଳିବା ପାଇଁ ସାହିତ୍ୟସ୍ରଷ୍ଟାମାନେ ଯେଉଁ ଉପାଦାନଗୁଡ଼ିକୁ ନିଜ ନିଜ ସୃଷ୍ଟିରେ ଗ୍ରଥିତ କରିଥାନ୍ତି, ସେଗୁଡ଼ିକ ମଧ୍ୟରୁ ଲୋକବିଦ୍ୟାମୂଳକ ଉପାଦାନ (ଲୋକୋକ୍ତି, ଢଗଢମାଳି, ପ୍ରବଚନ, ଲୋକକାହାଣୀ) ଇତିହାସ, ଧର୍ମଗ୍ରନ୍ଥ, ଅର୍ଥଶାସ୍ତ୍ର, ରାଜନୀତିବିଜ୍ଞାନ, ପରିଚ୍ଛେଦର ନାମକରଣ, ଚରିତ୍ରମାନଙ୍କର ନାମକରଣ, ବିଷୟବସ୍ତୁ ନିର୍ବାଚନ, ସ୍ଥାନ-କାଳ-ପାତ୍ର ନିରୂପଣ ପ୍ରଭୃତିକୁ ପାରମ୍ପରିକ-ସାହିତ୍ୟିକ ଶୈଳୀବିଜ୍ଞାନମୂଳକ ବିଶ୍ଳେଷଣର ପରିସରଭୁକ୍ତ କରାଯାଇପାରେ।

ବ୍ୟତିକ୍ରମମୂଳକ ଶୈଳୀବୈଜ୍ଞାନିକ ବିଶ୍ଳେଷଣ ହେଉଛି, ଶୈଳୀବିଜ୍ଞାନର ଏକ ବିଶେଷ ଧାରା। ଏହି ବିଶ୍ଳେଷଣ ଦ୍ୱାରା ସ୍ରଷ୍ଟାଙ୍କ ସୃଷ୍ଟିରେ ନିହିତ ଥିବା ବ୍ୟତିକ୍ରମମୂଳକ ମୌଳିକ-ବୈଶିଷ୍ଟ୍ୟଗୁଡ଼ିକ ଉଦ୍‌ଘାଟିତ ହୋଇଥାଏ। କିନ୍ତୁ ଏହା ପୂର୍ବସୂଚିତ ପାରମ୍ପରିକ ଶୈଳୀବିଜ୍ଞାନ (ଭାଷିକ ଓ ସାହିତ୍ୟିକ)ଠାରୁ ସଂପୂର୍ଣ୍ଣ ଭିନ୍ନ। ସ୍ରଷ୍ଟାଙ୍କ କଳାକୌଶଳରେ ପ୍ରକୃତ ମହାଜନୀ ଏଇ ବିଭାଗରେ ଖୋଜାହୁଏ। ସ୍ରଷ୍ଟା କାହିଁକି ଏବଂ କ'ଣ ପାଇଁ ପାରମ୍ପରିକତାକୁ ଉଲଂଘନ କଲେ, ଉଲଂଘନ ହେତୁରୁ ଯେଉଁ ବ୍ୟତିକ୍ରମ ଉପସ୍ଥିତ ହେଲା, ତାହା ସ୍ଥାନ-କାଳ-ପାତ୍ରର ପ୍ରାସଙ୍ଗିକତା ସହିତ ଯଥୋପଯୁକ୍ତ ଭାବରେ ତାଳମେଳ ଓ ସଂଗତି ରକ୍ଷା କଲା କି ନାହିଁ ତଥା ସ୍ରଷ୍ଟା ଏହାକୁ ନେଇଆଣି ଠିକ୍‌ଭାବରେ ଥୋଇପାରିଲେ କି ନାହିଁ – ଏ ସମସ୍ତ କଥାକୁ ଖୁଣ୍ଟି ନାଣ୍ଟି ପର୍ଯ୍ୟବେକ୍ଷଣ କରି ସାରିବା ପରେ ବିଶ୍ଳେଷଣ କାର୍ଯ୍ୟରେ ହାତ ଦିଆଯାଏ। ଏପରିକି ଏକ ବିଭାଗରେ ସମ୍ମୁଖକୁ ଆସିଥିବା ସ୍ରଷ୍ଟାଙ୍କର ସୃଷ୍ଟିଜନିତ ଦୋଷାଦୋଷ ପଛରେ ବି ଯେଉଁ ସତ୍ୟତା ଲୁଚିରହିଛି ଏବଂ ତାହା ଶୈଳୀଗତ ସୌଷ୍ଠବ ପ୍ରତିପାଦନ କରିବାରେ କିପରି ସହଯୋଗ କରିଛି ସେ କଥାକୁ ମଧ୍ୟ ସମ୍ୟକ୍ ଦୃଷ୍ଟିରେ ବିଶ୍ଳେଷଣ ପରିସରଭୁକ୍ତ କରାଯାଇଥାଏ ।

ବ୍ୟତିକ୍ରମମୂଳକ ଶୈଳୀବିଜ୍ଞାନ ବିଭାଗରେ ପ୍ରଚଳିତ ହୋଇଆସୁଥିବା ପାରମ୍ପରିକ ପଦ୍ଧତିର ଧାରା କିପରି ଉଲଂଘନ ହୋଇ ଅନନ୍ୟ ଆକର୍ଷଣ ସୃଷ୍ଟି କରିଛି, ସେ ସଂପର୍କରେ ଖୋଜତଲାସ କରାଯାଏ। ଏହି ଉଲଂଘନ ଯୋଗୁଁ ସାହିତ୍ୟ କର୍ମରେ ଏକ ବିଶେଷ ଶୈଳୀକୀୟ ବୈବିଧ ପ୍ରତିଷ୍ଠା ହୋଇଥାଏ। ତାହାକୁ ଓଡ଼ିଆ ଶୈଳୀବିଜ୍ଞାନୀମାନେ 'ଅଗ୍ରାଧିକରଣ' ବା 'ସମ୍ମୁଖୀକରଣ' (କାବ୍ୟିକ ଭାଷା, ଖଗେଶ୍ୱର ମହାପାତ୍ର ଓ ବିଶ୍ୱମ୍ଭର ପଟେଲ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ପ୍ରଥମ ସଂସ୍କରଣ – ୧୯୮୫), 'ପୁରୋବର୍ତ୍ତୀ କରଣ' (ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ଆଲୋଚନା, ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୫, ପୃ-୩୧), ହିନ୍ଦୀ ଶୈଳୀବିଜ୍ଞାନୀମାନେ 'ପେଶବନ୍ଦୀ' (ମିଶ୍ର, ୧୯୭୩), 'ଅଗ୍ରଗାମିତା' (ଶ୍ରୀବାସ୍ତବ - ୧୯୭୯), 'ଅଗ୍ରପ୍ରସ୍ତୁତି' (ଶର୍ମା – ୧୯୭୪) ଏବଂ ଶୀତାଂଶୁ ୧୯୮୪ (ଶୈଲୀ ଔର ଶୈଲୀ ବିଶ୍ଲେଷଣ, ଶଶିଭୂଷଣ ଶୀତାଂଶୁ, ବାଣୀ ପ୍ରକାଶନ, ୧୯୯୬, ପୃ-୧୩୨) ଏବଂ ଇଂରାଜୀ ଶୈଳୀ ବିଜ୍ଞାନୀମାନେ 'FOREGROUNDING ବୋଲି କହିଥାନ୍ତି | 'FOREGROUNDING' ଶବ୍ଦଟିର ମୂଳଶବ୍ଦ ହେଉଛି ଚେକ୍‌ଶବ୍ଦ "AKTUALISACE", ଯାହାକୁ ପରେ ଗାର୍ବିନ 'FOREGROUNDING' ବୋଲି କହିଛନ୍ତି ।

ସାହିତ୍ୟକୃତିର ଭାଷିକ ସଂରଚନା ଏବଂ ସାହିତ୍ୟିକ ସଂରଚନା ପାଇଁ ପ୍ରତ୍ୟେକ ଭୂଖଣ୍ଡରେ ଏକ ଶୃଙ୍ଖଳିତ ବ୍ୟବସ୍ଥା ରହିଥାଏ। ଭାଷିକ ସଂରଚନା ସ୍ତରରେ ଏହି ବିଧିବ୍ୟବସ୍ଥା 'ବ୍ୟାକରଣିକ ନିୟମ ନିର୍ଭରଶୀଳତା' ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଥାଏ। ଭାଷାରେ ଏହି ବ୍ୟବସ୍ଥାଟି ମାନକ ରୂପରେ ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ହୋଇଥାଏ। ସାହିତ୍ୟିକଶୈଳୀ ସଂରଚନା କ୍ଷେତ୍ରରେ ମଧ୍ୟ ଏକ ବିସ୍ତୃତ ଅଞ୍ଚଳରେ କେତେକ ସାହିତ୍ୟିକ ସାମାଜିକ ସାଂସ୍କୃତିକ ବିଧିବ୍ୟବସ୍ଥା ରହିଥାଏ।

ଏହି ବ୍ୟବସ୍ଥାର ନିୟନ୍ତ୍ରଣରେ ପରିଚାଳିତ ହୋଇ ଲେଖକ ସାହିତ୍ୟ ରଚନା କରନ୍ତି। କିନ୍ତୁ କେତେକ ସ୍ଥଳରେ ନିଜ ନିଜ ସାହିତ୍ୟସୃଷ୍ଟିରେ ବୈବିଧ ସୃଷ୍ଟି କରିବା ପାଇଁ ଭାଷିକମାନକ କିମ୍ବା ସାହିତ୍ୟ ସିଦ୍ଧାନ୍ତଜନିତ ମାନକକୁ ଉଲଂଘନ କରିଥାନ୍ତି। ଏହା ଦ୍ୱାରା ଭାଷାର ବ୍ୟବହାର ବିଧି, ଭାଷିକ ଉପାଦାନଗତ ବୈଶିଷ୍ଟ୍ୟ, ସାହି ତ୍ୟସିଦ୍ଧାନ୍ତ ସଂପର୍କିତ ବ୍ୟାବହାରିକ ନୀତି ନିୟମ ପ୍ରଭୃତି (VIOLATED) ଲଂଘିତ ହୁଏ। ବକ୍ତବ୍ୟର ଏହି ଲଂଘିତ ରୂପ ହିଁ 'ଅଗ୍ରାଧିକରଣ' ବା 'ସମ୍ମୁଖୀକରଣ' (FOREGROUNDING)। ଏହା ଦ୍ୱାରା ରଚନାରେ ଅପୂର୍ବ ଶୈଳୀଗତ ସୌନ୍ଦର୍ଯ୍ୟ ପ୍ରସ୍ଫୁଟନ ହୁଏ ।

୧୯୩୨ ମସିହାରେ B. Havranek ମାନକଭାଷାର କୌଶଳପୂର୍ଣ୍ଣ ବ୍ୟତିକ୍ରମମୂଳକ ପ୍ରୟୋଗଦ୍ୱାରା ପାଠକର ଧ୍ୟାନ କିପରି ଆକର୍ଷିତ ହୋଇଥାଏ, ସେ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବକ୍ତବ୍ୟରେ ବ୍ୟତିକ୍ରମ ଘଟିଲେ ଅସାଧାରଣତା (Uncommonness), ନୂତନତା (Novelty), ଅପ୍ରତ୍ୟାଶିତତା (Unexpectedness), ଅରୀତିକତା (Unusualness), ବିଚିତ୍ରତା (Uniqueness) ପ୍ରଭୃତି ଉତ୍ପନ୍ନ ହୋଇ ଅପୂର୍ବ ଶୈଳୀୟସୌନ୍ଦର୍ଯ୍ୟ ନିଷ୍ପାଦନ ହୁଏ ବୋଲି ମୁକାରୋବସ୍କି କହିଛନ୍ତି। ସାହିତ୍ୟରେ ଏ ଧରଣର 'ସମ୍ମୁଖୀକରଣ' ବା 'ଶୈଳୀୟବୈଚିତ୍ର୍ୟ'କୁ ସେ ସଂରଚିତ-ସୌନ୍ଦର୍ଯ୍ୟାତ୍ମକ ( Structural-aesthetic) ଉପାଦାନ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମୁଖୀକରଣରେ ଚାରିଗୋଟି ମୁଖ୍ୟ ଉପାଦାନ ରହିଛି। ସେଗୁଡ଼ିକ ହେଲା ବିଚ୍ୟୁତି (Deviation), ବିପଥନ (Deflection), ସମାନ୍ତରତା (Parallelism) ଏବଂ ବିରଳତା (Rarity)। ଏ ଚାରୋଟି ଶୈଳୀ ବିଶ୍ଳେଷଣମୂଳକ ଉପାଦାନ ସଂପର୍କରେ ନିମ୍ନରେ କିଛି ସୂଚନା ଦିଆଯାଉ ।

**୧. ବିଚ୍ୟୁତି** – ବିଚ୍ୟୁତିକୁ ଇଂରାଜୀରେ Deviation କୁହାଯାଏ। ରଚନାର କୌଣସି ଅଂଶରେ ଯେତେବେଳେ ବ୍ୟାକରଣମୂଳକ ମାନକରେ ଉଲଂଘନ ହୁଏ, ସେତେବେଳେ ସେଠାରେ ବିଚ୍ୟୁତି ନିଷ୍ପନ୍ନ ହୋଇଥାଏ। ପ୍ର. ଖଗେଶ୍ୱର ମହାପାତ୍ର ଏବଂ ବିଶ୍ୱମ୍ଭର ପଟେଲ ବିଚ୍ୟୁତି ସମ୍ପର୍କରେ ମତବ୍ୟକ୍ତ କରି କହିଛନ୍ତି – " ଭାଷାର ସାଧାରଣ ନିୟମର ବ୍ୟତିକ୍ରମ ମାଧ୍ୟମରେ ହିଁ ଶୈଳୀ ବିବର୍ତ୍ତିତ ହୁଏ। କୌଣସି ଏକ ପ୍ରସଙ୍ଗର ସାମ୍ପ୍ରଧାନିକ ଏକ ଆଦର୍ଶରୁ ଓହରିଯିବାଟା (ଅମଡ଼ାବାଟରେ ମାଡ଼ିଯିବା) ହିଁ ଶୈଳୀତତ୍ତ୍ୱର ମୂଳ କଥା। (କାବ୍ୟିକ ଭାଷା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ - ୧୯୮୫, ପୃ- ୧୧୦)।"

Geoffrey N. Leechଙ୍କ ମତରେ- "Deviation provides us with a working criterion (though not an exclusive criterion) for the selection of those linguistic features which are of literary significance."

Leech ସର୍ବପ୍ରଥମେ ବିଚ୍ୟୁତିକୁ ଦୁଇ ଭାଗରେ ବିଭକ୍ତ କରି ବ୍ୟାଖ୍ୟାକରିଛନ୍ତି। ଏ ସମ୍ପର୍କରେ ତାଙ୍କର ମନ୍ତବ୍ୟ ହେଲା – (a) When the language allows a choice, the poet goes outside the normally occurring range of choice and (b) When the language allows a choice, the same item in successive position. ସେ ବିସ୍ତାରିତ ଭାବରେ ଆଠ ପ୍ରକାର ବିଚ୍ୟୁତିରନାମୋଲ୍ଲେଖ କରିଛନ୍ତି –

(୧) ଶାବ୍ଦିକ (Lexical) ବିଚ୍ୟୁତି। (୨) ବ୍ୟାକରଣିକ (Grammatical) ବିଚ୍ୟୁତି। (୩) ସ୍ୱନବୈଜ୍ଞାନିକ (Phonological) ବିଚ୍ୟୁତି। (୪) ଲିପିମୂଳକ (Graphological) ବିଚ୍ୟୁତି। (୫) ଅର୍ଥୀୟ (Semantic) ବିଚ୍ୟୁତି। (2) ବିଭାଷିକ (Dialect-based) ବିଚ୍ୟୁତି ( ୭) ପ୍ରଯୁକ୍ତିମୂଳକ (Register-based) ବିଚ୍ୟୁତି (୮)ଐତିହାସିକକାଳମୂଳକ (Historical-period-based) ବିଚ୍ୟୁତି ।

ଏହି ବିଚ୍ୟୁତିକୁ ଆଧାର କରି ଧ୍ୱନି, ରୂପ, ଶବ୍ଦ, ବାକ୍ୟ ପ୍ରଭୃତି ସ୍ତରରେ କିପରି ଶୈଳୀୟ ସଚିତ୍ରତା ଫୁଟିଉଠିଥାଏ, ସେ କଥା ଶୈଳୀବିଶ୍ଳେଷକମାନେ ଉପସ୍ଥାପନ କରିଥାନ୍ତି ।

**୨. ବିପଥନ** – ବିପଥନ ଶବ୍ଦଟି ଇଂରାଜୀ Deflectionର ଓଡ଼ିଆ ରୂପାନ୍ତର। ଓଡ଼ିଆରେ ବିପଥ(ନ) ଶବ୍ଦଟି ଏକ ନିମ୍ନମାନର ଅର୍ଥକୁ ବୁଝାଇଥାଏ। କେହି ଖରାପ ରାସ୍ତାରେ ଗଲେ ବା ସ୍ଖଳିତ ହେଲେ ତାହାକୁ ବିପଥଗାମୀ ହେଲାବୋଲି କୁହାଯାଏ। କିନ୍ତୁ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ବିପଥନର ଅର୍ଥ ସଂପୂର୍ଣ୍ଣ ଭିନ୍ନ। ଏହାକୁ ଇଂରାଜୀ Deflectionର ସଂଜ୍ଞା ଅନୁସାରେ ବୁଝିବାକୁ ହେବ। ଏକ ଚିରାଚରିତ ଧାରାବାହିକତା କିମ୍ବା ଏକ ସାହିତ୍ୟସିଦ୍ଧାନ୍ତମୂଳକ ମାନକରୁ ଯେତେବେଳେ ସାହିତ୍ୟସ୍ରଷ୍ଟା ବିଚ୍ୟୁତ ହୋଇ ଭିନ୍ନ ଏକ ଅପ୍ରତ୍ୟାଶିତତା ଆଡ଼କୁ ନିଜ କଳାକୃତିର ଭାବପକ୍ଷ କିମ୍ବା କଳାପକ୍ଷକୁ ଘେନିଯାଆନ୍ତି, ସେତେବେଳେ ସେଠାରେ ବିପଥନ ସୃଷ୍ଟି ହୋଇଥାଏ। Deflectionର ଇଂରାଜୀ ସଂଜ୍ଞା ଅନୁସାରେ ନିମ୍ନୋକ୍ତ ବିନ୍ଦୁଗୁଡ଼ିକୁ ଏଠାରେ ଉପସ୍ଥାପନ କରାଯାଇପାରେ ।

ଯଥା -1- A sudden change in the direction that something is moving in, 2 the act of causing something to change direction, 3-a turning aside, 4-a deviation from a straight line.

ଗୋପାଳ ଚନ୍ଦ୍ର ପ୍ରହରାଜ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ 'ବିପଥ' ଶବ୍ଦର ବିଭିନ୍ନ ଅର୍ଥ ନିରୂପଣ କରିବା ସମୟରେ ଯେଉଁ ଅମଡ଼ା ବା Unused or unbeaten track (ପୂ.ଓ.ଭା., ପୃ-୫୬୭୫) କଥା କହିଛନ୍ତି, ତାହାର ପାଖାପାଖି ଅର୍ଥ ହେଉଛି ଏହି 'ବିପଥନ'। ଏଇ ଶବ୍ଦଟିକୁ ଯଦି ଭଙ୍ଗାଯାଏ ତେବେ ତାହା 'ବି-ପଥ୍+ଅନ' ହେବ। ଏହାର ଅର୍ଥ ଯେଉଁ ପଥ ବା ରାସ୍ତାକୁ ଅନ୍ୟ କେହି ବ୍ୟବହାର କରି ନାହାନ୍ତି ।

ଶୈଳୀ ବିଶ୍ଳେଷଣ କ୍ଷେତ୍ରରେ ବିପଥନର ଭୂମିକା ଅତ୍ୟନ୍ତ

ଗୁରୁତ୍ୱପୂର୍ଣ୍ଣ ମନେହୁଏ। ବିଚ୍ୟୁତି (Deviation) ହେଉଛି ଶୈଳୀ ବିଶ୍ଲେଷଣ ଆଭ୍ୟନ୍ତରୀଣ ବିଚଳନ। ଅର୍ଥାତ୍ ବ୍ୟାକରଣଗତ ନୀତିନିୟମ ବା ମାନକ ଯେତେବେଳେ ଉଲଂଘିତ ହୁଏ, ସେତେବେଳେ ଭାଷିକ ସ୍ତରରେ ବିଚ୍ୟୁତି ଦେଖାଦେଇଥାଏ। ଏହା ନୀତିନିୟମର କ୍ରିୟାକାଣ୍ଡ ସହିତ ଜଡ଼ିତ ହୋଇଥାଏ। ଅନ୍ୟତ୍ର ବିପଥନ ହେଉଛି ସାହିତ୍ୟକୃତିର ଢାଞ୍ଚା ବା ସିଦ୍ଧାନ୍ତ ବା literary pattern or theory ସହିତ ଜଡ଼ିତ ହୋଇଥାଏ ।

ବିପଥନର କ୍ଷେତ୍ର ଅତ୍ୟନ୍ତ ବ୍ୟାପକ। ଏହା ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା ପ୍ରଭୃତିରେ ପରିଲକ୍ଷିତ ହୋଇଥାଏ। ଶୈଳୀ ବିଶ୍ଲେଷଣ କ୍ଷେତ୍ର ବ୍ୟତୀତ ଏହା ବିଭିନ୍ନ ବାଦ ଏବଂ ତତ୍ତ୍ୱରେ ମଧ୍ୟ ପ୍ରଭାବ ବିସ୍ତାର କରିଥିବାର ଦେଖାଯାଏ। ପାଶ୍ଚାତ୍ୟ ସମାଲୋଚକ ଲୀଚ୍, ବାନ୍ ପିଅର ଏବଂ କେ.ଟି. ବେଲ୍ସ ଏବଂ ହିନ୍ଦୀ ଭାଷାସାହିତ୍ୟର ସମାଲୋଚକ ତଥା ସର୍ବଭାରତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିବା ପ୍ରଖ୍ୟାତ ଶୈଳୀବିଜ୍ଞାନୀ ପାଣ୍ଡେୟ ଶଶିଭୂଷଣ ଶୀତାଂଶୁ କହନ୍ତି – "ମେରି ଦୃଷ୍ଟି ମେ 'ବିଚଲନ' ବ୍ୟାକରଣିକ ମାନକ ସେ ହୋତା ହୈ। ବ୍ୟାକରଣିକ ମାନକ ନିୟମ-ନିର୍ଭର (Rules-based) ହୋତେ ହୈ। ପର 'ବିପଥନ' ମେଁ ବ୍ୟାକରଣ କେ ନିୟମୌ କେ ମାନକ ସେ ନହୀ, ବଲ୍କି-ସାହିତ୍ୟ କେ ଢାଁଚୋ, ସିଦ୍ଧାଂତୋଂକେ ମାନକ ସେ ଅତିକ୍ରମଣ ହୋତା ହୈ। ଚାହେ ପାଠ କା ମାନକ ହୋ ୟା ସାହିତ୍ୟକାର କା ଅପନା ମାନକ ୟା ସାହିତ୍ୟ-ବିଧା କା ମାନକ ହୋ, ୟା ସାହିତ୍ୟ କେ ସମାଜ କା ସାଂସ୍କୃତିକ ସୌନ୍ଦର୍ଯ୍ୟାତ୍ମକ ମାନକ ଅଥବା ସାହିତ୍ୟ କି ପରମ୍ପରିତ ବିଷୟବସ୍ତୁ କା ମାନକ ଇନମେ ସେ କୋଇ ଭି ବ୍ୟାକରଣିକ ନିୟମୋ ପର ଆଧାରିତ ମାନକ ନହୀଂ ହୈ। ୟେ ଢାଁଚୋ ୟା ସିଦ୍ଧାନ୍ତୋଂ କେ ମାନକ ହୀ ହୈ। ଐସେ ମେ ଜ୍ଞାତବ୍ୟ ତଥ୍ୟ ୟହ ହେ କି 'ବିଚଲନ' ଜହାଁ ସଦୈବ ନିୟମୋଂ ସେ (Rules) ହୋତେ ହୈ, ବହା 'ବିପଥନ' ସଦୈବ ସିଦ୍ଧାଂତୋଁ(Theories)ୟା ଢାଂଚୋଁ (Patterns) ସେ ହୋତା ହୈ। (ଶୈଲୀ ଔର୍ ଶୈଲୀ ବିଶ୍ଲେଷଣ, ବାଣୀ ପ୍ରକାଶନ, ଦିଲ୍ଲୀ, ପ୍ରଥମ ସଂସ୍କରଣ – ୧୯୯୬, ପୃ-୨୨୦) ।"

ଏହା ମଧ୍ୟ ଧ୍ୱନିସ୍ତରୀୟ ବିପଥନ, ଶବ୍ଦସ୍ତରୀୟ ବିପଥନ, ଅର୍ଥସ୍ତରୀୟ ବିପଥନ, ବାକ୍ୟସ୍ତରୀୟ ବିପଥନ ପ୍ରଭୃତି ରୂପରେ ଶୈଳୀ ବିଶ୍ଲେଷଣ କ୍ଷେତ୍ରରେ ପ୍ରଯୁକ୍ତ ହୋଇଥାଏ ।

୩. ସମାନ୍ତରତା- ଧ୍ୱନି, ଶବ୍ଦ, ରୂପ, ବାକ୍ୟ ପ୍ରଭୃତି ସଂଯୋଜନା କ୍ଷେତ୍ରରେ ପୌନଃପୁନିକତା ସୃଷ୍ଟି ହେଲେ ସମାନ୍ତରତା (Parallelism) ଉତ୍ପନ୍ନ ହୁଏ। ଏହାକୁ ଓଡ଼ିଆ ଶୈଳୀବିଜ୍ଞାନୀମାନେ 'ସମାନ୍ତରଳତା' ( ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର), ହିନ୍ଦୀ ଶୈଳୀବିଜ୍ଞାନୀମାନେ 'ସମାନ୍ତରତା' ଏବଂ ପାଶ୍ଚାତ୍ୟ ଶୈଳୀବିଜ୍ଞାନୀମାନେ 'Parallelism' କହିଛନ୍ତି ।

ସର୍ବପ୍ରଥମେ Roman Jakobson ପ୍ରମୁଖ ସମାଲୋଚକ ପାଶ୍ଚାତ୍ୟ କାବ୍ୟଭାଷାର ପ୍ରସଙ୍ଗରେ ଏହି ଶବ୍ଦର ପ୍ରୟୋଗ କରିଥିଲେ। ସମାନ୍ତରତା ଯୋଗୁଁ ରଚନାରେ ତାଳମେଳ ରକ୍ଷା ହୋଇ ଏକ ନିଶ୍ଚିତ ପ୍ରକାରର ଲୟ ସୃଷ୍ଟି ହୋଇଥାଏ। Roman Jakobsonଙ୍କ ମତରେ କବିତାରେ ଭାଷା କେବଳ ଅର୍ଥଗତ, ଧ୍ୱନିଗତ ଓ ବାକ୍ୟସ୍ତରୀୟ ବ୍ୟବସ୍ଥାମାନଙ୍କର ବିଚ୍ୟୁତି ଉପରେ ପର୍ଯ୍ୟବସିତ ହୋଇନଥାଏ। ବରଂ ଏସବୁ ଉପାଦାନମାନଙ୍କର ପୌନଃପୁନିକତା (Recurrence) ଓ ସଂଯୋଜନାଧର୍ମୀ ପାରସ୍ପରିକ ସମ୍ପର୍କ (Combinatory relationship) ଦ୍ୱାରା ସୃଷ୍ଟି ହୋଇ ଏକ ଅର୍ଥବୋଧକ ପ୍ରସଙ୍ଗ ମଧ୍ୟରେ କ୍ରିୟାଶୀଳ ହୋଇଥାଏ ଏବଂ ତାଙ୍କର ସୁପ୍ରସିଦ୍ଧ ସିଦ୍ଧାନ୍ତ "The poetic function projects the principle of equivalence from the axis of selection to the axis of combinations." (Linguistics and Poetics (Language and Literature) Massachussettes Harvard University Press, 1987, p.- 71)। କାବ୍ୟିକ ଭାଷାରେ ମୌଳିକତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ କବିର ଶୈଳୀକୁ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ଦେଇଥାଏ। Roman Jakobsonଙ୍କ ଉପରୋକ୍ତ ଉକ୍ତିର ଅର୍ଥ ଏହା ଯେ, କବି ସାହିତ୍ୟ ରଚନା କଲା ସମୟରେ କେଉଁ ପ୍ରକାରର ଆଭିଧାନିକ, ବ୍ୟାକରଣଗତ ଓ ଧ୍ୱନିମୂଳକ ଉପାଦାନ ପ୍ରୟୋଗ କରିବ ସେହି କବି ନିଜେ ନିର୍ଣ୍ଣୟ କରିଥାଏ। ସାଧାରଣତଃ ବିଭିନ୍ନ ଶ୍ରେଣୀର ଉପାଦାନ ମଧ୍ୟରୁ କବି କେତେକ ଉପାଦାନକୁ ବାଛିନିଏ, ଯାହା ବାକ୍ୟ ମଧ୍ୟରେ ସମାନ୍ତରତା ସୃଷ୍ଟି କରି ଅର୍ଥଗତ ସମ୍ପର୍କ ରକ୍ଷା କରିଥାଏ। ଏହି ସମାନ୍ତରତା କ୍ଷେତ୍ର ବିଶେଷରେ ସାମଞ୍ଜସ୍ୟମୂଳକ ଓ ବିରୋଧମୂଳକ ହୋଇଥିବାର ମଧ୍ୟ ଲକ୍ଷ୍ୟ କରାଯାଏ ।

"Parallelism' ଶବ୍ଦର ପ୍ରଥମ ପ୍ରୟୋଗ ବାଇବେଲ୍‌ରେ ହୋଇଥିଲା। ବାଇବେଲ୍‌ରେ ଥିବା 'Couplets' ସଂଘଟନାର ପ୍ରସଙ୍ଗରେ ଏହି ଶବ୍ଦ ପ୍ରଥମ ଥର | Roman Jakobson ତଥା Schopenhawer ଏବଂ S.R Lebin ଯଥାକ୍ରମେ 'Coupling' ଏବଂ Symmetry - Asymmetry ରୂପରେ ସମାନ୍ତରତାକୁ ଗ୍ରହଣ କରିଛନ୍ତି ।

ସମାନ୍ତରତାର ପ୍ରୟୋଗ ଓ ବ୍ୟବହାର ପଦ୍ୟ ସାହିତ୍ୟରେ ସର୍ବାଧିକ ମାତ୍ରାରେ ଦେଖାଯାଏ। କବିତାରେ ସମାନ ଅକ୍ଷର (Syllable) ସହ ସମାନ ଅକ୍ଷର, ସମାନ ଶବ୍ଦରୂପ ସହିତ ସମାନ ଶବ୍ଦରୂପ, ସମାନ ବଳାଘାତହୀନତା ସହିତ ସମାନ ବଳାଘାତହୀନତା, ସମାନ ଛନ୍ଦଦୀର୍ଘତା ସହିତ ସମାନ ଛନ୍ଦଦୀର୍ଘତା, ସମାନ ଛନ୍ଦଲଘୁତା ସହିତ ସମାନ ଛନ୍ଦଲଘୁତା, ସମାନବାକ୍ୟ ବା ଯତି କିମ୍ବା ଯତିହୀନତା ସହିତ ସମାନବାକ୍ୟ ବା ଯତି କିମ୍ବା ଯତିହୀନତା ପୌନଃପୁନିକତା ରକ୍ଷାକରି ଅଭିବ୍ୟକ୍ତ ହେଲେ ସମାନ୍ତରତା ଉତ୍ପନ୍ନ ହୁଏ। ଏଥିରେ ସମରୂପତା ରହିଥାଏ। ଧ୍ୱନନ ହେଉ କି ପ୍ରକାଶନ ହେଉ, ସମରୂପତା ବିନା ସମାନ୍ତରତା ସୃଷ୍ଟି ହୋଇପାରିବ ନାହିଁ। ଧ୍ୱନି,

ଶବ୍ଦ, ରୂପ, ବାକ୍ୟ, କଥନିକା ପ୍ରଭୃତି ସ୍ତରରେ ଏକ ବା ଏକାଧିକ ଭାଷିକ ଏକକ ସହିତ ଏକ ବା ଏକାଧିକ ଭାଷିକ ଏକକର ସମରୂପତା ପ୍ରକଟିତ ହେଲେ ସମାନ୍ତରତାର ଆବିର୍ଭାବ ଘଟେ। ସଂକ୍ଷିପ୍ତରେ କହିବାକୁ ଗଲେ, କାବ୍ୟାତ୍ମକ ଅଭିବ୍ୟକ୍ତି ତତ୍ତ୍ୱ, ସମଧର୍ମୀ ସଂରଚନା (Homologous-construction) ଅନୁସାରେ ଆବର୍ତ୍ତିତ ହୋଇଥାଏ। ଏହି ଆବର୍ତ୍ତନରେ ଥିବା ଅନ୍ତର୍ନିହିତ ସିଦ୍ଧାନ୍ତ ହିଁ ସମାନ୍ତରତା (Parallelism), ଯାହାକି ପ୍ରତିସମତା (Symmetry)ର ବ୍ୟାପକ ଗାଣିତିକ ତଥା ସୌନ୍ଦର୍ଯ୍ୟାତ୍ମକ ପ୍ରକରଣର ତାତ୍କାଳିକତା (Instantalation) ଭାବେ ପରିଗଣିତ ହୋଇଥାଏ। ସମାନ୍ତରତାକୁ ଶୈଳୀବିଜ୍ଞାନୀମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ଯଥା – (୧) ସମତାମୂଳକ ସମାନ୍ତରତା ଏବଂ (୨) ବିରୋଧମୂଳକ ସମାନ୍ତରତା। ସମାନ ଭାଷୀ ଏକକଗୁଡ଼ିକ ମଧ୍ୟରେ ସଂରଚନାତ୍ମକତା ଦୃଷ୍ଟିରୁ ସମାନତା ବା ସମତା ରକ୍ଷା ହେଲେ ସମତାମୂଳକ ସମାନ୍ତରତା ଉତ୍ପନ୍ନ ହୁଏ। ବିରୋଧମୂଳକ ଭାଷିକ ଏକକଗୁଡ଼ିକ ମଧ୍ୟରେ ସଂରଚନାତ୍ମକତା ଦୃଷ୍ଟିରୁ ସମାନତା ବା ସମତା ରକ୍ଷା ହେଲେ ବିରୋଧମୂଳକ ସମାନ୍ତରତା ଉତ୍ପନ୍ନ ହୁଏ ।

ସମାନ୍ତରତାର ମଧ୍ୟ ବିଭିନ୍ନ ସ୍ତର ରହିଛି। ଯେପରିକି ଧ୍ୱନିସ୍ତରୀୟ ସମାନ୍ତରତା, ରୂପସ୍ତରୀୟ ସମାନ୍ତରତା, ଲିପିସ୍ତରୀୟ ସମାନ୍ତରତା, କଥନିକାସ୍ତରୀୟ ସମାନ୍ତରତା ଇତ୍ୟାଦି।

୪. ବିରଳତା- ବ୍ୟାକରଣ ମାନଙ୍କରେ ଉଲଂଘନ ସଂଘଟିତ ହେଲେ, 'ବିଚ୍ୟୁତି' ସୃଷ୍ଟି ହୁଏ। ସାହିତ୍ୟରେ ସାମାଜିକ ସାଂସ୍କୃତିକ ସୌନ୍ଦର୍ଯ୍ୟାତ୍ମକ ମାନକରେ ଉଲଂଘନ ସୃଷ୍ଟି ହେଲେ 'ବିପଥନ' ସୃଷ୍ଟି ହୁଏ। ସମରୂପା, ସମଧର୍ମା ବା ସମଅର୍ଥ ବିଶିଷ୍ଟ ଭାଷିକ ଏକକଗୁଡ଼ିକ ବାରମ୍ବାର ଆବର୍ତ୍ତିତ ହେଲେ 'ସମାନ୍ତରତା' ସୃଷ୍ଟି ହୁଏ। କିନ୍ତୁ ବିରଳତା ଗୋଟିଏ ସଂଖ୍ୟାରେ ହିଁ ସୀମିତ ରହି ରଚନାରେ ସମ୍ମୁଖୀକୃତ (foregrounded) ହୋଇ ଉଠିଥାଏ। ଲେଖକ ନିଜ ରଚନାରେ ଧ୍ୱନି, ଶବ୍ଦ, ବାକ୍ୟ, ବାକ୍ୟାଂଶ କିମ୍ବା କଥନିକା ସ୍ତରରେ କେବଳ ଥରେ ମାତ୍ର ଏମିତି ଏକ ଭାଷିକ ଦୃଷ୍ଟାନ୍ତ ସୃଷ୍ଟି କରିଥାନ୍ତି, ଯାହା ସମଗ୍ର ରଚନା ମଧ୍ୟରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥାଏ। ସମଗ୍ର ରଚନାଟିକୁ ପାଠ କରିସାରିବା ପରେ ପାଠକ ହୃଦୟରେ ସେହି କେବଳ ଥରେ ମାତ୍ର ବ୍ୟବହୃତ ହୋଇଥିବା ଭାଷିକ ଏକକଟି ଲାଖିହୋଇ ରହିଯାଏ। ବିଭିନ୍ନ ସମୟରେ ରଚନାଟିର ସେଇ ବିରଳ ଅଂଶଟିକୁ ସ୍ମରଣ କରି ପାଠକ ଶିହରିତ ହୋଇଉଠେ। ସେ ଅଂଶଟି ପାଠକର ମରମକୁ ଭେଦ କରିଯାଏ। ପାଠକର ମରମକୁ ଭେଦ କରି ଯାଉଥିବା ରଚନାର ଏହି ଏକକ ହିଁ ବିରଳତା। ଏହାକୁ ଇଂରାଜୀରେ 'Rarity' କହନ୍ତି I'Rarity' ର ଆଭିଧାନିକ ଅର୍ଥ ହେଲା 'A thing that is unusual and is therefore often valuable or interesting.' ବିରଳତା ହେଉଛି ଏକ ଅସାଧାରଣ ଭାଷିକ-ଉପାଦାନ। ଅଧିକାଂଶ ସମୟରେ ଏହା ରଚନାକୁ ଅଧିକ ଅର୍ଥଦ୍ୟୋତକ ବା ଆକର୍ଷଣୀୟ କରାଇବାରେ ସହାୟକ ହୋଇଥାଏ।

ଶୈଳୀ ବିଶ୍ଲେଷଣ କ୍ଷେତ୍ରରେ ବିରଳତା ଏକ ବିରଳ ଉପାଦାନ ହୋଇଥିବାରୁ ଏହା କ୍ୱଚିତ୍ କେତେକ ଉଚ୍ଚକୋଟୀର ସ୍ରଷ୍ଟାଙ୍କ ରଚନାରେ ଲକ୍ଷ୍ୟ କରାଯାଏ। ଏହାର ମଧ୍ୟ ଅନ୍ୟ ତିନୋଟି ଉପାଦାନ ଭଳି ବିଭିନ୍ନ ସ୍ତରର ରହିଛି।

ଶୈଳୀ ଏବଂ ଶୈଳୀତତ୍ତ୍ୱକୁ ନେଇ ଅନେକ ସମସ୍ୟା ଦେଖାଦେଇଥିଲେ ମଧ୍ୟ ଆଧୁନିକ କାଳରେ ବିଶେଷ ଭାବରେ ଭାଷିକଶୈଳୀକୁ ହିଁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହା ଆଧୁନିକ ଭାଷାବିଜ୍ଞାନ ସହ ଓତପ୍ରୋତ ଭାବରେ ସଂପର୍କିତ ଏବଂ ସ୍ୱକୀୟ ବିଶେଷତ୍ୱକୁ ନେଇ ସମ୍ପ୍ରତି ମହିମାନ୍ୱିତ।

ସହାୟକ ଗ୍ରନ୍ଥତାଲିକା:

୧. Malpas, Simon: The Post Modernism, Routledge, 2005.

୨. Hart Kelvin, Post Modernism, One word, Oxford, 2006.

୩. Nayar, Pramod K: Contemporary Literary and Cultrual Theory, Pearson 2010

୪. ଦାସ, ରବୀନ୍ଦ୍ର କୁମାର। ୨୦୦୮। ଶୈଳୀ ବିଜ୍ଞାନର ଆଲୋକରେ ଫକୀରମୋହନଙ୍କ ଉପନ୍ୟାସ, ବାଲେଶ୍ୱର: ମୀରାମ୍ବିକୀ ପ୍ରକାଶିନୀ।

●

A L O C H A N A
ସମାଲୋଚନା
ପ୍ର ସ ଙ୍ଗ ନା ରୀ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁଆରୀ-ଫେବୃଆରୀ ୨୦୨୫
Volume No. 03 | Issue No. 01 | Jan- Feb 2025
Refereed Peer-Reviewed Journal

# ନାରୀବାଦୀ-ପରିମଣ୍ଡଳ: ନାରୀ ଅସ୍ତିତ୍ୱର ବାସ୍ତବତା

**ଡ. ବିଜୟଲକ୍ଷ୍ମୀ ଦାଶ**

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ମୂଳଶବ୍ଦ:** ନାରୀବାଦୀ-ପରିମଣ୍ଡଳ, ନାରୀ ଅସ୍ତିତ୍ୱ, ସାମନ୍ତବାଦୀ-ପ୍ରଥା, ସମାଜବାଦୀ, ଶିଳ୍ପ ବିପ୍ଳବ, ଫରାସୀ ରାଷ୍ଟ୍ର ବିପ୍ଳବ, ନାରୀ ସ୍ୱତନ୍ତ୍ରତା, ନାରିବାଦ

ABSTRACT

**ସାରାଂଶ:** ପୁରୁଷ ସହିତ ନାରୀର ଏକତ୍ର ସତ୍ତାବସ୍ଥଳ, ଗଭୀର ନିବିଡ଼ ସମ୍ପର୍କ ନାରୀବାଦ ଅସ୍ତିତ୍ୱର ବାସ୍ତବତାର ରୂପାୟନ ନିମନ୍ତେ ପର୍ଯ୍ୟାପ୍ତ କ୍ଷେତ୍ର ପ୍ରସ୍ତୁତ କରିଛି। ଲିଙ୍ଗଗତ ଭେଦାଭେଦ ଦୂରେଇ ଯାଇଛି। ନାରୀ ଉଗ୍ର ରୂପ ଧାରିଣୀ ନହୋଇ ଧୀର, ନମ୍ର ପ୍ରଶାନ୍ତ ଚିତ୍ତରେ ପୁରୁଷର ଆଧିପତ୍ୟକୁ ସ୍ୱୀକାର କରିବା ସହିତ ଲିଙ୍ଗଗତ ଭେଦାଭେଦକୁ ଅସ୍ୱୀକାର କରିଛି। ଏକ ଉତ୍ତମ ବୁଦ୍ଧିମତ୍ତାର ପରିମଣ୍ଡଳ ନିମିତ୍ତ ମାର୍ଗ ପ୍ରସ୍ତୁତ କରିଛି। ଏହାଦ୍ୱାରା ନାରୀ ଯେତିକି ପରିମାଣରେ ନିଜର ଅସ୍ମିତାକୁ ପ୍ରତିଷ୍ଠା କରିପାରିଛି ସେତିକି ମଧ୍ୟ ନିଜକୁ ଆତ୍ମନିର୍ଭରଶୀଳ ମନେ କରିଛି। ବାଧା ବନ୍ଧନର ସଙ୍କୀର୍ଣ୍ଣତା ହଟି ଯାଇଛି। ନାରୀ ବହୁ ସଂସ୍କୃତିର ନିକଟବର୍ତ୍ତୀ ହୋଇ ପାରିଛି। ସାମାଜିକ, ରାଜନୈତିକ, ଆର୍ଥନୀତିକ, ସାଂସ୍କୃତିକ, ଶୈକ୍ଷିକ, ସିନେମା ଠାରୁ ଧାରାବାହିକ ବିଜ୍ଞାପନ ଯାଏ ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରି ପୁରୁଷର ସମକକ୍ଷ ଭାବେ ନିଜ ଅସ୍ତିତ୍ୱର ପରିପ୍ରକାଶ କରିବାରେ ସମର୍ଥ ହୋଇଛି।

ଅଷ୍ଟାଦଶ ଶତାବ୍ଦୀ ଯାଏଁ ସମଗ୍ର ଇଉରୋପରେ ସାମନ୍ତବାଦୀ ପ୍ରଥାର ପ୍ରଚଳନ ଥିଲା। ଯେଉଁଠାରେ ନାରୀ ଓ ପୁରୁଷଙ୍କ ପାଇଁ ସମବ୍ୟବସ୍ଥା ଥିଲା। ସମାନ କାର୍ଯ୍ୟକୁ ସମାନ ଅର୍ଥ ଉପାର୍ଜନ ଥିଲା ଏହି ବ୍ୟବସ୍ଥାର ନିୟମ। ଶିଳ୍ପ ବିପ୍ଳବର ପ୍ରଚାର ଏବଂ ପ୍ରସାର ପରେ ଏକ ଶ୍ରମିକ ତଥା ସହରୀ ମଧ୍ୟବିତ୍ତ ଗୋଷ୍ଠୀ ନୂଆ କରି ମୁଣ୍ଡ ଟେକିଲା। ପୁରୁଷମାନେ ସମ୍ପୂର୍ଣ୍ଣ ରୂପେ ଶିଳ୍ପ ଦୁନିଆରେ ନିଜକୁ ନିୟୋଜିତ କଲେ। କର୍ମ କ୍ଷେତ୍ରରେ ପ୍ରବେଶ କରିବା ପରେ ପୁରୁଷର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଦେଖିବାକୁ ମିଳିଲା। ବିନେ ପୁରୁଷ ସହିତ ସମଧର୍ମା ଥିବା ନାରୀ ଶିଳ୍ପ ବିପ୍ଳବ ପରେ ନିଜକୁ ଗୃହ କର୍ମରେ ପୂର୍ଣ୍ଣତଃ ନିୟୋଜିତ କଲା। ଏହି ଶତାବ୍ଦୀର ମଧ୍ୟଭାଗ ବେଳକୁ ପୁରୁଷର ପାରିବାରିକ ଜୀବନରେ ଏକଚାଟିଆ ଶାସନ କ୍ଷମତା ବିରୋଧରେ ନାରୀ ପ୍ରଥମ କରି ପ୍ରତିବାଦର ସ୍ୱର ଉଠାଇଲା।

୧୭୯୨ ମସିହାରେ 'ମ୍ୟାରି ଉଲଷ୍ଟନ୍ କ୍ରାଫ୍ଟ' ନାମ୍ନୀ ଇଂଲଣ୍ଡର ଜଣେ ନାରୀ ନେତ୍ରୀ "A Vindiction of the Rights of Woman" ନାମକ ଏକ ନାରୀ ଜାଗରଣ ସମ୍ବଳିତ ପୁସ୍ତକ ପ୍ରଥମେ ପ୍ରକାଶ କଲେ। ଏଥିରେ ସେ ନାରୀର ଶିକ୍ଷା, ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା, ରାଜନୀତି ଓ ସାମାଜିକ ସ୍ତରରେ ନାରୀଟିଏ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାକୁ କିପରି ଏଡାଇ ସମାଧାନ କରିବ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏ ବହିଟି ବାହାରିବାର ୪ ବର୍ଷ ପୂର୍ବରୁ ୧୭୮୯ ମସିହାରେ ଫରାସୀ ରାଷ୍ଟ୍ର ବିପ୍ଳବ ଆରମ୍ଭ ହୋଇ ସାରିଥାଏ। ଏହି ବିପ୍ଳବରେ ମଧ୍ୟ ସମାଜର ପ୍ରତ୍ୟେକ ବର୍ଗର ନାରୀମାନେ ଦେଶର ଶାସନ ପ୍ରଣାଳୀରେ ପରିବର୍ତ୍ତନ ଆଣିବା ପାଇଁ ସଂଗ୍ରାମ କରିଥିଲେ। ଫ୍ରାନ୍ସର 'ଜ୍ୟାକୋବିନ୍ ମୋନାଷ୍ଟ୍ରିର' ନାରୀମାନେ ସାମ୍ବିଧାନିକ ରାଜତନ୍ତ୍ର ସ୍ଥାପନ କରିବା ପାଇଁ ସଂଗ୍ରାମ କରିଥିଲେ। ଯେଉଁଥିରେ ରାଜରାଣୀଙ୍କର ନିରଙ୍କୁଶ ଅଖଣ୍ଡ କ୍ଷମତା ବଦଳରେ ସୀମିତ କ୍ଷମତା ପ୍ରଦାନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ 'ଅଲମ୍ପିଡ ଗଜ' ଏବଂ 'ଦେରାଇନ୍ ଡି ମେରୀକୋର୍ଟ"। ଏମାନଙ୍କର ସମ୍ମିଳିତ ସଂଗ୍ରାମରୁ ଜନ୍ମ ନେଲା "Pro-woman Divorce Law"। କ୍ରୀତଦାସ ପ୍ରଥାର ଉଚ୍ଛେଦ, ବେକାରୀ ନାରୀମାନଙ୍କର ଅର୍ଥ ଉପାର୍ଜନ ନିମିତ୍ତ "National Theatre for Woman" ଗଠନ ଭଳି ବହୁ ନାରୀ ମଙ୍ଗଳ କାର୍ଯ୍ୟମାନ ନୂଆ କରି ପ୍ରଣୟନ କରାଗଲା।

ଆମେରିକାରେ ସେ ସମୟରେ ନିଗ୍ରୋମାନଙ୍କୁ କ୍ରୀତଦାସ ଭାବେ ଜୀବନଯାପନ କରିବାକୁ ପଡୁଥିଲା। ଏହାର ପ୍ରତିରୋଧରେ ନିଗ୍ରୋ ଜାତିର ନାରୀମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ଫଳତଃ ୧୮୩୩ ମସିହାରେ "The Philadelphia Female Anti-slavery So-

ceity" ନାମକ ଏକ ସଙ୍ଗଠନ ଗଢ଼ା ହେଲା। ଏହି ସଙ୍ଗଠନ ପ୍ରତିଷ୍ଠା ଦିଗରେ ନେତୃତ୍ୱ ନେଇଥିବା ୧୮ ଜଣ ନାରୀଙ୍କ ମଧ୍ୟରେ ଥିଲେ 'ମେରୀଆନ୍ ଏମ୍ କ୍ଲିନ୍‌ଟନ୍", 'ମାର୍ଗାରେଟା ଫର୍ଟେନ୍' ଓ ତାଙ୍କ ମା' 'ଚାରଲୋଟ୍' ଏବଂ ଭଉଣୀ ସାରଭା ଏବଂ ହାରିଏଟ୍ ଫର୍‌ଭିସ୍। ସଙ୍ଗଠନର ଏକ ଲୋଗୋ (ଚିତ୍ର) ସେମାନଙ୍କ ସାମନାକୁ ଆସିଲା। ଏହାକୁ "The Seal of the PFASS" କୁହାଗଲା। ଏହି ସଙ୍କେତର ଉପରେ ଲେଖା ଥିଲା "Am not a woman and a sister"। ଏହି ସିଲ୍‌ଟିକୁ ଲୋକପ୍ରିୟ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ 'ଏଲିଜାବେଥ୍ ମାର୍ଗାରେଟ୍ ଚାଣ୍ଡଲର'।

ଏହାପରେ ୧୮୪୮ ମସିହା ଜୁଲାଇ ମାସ ୧୯ ତାରିଖରେ ହୋଇଥିବା 'Seneca Falls' ନାରୀମାନଙ୍କ ନ୍ୟାର୍ଯ୍ୟ ଦାବୀ ନିମିତ୍ତ ଆରମ୍ଭ କରାଯାଇଥିବା ପ୍ରଥମ ସମ୍ମିଳନୀ ଥିଲା। ଏହି ଅଧିବେଶନରେ ନାରୀମାନଙ୍କର ସାମାଜିକ, ନାଗରିକ ଏବଂ ଧାର୍ମିକ କ୍ଷେତ୍ରରେ ନାରୀର ସ୍ଥିତି ଏବଂ ଅଧିକାର ସାବ୍ୟସ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିଉୟର୍କର ସେନ୍‌କା ଫଲସ୍ ସହରର ୱେସ୍‌ସଲିଆନ୍ ନାମକ ଏକ ପୂଜା ସ୍ଥଳରେ ଜୁଲାଇ ମାସ ୧୯ ତାରିଖ ଓ ୨୦ ତାରିଖ ଦୁଇଦିନ ଧରି ଏହି ସମ୍ମିଳନୀ ଚାଲିଥିଲା। ଦୁଇ ଦିନରେ ସମୁଦାୟ ଛଅ ଗୋଟି ଅଧିବେଶନ କରାଯାଇଥିଲା। ଏଥିରେ ମୁଖ୍ୟତଃ ସମାଜରେ ନାରୀମାନଙ୍କର ଭୂମିକାକୁ ନେଇ ବିବିଧ ଚର୍ଚ୍ଚା କରାଯାଇଥିଲା। 'ଲକ୍ରେସିଆ କଫିନ୍ ମଟ୍' ଓ 'ଏଲିଜାବେଥ୍ କ୍ୟାଡ୍' ଏଥିରେ ପ୍ରମୁଖ ଭୂମିକା ନେଇଥିଲେ। ଏହାପରେ ୧୮୬୦-୬୫ ଆମେରିକା ଗୃହଯୁଦ୍ଧର ସମୟ। ଏହାପରେ ୧୮୯୦ ମସିହାରେ "NAWSA' - National American Woman Suffrage Association" ଗଠନ କରାଗଲା। ପୂର୍ବରୁ ଦୀର୍ଘ ୨୧ ବର୍ଷ ଧରି ନାରୀ ଅଧିକାରକୁ ନେଇ ସଂଗ୍ରାମ ଚଳାଇଥିବା ଦୁଇ ପ୍ରମୁଖ ସଙ୍ଗଠନ "The National Women Suffrage Association" ଓ "American Woman Suffrage Association"ର ଏହା ଫଳଶ୍ରୁତି ଥିଲା। ଏ ଦୁଇ ସଙ୍ଗଠନରେ ସକ୍ରିୟ ଭୂମିକା ନେଇଥିବା 'ଏଲିଜାବେଥ୍ କ୍ୟାଡ଼ି ଷ୍ଟାଣ୍ଟନ୍', ଲୁସି ଷ୍ଟୋନ୍ ଏବଂ ସୁସ୍ନ୍ ବି. ଆନ୍‌ଥୋନି ମାର୍ଥ 'NAWSA' ସଙ୍ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଲେ। ଯାହାଦ୍ୱାରା ନିଗ୍ରୋମାନଙ୍କର ଭୋଟ୍ ଦେବାର ଅଧିକାର ପ୍ରସ୍ତାବଟି ସର୍ବସମ୍ମତି କ୍ରମେ ଗୃହୀତ ହେଲା।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇଂଲଣ୍ଡରେ 'ନାରୀ-ଶ୍ରମିକ ସଙ୍ଗଠନ' ଗଠନ କରାଗଲା। ପୂର୍ବରୁ ଯେଉଁ ମହିଳାମାନେ ନିଜ ପିତା ବା ସ୍ୱାମୀମାନଙ୍କ ଅର୍ଜିତ ଅର୍ଥରେ ପ୍ରତିପଳିତ ହେଉଥିଲେ, ସେମାନେ ନିଜେ ଅର୍ଥ ରୋଜଗାର କରି ସ୍ୱାଧୀନ ଭାବରେ ଜୀବନ ବଞ୍ଚି ପାରିବେ ବୋଲି ଏହି ନାରୀ-ଶ୍ରମିକ ସଙ୍ଗଠନ ଆହ୍ୱାନ ଦେଲା। କିନ୍ତୁ ମଧ୍ୟବିତ୍ତ ବର୍ଗର ଭିକ୍ଟୋରିଆନ୍ ମହିଳାମାନେ ନିଜ ଗୃହକୁ ସବୁଠାରୁ ସୁରକ୍ଷିତ ଓ ନିରାପଦ ସ୍ଥାନ ବୋଲି ଭାବିଲେ। ୧୮୫୭ ମସିହାରେ 'Langham Place Group' ନାମକ ସଙ୍ଗଠନ ଲଣ୍ଡନରେ ମୁଣ୍ଡ ଟେକିଲା। ସଙ୍ଗଠନର ନେତ୍ରୀମାନେ ଥିଲେ ମଧ୍ୟବିତ୍ତ ମହିଳା ବର୍ଗର। ସଙ୍ଗଠନର ଏହି ନାମଟିକୁ ସେମାନେ ଇଂରାଜୀ ମହିଳା ପତ୍ରିକା ଯାହାକି ୧୮୫୮ ମସିହାରେ ଆରମ୍ଭ ହୋଇ ଲଣ୍ଡନର Langham ଠାରେ ଡିସେମ୍ବର ମାସ ୧୮୫୯ ମସିହାରେ ସ୍ୱୀକୃତି ପ୍ରାପ୍ତ ହୋଇଥିଲା। "ବାର୍‌ବରା ଏଲ୍ ସ୍ମିଥ୍" ଏବଂ "ଏଲିଜାବେଥ୍ ରେନ୍‌ର ପାର୍କସ୍" ଙ୍କ ବନ୍ଧୁତ୍ୱ ହିଁ ଏ ସଙ୍ଗଠନକୁ ଜନ୍ମ ହୋଇଥିଲା। ସାମାଜିକ କଟକଣା ବିରୋଧରେ ଦୁଇ ବନ୍ଧୁ ସେ ସମୟର ଆଞ୍ଚଳିକ ଓ ପାକ୍ଷିକ ସମ୍ବାଦପତ୍ରକୁ ସର୍ମଥନ କରି ଲେଖାମାନ ପ୍ରକାଶ କରୁଥାଆନ୍ତି। ମହିଳାମାନଙ୍କୁ କିପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବା ଏବଂ ନିଜ ଉପାର୍ଜିତ ଅର୍ଥ ଉପରେ କେବଳ ସେମାନଙ୍କର ଅଧିକାର ରହିବ ଏ ସମ୍ପର୍କରେ ସେମାନେ ଚର୍ଚ୍ଚା କରୁଥିଲେ। ୧୮୫୪ ମସିହାରେ ପାର୍କସ୍ "Remarks on the Education of Girls" ଏବଂ ଲେଦ୍ ସ୍ମିତ୍ "A Brief Summary in Plain language of the most important laws of England concerning Women" ପ୍ରକାଶ କରି ସାରିଥାଆନ୍ତି। ସେହି ବର୍ଷ ଏମାନେ ଏକ କମିଟି ଗଠନ କଲେ। ବିବାହିତ ମହିଳାମାନଙ୍କର ସ୍ୱାଧିକାରକୁ ନେଇ ଆନ୍ଦୋଳନ ଚାଲୁ ରଖିଲେ। ୧୮୫୬ ମସିହାରେ ଏଡ଼ିନ୍‌ବର୍ଗ ଠାରେ ପାର୍କସ୍‌ଙ୍କର ସାକ୍ଷାତ ହୁଏ 'ଇସା କ୍ରେଜ୍'ଙ୍କ ସହ ଯିଏକି ଜଣେ କବି ଏବଂ ସାମ୍ବାଦିକ ଥିଲେ। ଅପ୍ରେଲ ମାସ ୧୮୫୭ ମସିହାରେ ପାର୍କସ୍ 'ଗ୍ଲାସ୍‌ଗୋ'ରୁ ବାହାରୁଥିବା ଏକ ମହିଳା ମାସିକ ପତ୍ରିକା 'The Waverly Journal' ର ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କଲେ। ଏହି ପତ୍ରିକାକୁ 'କର୍ମଜୀବୀ ମହିଳା ପତ୍ରିକା' ଭାବେ ପ୍ରଚାର ଏବଂ ପ୍ରସାର କରାଇଲେ ଏବଂ ଲଣ୍ଡନର ପ୍ରିନ୍‌ସେସ୍ ଷ୍ଟ୍ରିଟ୍ ଠାରେ ଏକ କାର୍ଯ୍ୟାଳୟ ଖୋଲିଲେ। ଯେଉଁଠାରେ 'କ୍ରେଜ୍' ତାଙ୍କୁ ସହାୟତା କଲେ। ଏହିପରି ଭାବେ ଏହି ସଂସ୍ଥା ନାରୀଶିକ୍ଷା, କର୍ମନିଯୁକ୍ତି ଓ ନାରୀମାନଙ୍କର ନ୍ୟାୟଗତ ଓ ଭୋଟ୍ ଦେବାର ଅଧିକାର ସମ୍ବଳିତ ନାରୀଚେତନାମୂଳକ ସଂସ୍କାରଧର୍ମୀ ଲେଖାମାନ ପ୍ରକାଶ କରି ଆନ୍ଦୋଳନ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଏମାନଙ୍କ ସହ ଯୋଡି ହେଲେ 'ଜନ୍ ଷ୍ଟୁଆର୍ଟ ମିଲ୍ ଏବଂ 'ହେଲେନ୍ ଟେଲର୍'। ପ୍ରଥମ ପର୍ଯ୍ୟାୟରେ ଏହି ଆନ୍ଦୋଳନ ରାଜନୀତି ଓ ନାରୀମାନଙ୍କ ଅର୍ଥକୈନ୍ଦ୍ରିକ ସ୍ୱାଧୀନତା ପ୍ରଦାନ ମଧ୍ୟରେ କେନ୍ଦ୍ରୀଭୂତ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏହାର ପରିସର ଆହୁରି ପରିବ୍ୟାପ୍ତ ହେଲା। ସାମାଜିକ ସ୍ତରରେ ଥିବା ବିବିଧ ସ୍ଥିତି ସମ୍ପର୍କରେ ନାରୀର ସଚେତନତାବୋଧ ପ୍ରକଟିତ କରାଇବା ଦିଗରେ ଉଦ୍ୟମ କରାଗଲା।

ସମୟକ୍ରମେ ଏହା ପୃଥିବୀର ବିଭିନ୍ନ ପ୍ରାନ୍ତକୁ ମଧ୍ୟ ପ୍ରଭାବିତ କଲା। ଇଣ୍ଡୋନେସିଆର ରାଡେନ୍ ଆଜେନ୍ କାର୍ଟିନୀ, ପୁରୁଷମାନଙ୍କର ଏକାଧିକ ବିବାହ, ବିବାହ କ୍ଷେତ୍ରରେ ନାରୀମାନଙ୍କର ସ୍ୱାଧୀନତା, ନାରୀର ଶିକ୍ଷା ଅଧିକାର ଓ ଔପନିବେଶିକ ଅତ୍ୟାଚାର ବିରୋଧରେ ପ୍ରତିବାଦ ଆରମ୍ଭ ହେଲା।

ଜାପାନ୍‌ରେ କିଶିଦା ତୋଶିକୋ (୧୮୬୩-୧୯୦୧)

ନାମ୍ନୀ ଜଣେ ଲେଖିକା ଏବଂ ରାଜନୀତି ସଙ୍ଗଠନ ନାରୀବାଦୀ ଆନ୍ଦୋଳନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଛଦ୍ମନାମ ଥିଲା 'ନାକାଜିମା ସୋଏନ୍' (Nakajima Shoen)। ସେ ଜାପାନ୍‌ର 'କୋଏତୋ' ଠାରେ ଜନ୍ମ ନେଇଥିଲେ। ସେଠାରେ 'Se Ltosch' ନାମକ ଏକ ନାରୀମଣ୍ଡଳ ଗଠନ କରିବା ସହିତ 'Seito' ଶୀର୍ଷକ ଏକ ମହିଳା ମୁଖପତ୍ର ପ୍ରକାଶ କରିଥିଲେ। ଏହି ପତ୍ରିକାରେ ସେ ସମୟର ଜାପାନର ସଂସ୍କୃତି, ବିବାହ ପରମ୍ପରା ଏବଂ ନାରୀ ଅଧିକାର ସମ୍ପର୍କିତ ବିଷୟ ଉପରେ ଚର୍ଚ୍ଚା କରାଯାଇଥିଲା।

୧୯୧୧ ମସିହାରେ 'ତାନ୍‌ୟନିଙ୍ଗ' ନାମ୍ନୀ ଚୀନ୍‌ର ଜଣେ ବିଶିଷ୍ଟ ବାମାବାଦୀ "Chinese Suffragette Society" ଗଠନ କରି ନାରୀ ଜାଗରଣ ସୃଷ୍ଟି କରିଥିଲେ। ୧୯୦୯ ମସିହାରେ ଅଷ୍ଟ୍ରେଲିଆର "The Australian Women's Political Association" ଗଠନ କରାଯାଇଥିଲା। ଯାହାର ଲକ୍ଷ୍ୟ ଥିଲା ଲିଙ୍ଗ ଭେଦ ଦୃଷ୍ଟିରେ ସମସ୍ତ ନାଗରିକଙ୍କୁ ସମାନ କର୍ମ ପାଇଁ ସମାନ ପ୍ରାପ୍ୟ ପ୍ରଦାନ ଏବଂ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କର ସକ୍ରିୟ ଅଂଶ ଗ୍ରହଣ।

ଭାରତବର୍ଷରେ ମଧ୍ୟ ନାରୀ ଜାଗରଣର ନୂଆ ଅଧ୍ୟାୟ ଉନ୍ମୋଚିତ ହୋଇଥିଲା। ଏ କ୍ଷେତ୍ରରେ 'ରାଜା ରାମମୋହନ ରାୟ', ଦୟାନନ୍ଦ ସରସ୍ୱତୀ ଓ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ସମାଜ ସଂସ୍କାରମୂଳକ ମନୋଭାବରୁ ୧୮୨୯ ମସିହାରେ ସତୀଦାହ ପ୍ରଥାର ବିଲୋପ ୧୮୫୬ ମସିହାରେ ବିଧବା ବିବାହ ସମ୍ପର୍କିତ ଆଇନ୍ ପ୍ରଣୟନ କରାଗଲା।

'ଲତାମଣୀ' ଏହି ଆଇନ୍‌କୁ ସମାଜର ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରିଥିଲେ। ୧୯୧୮ ମସିହାରେ ଗାନ୍ଧିଜୀଙ୍କ ଆହ୍ୱାନରେ ଭାରତରେ ବହୁ ନାରୀ ନେତ୍ରୀମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ ଓ କଂଗ୍ରେସର ସାହଚର୍ଯ୍ୟ ଲାଭ କରିଥିଲେ। ୧୯୧୮ ମସିହାରେ ଭାରତରେ ପଣ୍ଡିତ ରମା ବାଈ 'Women's religious law' ଧର୍ମୀୟ ନିୟମରେ ନାରୀ ସ୍ୱାଧୀନତା ସମ୍ପର୍କିତ ପୁସ୍ତକ ରଚନା କରିବା ସହିତ 'ମହିଳା ସମାଜ' ନାମକ ଏକ ନାରୀ ସଙ୍ଗଠନ ଗଢି ଥିଲେ। ଓଡ଼ିଶାରେ ଏଇ ସମୟରେ କୁନ୍ତଳା କୁମାରୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତୀ ତପୋବନ' ଅନୁଷ୍ଠାନଟି ନାରୀ ସମାଜର ସଂସ୍କାର ନିମିତ୍ତ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲା। ଏ ସମୟରେ କୁନ୍ତଳା 'ନାରୀ ଶକ୍ତି' ନାମକ ଏକ କବିତାରେ ଭାରତୀୟ ନାରୀ ଜାତିକୁ ଉଦ୍‌ବୋଧନ ଦେଇ ଲେଖିଥିଲେ, "ଷୋଳକୋଟି ନାରୀ ଉଠିବେ ଭାରତେ କରୁଣା କଲ୍ୟାଣ ସାଜି।" ଏହାପରେ ଭାରତୀୟ ନାରୀମାନଙ୍କର ଭୋଟ୍ ଦେବାର ଅଧିକାରକୁ ସାବ୍ୟସ୍ତ କରିବା ଦାବୀରେ 'ଆନିବେସାନ୍ତ' ଓ ମାର୍ଗାରେଟ୍ କଜିନ୍‌ସଙ୍କ ମିଳିତ ଉଦ୍ୟମରେ "Indian Women's Universality Association" ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଥିଲେ।

୧୯୨୭ ମସିହାରେ ମାର୍ଗାରେଟ୍ କଜିନ୍‌ସଙ୍କ ଉଦ୍ୟମରେ "All India Women's Conference" ଦିଲ୍ଲୀ ଠାରେ ଗଠନ କରାଗଲା। ନାରୀମାନଙ୍କର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବା ସହିତ ନାରୀଶିକ୍ଷା ଉପରେ ଏହି ସମ୍ମିଳନୀ ଗୁରୁତ୍ୱ ଦେଲା।

ଏହା ଥିଲା ନାରୀବାଦ ଚିନ୍ତାଚେତନାର ଉନ୍ମେଷ ବା ପୃଷ୍ଠପଟ୍ଟ। ନାରୀ ସ୍ୱାଧୀନତା ଓ ଅଧିକାର ସାବ୍ୟସ୍ତ ପାଇଁ ଆରମ୍ଭ ହୋଇଥିବା ଆନ୍ଦୋଳନ ଶେଷରେ ସାକାର ରୂପ ନେଲା।

– ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ୟାପକ ପରିବର୍ତ୍ତନ ସହିତ ନାରୀମାନଙ୍କୁ ଭୋଟ ଦେବାର ଅଧିକାର ସହିତ ରାଜନୀତିରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଲା।

– ୧୯୪୫ ମସିହା ଜୁନ୍ ମାସରେ ଜାତିସଙ୍ଘର ଏକ ଆଦେଶନାମା ପ୍ରକାଶ ଜାରି କରାଗଲା। ପୃଥିବୀର ସମସ୍ତ ରାଷ୍ଟ୍ରର ପ୍ରତିନିଧିମାନେ ଏଥିରେ ସ୍ୱାକ୍ଷର କରିଥିଲେ।

– ପୁରୁଷମାନଙ୍କ ପରି ନାରୀମାନଙ୍କର ରାଜନୀତିରେ ପ୍ରବେଶ ଅଧିକାରକୁ ସମଗୁରୁତ୍ୱ ପ୍ରଦାନ କରାଯାଇ ୧୯୪୬ ମସିହା ଡିସେମ୍ବର ୧୧ ତାରିଖରେ ଡେନ୍‌ମାର୍କରେ ବିଲ୍ ଉପସ୍ଥାପିତ ହେଲା।

– ୧୯୪୮ ମସିହାରେ ଜାତିସଙ୍ଘ "Universal Declaration" ରେ କହିଲେ - "Everyone without distinction of any kind is entitled to the rights and freedoms set down as a common standard of achievement for all people and all Nation"।

– 'International Women's Year' ଭାବେ ୧୯୭୫ ମସିହାକୁ ଜାତିସଙ୍ଘଦ୍ୱାରା ଘୋଷଣା କରାଗଲା ।

ବର୍ତ୍ତମାନ ବିଶ୍ୱରେ 'ନାରୀ'କୁ ନେଇ ନାରୀବାଦ ବା ବାମାବାଦ ଏକ ଚର୍ଚ୍ଚିତ ବିଷୟବସ୍ତୁରେ ପରିଣତି ହେଲା। କିଛି ନାରୀନେତ୍ରୀ ଓ କିଛି ସଙ୍ଗଠନ ଦ୍ୱାରା ଆରମ୍ଭ ହୋଇ ନାରୀ ଜାଗରଣ ଶେଷରେ 'ନାରୀବାଦ'ର ରୂପ ନେଲା। ବ୍ୟକ୍ତି, ଧର୍ମ, ଜାତି, ଗୋଷ୍ଠୀ, ଭଳି ସଙ୍କୀର୍ଣ୍ଣ ଆବରଣରୁ ନିଜକୁ ମୁକ୍ତ କରି ନାରୀବାଦ ନିଜ ପାଇଁ ଏକ ସ୍ୱୟଂସମ୍ପୂର୍ଣ୍ଣ ଚିନ୍ତନ କ୍ଷେତ୍ରଟିଏ ପ୍ରସ୍ତୁତ କଲା। ରାଜନୀତି, ଦର୍ଶନ, ସାହିତ୍ୟ, ସଂସ୍କୃତିକୁ ଆଧାର କରି ନାରୀବାଦ (ବାମାବାଦ) ବିଭିନ୍ନ ଭାଗରେ ବିଭକ୍ତ କରାଗଲା - ୧) ଉଦାରପନ୍ଥୀ ନାରୀବାଦ, ୨) ଚରମପନ୍ଥୀ ନାରୀବାଦ, ୩) ବାମପନ୍ଥୀ ନାରୀବାଦ, ୪) ଜୈବ ନାରୀବାଦ, ୫) ଗୋଲାପୀ ବାମାବାଦ

- ଉଦାରପନ୍ଥୀ ବାମାବୀଦାମାନେ ପ୍ରାଚୀନ ସମୟର ଆଦର୍ଶଜନକ ସମାଜ ଗଠନ ଉପରେ ଗୁରୁତ୍ୱ ଦେବା ସହିତ ମୁକ୍ତ ବଜାର ଅର୍ଥନୀତି, ଭାବ ବକ୍ତବ୍ୟରେ ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା, ପ୍ରଜ୍ଞାର ବିକାଶ ଉପରେ ଗୁରୁତ୍ୱ ଦିଅନ୍ତି। ତତ୍‌ସହିତ ସମସ୍ତ ନାଗରିକଙ୍କୁ ବିନା ଶୁଳ୍କରେ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ଓ ସାମାଜିକ ନିରାପତ୍ତା ଉପରେ ଗୁରୁତ୍ୱ ଦିଅନ୍ତି।
- ଶିକ୍ଷା, ଅର୍ଥନୀତି, ନ୍ୟାୟିକ ପ୍ରକ୍ରିୟାରେ ଥିବା

ଲିଙ୍ଗଗତ ତାରତମ୍ୟକୁ ହଟାଇବା ସହିତ ପୁରୁଷ ଆଧିପତ୍ୟ ସମାଜ ବ୍ୟବସ୍ଥାକୁ ନିର୍ମୂଳ କରାଯାଇ ବ୍ୟକ୍ତିଗତ ତଥା ସାମାଜିକ ସ୍ତରରେ ଦେଖା ଯାଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଓ ବୁଦ୍ଧି ଜ୍ଞାନ କ୍ଷେତ୍ରରେ ପୁରୁଷର ଆଧିପତ୍ୟକୁ ଅସ୍ୱୀକାର କରିବା।

- ଶ୍ରେଣୀ ବିଭକ୍ତ ସମାଜରେ ନାରୀକୁ ମଧ୍ୟ ବୁର୍ଜୁଆ ଏବଂ ପ୍ରୋଲେଟାରିଏଟ୍ ଭଳି ଦ୍ୱିଧା ବିଭକ୍ତ କରାଯାଇଛି। ସାମ୍ୟବାଦୀମାନେ ଯେପରି ଶୋଷଣ ବିହୀନ ସାମ୍ୟବାଦୀ ସମାଜ ଗଠନ ସ୍ୱପ୍ନ ଦେଖନ୍ତି ବାମପନ୍ଥୀ ବାମାବାଦୀମାନେ ମଧ୍ୟ ସମଗ୍ର ନାରୀ ଜାତିକୁ ଗୋଟିଏ ଶ୍ରେଣୀର ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରନ୍ତି। ନାରୀର ଶ୍ରମକୁ ପୁରୁଷ ଭୋଗ କରେ ଯେପରି ଶ୍ରମିକକୁ ପୁଞ୍ଜିପତି ଭୋଗ କରେ। ନାରୀ ନିଜ ଶ୍ରମ ଉତ୍ପାଦନ ଦ୍ରବ୍ୟର ଅନୁରୂପ ଭାଗ ପାଏ ନାହିଁ। ଶ୍ରମିକ ପରି ନାରୀ ମଧ୍ୟ ପ୍ରଚଳିତ ସାମାଜିକ ବ୍ୟବସ୍ଥାର ଶୋଷଣ ପ୍ରକ୍ରିୟାକୁ ହୃଦୟଙ୍ଗମ କରି ବିପ୍ଳବ କଲେ ନାରୀ ଅସ୍ମିତାର ପୁନର୍ଗଠନ କରାଯାଇ ପାରିବ।

- ନାରୀ ଓ ପ୍ରକୃତି ମଧ୍ୟରେ ସାମଞ୍ଜସ୍ୟ ପ୍ରତିପାଦିତ ହୋଇଥାଏ। ନାରୀ ପରି ଜୈବ ମଣ୍ଡଳର ଗଛ, ପତ୍ର, ଫଳ, ପୁଷ୍ପ, ପଶୁପକ୍ଷୀ, ଗୋ-ମାତା, ରାଣୀ ମୁହମାଛି, ପୁଷି ବିଲେଇ ଇତ୍ୟାଦି ପ୍ରାୟ ଜୀବମାନେ ସମଗୁଣର ଅଧିକାରୀ। ସଂସ୍କୃତି ଓ ପ୍ରକୃତି ମଧ୍ୟରେ ନାରୀ ଏକ ସଂଯୋଗ ସେତୁ। କିନ୍ତୁ ସୃଷ୍ଟି କରିବାର କ୍ଷମତା କ୍ଷେତ୍ରରେ ନାରୀ ଓ ପ୍ରକୃତି ପ୍ରାୟ ସମଶକ୍ତିର ଅଧିକାରିଣୀ।

- ୧୯୯୦ ମସିହା ପରେ ଗୋଲାପୀ ବାମାବାଦ ତତ୍ତ୍ୱଟି ପ୍ରଭାବ ବିସ୍ତାର କରିଛି। ଏହା ଏକ ସମ୍ବେଦନଶୀଳ ନାରୀଭାବ। ନାରୀ ନିଜ ବ୍ୟକ୍ତିଗତ ଅର୍ନ୍ତଚେତନାର ବିକାଶ ସହିତ ଆତ୍ମ-ନିରୀକ୍ଷଣ କରିଛି।

ପୁରୁଷ ସହିତ ନାରୀର ଏକତ୍ର ସଦ୍ଭାବସ୍ନେହ, ଗଭୀର ନିବିଡ଼ ସମ୍ପର୍କ ନାରୀବାଦ ଅସ୍ତିତ୍ୱର ବାସ୍ତବତାର ରୂପାୟନ ନିମନ୍ତେ ପର୍ଯ୍ୟାପ୍ତ କ୍ଷେତ୍ର ପ୍ରସ୍ତୁତ କରିଛି। ଲିଙ୍ଗଗତ ଭେଦାଭେଦ ଦୂରେଇ ଯାଇଛି। ନାରୀ ଉଗ୍ର ରୂପ ଧାରିଣୀ ନହୋଇ ଧୀର, ନମ୍ର ପ୍ରଶାନ୍ତ ଚିତ୍ତରେ ପୁରୁଷର ଆଧିପତ୍ୟକୁ ସ୍ୱୀକାର କରିବା ସହିତ ଲିଙ୍ଗଗତ ଭେଦାଭେଦକୁ ଅସ୍ୱୀକାର କରିଛି। ଏକ ଉତ୍ତମ ବୁଦ୍ଧିମତ୍ତାର ପରିମଣ୍ଡଳ ନିମିତ୍ତ ମାର୍ଗ ପ୍ରସ୍ତୁତ କରିଛି। ଏହାଦ୍ୱାରା ନାରୀ ଯେତିକି ପରିମାଣରେ ନିଜର ଅସ୍ମିତାକୁ ପ୍ରତିଷ୍ଠା କରିପାରିଛି ସେତିକି ମଧ୍ୟ ନିଜକୁ ଆତ୍ମନିର୍ଭରଶୀଳ ମନେ କରିଛି। ବାଧା ବନ୍ଧନର ସଙ୍କୀର୍ଣ୍ଣତା ହଟି ଯାଇଛି। ନାରୀ ବହୁ ସଂସ୍କୃତିର ନିକଟବର୍ତ୍ତୀ ହୋଇ ପାରିଛି। ସାମାଜିକ, ରାଜନୈତିକ, ଆର୍ଥନୀତିକ, ସାଂସ୍କୃତିକ, ଶୈକ୍ଷିକ, ସିନେମା ଠାରୁ ଧାରାବାହିକ ବିଜ୍ଞାପନ ଯାଏ ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରି ପୁରୁଷର ସମକକ୍ଷ ଭାବେ ନିଜ ଅସ୍ତିତ୍ୱର ପରିପ୍ରକାଶ କରିବାରେ ସମର୍ଥ ହୋଇଛି। ଆମ ଓଡ଼ିଆ ସାହିତ୍ୟରେ ପ୍ରତିଭା ଶତପଥୀ, ଅପର୍ଣ୍ଣା ମହାନ୍ତି, ଗିରିବାଳା ମହାନ୍ତି, ରଞ୍ଜିତା ନାୟକ, ସୁଚେତା ମିଶ୍ର, ଅଙ୍ଗୁରବାଳା ପରିଡା, ପ୍ରତୀକ୍ଷା ଜେନା, ରୁନୁ ମହାନ୍ତି, ପ୍ରବାସିନୀ ମହାକୁଡ, ସୁଭଶ୍ରୀ ଶୁଭସ୍ମିତା ମିଶ୍ର, ଏଲି ମହାନ୍ତି, ସ୍ୱପ୍ନା ମିଶ୍ର, ସୁଜାତା ସାହାଣୀ ପ୍ରମୁଖଙ୍କ ରଚନାରେ ନାରୀବାଦୀ ଚିନ୍ତା ଏକ ନୂଆ ରୂପ ନେଇ ଉଦ୍‌ଭାସିତ ହୋଇଛି। ଗପ କ୍ଷେତ୍ରରେ ପାରମିତା ଶତପଥୀ, ଗାୟତ୍ରୀ ସରାଫ୍, ଅଳକା ଚାନ୍ଦ, ବାସନ୍ତୀ ମହାନ୍ତି, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ପ୍ରମୁଖ କଥାକାରମାନେ ନାରୀବାଦର ତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟରେ ସୌନ୍ଦର୍ଯ୍ୟବୋଧକୁ ରୂପାୟିତ କରିବାରେ ସମର୍ଥ ହୋଇପାରିଛନ୍ତି।

## ସହାୟକ ଗ୍ରନ୍ଥସୂଚୀ :

1) Nizhijuan, Historical Review and Contemporary Development of Feminist Research (J), Jiangxi Social Science, 2005, 000 (006) : 135-141.

2) Lijuan, Review and Reflcetion : Atwood Research from the Perspective of Feminism (J), Journal of China Women's University, 2007, 5(02) : 63-67.

●

●●● ସା|କ୍ଷା|ତ୍|କା|ର

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ **ପ୍ରଫେସର ବିଜୟାନନ୍ଦ ସିଂହଙ୍କ** ସହ ସ୍ୱତନ୍ତ୍ର ସାକ୍ଷାତକାର। - *ସଂପାଦନା ମଣ୍ଡଳୀ, ବାଗୀଶ*

● ପ୍ରଫେସର ବିଜୟାନନ୍ଦ ସିଂହଙ୍କ ସ୍ଥିରଚିତ୍ର

ସୌଜନ୍ୟ: ସମ୍ବାଦ ସାହିତ୍ୟ କୋଷ

**ପ୍ରଫେସର ବିଜୟାନନ୍ଦ ସିଂହ(୪ ମାର୍ଚ୍ଚ, ୧୯୫୯)**: ଜନ୍ମସ୍ଥାନ: କଟକ ଜିଲ୍ଲାର ମାହାଙ୍ଗା ଅନ୍ତର୍ଗତ ଯଶୁଆପୁର। ପିତା: କୈଳାସ ଚନ୍ଦ୍ର, ମାତା: ଚାରୁଚନ୍ଦ୍ରମା । ଶିକ୍ଷା: ଓଡ଼ିଆରେ ସ୍ନାତକୋତ୍ତର, ଉତ୍କଳବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଓ ଡି.ଲିଟ୍.। ବୃତ୍ତି: ଅଧ୍ୟାପନା। ଓଡ଼ିଆ କଥା ସାହିତ୍ୟ, ଗବେଷଣା-ପ୍ରବନ୍ଧ, ସମାଲୋଚନା ଓ ସଂସ୍କୃତି କ୍ଷେତ୍ରରେ ସ୍ୱକୀୟ ଦୃଷ୍ଟିଭଙ୍ଗୀର ସୂଚନା ଦେଇଛନ୍ତି। ବିବିଧ ରଚନା ମଧ୍ୟରେ 'ଅନେକ ଦଂଶନ'(୧୯୮୪), 'ନିରବ ଆଳାପ'(୨୦୦୯), 'ତଥାପି ଅପେକ୍ଷା କରାଯାଉ'(୨୦୧୫) ଗଳ୍ପ; 'ଆଚାର୍ଯ୍ୟ ପ୍ୟାରୀମୋହନ'(୨୦୦୧), 'କିଶୋରୀଚରଣ' (୨୦୧୦), 'ଅନନ୍ତ ପ୍ରସାଦ'(୨୦୧୫), 'ଜ୍ଞାନ ତପସ୍ୱୀ ବିନୋଦ କାନୁନ୍‌ଗୋ'(୨୦୧୨), 'ଗଙ୍ଗାଧର ରଥ' (୨୦୧୫) ଜୀବନୀ; 'ଫତୁରାନନ୍ଦଙ୍କ ସୃଷ୍ଟିରେ ହାସ୍ୟ'(୧୯୯୦), 'ମନ ଗଦ୍ୟସ୍ରଷ୍ଟା ପ୍ୟାରୀମୋହନ'(୨୦୦୬), 'ଭିନ୍ନଭୂମି'(୨୦୦୮), 'ସମୟ ଓ ସମାଲୋଚନା'(୨୦୦୯), 'ସଂପର୍କ ଓ ସମୀକ୍ଷା'(୨୦୧୦), 'ଅତୀତ ଓ ଅସ୍ମିତା'(୨୦୨୩) ପ୍ରବନ୍ଧ; 'ମୁଁ କାହିଁ କି ଲେଖେ ୧ମ ଓ ୨ୟ'(୧୯୮୪), 'ଶତାବ୍ଦୀର ଗଳ୍ପ ଶତକ'(ପ୍ରଥମ ଓ ଦ୍ୱିତୀୟ ଭାଗ,୧୯୯୯,୨୦୦୦), 'ଫତୁରାନନ୍ଦଙ୍କ ଦୁଷ୍ପ୍ରାପ୍ୟ ରଚନା'(୨୦୦୦), 'କାଳିନ୍ଦୀ ଚରଣ ସମୀକ୍ଷାୟନ'(୨୦୦୨), 'ବୈକୁଣ୍ଠ ଚରଣ ପଟ୍ଟନାୟକ ଗ୍ରନ୍ଥାବଳୀ'(୨୦୦୪), 'ଆତ୍ମଜୀବନୀ ପ୍ରସଙ୍ଗ'(୨୦୦୪), 'ରାଜକିଶୋର ପଟ୍ଟନାୟକ'(୨୦୦୭), 'ଗଣକବି ବୈଷ୍ଣବପାଣି ଗ୍ରନ୍ଥାବଳୀ'(୨୦୧୦), 'ପଚାଶ ବର୍ଷର ଓଡ଼ିଆ ସାହିତ୍ୟ'(୨୦୧୦), 'ଭାଷାଭିତ୍ତୀକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ'(୨୦୧୧ ପ୍ରଥମ ଓ ଦ୍ୱିତୀୟ ଭାଗ), 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଗ୍ରନ୍ଥାବଳୀ' (୨୦୧୨), 'ରାଜକିଶୋର ପଟ୍ଟନାୟକ ଗ୍ରନ୍ଥାବଳୀ' (୨୦୧୩), 'ବୀଣାପାଣି ମହାନ୍ତିଙ୍କ ଶ୍ରେଷ୍ଠଗଳ୍ପ (୨୦୧୪), 'ସାହିତ୍ୟ ଗୁରୁ ବାଗ୍ମୀ ବିଶ୍ୱନାଥ କର' (୨୦୧୫), 'ଓଡ଼ିଆ ଭ୍ରମଣ କାହାଣୀ' (୨୦୧୫), 'ଓଡ଼ିଆ ହାସ୍ୟ ସାହିତ୍ୟ'(୨୦୧୫), 'ସାରସ୍ୱତ ଚିତ୍ରଲିପି' (୨୦୧୫), 'ଓଡ଼ିଆ କ୍ଲାସିକ୍: ଉପନ୍ୟାସ(୨୦୧୬), 'ଫତୁରାନନ୍ଦଙ୍କ ଶ୍ରେଷ୍ଠ ହାସ୍ୟଗଳ୍ପ(୨୦୧୬), 'ଜଗନ୍ମୋହନ ଲାଲ ଚୟନିକା'(୨୦୧୬), 'ଫତୁରନନ୍ଦ ଚୟନିକା'(୨୦୧୭), 'ମହୀମଣ୍ଡଳ ଗୀତା' (୨୦୧୭) ସମ୍ପାଦନା ପ୍ରଭୃତି ପ୍ରଧାନ। 'ତମସାର ହୃଦୟ'(୨୦୦୫) ଅନୁବାଦ ପୁସ୍ତକ। 'ଡଗର', 'ସାହିତ୍ୟ ପତ୍ର', 'କୋଣାର୍କ', ଏଷଣା ପତ୍ରିକାର କେତେକ

ସଂଖ୍ୟାର ସମ୍ପାଦନା।

ମାନବିକ ଓ ଜାତୀୟ ମୂଲ୍ୟବୋଧର ଭିତ୍ତିକୁ ସୁଦୃଢ଼କରିବା ତାଙ୍କ ରଚନାର ଆଭିମୁଖ୍ୟ। ସେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର, ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ, ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମେଳନ, କଳା ବିକାଶ କେନ୍ଦ୍ର, ଓଡ଼ିଆ ଯୁବଲେଖକ ସମେଳନ ସମେତ ଚାଳିଶରୁ ଅଧିକ ସାହିତ୍ୟ ସଂଗଠନ ସହିତ ଘନିଷ୍ଠ ଭାବେ ସମ୍ପୃକ୍ତ। ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଏବଂ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ଓ ସଭାପତି ରୂପେ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ ସେ କେନ୍ଦ୍ର ସାହିତ୍ୟ ଅକାଦେମିର ଉପଦେଷ୍ଟା ସଂଘର ଆବାହକ ଭାବେ ମଧ୍ୟ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରୁ ଦାୟିତ୍ୱ ତୁଲାଇଛନ୍ତି।

ବର୍ତ୍ତମାନ ସେ କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଗୋପବନ୍ଧୁ ଗବେଷଣା ଚେୟାରର ପ୍ରଫେସର ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

**ପ୍ରଶ୍ନ: ଆପଣଙ୍କ ଦୃଷ୍ଟିରେ ଆଲୋଚନା ବା ସମାଲୋଚନା କହିଲେ କ'ଣ?**

ଉତ୍ତର: ମୋ ଦୃଷ୍ଟିରେ ଆଲୋଚନା ବା ସମାଲୋଚନା ହେଉଛି ଏକ ରଚନାର ସୃଜନଶୀଳ ସମୀକ୍ଷା ଓ ବିଚାର। ସେ ଗଳ୍ପ ହେଉ, କବିତା ହେଉ ବା ପ୍ରବନ୍ଧ; ସେସବୁର ସୂକ୍ଷ୍ମ ବିଚାର ବିଶ୍ଳେଷଣ କରିବା ପ୍ରବନ୍ଧ ବା ସମାଲୋଚନାର ଧର୍ମ। ତାହା ହିଁ ସମାଲୋଚନାର ରୀତି।

**ପ୍ରଶ୍ନ: ଆପଣ ଦୀର୍ଘକାଳ ହେବ ସାହିତ୍ୟ ସମାଲୋଚନା ସହ ଜଡ଼ିତ। ଯେତେବେଳେ ଆମେ ଆମ ପୂର୍ବସୂରୀମାନଙ୍କ ଗବେଷଣା ଓ ସାହିତ୍ୟ ଆଲୋଚନାକୁ ଅଧ୍ୟୟନ କରୁ। ମୋତେ ଲାଗେ ସେମାନଙ୍କ ପାଇଁ ଗବେଷଣା ଓ ସାହିତ୍ୟ ସମାଲୋଚନା ଏକ ଗୁରୁଦାୟିତ୍ୱ ଥିଲା। ଯାହାକୁ ସେମାନେ ନିଷ୍ଠାର ସହ କରୁଥିଲେ। କିନ୍ତୁ ବର୍ତ୍ତମାନର ପରିପ୍ରେକ୍ଷାରେ ଏ ନିଷ୍ଠା ମୋର ଦୃଷ୍ଟିକୁ ଆସୁନି। ଏସଂପର୍କରେ ଆପଣ କ'ଣ କହିବେ?**

**ଉତ୍ତର:** ମୁଁ ଆପଣଙ୍କ ମତ ସହିତ ସମ୍ପୂର୍ଣ୍ଣ ଏକମତ। ପୂର୍ବରୁ ଯେଉଁଭଳି ଭାବରେ ପ୍ରବନ୍ଧ ରଚନା କରାଯାଉଥିଲା ଆଜି ତାହା ସେହିପରି ହେଉ ନାହିଁ। ଯେଉଁ ପ୍ରବନ୍ଧ ରଚନାର ପରଂପରା ଆରମ୍ଭ କରିଥିଲେ ବାଗ୍ମୀ ବିଶ୍ୱନାଥ କର, ରତ୍ନାକର ପତି, ଗୋପବନ୍ଧୁ ଦାସ ଆଦି ଆଜି ତାହା ନିଶ୍ଚିହ୍ନ। ଏମାନେ ଯେଉଁ ସବୁ ପ୍ରବନ୍ଧ ଲେଖୁଥିଲେ ଏଭଳି ପ୍ରବନ୍ଧ କିମ୍ବା ସମାଲୋଚନା ବର୍ତ୍ତମାନରେ ଅନୁପଲବ୍ଧ। ସେହିପରି ସାହିତ୍ୟ ସମୀକ୍ଷା ମଧ୍ୟ ଯେମିତି ପୂର୍ବରୁ କରାଯାଉ ଥିଲା ସେ ସମୀକ୍ଷାର ଧାରା ଏବେ ଆଉ ନାହିଁ, ତାହା ସବୁ ଭାଙ୍ଗିପଡ଼ିଛି। ବର୍ତ୍ତମାନ ପ୍ରବନ୍ଧ ସମାଲୋଚନା ନାଁରେ ଆମେ କେତେକ ଉଦ୍ଧୃତି କେବଳ ଦେଉଛେ ଯହିଁରେ ଲେଖକଙ୍କ ନିଜସ୍ୱ ମତ କିଛି ରହୁନାହିଁ। ଯେଉଁଥିପାଇଁ ଆମ ପ୍ରବନ୍ଧ ସମାଲୋଚନା ସବୁ ସମକାଳରେ ଅତି ଦୁର୍ବଳ ହେଇପଡିଛି। କେହି ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି କିମ୍ବା ଲକ୍ଷ୍ୟ ରଖୁନାହାନ୍ତି।

**ପ୍ରଶ୍ନ: ଆପଣ ଦୀର୍ଘ ସମୟ ଧରି କେନ୍ଦ୍ର ସାହିତ୍ୟ ଏଡ଼ାଡେମୀ ଆବାହକ ଦାୟିତ୍ୱ ନିର୍ବାହ କରିଛନ୍ତି ଓଡ଼ିଶାର ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ସହିତ ମିଶିଛନ୍ତି ଅନେକ ପାଠଚକ୍ରର ଆୟୋଜନ ମଧ୍ୟ କରିଛନ୍ତି ଏସବୁ ଭିତରେ ଆପଣ ନିଜର ସାଧନା ମଧ୍ୟ ଜାରି ରଖିଛନ୍ତି। ଏତେ ସବୁ କର୍ମ ବ୍ୟସ୍ତତା ଭିତରେ ମଧ୍ୟ ଓଡ଼ିଆ ସମାଲୋଚନା ସାହିତ୍ୟ ପ୍ରତି ଆପଣଙ୍କ ବିଶେଷ ଯୋଗଦାନ ମୋତେ ଚକିତ କରିଛି। ଏ ସାହିତ୍ୟ ନିଷ୍ଠା ପଛରେ କେଉଁ ଅନୁପ୍ରେରଣା ଆପଣଙ୍କୁ ଅନୁଭବ ହେଉଛି ବା ଆପଣ ଅନୁଭବ କରିଛନ୍ତି?**

**ଉତ୍ତର:** ମୁଁ ଭାବେ ସାହିତ୍ୟରେ ପ୍ରକୃତ ସୁଖ ଅଛି। ସାହିତ୍ୟ ହେଉଛି ଆମ ଜୀବନର ଧାରା। ସାହିତ୍ୟ ଗୋଟିଏ କାଗଜ ପୁସ୍ତକର ମୁଦ୍ରିତ ଅକ୍ଷର ପୁଞ୍ଜ ନୁହେଁ। ଏହା ହେଉଛି ମଣିଷର ଭାବନା ଓ ଚେତନାର ଶବ୍ଦ ପୁଞ୍ଜ। ମୁଁ ସାହିତ୍ୟକୁ ପଢିଲେ ଯେଉଁ ଭଳି ପୁଲକିତ ହୁଏ, ଆନନ୍ଦିତ ହୁଏ; ମୁଁ ଭାବେ ସାହିତ୍ୟ ଯଦି ଅନ୍ୟ ଜଣେ ପଢିବ ବୁଝିବ ତାହେଲେ ସେମିତି ସେ ଆନନ୍ଦ ଉପଲବ୍ଧି କରିବ। ଜୀବନର ଲକ୍ଷ୍ୟ ହେଉଛି ଆନନ୍ଦ ପ୍ରାପ୍ତି। ତେଣୁ ମୁଁ ସବୁ କାମ ଭିତରେ ସାହିତ୍ୟ କାମଟିକୁ ଗୁରୁତ୍ୱ ଦିଏ, ଏଇଥିପାଇଁ ସାହିତ୍ୟ ସମ୍ପର୍କ ବଢାଏ। ଆମେ ଅଧିକ ସମ୍ପର୍କ ଯଦି ବଢେଇପାରିବା ତା' ହେଲେ ସୁଖ ମିଳିବ ଏବଂ ମଣିଷ ଜୀବନର ଲକ୍ଷ୍ୟ ପୂରଣ ହେବ। ଆମର ସମ୍ପର୍କ ଯେତେ ବିକଶିତ ହେବ ମଣିଷ ଜୀବନ ସେତେ ସଫଳ ବା ସାର୍ଥକ ହେବ। ସାହିତ୍ୟ ହେଉଛି ସମ୍ପର୍କ ବୃଦ୍ଧିର ଏକ ମାଧ୍ୟମ। ମୁଁ ତେଣୁ ସାହିତ୍ୟ ସଂଗଠନ କଲେ ବହୁ ବିଜ୍ଞମାନଙ୍କ ସମ୍ପର୍କରେ ଆସେ ବହୁ ଲୋକଙ୍କ ଭାବନା ସହ ଯୋଡିହୁଏ। କୁହନ୍ତୁ ତ ଆମେ ସଂଗଠନ କାହିଁକି କରିବା? ସାହିତ୍ୟ ବ୍ୟତୀତ ସଂଗଠନର କ'ଣ ଅବଶ୍ୟକତା! ସାହିତ୍ୟକୁ ନେଇ ହିଁ ତ ସଂଗଠନ।

ମୁଁ ଯେତେବେଳେ ନିରୋଳାରେ ନିଜକୁ ଆବିଷ୍କାର କରେ, ସେହି ଭାବବୋଧରେ ଅଲୋଡ଼ିତ ହୁଏ; ସେତେବେଳେ ମୁଁ ଲେଖାଲେଖି କରେ। ମୁଁ କେବେ ବସିକି ଗୋଟେ ଲେଖକ ହେବି, କିଛି ବହି ପତ୍ର ଖୋଜି ବାହାର କରି କି ତହିଁରୁ ଲେଖିବି- ସେଭଳି କେବେ ଭାବି ନାହିଁ। ମୋ ମନକୁ ନ ଆସିଲେ ମୁଁ ଲେଖେ ନାହିଁ। ସ୍ୱପ୍ନ ଦେଖିଲା ଭଳି ଯେତେବେଳେ କେଉଁ ଏକ ଭାବନାରେ ଅତି ଉଦ୍ବେଳିତ ହୋଇଯାଏ, ଆଲୋଡ଼ିତ ହୁଏ; ମୁଁ ସେତିକି ବେଳେ ଲେଖେ। ବେଳେବେଳେ ଆମ ପରିମଣ୍ଡଳର କିଛି କଥା ମୋତେ ଅନୁପ୍ରେରଣା ଦିଅନ୍ତି। ଏଇ ଯେମିତିକି ପ୍ୟାରୀମୋହନ ଆଚାର୍ଯ୍ୟ, ଆମ ଓଡ଼ିଶାରେ ପ୍ରଥମ ଓଡ଼ିଆ ଭାଷାଭିତ୍ତିକ ଇତିହାସ ଲେଖିଛନ୍ତି। ଯିଏ ମାତ୍ର ତିରିଶ ବର୍ଷ ବଞ୍ଚିଥିଲେ। କିନ୍ତୁ ତାଙ୍କ ଉପରେ କିଛି ଚର୍ଚ୍ଚା ହେଇନଥିଲା। ମୁଁ ସେ କାମଟିକୁ କଲି। ସେମିତି ଫତୁରାନନ୍ଦ, ବିଖ୍ୟାତ ସାହିତ୍ୟିକ। ତାଙ୍କ ଉପରେ କିଛି ଆଲୋଚନା ହେଉନଥିଲା।

ମୁଁ ତାଙ୍କ ଉପରେ କିଛି ଆଲୋଚନା କରିବାକୁ ଚାହିଁଲି। ସେମାନଙ୍କ ଉପରେ ଆମେ କାମ ନକଲେ କରିବ କିଏ? ଏହି କିଛି କରିବାର ମନୋବୃତ୍ତି ହିଁ ମୋତେ ପ୍ରେରଣା ଦିଏ। ସେମାନଙ୍କ ଅବଦାନକୁ ଏହି ସବୁ ମାଧ୍ୟମ ଦେଇ ମୁଁ ସ୍ମରଣ କରେ।

**ପ୍ରଶ୍ନ: ଆପଣ ଜଣେ ପ୍ରାଧ୍ୟାପକ ଭାବେ ଜୀବନର ସର୍ବାଧିକ ସମୟ ବିନିଯୋଗ କରିଛନ୍ତି। ଗବେଷଣା ଓ ଅଧ୍ୟାପନା ଆପଣଙ୍କ ଜୀବନର ଦୁଇ ପ୍ରମୁଖ ପ୍ରବାହ । ଅଦ୍ୟାବଧି ମଧ୍ୟ ଆପଣଙ୍କ ସର୍ଜନକର୍ମ ଜାରି ରହିଛି । ସମକାଳର ଓଡ଼ିଆ ସାହିତ୍ୟ ସମାଲୋଚନାର ପରିବେଶ ଓ ପରିସ୍ଥିତିକୁ ଆପଣ ଭଲ ଭାବରେ ହୃଦୟଙ୍ଗମ କରିଛନ୍ତି । ସମ୍ପ୍ରତି ଏହାର ସ୍ଥିତିକୁ ଅପଣ କେମିତି ଦେଖନ୍ତି?**

**ଉତ୍ତର:** ଓଡ଼ିଆ ସାହିତ୍ୟର ପରିବେଶ ବର୍ତ୍ତମାନ ବିଶେଷ ଭଲ ନାହିଁ। ମୁଁ କିନ୍ତୁ ଖୁସି ଯେ ଆପଣଙ୍କ ଭଳି ତରୁଣ ଯୁବକମାନେ ଆଗ୍ରହ ପ୍ରକାଶ କରି ସାହିତ୍ୟ କ୍ଷେତ୍ରକୁ ଆସୁଛନ୍ତି ଏବଂ ସାହିତ୍ୟ କାମ ସବୁ କରୁଛନ୍ତି। ସଭା-ସମିତି, ପତ୍ର-ପତ୍ରିକା, ଲେଖା-ଲେଖି କରିବା ଆଦି ପ୍ରତି ତରୁଣମାନେ ଶ୍ରଦ୍ଧା ରଖୁଛନ୍ତି। ଏ ଗୋଟେ ଶୁଭ ଲକ୍ଷଣ। କିନ୍ତୁ ଖରାପ କଥାଟି ହେଲା- ଯେଉଁମାନେ ପ୍ରବୀଣ ସେମାନଙ୍କ ଭିତରେ ଈର୍ଷା ଏବଂ ଅସୂୟା ବୃଦ୍ଧି ପାଇଛି। ତା'ର ମୂଳ କାରଣ ହେଉଛି ପୁରସ୍କାର। କିଏ ଲେଖୁ ବା ନଲେଖୁ କିନ୍ତୁ ପୁରସ୍କାର ପାଇବେ। ସାହିତ୍ୟ ମାଧ୍ୟମରେ କିଛି ପାଇଯିବା ଏବଂ ନାଁ କରିବା ପାଇଁ ଯେଉଁ ଲେଖକମାନଙ୍କର ମନ ଭିତରେ ଗୋଟିଏ ଆକାଂକ୍ଷା ରହୁଛି ଏହା ମୋତେ ବିଶେଷ ଦୁଃଖ ଦେଇଛି। ପ୍ରବୀଣ ଲେଖକମାନେ ଯଦି ଏହି ପୁରସ୍କାର, ଫୁଲମାଳ ଏବଂ କେଉଁଠି କ'ଣ ହେଇଗଲେ ଆମକୁ ଡାକିଲା ନ ଡାକିଲା ଆଦିରେ ବୁଡ଼ି ରହିବେ ତାହେଲା ଆଗ୍ରହର ସହ ସାହିତ୍ୟକୁ ଅସୁଥିବା ତରୁଣ ପିଢିମାନେ କ'ଣ ଶିଖିବେ? ସେମାନେ କ'ଣ କରିବେ? ତେଣୁ ସାହିତ୍ୟକୁ ଗୋଟିଏ ସାମାଜ ବିଜ୍ଞାନ ଭାବରେ ଗ୍ରହଣ କରାଯାଉ। ସାହିତ୍ୟକୁ ସମାଜ ବିକାଶର ମାଧ୍ୟମ ଭାବରେ ଧରିନିଆଯାଉ। ଲେଖକମାନେ ଏକାଠି ହୋଇ ବନ୍ଧୁତ୍ୱପୂର୍ଣ୍ଣ ଭାବର ବିକାଶ କରିବା ଉଚିତ। ସାହିତ୍ୟର ଲକ୍ଷ୍ୟ ହେଉଛି ସମ୍ପର୍କ ସ୍ଥାପନ କରିବା। ସାହିତ୍ୟର ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ଏକତ୍ରିତ କରିବା। ତେଣୁ ସାହିତ୍ୟ ଆମ ପାଇଁ ସେଇ ଭଳି ହେଉ। ସାହିତ୍ୟରେ ଏବେ ସେହି ଭାବଟି ଲକ୍ଷ୍ୟ କରାଯାଉ ନାହିଁ। କିନ୍ତୁ ଯୁବକମାନେ ଏବେ ବେଶି ଆଗ୍ରହୀ ଏବଂ ସେମାନେ ଭଲ ଲେଖୁଛନ୍ତି। ମୁଁ ଭାରି ଖୁସି।

**ପ୍ରଶ୍ନ: ସାମ୍ପ୍ରତିକ ସମୟରେ ବହୁ ପରିମାଣରେ ମୌଳିକ ସାହିତ୍ୟ ସୃଷ୍ଟି ହେଉଛି। ମାତ୍ର ସେଗୁଡ଼ିକ ସାଧାରଣ ପାଠକ ମନରେ ଦୀର୍ଘ ସମୟ ଧରି ପ୍ରଭାବ ବିସ୍ତାର କରିପାରୁନାହିଁ। ତେବେ ଏଭଳି କ୍ଷେତ୍ରରେ ସମାଲୋଚନା ଓ ସମାଲୋଚକର ଭୂମିକା କ'ଣ ହେବା ଉଚିତ ବୋଲି ଆପଣ ମନେକରନ୍ତି?**

**ଉତ୍ତର:** ଯେଉଁ ଲେଖାଟି ଭଲ ତାହା ପାଠକକୁ ଆକୃଷ୍ଟ କରେ ଏବଂ ପାଠକକୁ ପ୍ରଭାବିତ କରେ। ତାହା ପାଠକମାନେ ମନେ ରଖନ୍ତି। ଯେଉଁ ଲେଖାଟି ଆଲୋଡ଼ିତ କରିପାରେନି, ଅନୁପ୍ରାଣିତ କରିପାରେନି, ଅନ୍ୟକୁ ପ୍ରେରିତ କିମ୍ବା ଉତ୍ସାହିତ କରିପାରେନି ସେ କି ଲେଖା! ତାହା ନିଶ୍ଚୟ ଶସ୍ତା ଲେଖା। ମୁଁ ଗୋଟେ ଲେଖିବାପାଇଁ ଯଦି ଲେଖିବି ସେ କେଉଁଠୁ ହେବ। ବର୍ଷା ଦିନରେ ମାଟି ଭିତରେ ଛାଆଁ ଛାଆଁ ଗଛ ହେଲା ଭଳି ଲେଖକଟିର ଲେଖା ହେବା ଉଚିତ। ଆପଣ ମଞ୍ଜି ପକେଇ ସାହିତ୍ୟ କଲେ ତାହା ସାହିତ୍ୟ ନୁହେଁ। ବର୍ତ୍ତମାନ ଯେଉଁମାନେ ମଞ୍ଜି ପକେଇ ଗଛ କରି ସାହିତ୍ୟ ଭାବୁଛନ୍ତି; ସେ ସାହିତ୍ୟ ରହିବନି, ସେ ସାହିତ୍ୟ ତିଷ୍ଠିବନି। ତେଣୁ ଲେଖକ ସମାଲୋଚକମାନେ ଏହି କଥାକୁ ଦୃଷ୍ଟିକୁ ଆଣିବା ଦରକାର ଏବଂ ଏହାକୁ ବିଶେଷ ଭାବରେ ପାଠକମାନଙ୍କ ଭିତରେ ଭର୍ତ୍ତି କରିବା ଦରକାର। ବାସ୍ତବ ସାହିତ୍ୟ ସର୍ବଦା ମୌଳିକ ରଚନା ହୋଇଥାଏ, ଯାହା ଗୋଟିଏ ସାମାଜିକ ପରିବର୍ତ୍ତନର ମାଧ୍ୟମ ହେବ।

**ପ୍ରଶ୍ନ: ଆମ ସାହିତ୍ୟ ସମାଲୋଚନା ଧୀରେ ଧୀରେ ଉଦ୍ଦେଶ୍ୟମୂଳକ ହେବାରେ ଲାଗିଛି । ଗବେଷକ ଓ ଆଲୋଚକ ମନରେ କିଛି ନୂଆ କରିବାର ମନୋବୃତ୍ତି ନେଇ ଶ୍ରମ ସ୍ୱୀକାର କରିବାର ମାନସିକତା ଧୀରେ ଧୀରେ କମିବାରେ ଲାଗିଛି। ଏହାକୁ ଆପଣ ସ୍ୱୀକାର କରନ୍ତି କି? ଯଦି ହଁ, ଏହାପଛରେ କ'ଣ କାରଣ ରହିଛି ବୋଲି ଆପଣ ଭାବନ୍ତି?**

**ଉତ୍ତର:** ମୁଁ ଏହା ଦୃଢ଼ ଭାବରେ ସ୍ୱୀକାର କରୁଛି। ମୋ ପାଖରେ ମଧ୍ୟ ପିଲା ଗବେଷଣା କରୁ ଛନ୍ତି, ମୁଁ ଭଲ ଭାବରେ ଦେଖୁଛି ପିଲାମାନଙ୍କର ଅବସ୍ଥା। ଅଳ୍ପ ପରିଶ୍ରମରେ ବେଶି କିଛି ପାଇଯିବାର ଲକ୍ଷ୍ୟ ସମକାଳର ଗବେଷକମାନଙ୍କ ମନ ମଧ୍ୟରେ ରହିଛି। ଅବଶ୍ୟ ମୁଁ ସମସ୍ତଙ୍କ କଥା କହୁନାହିଁ। ପରିଶ୍ରମ ନ କରି ସବୁକିଛି ପାଇଯିବାର ଏହି ବ୍ୟବସ୍ଥାଟି ଆମ ପାଇଁ ଗୋଟେ ଭଲ ଲକ୍ଷଣ ନୁହେଁ। ମୁଁ ଯାହା ଅନୁଭବ କରୁଛି, ବର୍ତ୍ତମାନ ପିଲାଙ୍କ ମଧ୍ୟରେ ଅଧ୍ୟବସାୟ, ଅଧ୍ୟୟନ ଓ ଅନୁଶୀଳନ ଏହି ତିନୋଟିର ଅଭାବ ରହିଛି। ଏହି ତିନୋଟି ଯଦି ହୁଏ, ତା' ହେଲେ ସବୁ ଠିକ୍ ହେଇଯିବ।

**ପ୍ରଶ୍ନ: ସମକାଳର ନବୀନ ଗବେଷକଙ୍କୁ ଆପଣ କ'ଣ କହିବେ।**

ଉତ୍ତର: ନବୀନ ଗବେଷକମାନେ ଅଧିକ ପଢନ୍ତୁ ତଥ୍ୟ ସଂଗ୍ରହ ପ୍ରତି ଗୁରୁତ୍ୱ ଦିଅନ୍ତୁ। ଶୀଘ୍ର ଗବେଷଣା କାର୍ଯ୍ୟ ଶେଷ ନ କରି ଅଧିକ କଷ୍ଟ ସ୍ୱୀକାର କରନ୍ତୁ। ଅଧିକ ଅଧ୍ୟୟନ ଏବଂ ଅନୁଶୀଳନ କରି ସଂଗ୍ରହ କାର୍ଯ୍ୟ ଓ ପଠନ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ସେମାନେ ନିଶ୍ଚୟ ସଫଳ ହେବେ।

**ପ୍ରଶ୍ନ: ବାଗୀଶ ପାଇଁ ଉପଦେଶ ସୂଚକ ଦୁଇଟି ବାକ୍ୟ...**

**ଉତ୍ତର:** 'ବାଗୀଶ' ସାହିତ୍ୟରେ ଯେଉଁ ଅଭାବବୋଧ ଅଛି ତାକୁ ଦୂର କରିବା ପାଇଁ ଉଦ୍ୟମ କରୁ। ବାଗୀଶ ନିଶ୍ଚୟ ଗୋଟେ ପରିବର୍ତ୍ତନର ମାଧ୍ୟମ ହେବ, ମୋର ବିଶ୍ୱାସ ରହିଛି ଆପଣମାନଙ୍କ ଉଦ୍ୟମ ଜାରିରହୁ।

*(ଉପସ୍ଥାପନା : ସଂପାଦକ, ବାଗୀଶ)*

# ସାରଳା ଶବ୍ଦ ଓ ସୂକ୍ତି କୋଷ

ଲେଖକ
ଡକ୍ଟର ନଟବର ଶତପଥୀ

ପ୍ରକାଶକ :ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ
ପ୍ରଥମ ପ୍ରକାଶ : ୧୯୯୭
ପୃଷ୍ଠା - ୩୬୬, ମୂଲ୍ୟ - ୧୨୦ ଟଙ୍କା

ଡକ୍ଟର ନଟବର ଶତପଥୀ ଓଡ଼ିଆ ସମାଲୋଚନା ସାହିତ୍ୟର ଜଣେ ଚର୍ଚ୍ଚିତ ନାମ। ୧୯୪୮ ମସିହାରେ ଜନ୍ମିତ ଏହି ଯୋଗଜନ୍ମା ଜଣେ ଶିକ୍ଷାବିତ୍ ଭାବେ ଓଡ଼ିଶାର ଅନେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧାପନା କରିଛନ୍ତି ଶେଷରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସେବାନିବୃତ୍ତ ହୋଇ କଟକ ସହରରେ ଅବସ୍ଥାନ କରୁଛନ୍ତି। ସମାଲୋଚକ ଭାବେ 'ପୁରାଣ ପରିଶୀଳନ', 'ଅସମାପ୍ତ ଆଲୋଚନା', ସାହିତ୍ୟ ଓ ବାସ୍ତବବାଦ୍', 'ତୃତୀୟ ନେତ୍ର', ଭାଷାତତ୍ତ୍ୱର ରୂପଚିତ୍ର' ଇତ୍ୟାଦି ପୁସ୍ତକର ପ୍ରଣେତା। ଶବ୍ଦସିନ୍ଧୁ ନାମକ ଅଭିଧାନ ଗ୍ରନ୍ଥଟି ଓଡ଼ିଆ ଅଭିଧାନ ବିଭାଗ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ। କହିବାକୁ ଗଲେ ସେ ଏକାଧାରରେ ସୁସମାଲୋଚକ, ଭାଷାବିତ୍ ଓ ପ୍ରାଧ୍ୟାପକ ଭାବେ ତାଙ୍କ କାର୍ଯ୍ୟ ସୂଚାରୁରୂପେ ନିର୍ବାହ କରୁଛନ୍ତି। ଉକ୍ତ ସଂଖ୍ୟାରେ ଆମେ ତାଙ୍କର ଅଭିଧାନ ପର୍ଯ୍ୟାୟର ପୁସ୍ତକ 'ସାରଳା ଶବ୍ଦ ଓ ସୂକ୍ତିକୋଷ' ସମ୍ପର୍କରେ ସୂଚନାତ୍ମକ ଆଲେଖ୍ୟ ପ୍ରଦାନ କରିବୁ। ବିଭିନ୍ନ ସମାଲୋଚକ ଓ ଗବେଷକମାନଙ୍କ ମତରେ ସାରଳା ଦାସଙ୍କ ଆବିର୍ଭାବ ସମୟ ପଞ୍ଚଦଶ ଶତାବ୍ଦୀ ଅର୍ଥାତ୍ ତତ୍କାଳୀନ ଉତ୍କଳର ରାଜା କପିଳେନ୍ଦ୍ର ଦେବଙ୍କ ସମସାମୟିକ। ସେତେବେଳର କୈଶୋର ସମୟର ଓଡ଼ିଆ ଭାଷାରେ ଭାଷାରେ ମହାଭାରତ ଭଳି ବିରାଟ ଗ୍ରନ୍ଥର ପରିକଳ୍ପନା ଆମ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚେଇଛି। ତଦାନିନ୍ତନ ଓଡ଼ିଆ ଭାଷା ଓ ଆଜିର ଓଡ଼ିଆ ଭାଷା ମଧ୍ୟରେ ଅନେକ ପାର୍ଥକ୍ୟ ରହିଥିବା କାରଣରୁ ବର୍ତ୍ତମାନର ମହାଭାରତ ଅଧ୍ୟାୟୀମାନେ ତାକୁ ବୁଝି ପାରନ୍ତି। କାରଣ ସାରଳା ମହାଭାରତରେ ବ୍ୟବହୃତ ଶବ୍ଦାବଳୀ ଓ ସୂକ୍ତି ଏବେ ବ୍ୟବହୃତ ହେଉନାହିଁ ଏବଂ ଓଡ଼ିଆ ଭାଷାର ଅଭିଧାନ ଗ୍ରନ୍ଥରେ ମଧ୍ୟ ତାହାର ସୂଚନା ମିଳେ ନାହିଁ। ଡକ୍ଟର ଶତପଥୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ପୁସ୍ତକଟି ୧୯୯୭ ମସିହାରେ ପ୍ରକାଶିତ। ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ମହାଭାରତକୁ ଆଧାରକରି ଚାରିହଜାର ପାଞ୍ଚଶହ ଶବ୍ଦର ବ୍ୟୁତ୍ପତ୍ତି, ସଂସ୍କୃତ ସମକକ୍ଷ ରୂପ ବା ପ୍ରାକୃତରୂପ ଦେବା ସହିତ ତାହାର ସରଳ ଅର୍ଥ ପ୍ରକାଶ କରିଛନ୍ତି। କ୍ଲିଷ୍ଟାର୍ଥ ଶବ୍ଦ ଥିବା ପଦକୁ ଏହା ସହ ଯୋଡ଼ି ଥିବାରୁ ପାଠକ ସେ ପ୍ରସଙ୍ଗକୁ ଅର୍ଥକରି ପାରିବେ।

ଓଡ଼ିଆ ଭାଷାରେ ସୂକ୍ତି, ପ୍ରବାଦ ପ୍ରବଚନ, ଢଗଢମାଳି, ଡାକବଚନ, ଖନା ବଚନ, ଧନ୍ଦା ବା ବଖାଣି ଆଦି ବିଭିନ୍ନ ପ୍ରକାରର ରଚନା ଦେଖିବାକୁ ମିଳେ। ପ୍ରତ୍ୟେକ ରଚନା ଆପାତତଃ ସମ୍ମାନ ଲାଗୁଥିଲେ ମଧ୍ୟ ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ରହୁଛି ଏବଂ ବ୍ୟାବହାରିକ ଉପଯୋଗିତାରେ ବିଷମତା ଲକ୍ଷ୍ୟ କରାଯାଏ। ସମାଜରେ ପ୍ରଚଳିତ ବିଶୃଙ୍ଖଳା, ଅବିଚାର, ଶୃଙ୍ଖଳାହୀନ ଆଚରଣର ଦୂରୀକରଣ ପାଇଁ ରଚିତ ଲୋକଗୀତଧର୍ମୀ ରଚନା ହେଉଛି ପ୍ରବାଦ ଓ ପ୍ରବଚନ। ସେପରି ଢଗଢମାଳି ବିଷେଶତଃ ଉଦ୍ଦେଶ୍ୟମୂଳକ ଭାବେ ଇଙ୍ଗିତ ଓ ଆକ୍ଷେପୋକ୍ତି ଭିତ୍ତିକ । ଖନାବଚନ, ଦନେଇ ବଚନ, ଡାକବଚନ ଭାବେ ଅନେକ ରଚନା ଦେଖାଯାଏ, ଏଥିରେ ଡାକ, ଖନା, ଦନେଇ ଜଣେ ଜଣେ ସମାଜ ସଂସ୍କାରକ, ଦାର୍ଶନିକ ତଥା

ଦିବ୍ୟଦର୍ଶୀ ଶ୍ରେଣୀର ବ୍ୟକ୍ତିତ୍ୱ। ପ୍ରକୃତିର ନିୟମ, ସାମାଜିକ ମୂଲ୍ୟବୋଧ ଆଦିକୁ ଲୋକଙ୍କୁ ଜଣେଇବା ପାଇଁ ଏହି ବଚନ ଗୁଡ଼ିକ ରଚନା କରିଛନ୍ତି। ନାଁ ଦିଆ, ଚୁଟକୁଲା, ବା ବାଖାନି ଆଡି ସମପର୍ଯ୍ୟାୟର, ଏଥିରେ ମେଧା ପରୀକ୍ଷା ପାଇଁ କୌତୁକିଆ ପ୍ରଶ୍ନ ଗୀତ ରୂପେ ବୋଲାଯାଏ। ସୂକ୍ତି ମଧ୍ୟ ଏହି ପର୍ଯ୍ୟାୟର ରଚନା। ଯେଉଁଠାରେ ଥାଏ ବ୍ୟାପକ ଚିନ୍ତାଦ୍ୟୋତନା। ତେଣୁ ଏହା ଭାବମୂଳକ, ରଚନାତ୍ମକ ଓ ବକ୍ତବ୍ୟ ପ୍ରଧାନ। ପ୍ରବାଦ ପ୍ରବଚନର ପଶ୍ଚାତରେ ଘଟଣା ନଥାଇ ପାରେ, ମାତ୍ର ସୂକ୍ତିରେ ଘଟଣା ଗୁନ୍ଥି ହୋଇଥାଏ। ସାରଳା ଦାସ ମହାଭାରତ ରଚନା କାଳରେ ପ୍ରଚଳିତ ସୂକ୍ତିକୁ ପ୍ରୟୋଗ କରିଛନ୍ତି। ଯାହାର ଅର୍ଥ ସମ୍ପ୍ରତି ଖୋଜିବ ଦୁରୂହ ବ୍ୟାପାର ହୋଇପଡେ। ତେଣୁ ଏପରି ଅସୁବିଧାର ସମାଧାନ ପାଇଁ ପ୍ରଫେସର ଶତପଥୀ ମହାଭାରତରୁ ଚାରିଶହ ସୂକ୍ତି ସଂଗ୍ରହ କରି ସେଗୁଡ଼ିକର ଅର୍ଥକୁ ସରଳ ଭାଷାରେ ଆଲୋଚନା କରିଛନ୍ତି। ମହାଭାରତ ପାଠକମାନଙ୍କ ପାଇଁ ପୁସ୍ତକଟି ନିଶ୍ଚିତ ଲାଭଦାୟକ।

ଉପସ୍ଥାପନା: ସୁବାସ ଚନ୍ଦ୍ର ଭୋଇ, ସଂପାଦନା ମଣ୍ଡଳୀ

## ଆପଣଙ୍କ ଚିଠି

କ୍ରମଶଃ

ଲାଭ କରିପାରିଛି। ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା ନଭେମ୍ବର-ଡିସେମ୍ବର ୨୦୨୪ ପତ୍ରିକାର ପ୍ରବନ୍ଧଗୁଡ଼ିକୁ ପାଠକରି ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି। ଏହି ସଂଖ୍ୟାର ପ୍ରଥମ ପ୍ରବନ୍ଧ "ଓଡ଼ିଆ ଇଂରାଜୀ ସାହିତ୍ୟିକ ଲେଖା ସବୁର ଅନୁବାଦ: ଏକ ପ୍ରୟୋଗିକ ଭାଷା ବିଜ୍ଞାନ ବିଶ୍ଳେଷଣ"ରେ ଓଡ଼ିଆ ଓ ଇଂରାଜୀ ଭାଷାର ଅନୁବାଦର ବିଭିନ୍ନ ଦିଗ ଓ ଅନୁବାଦ କ୍ଷେତ୍ରରେ ଭାଷାର ଗୁରୁତ୍ୱ ସଂପର୍କରେ ଅତି ସୁନ୍ଦର ବିଶ୍ଳେଷଣ କରି ଆଲୋଚନା କରାଯାଇଛି। "ଲୋକଗୀତ ପରମ୍ପରାରେ ବାଥୁଡ଼ି ସଂପ୍ରଦାର ଗନ୍ଧାଦିଆ ଓ ମାଟିଖୋଳା ଗୀତ" ଆଲୋଚନା ଅତ୍ୟନ୍ତ ଉଚ୍ଚକୋଟୀର ହୋଇପାରିଛି। ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ନୀଳଗିରି ଅଞ୍ଚଳର ବାଥୁଡ଼ି ଜନଜାତିରେ ବିବାହ ସମୟରେ ଗନ୍ଧାଦିଆ ଓ ମାଟିଖୋଳା ଗୀତ ଗାନ କରାଯାଇଥାଏ। ଏହି ଗୀତ ବିବାହ ସମୟର ଆନନ୍ଦକୁ ଦୁଇଗୁଣ କରିଥାଏ। "ତନ୍ତ୍ରଧାରାରେ ସୋନପୁର ବଳିଯାତ୍ରା" ଏକ ତଥ୍ୟନିଷ୍ଠ ପ୍ରବନ୍ଧ। ସୋନପୁର ଅଞ୍ଚଳର ବଳିଯାତ୍ରାରେ ସବିଶେଷ ଆଲୋଚନା କରାଯାଇଛି। ତନ୍ତ୍ର, ମନ୍ତ୍ର, ଶୈବ, ଶାକ୍ତ, ବୌଦ୍ଧ ଧର୍ମ ସଂପର୍କରେ ଏହା ଏକ ଶିକ୍ଷଣୀୟ ପ୍ରବନ୍ଧ। "ଫକୀର ମୋହନ ଓ ପ୍ରେମଚାନ୍ଦଙ୍କ ଗଳ୍ପ: ଏକ ତୁଳନାତ୍ମକ ବିଚାର" ପ୍ରବନ୍ଧରେ ପ୍ରାବନ୍ଧିକ ଫକୀରମୋହନ ଓ ପ୍ରେମଚାନ୍ଦଙ୍କ ମଧ୍ୟରେ ଥିବା ଅସାମ୍ୟତାକୁ ଦୃଷ୍ଟିଗୋଚର କରାଇ ସାମ୍ୟତାର ଅବଲୋକନକୁ ଦର୍ଶାଇଛନ୍ତି। ଭାରତୀୟ ସାହିତ୍ୟର ଦୁଇ ମହାନ ସ୍ରଷ୍ଟାଙ୍କର ଜନ୍ମ ସ୍ଥାନ ଓ ଗଳ୍ପ ସଂଖ୍ୟା ଭିନ୍ନ ଥିଲେ ମଧ୍ୟ ଦୁଇଜଣଙ୍କର ଗଳ୍ପର ଧାରା, ବିଚାର, ଭାବ ପ୍ରାୟତଃ ସମାନ ହୋଇଛି। ସମାଜର ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାର ପ୍ରୟାସ ଉଭୟଙ୍କ ଗଳ୍ପରେ ସ୍ଥାନ ପାଇଛି। ଏଦୃଷ୍ଟିରୁ ଉଭୟଙ୍କ ଗଳ୍ପର ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏଥିରେ ସନ୍ଦେହ ନାହିଁ। ପତ୍ରିକା 'ବାଗୀଶ'ର ନୂତନ ଧରଣର ପ୍ରୟାସପାଇଁ ମୋ ହୃଦୟରୁ ସାଧୁବାଦ ଜଣାଉଛି। ଏପରି ଶିକ୍ଷଣୀୟ ପ୍ରବନ୍ଧଗୁଡିକୁ ସ୍ଥାନଦେଇ ସମାଜକୁ ନୂତନ ଦିଗ୍ ଦର୍ଶନ ପ୍ରଦାନ କରିବାର ପ୍ରୟାସ ସତରେ ଅଭିନନ୍ଦନୀୟ।

--- ***ନରେଶ ମହାନନ୍ଦ***

*(ଗବେଷକ, ଓଡ଼ିଆ ବିଭାଗ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ)*

ମୁଁ ବାଗୀଶ ପତ୍ରିକାରୁ ପ୍ରକାଶିତ ପ୍ରତ୍ୟେକ ସଂଖ୍ୟାର ଲେଖା ଗୁଡ଼ିକୁ ପଢ଼ିଆସୁଅଛି। ପତ୍ରିକାରେ ସ୍ଥାନିତ ଲେଖା ସାହିତ୍ୟର ବହୁ ଦିଗନ୍ତସ୍ପର୍ଶୀ। ପ୍ରତ୍ୟେକ ଲେଖାରେ ବ୍ୟାପକ ଅଧ୍ୟୟନ ସହ ଗଭୀର ଅନ୍ତର୍ଦୃଷ୍ଟି ଦେଖିବାକୁ ମିଳେ। ପ୍ରତ୍ୟେକ ସଂଖ୍ୟାରେ ଅନେକ କିଛି ଜାଣିବାକୁ ମିଳୁଛି, କିଛି ନୂଆ ଜାଣିବାକୁ ଦେଉଥିବାରୁ ବାଗୀଶ ପତ୍ରିକାର ସମ୍ପାଦକ ମଣ୍ଡଳୀକୁ ସାଧୁବାଦ।

--- ***ହରେଶ ନାଏକ***

*(ଓଡ଼ିଆ, ସ୍ନାତକୋତ୍ତର ଅଧ୍ୟାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ)*

'ସାମ୍ପ୍ରତିକ ସମୟରେ ସମାଲୋଚନାର ଯେଉଁ ଗୁଣାତ୍ମକ ମୂଲ୍ୟର ହ୍ରାସ ଘଟୁଛି, ତାକୁ ପୁଣିଥରେ ସଜାଡ଼ିବାର ପ୍ରୟାସ ବାଗୀଶ ଯଥାର୍ଥ ଭାବେ କରୁଛି। ମୁଁ ବାଗୀଶର ପୂର୍ବ ସଂଖ୍ୟା ପଢ଼ିଛି ଓ ଏହି ସଂଖ୍ୟା ପଢ଼ିବା ପରେ ମତେ ଲାଗୁଛି ଗବେଷକମାନଙ୍କ ପାଇଁ ବାଗୀଶ ପଥ ପ୍ରଦର୍ଶକ। ଏହି ସଂଖ୍ୟାରେ ଡ. ରାଜା କୁମାର ନାୟକଙ୍କର ବାଥୁଡ଼ି ସମ୍ପ୍ରଦାୟର ଗନ୍ଧାଦିଆ ଗୀତ ପଢ଼ି ଲାଗୁଛି, ଏହା ଆଧୁନିକ ସମୟର ବିବାହ ବେଳର ପୂର୍ବ ରୂପ। ବାପା, ମଆ, କକା ଆଦି ଜଣ ଜଣ କରି କନ୍ୟାକୁ ଯେଉ ଗନ୍ଧା ଦେଉଛନ୍ତି ତାହା ସାମ୍ପ୍ରତିକ ସମୟର କନ୍ୟା ବନ୍ଦାଣ ପରି ଲାଗୁଛି। ବଳି ପରମ୍ପରା ଓ ତନ୍ତ୍ରବିଦ୍ୟା ଉପରେ ଡ. ସନ୍ତୋଷ ଭୋଇ ଯେଉଁ ଆଲୋଚନା କରିଛନ୍ତି, ସେଥିରୁ କ୍ଷେତ୍ର ଅଧ୍ୟୟନର କୌଶଳ ଶିଖିବାକୁ ମିଳୁଛି। ଏଥିରେ ଯେଉଁ ସାକ୍ଷାତକାର ବିଷୟଟି ରହିଛି ତାହା ଆମ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ବାସ୍ତବରେ ବାଗୀଶର ସମ୍ପାଦକଙ୍କ ଏହି ପ୍ରୟାସ ସମାଲୋଚନା ସାହିତ୍ୟକୁ ଏକ ନୂତନ ମୋଡ଼ ପ୍ରଦାନ କରିବ।

--- ***ସିପୁନ ଭୂତିଆ***

*( ଗବେଷକ, ଓଡ଼ିଆ ବିଭାଗ, ସୋଆ ବିଶ୍ୱବିଦ୍ୟାଳୟ )*

BAGEESHA | VOLUME N0. 03 | ISSUE N0. 01 | JAN - FEB 2025

ISSN 2583-9543
9 772583 954001

ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-